# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ବୁଧବାର, ଡିସେମ୍ବର ୧୩/୨୦୨୩ (୧୬ ପୃଷ୍ଠା) | Bhubaneswar, Wednesday, December 13/2023 | Page 16 | ₹ 7.00 | SAMBALPUR

୫୦ଶ ଭାଗ ୨୦ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 20 | ମୂଲ୍ୟ ₹୭/-


# ଦୁର୍ଗନ୍ଧ ସହ ପ୍ରଦୂଷଣ




କୁହୁଡ଼ି ନୁହେଁ, ଭାରତ ବାୟୋଟେକରୁ ନିଷ୍କାସନ ହେଉଥିବା ରାସାୟନିକ ଧୂଆଁ।

**ଭୁବନେଶ୍ୱର (ମୌସମ ନନ୍ଦ), ୧୨।୧୨**

ଭୁବନେଶ୍ୱର ଷ୍ଟୁଡିଓ ଛକ ନିକଟସ୍ଥ ଚନ୍ଦକା, ଡମପଡ଼ା ହାତୀ ଅଭୟାରଣ୍ୟ ଅଞ୍ଚଳରେ ନୂତନ ଭାବେ ନିର୍ମାଣ ହୋଇଛି ଭାରତ ବାୟୋଟେକ କାରଖାନା। ଅଭୟାରଣ୍ୟ ପାଖ ମୁଖ୍ୟ ରାସ୍ତାଠାରୁ ପ୍ରାୟ ୧ କିଲୋମିଟର ଦୂରରେ ଏହି ରାସାୟନିକ କାରଖାନା ଅବସ୍ଥାପିତ। କାରଖାନାକୁ ଯିବାକୁ ହେଲେ ଦାସପୁର ଗ୍ରାମ ରାସ୍ତାକୁ ବ୍ୟବହାର କରିବାକୁ ପଡ଼ିଥାଏ। ଭୁବନେଶ୍ୱରର ଅଳିଆଗଦା ଦୁର୍ଗନ୍ଧ କେବଳ ସୈନିକ ସ୍କୁଲ, ଗାଡ଼କଣ କିମ୍ବା ଫର୍ଚ୍ୟୁନ୍ ଟାୱାର ଅଞ୍ଚଳରେ ସୀମିତ ନୁହେଁ। ଏହି ପ୍ରବଳ ଦୁର୍ଗନ୍ଧ ପ୍ରାୟତଃ ସମଗ୍ର ସହରରେ ବ୍ୟାପିବା ଫଳରେ ଶ୍ୱାସରୋଗୀଙ୍କର ସ୍ୱାସ୍ଥ୍ୟାବସ୍ଥାରେ ଅବନତି ପରିଲକ୍ଷିତ ହେଉଛି। ଏଭଳି ସମୟରେ ଭାରତ ବାୟୋଟେକ କାରଖାନାରୁ ନିଷ୍କାସନ ହେଉଥିବା କଳାଧୂଆଁ ସେହି ଅଞ୍ଚଳବାସୀଙ୍କୁ ଅଣନିଃଶ୍ୱାସୀ କରିଦେଲାଣି। ଭୁବନେଶ୍ୱରରେ ପ୍ରଦୂଷଣ କ୍ରମଶଃ ବୃଦ୍ଧି ପାଉଥିବାବେଳେ ଏହି ବାୟୋଟେକ କାରଖାନାର ଅବଦାନ ଯଥେଷ୍ଟ ରହିଛି। ସହର ଭିତରେ ଏଭଳି ଏକ ରାସାୟନିକ କାରଖାନା ସୃଷ୍ଟି କରିବା ପଛରେ କୌଣସି ଯୁକ୍ତି ନାହିଁ ବୋଲି ବିଶେଷଜ୍ଞମାନେ କହୁଥିବାବେଳେ ଏହା ସହର ବାସିନ୍ଦାଙ୍କ ସ୍ୱାସ୍ଥ୍ୟକୁ ହାନି ପହଞ୍ଚାଉଛି ବୋଲି ମତ ପ୍ରକାଶ ପାଇଛି।

# ସ୍ୱାଧୀନତା ହରାଇବେ ଇସି

## ନିର୍ବାଚନ କମିଶନରଙ୍କ ନିଯୁକ୍ତି ସମ୍ପର୍କିତ ବିଲ୍ ରାଜ୍ୟ ସଭାରେ ଗୃହୀତ

**ନୂଆଦିଲ୍ଲୀ, ୧୨।୧୨ (ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)**

ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଏବଂ ନିର୍ବାଚନ କମିଶନର (ଇସି)ମାନଙ୍କ ନିଯୁକ୍ତି ଓ କାର୍ଯ୍ୟକାଳକୁ ନିୟନ୍ତ୍ରଣ କରିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ମଙ୍ଗଳବାର ରାଜ୍ୟ ସଭାରେ ଆଗତ ବିଲ୍ ଧ୍ୱନିମତରେ ଗୃହୀତ ହୋଇଯାଇଛି। ପ୍ରଚଳିତ ୧୯୯୧ର ଏ ସମ୍ପର୍କିତ ଆଇନ ପରିବର୍ତ୍ତେ ନୂଆ ଆଇନ ପ୍ରଣୟନ ପାଇଁ ଏହି ବିଧେୟକ ଅଣାଯାଇଛି। ଏଥିରେ ସିଇସି ଏବଂ ଇସିମାନଙ୍କ ନିଯୁକ୍ତି ପ୍ରକ୍ରିୟା, ଦରମା ବିଷୟ ସାଙ୍ଗକୁ ସେମାନଙ୍କ ପାଇଁ ଆଇନଗତ ସୁରକ୍ଷା ଆଦିରେ ପରିବର୍ତ୍ତନ ଆଣିବାକୁ ଲକ୍ଷ୍ୟ ରଖାଯାଇଛି। ଅନ୍ୟପକ୍ଷରେ ଏହା ସମ୍ବିଧାନକୁ ଉଲ୍ଲଂଘନ କରୁଥିବାରୁ ଇସିଙ୍କ ସ୍ୱାୟତ୍ତତା ଦୁର୍ବଳ ହେବ ବୋଲି କଂଗ୍ରେସ ସମାଲୋଚନା କରିଛି। ଉକ୍ତ ବିବାଦୀୟ ବିଲ୍ ବଳରେ କାର୍ଯ୍ୟପାଳିକାକୁ ☞ପୃଷ୍ଠା–୪

### କ'ଣ କହିଥିଲେ ସୁପ୍ରିମକୋର୍ଟ

ସମ୍ବିଧାନର ଅନୁଚ୍ଛେଦ ୩୨୪ ଅନୁଯାୟୀ କେନ୍ଦ୍ର ସରକାରଙ୍କ ସୁପାରିସ କ୍ରମେ ରାଷ୍ଟ୍ରପତି ସିଇସି ଏବଂ ଇସିମାନଙ୍କୁ ନିଯୁକ୍ତି ଦେଇ ଆସୁଛନ୍ତି। ତେବେ ଏହି ନିଯୁକ୍ତି ପ୍ରକ୍ରିୟାରେ ପାତରଅନ୍ତର କରାଯାଉଥିବା ଦର୍ଶାଇ ସୁପ୍ରିମକୋର୍ଟରେ ପିଟିଶନ ଦାଖଲ ହୋଇଥିଲା। ୨୦୨୩ ମାର୍ଚ୍ଚ ୨ରେ ଜଷ୍ଟିସ୍ କେ.ଏମ୍. ଜୋସେଫ୍‌ଙ୍କ ଅଧକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ ସର୍ବସମ୍ମତ ରାୟରେ କହିଥିଲେ, ପ୍ରଧାନମନ୍ତ୍ରୀ, ଲୋକ ସଭାର ବିରୋଧୀ ଦଳ ନେତା ଏବଂ ଭାରତର ପ୍ରଧାନ ବିଚାରପତି (ସିଜେଆଇ)ଙ୍କୁ ନେଇ ଗଠିତ କମିଟିର ସୁପାରିସ କ୍ରମେ ସିଇସି ଏବଂ ଇସିମାନଙ୍କୁ ରାଷ୍ଟ୍ରପତି ନିଯୁକ୍ତି ଦେବେ। ଦୀର୍ଘଦିନ ହେଲା ନିର୍ବାଚନ ପ୍ରକ୍ରିୟାକୁ ଯେଉଁଭଳି ଅସାଧୁ ଉପାୟରେ ବ୍ୟବହାର କରାଯାଉଛି, ତାହା ଗଣତନ୍ତ୍ରକୁ ସମାଧି ଦେବା ପାଇଁ ଏକ ମାର୍ଗ। ନିର୍ବାଚନରେ ପବିତ୍ରତା ନ ରହିଲେ ପରିଣତି ଭୟଙ୍କର ହେବ ବୋଲି ଅଦାଲତ କହିଥିଲେ।

# ଖୁଚୁରା ମୁଦ୍ରାସ୍ଫୀତି ୫.୫୫%କୁ ବୃଦ୍ଧି

**ନୂଆଦିଲ୍ଲୀ, ୧୨।୧୨ (ପି.ଟି.)**

ଦେଶର ଖୁଚୁରା ମୁଦ୍ରାସ୍ଫୀତି ନଭେମ୍ବରରେ ୫.୫୫ ପ୍ରତିଶତକୁ ବୃଦ୍ଧି ପାଇଛି, ଯାହାକି ୩ ମାସରେ ସର୍ବାଧିକ। ଖାଦ୍ୟ ସାମଗ୍ରୀଗୁଡ଼ିକର ଅତ୍ୟଧିକ ମୂଲ୍ୟବୃଦ୍ଧି ଯୋଗୁ ଖାଉଟି ମୁଦ୍ରାସ୍ଫୀତି ବଢ଼ିଥିବା ସରକାରୀ ତଥ୍ୟରୁ ଜଣାପଡ଼ିଛି। ଖାଉଟି ମୂଲ୍ୟ ସୂଚକାଙ୍କ (ସିପିଆଇ) ଆଧାରିତ ଖାଉଟି ମୁଦ୍ରାସ୍ଫୀତି ଗତ ଅକ୍ଟୋବରରେ ୪.୮୭% ଥିଲା। ଅଗଷ୍ଟରେ ମୁଦ୍ରାସ୍ଫୀତି ସର୍ବାଧିକ ୬.୮୩%ରେ ପହଞ୍ଚିଥିବାବେଳେ ପରେ ଏହା ☞ପୃଷ୍ଠା–୪






# ଫେବୃୟାରୀ ୧୫ରୁ ସିବିଏସ୍‌ଇ ଦଶମ, ଦ୍ୱାଦଶ ପରୀକ୍ଷା

**ଭୁବନେଶ୍ୱର, ୧୨।୧୨ (ଅସମାପିକା ସାହୁ)**

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ(ସିବିଏସ୍‌ଇ) ଦ୍ୱାରା ପରିଚାଳିତ ଦଶମ ଓ ଦ୍ୱାଦଶ ପରୀକ୍ଷା ଫେବୃୟାରୀ ୧୫ରୁ ଆରମ୍ଭ ହେବ। ତେବେ ଦଶମ ପରୀକ୍ଷା ମାର୍ଚ୍ଚ ୧୩ରେ ଓ ଦ୍ୱାଦଶ ପରୀକ୍ଷା ଏପ୍ରିଲ ୨ରେ ଶେଷ ହେବ। ଏନେଇ ମଙ୍ଗଳବାର ବୋର୍ଡ ପକ୍ଷରୁ ପରୀକ୍ଷା ସୂଚୀ ଜାରି ପ୍ରକାଶ ପାଇଛି। ଦଶମ ଓ ଦ୍ୱାଦଶ ଦୁଇଟି ଶ୍ରେଣୀର ବୋର୍ଡ ପରୀକ୍ଷା ସକାଳ ସାଢ଼େ ୧୦ଟାରୁ ଆରମ୍ଭ ହେବ। କିଛି ବିଷୟର ପରୀକ୍ଷା ଅବଧି ୨ଘଣ୍ଟା ଥିବାବେଳେ ଆଉ କିଛି ବିଷୟର ୩ଘଣ୍ଟା ରହିଛି। ତେବେ ଦୁଇଟି ବିଷୟର ପରୀକ୍ଷା ମଧ୍ୟରେ କିଛି ସମୟ ବ୍ୟବଧାନ ରହିଛି। ଫଳରେ ଛାତ୍ରଛାତ୍ରୀମାନେ ପରବର୍ତ୍ତୀ ପରୀକ୍ଷା ପାଇଁ ପ୍ରସ୍ତୁତି ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

ଏସି ଟ୍ରକ୍






## କଶ୍ମୀର, ପଣ୍ଡିଚେରୀରେ ମହିଳାଙ୍କ ପାଇଁ ସଂରକ୍ଷଣ ବିଲ୍ ଆଗତ

**ନୂଆଦିଲ୍ଲୀ,୧୨।୧୨(ପି.ଟି.):** କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀର ଏବଂ ପଣ୍ଡିଚେରୀରେ ମହିଳାଙ୍କ ପାଇଁ ସଂରକ୍ଷଣ ସୀମା ବଢ଼ାଇବା ନିମନ୍ତେ ଦୁଇଟି ବିଲ୍ ମଙ୍ଗଳବାର ଲୋକ ସଭାରେ ଆଗତ ହୋଇଛି। ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଏହି ଜମ୍ମୁ-କଶ୍ମୀର ପୁନର୍ଗଠନ (ଦ୍ୱିତୀୟ ସଂଶୋଧନ) ବିଲ୍ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ସରକାର (ସଂଶୋଧନ) ବିଲ୍ ଉପସ୍ଥାପନ କରିଥିଲେ। ସମ୍ବିଧାନର ୧୦୬ତମ ସଂଶୋଧନ ଆଇନ, ୨୦୨୩ର କାର୍ଯ୍ୟକାରିତା ପରିପ୍ରେକ୍ଷୀରେ ଜମ୍ମୁ-କଶ୍ମୀରର ମହିଳାମାନଙ୍କୁ ବିଧାନସଭାରେ ସମାନ ସଂରକ୍ଷଣ ସୁବିଧା ଯୋଗାଇଦେବା ଲାଗି ପାର୍ଲାମେଣ୍ଟ ଦ୍ୱାରା ଜମ୍ମୁ-କାମୀର ପୁନର୍ଗଠନ ଆଇନ, ୨୦୧୯ ସଂଶୋଧନ ହେବାର ଆବଶ୍ୟକତା ରହିଥିବା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା କହିଛନ୍ତି। ସେହିପରି ପଣ୍ଡିଚେରୀ କେନ୍ଦ୍ରଶାସିତ ଅଞ୍ଚଳ ବିଧାନସଭାରେ ମହିଳାଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ନିମନ୍ତେ କେନ୍ଦ୍ରଶାସିତ ଅଞ୍ଚଳ ସରକାର ଆଇନ, ୧୯୬୩ର ସଂଶୋଧନ ହେବା ଆବଶ୍ୟକ। ସୂଚନାଯୋଗ୍ୟ, ଗତ ସେପ୍ଟେମ୍ବରରେ ପାର୍ଲାମେଣ୍ଟର ସ୍ୱତନ୍ତ୍ର ଅଧିବେଶନରେ ସମ୍ବିଧାନର ୧୦୬ତମ ସଂଶୋଧନ କରାଯାଇ ମହିଳାମାନଙ୍କ ପାଇଁ ଲୋକସଭା ଓ ରାଜ୍ୟ ବିଧାନସଭାଗୁଡ଼ିକରେ ୩୩ ପ୍ରତିଶତ ସଂରକ୍ଷଣର ବ୍ୟବସ୍ଥା କରାଯାଇଥିଲା। ଏହାକୁ 'ନାରୀ ଶକ୍ତି ବନ୍ଦନ ଅଧିନିୟମ' ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ।



ଜୟପୁରରେ ରାଜସ୍ଥାନର ନବନିର୍ବାଚିତ ଭାଜପା ବିଧାୟକ ଦଳ ବୈଠକରେ ଭଜନଲାଲ ଶର୍ମା (ଡାହାଣରୁ ଦ୍ୱିତୀୟ)ଙ୍କୁ ନେତା ନିର୍ବାଚିତ କରାଯାଇଛି। ତାଙ୍କ ସହ ପୂର୍ବତନ ମୁଖ୍ୟମନ୍ତ୍ରୀ ବସୁନ୍ଧରା ରାଜେ ଓ କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂ।

## ସ୍ତ୍ରୀଙ୍କୁ ଛାଡ଼ପତ୍ର ଦେଇପାରିବେନି ଓମାର


ଓମାର ଅବ୍ଦୁଲ୍ଲା


ପାୟଲ ଅବ୍ଦୁଲ୍ଲା

**ନୂଆଦିଲ୍ଲୀ,୧୨।୧୨(ପି.ଟି.)**

ନିଜ ସ୍ତ୍ରୀଙ୍କୁ ଛାଡ଼ପତ୍ର ଦେବା ପାଇଁ ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ନେତା ଓମାର ଅବ୍ଦୁଲ୍ଲାଙ୍କ ଆବେଦନରେ କୌଣସି ମେରିଟ୍ ନ ଥିବା ଦର୍ଶାଇ ମଙ୍ଗଳବାର ଦିଲ୍ଲୀ ହାଇକୋର୍ଟ ଏହାକୁ ଖାରଜ କରିଦେଇଛନ୍ତି।

ସ୍ତ୍ରୀ ପାୟଲ ଅବ୍ଦୁଲ୍ଲାଙ୍କ କ୍ରୂରତାର ଶିକାର ହୋଇଥିବା ଦର୍ଶାଇ ଓମାର ତାଙ୍କୁ ଛାଡ଼ପତ୍ର ଦେବା ପାଇଁ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ୨୦୧୬ ଅଗଷ୍ଟ ୩୦ରେ ତଳକୋର୍ଟ ତାଙ୍କ ଆବେଦନକୁ ଖାରଜ କରିଦେଇଥିଲେ। ଓମାର ଏହାକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଜଷ୍ଟିସ୍ ସଞ୍ଜୀବ ସଚ୍‌ଦେବା ଏବଂ ବିକାଶ

### ପରିବାର ଅଦାଲତ ରାୟ ଦିଲ୍ଲୀ ହାଇକୋର୍ଟରେ ବଳବତ୍ତର

ମହାଜନଙ୍କୁ ନେଇ ଗଠିତ ଖଣ୍ଡପୀଠ ତଳ କୋର୍ଟଙ୍କ ରାୟକୁ ବଳବତ୍ତର ରଖିଛନ୍ତି। ଖଣ୍ଡପୀଠ କହିଛନ୍ତି, ପରିବାର ଅଦାଲତ ରାୟକୁ ଚ୍ୟାଲେଞ୍ଜ କରି ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଓମାରଙ୍କ ପକ୍ଷରୁ ଦାଖଲ ପିଟିଶନ ଶୁଣାଣିଯୋଗ୍ୟ ନୁହେଁ। ସେ ସ୍ତ୍ରୀଙ୍କ ବିରୋଧରେ ଆଣିଥିବା କ୍ରୂରତା ଅଭିଯୋଗ ଅସ୍ପଷ୍ଟ, ଯାହାକି ଗ୍ରହଣୀୟ ନୁହେଁ। ଓମାରଙ୍କୁ ତାଙ୍କ ସ୍ତ୍ରୀ ଶାରୀରିକ ନା ମାନସିକ କେଉଁ ପ୍ରକାର କ୍ରୂର ବ୍ୟବହାର ଦେଖାଇଥିଲେ ତାହା ଅପିଲକର୍ତ୍ତା ପ୍ରମାଣିତ କରିପାରିନାହାନ୍ତି।

# ଭଜନଲାଲ୍ ରାଜସ୍ଥାନ ମୁଖ୍ୟମନ୍ତ୍ରୀ

**ଜୟପୁର,୧୨।୧୨(ପି.ଟି.)**

ପ୍ରଥମ ଥର ଲାଗି ବିଧାୟକ ନିର୍ବାଚିତ ହୋଇଥିବା ଭଜନଲାଲ୍ ଶର୍ମାଙ୍କୁ ଭାଜପା ରାଜସ୍ଥାନର ନୂଆ ମୁଖ୍ୟମନ୍ତ୍ରୀ ଚୟନ କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଛି। ବିଧାନସଭା ନିର୍ବାଚନରେ ଭାଜପାର ବିଜୟ ପରେ ମୁଖ୍ୟମନ୍ତ୍ରୀ କିଏ ହେବେ, ତାକୁ ନେଇ ଲାଗିରହିଥିବା କଳ୍ପନାଜଳ୍ପନାର ଅନ୍ତ ଘଟିଛି। ମଙ୍ଗଳବାର ରାଜସ୍ଥାନ ଭାଜପା ବିଧାୟକ ଦଳ ବୈଠକ ବସି ସଙ୍ଗନେର୍‌ର ୫୬ ବର୍ଷୀୟ ବିଧାୟକ ଭଜନଲାଲ୍‌ଙ୍କୁ ନେତା ନିର୍ବାଚିତ କରାଯାଇଥିଲା। ଦିୟା କୁମାରୀ ଏବଂ ପ୍ରେମଚାନ୍ଦ ବୈରଓ୍ୱା ଉପମୁଖ୍ୟମନ୍ତ୍ରୀ ହେବାକୁ ଯାଉଥିବାବେଳେ ବାସୁଦେବ ଦେବନାନୀ ରାଜସ୍ଥାନ ବିଧାନସଭାର ବାଚସ୍ପତି ହେବେ। ଦଳର କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଟିମ୍‌ର ନେତୃତ୍ୱ ନେଇଥିବା ବରିଷ୍ଠ ଭାଜପା ନେତା ରାଜନାଥ ସିଂ ଏହା ଘୋଷଣା କରିଛନ୍ତି। ବିଧାୟକ ଦଳ ବୈଠକରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବସୁନ୍ଧରା ରାଜେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ଭଜନଲାଲ୍‌ଙ୍କ ନାମ ପ୍ରସ୍ତାବ ରଖିଥିଲେ। ସୂଚନାଯୋଗ୍ୟ, ବସୁନ୍ଧରାଙ୍କୁ ମୁଖ୍ୟମନ୍ତ୍ରୀ ପଦଦାବିଦାର ବିବେଚନା କରାଯାଉଥିଲା।

ଭରତପୁର ଜିଲାର ୫୬ ବର୍ଷୀୟ ଭଜନଲାଲ୍‌ଙ୍କ ପଛରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ସମର୍ଥନ ରହିଛି। ସେ ଆର୍‌ଏସ୍‌ଏସ୍‌ର ଛାତ୍ର ଶାଖା ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ସହ ମଧ୍ୟ ଜଡ଼ିତ ଥିଲେ। ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିବା ଭଜନଲାଲ୍ ଭାଜପାର ରାଜ୍ୟ ସାଧାରଣ ସମ୍ପାଦକ ଅଛନ୍ତି। ସେ ଜଣେ ଭଲ ସଂଗଠନ ଓ ଦୀର୍ଘଦିନ ଧରି ସାଧାରଣ ସମ୍ପାଦକ ପଦବୀରେ ରହିଛନ୍ତି। ସେ ସଙ୍ଗନେର ଆସନରୁ କଂଗ୍ରେସ ପ୍ରାର୍ଥୀ ପୁଷ୍ପେନ୍ଦ୍ର ଭରଦ୍ୱାଜଙ୍କୁ ୪୮ ହଜାରରୁ ଊର୍ଦ୍ଧ୍ୱ ଭୋଟ ବ୍ୟବଧାନରେ ହରାଇ ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। ଭଜନଲାଲ୍ ଉଚ୍ଚ ଜାତିର ହୋଇଥିଲେ ମଧ୍ୟ ସରଳ ନିରାଡମ୍ବର ଜୀବନ ଯାପନ କରିଥାନ୍ତି। ନାମାଙ୍କନପତ୍ର ଦାଖଲ ବେଳେ ସେ ନିର୍ବାଚନ କମିଶନଙ୍କ ନିକଟରେ ଘୋଷଣା କରିଥିବା ସମ୍ପତ୍ତି ପରିମାଣ ୧.୫ କୋଟି ଟଙ୍କା।

ଉପମୁଖ୍ୟମନ୍ତ୍ରୀ ହେବାକୁ ଯାଉଥିବା ଦିୟା କୁମାରୀ ଜୟପୁର ରାଜପରିବାରର ସଦସ୍ୟ। ସେ ଦୁଇଥର ବିଧାୟକ ଏବଂ ଗୋଟିଏ ଥର ଏମ୍‌ପି ହୋଇଛନ୍ତି। ଏହି ୫୧ ବର୍ଷୀୟ ଭାଜପା ନେତ୍ରୀ ୨୦୧୩ରେ ସାଓ୍ୱାଇ ମାଧୋପୁର ଆସନରୁ ପ୍ରଥମେ ବିଧାନସଭାକୁ ଜିତିଥିଲେ। ୨୦୧୯ରେ ସେ ରାଜସମନ୍ଦରୁ ଏମ୍‌ପି ନିର୍ବାଚିତ ହୋଇଥିଲେ। ସେ ମଧ୍ୟ ମୁଖ୍ୟମନ୍ତ୍ରୀ ପଦ ଦୌଡ଼ରେ ଥିଲେ। ଅନ୍ୟତମ ଉପମୁଖ୍ୟମନ୍ତ୍ରୀ ହେବାକୁ ଯାଉଥିବା ପ୍ରେମଚାନ୍ଦ ଭାଜପାର ଜଣେ ଦଳିତ ନେତା। ସେ ଡୁଡୁ ଆସନରୁ ବିଜୟୀ ହୋଇଛନ୍ତି।

ଗତ ମାସ ୨୫ରେ ୨୦୦ ଆସନ ବିଶିଷ୍ଟ ରାଜସ୍ଥାନ ବିଧାନସଭାର ୧୯୯ ଆସନ ପାଇଁ ଅନୁଷ୍ଠିତ ନିର୍ବାଚନରେ ଭାଜପା ୧୧୫ ଆସନ ଜିତିଥିବାବେଳେ କଂଗ୍ରେସ ୬୯ ଆସନରେ ବିଜୟୀ ହୋଇଥିଲା। କରନପୁର ଆସନର କଂଗ୍ରେସ ପ୍ରାର୍ଥୀଙ୍କ ପରଲୋକ ଯୋଗୁ ସେଠାରେ ଭୋଟ ସ୍ଥଗିତ ରହିଥିଲା।

### ଦିୟା କୁମାରୀ, ପ୍ରେମଚାନ୍ଦ ହେବେ ଉପମୁଖ୍ୟମନ୍ତ୍ରୀ


ଦିୟା କୁମାରୀ


ପ୍ରେମଚାନ୍ଦ ବୈରଓ୍ୱା

## ଦେଶରେ ୮୩୪ ଲୋକଙ୍କ ପାଇଁ ଜଣେ ଡାକ୍ତର

**ନୂଆଦିଲ୍ଲୀ,୧୨।୧୨**

୮୦% ପଞ୍ଜୀକୃତ ଏଲୋପାଥିକ୍ ଏବଂ ୫.୬୫ ଲକ୍ଷ ଆୟୁଷ ଡାକ୍ତରଙ୍କ ଉପଲବ୍ଧତାକୁ ଦେଖିଲେ ଭାରତର ଡାକ୍ତର-ଜନସଂଖ୍ୟା ଅନୁପାତ ୧: ୮୩୪ ରହିଛି। କେନ୍ଦ୍ର ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ଭାରତୀ ପ୍ରବୀଣ ପାଓ୍ୱାର ମଙ୍ଗଳବାର ରାଜ୍ୟ ସଭାରେ ଏହି ତଥ୍ୟ ପ୍ରଦାନ କରିଛନ୍ତି। ସେ କହିଛନ୍ତି, ଦେଶରେ ୩୪.୧୪ ଲକ୍ଷ ନର୍ସ ଅଛନ୍ତି। ନର୍ସ-ଜନସଂଖ୍ୟା ଅନୁପାତ ହେଉଛି ୧:୪୭୬। ନ୍ୟାଶନାଲ ମେଡିକାଲ କମିଶନ (ଏନ୍‌ଏମ୍‌ସି) ତଥ୍ୟ ଅନୁସାରେ ୨୦୨୨ ଜୁନ୍ ସୁଦ୍ଧା ଷ୍ଟେଟ୍ ମେଡିକାଲ କାଉନ୍‌ସିଲଗୁଡ଼ିକରେ ଏବଂ ଏନ୍‌ଏମ୍‌ସିରେ ୧୩,୦୮,୦୦୯ ଏଲୋପାଥିକ୍ ଡାକ୍ତର ପଞ୍ଜୀକୃତ ହୋଇଥିଲେ ବୋଲି ଭାରତୀ ଏକ ଲିଖିତ ଉତ୍ତରରେ ଜଣାଇଛନ୍ତି। ସେହିପରି ୨୦୧୪ ପୂର୍ବରୁ ଦେଶରେ ୩୮୭ ମେଡିକାଲ କଲେଜ ଥିବାବେଳେ ବର୍ତ୍ତମାନ ଏହି ସଂଖ୍ୟା ୭୦୬କୁ ଅର୍ଥାତ୍ ୮୨% ବୃଦ୍ଧି ପାଇଥିବା ସେ କହିଛନ୍ତି।

## ସାଧାରଣତନ୍ତ୍ର ଦିବସ ଅତିଥି ହୋଇ ନ ପାରନ୍ତି ବାଇଡେନ୍



**ନୂଆଦିଲ୍ଲୀ,୧୨।୧୨(ପି.ଟି.):** ଭାରତର ଆଗାମୀ ସାଧାରଣତନ୍ତ୍ର ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେବାକୁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ନୂଆଦିଲ୍ଲୀ ଆସି ନ ପାରନ୍ତି। ଏହି ଘଟଣା ସହ ସମ୍ପୃକ୍ତ ବ୍ୟକ୍ତି ମଙ୍ଗଳବାର ଉପରୋକ୍ତ ସୂଚନା ଦେଇଛନ୍ତି। ଜାନୁୟାରୀରେ ବାଇଡେନ୍‌ଙ୍କର ଭାରତ ଗସ୍ତ ଯୋଜନା ନାହିଁ। ୪ ରାଷ୍ଟ୍ର (ଆମେରିକା, ଭାରତ, ଜାପାନ ଏବଂ ଅଷ୍ଟ୍ରେଲିଆ)ର ମିଳିତ ସମ୍ମିଳନୀ (କ୍ୱାଡ୍) ଜାନୁୟାରୀ ମାସରେ ହେବ ନାହିଁ ବୋଲି ଜଣାପଡ଼ିଛି। ଜାନୁୟାରୀ ୨୬ ସାଧାରଣତନ୍ତ୍ର ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକା ରାଷ୍ଟ୍ରପତିଙ୍କୁ ଆମନ୍ତ୍ରଣ କରିଥିବା ଗତ ସେପ୍ଟେମ୍ବରରେ ଭାରତରେ ଥିବା ଆମେରିକା ରାଷ୍ଟ୍ରଦୂତ ଏରିକ୍ ଗାର୍‌ସେଟି ସୂଚନା ଦେଇଥିଲେ। ତେବେ ଆମନ୍ତ୍ରଣକୁ ନେଇ ଭାରତ ପକ୍ଷରୁ କିଛି କୁହାଯାଇ ନ ଥିଲା। ଯଦି ବାଇଡେନ୍ ଭାରତର ଆମନ୍ତ୍ରଣ ରକ୍ଷା କରନ୍ତି, ତେବେ ଜାନୁୟାରୀ ୨୭ରେ କ୍ୱାଡ୍ ସମିଟ୍ ଭାରତରେ ହେବ ବୋଲି ପୂର୍ବରୁ ଆଶା କରାଯାଉଥିଲା। ଏହା ଜାନୁୟାରୀରେ ନ ହୋଇ ୨୦୨୪ ଶେଷ ଭାଗରେ ହେବ ବୋଲି ଜଣାପଡ଼ିଛି।

## ପାକ୍‌ରେ ଆତଙ୍କବାଦୀ ଆକ୍ରମଣ: ୨୩ ସୈନ୍ୟ ନିହତ



**ପେଶାଓ୍ୱର,୧୨।୧୨(ପି.ଟି.)**

ପାକିସ୍ତାନର ଖାଇବର-ପାଖ୍‌ତୁନ୍‌ଖ୍ୱା ପ୍ରଦେଶରେ ମଙ୍ଗଳବାର ଆତଙ୍କବାଦୀ ଆକ୍ରମଣରେ ୨୩ ସୈନ୍ୟ ନିହତ ହୋଇଛନ୍ତି। ପାକିସ୍ତାନୀ ତାଲିବାନ୍ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଏକ ସଂଗଠନର ଆତଙ୍କବାଦୀ ବିସ୍ଫୋରକ ଭର୍ତ୍ତି ଗାଡ଼ି ଆଣି ସୁରକ୍ଷା ବଳର ଏକ ପୋଷ୍ଟରେ ଧକ୍କା କରିଥିଲେ। ନିକଟ ଅତୀତରେ ସୁରକ୍ଷା ବଳକୁ ଟାର୍ଗେଟ କରି ଏହା ସବୁଠୁ ବଡ଼ ଆତଙ୍କବାଦୀ ଆକ୍ରମଣ। ସେନାର ଗଣମାଧ୍ୟମ ଶାଖା ଇଣ୍ଟରସର୍ଭିସେସ୍ ପବ୍ଲିକ୍ ରିଲେଶନ୍ସର ସୂଚନା ଅନୁଯାୟୀ ମଙ୍ଗଳବାର ଭୋର ସମୟରେ ୬ ଜଣ ଆତଙ୍କବାଦୀ ଦକ୍ଷିଣ ଓ୍ୱାଜିରିସ୍ତାନ ଜିଲାକୁ ଲାଗିଥିବା ଡେରା ଇସ୍‌ମାଇଲ୍ ଖାନ୍‌ଙ୍କ ଦରବାନ୍‌ସ୍ଥିତ ସୁରକ୍ଷା ପୋଷ୍ଟ ଉପରେ ଆକ୍ରମଣ କରିଥିଲେ। ସେମାନେ ବିସ୍ଫୋରକ ଭର୍ତ୍ତି ଗାଡ଼ିକୁ ପୋଷ୍ଟରେ ମାଡ଼ କରିବା ପରେ ଆତ୍ମଘାତୀ ଆକ୍ରମଣ କରିଥିଲେ। ଫଳରେ ଉକ୍ତ ବିଲ୍ଡିଂ ଭୁଶୁଡ଼ିବା ସହ ୨୩ ସୈନ୍ୟଙ୍କ ମୃତ୍ୟୁ ଘଟିଥିଲା। ସୁରକ୍ଷା ବଳର ପାଲଟା ଆକ୍ରମଣରେ ୬ ଆତଙ୍କବାଦୀ ନିହତ ହୋଇଛନ୍ତି। ଆକ୍ରମଣରେ ଅନ୍ୟ ଆତଙ୍କବାଦୀ ସମ୍ପୃକ୍ତ ଥିବା ସନ୍ଦେହରେ ସୁରକ୍ଷା ବଳ ପକ୍ଷରୁ ତଲାସି ଅଭିଯାନ ଜାରି ରହିଛି। ଆକ୍ରମଣ ପରେ ସମ୍ପୃକ୍ତ ଜିଲା ହସ୍ପିଟାଲରେ ଏମର୍ଜେନ୍ସି ଜାରି କରାଯିବା ସହ ସମସ୍ତ ସ୍କୁଲ୍ କଲେଜ ବନ୍ଦ କରିଦିଆଯାଇଥିଲା। ତେହରିକ୍-ଇ-ତାଲିବାନ୍ ପାକିସ୍ତାନ (ଟିଟିପି)ର ସ୍ୱୀକୃତିପ୍ରାପ୍ତ ଆତଙ୍କବାଦୀ ସଂଗଠନ ତେହରିକ୍-ଇ-ଜିହାଦ ଆକ୍ରମଣ ପାଇଁ ନିଜକୁ ଦାୟୀ କରିଛି। ଅନ୍ୟପକ୍ଷରେ ଗୋଇନ୍ଦା ସୂଚନା ଆଧାରରେ ଡେରା ଇସ୍‌ମାଇଲ୍ ଖାନ୍‌ର ଦରଜିନ୍ଦା ଅଞ୍ଚଳରେ ସୁରକ୍ଷା ବଳ କାର୍ଯ୍ୟାନୁଷ୍ଠାନରେ ୧୭ ଆତଙ୍କବାଦୀ ନିହତ ହୋଇଛନ୍ତି। ସେହିପରି କୁଲାଚି ଅଞ୍ଚଳରେ ଅନ୍ୟ ଏକ ଅଭିଯାନ ବେଳେ ୪ ଆତଙ୍କବାଦୀ ଓ ୨ ଜଣ ସୈନ୍ୟଙ୍କ ମୃତ୍ୟୁ ଘଟିଛି।

## ୩ ଆପରାଧିକ ଆଇନ ପାଇଁ ନୂଆ ବିଧେୟକ ଆଗତ

**ନୂଆଦିଲ୍ଲୀ,୧୨।୧୨:** ଆପରାଧିକ ଆଇନଗୁଡ଼ିକୁ ହଟାଇ ନୂଆ ଆଇନ ଆଣିବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ପୂର୍ବ ଆଗତ ୩ ବିଲ୍‌କୁ ପ୍ରତ୍ୟାହାର କରି ମଙ୍ଗଳବାର ଲୋକ ସଭାରେ ନୂତନ ବିଧେୟକ ଆଗତ କରିଛନ୍ତି। ସେଗୁଡ଼ିକ ହେଲା ଭାରତୀୟ ନ୍ୟାୟ (ଦ୍ୱିତୀୟ) ସଂହିତା-୨୦୨୩, ଭାରତୀୟ ନାଗରିକ ସୁରକ୍ଷା (ଦ୍ୱିତୀୟ) ସଂହିତା-୨୦୨୩ ଏବଂ ଭାରତୀୟ ସାକ୍ଷ୍ୟ (ଦ୍ୱିତୀୟ) ସଂହିତା-୨୦୨୩। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଷ୍ଟାଣ୍ଡିଂ କମିଟି ଏହି ବିଲ୍‌ଗୁଡ଼ିକୁ ଯାଞ୍ଚ କରିବା ପରେ ଦେଇଥିବା ପ୍ରସ୍ତାବଗୁଡ଼ିକୁ ଏଥିରେ ବିଚାର ପାଇଁ ନିଆଯାଇଥିଲା। ସଂଶୋଧନ ପରେ ଏହାକୁ ପୁଣି ଆଗତ କରାଯାଇଛି। ଅଧିକାଂଶ ପରିବର୍ତ୍ତନ ବ୍ୟାକରଣଗତ ଓ ଭାଷାଗତ। ଏହାର ୩-୪ଟି ଅଂଶକୁ ବଦଳାଯାଇଛି ବୋଲି ଶାହା କହିଛନ୍ତି। ଏହା ଉପରେ ଗୁରୁବାର ଆଲୋଚନା ପରେ ଶୁକ୍ରବାର ମତଦାନ ହେବ। ଅଧିକାଂଶ ବିରୋଧୀ ସଦସ୍ୟ ଏହି ବିଲ୍‌ଗୁଡ଼ିକୁ ପଢ଼ି ବୁଝିବା ପାଇଁ ପର୍ଯ୍ୟାପ୍ତ ସମୟ ମାଗିଥିଲେ। ତେଣୁ ୪୮ ଘଣ୍ଟା ଦିଆଯାଇଛି ବୋଲି ଶାହା କହିଛନ୍ତି। ପ୍ରକାଶ ଯେ, ଆଇପିସି-୧୮୬୦, ସିଆର୍‌ପିସି-୧୮୯୮ ଏବଂ ଭାରତୀୟ ସାକ୍ଷ୍ୟ ପ୍ରମାଣ ଆଇନ-୧୮୭୨କୁ ହଟାଯିବ। ସେଗୁଡ଼ିକ ସ୍ଥାନରେ ଏହି ୩ ପ୍ରସ୍ତାବିତ ଆଇନ ଲାଗୁ ହେବ।


ଶୀତ ଅଧିବେଶନ ଅବସରରେ ପାର୍ଲାମେଣ୍ଟ ପରିସରରେ କଂଗ୍ରେସ ଏମ୍‌ପି ରାହୁଲ ଗାନ୍ଧୀ ଓ ଅନ୍ୟ ସଦସ୍ୟମାନେ।

## ବାବୁଙ୍କ ପାଇଁ ନୂଆ ଗାଇଡ୍‌ଲାଇନ

**ନୂଆଦିଲ୍ଲୀ,୧୨।୧୨(ପି.ଟି.)**

### ଘରୋଇ ସଂସ୍ଥାରୁ ପୁରସ୍କାର ଗ୍ରହଣ

ଘରୋଇ ସଂସ୍ଥାରୁ ସରକାରୀ ବାବୁ ପୁରସ୍କାର ଗ୍ରହଣ କରିବା ନେଇ କେନ୍ଦ୍ର ସରକାର ସାନି ଗାଇଡ୍‌ଲାଇନ ଆଣିଛନ୍ତି। ଉକ୍ତ ଗାଇଡ୍‌ଲାଇନ ଅନୁଯାୟୀ ପୁରସ୍କାର ଗ୍ରହଣ କରିବା ପୂର୍ବରୁ ବାବୁଙ୍କୁ ଉପଯୁକ୍ତ କର୍ତ୍ତୃପକ୍ଷଙ୍କଠାରୁ ଅନୁମତି ଆଣିବା ବାଧ୍ୟତାମୂଳକ ହେବ। କେବଳ ଅସାଧାରଣ ସ୍ଥିତିରେ ଏହି ଅନୁମୋଦନ ଦିଆଯାଇପାରେ ବୋଲି କାର୍ମିକ ମନ୍ତ୍ରଣାଳୟ କହିଛି। ସେହିପରି ପୁରସ୍କାରରେ ଅର୍ଥ ନ ଥିବା ଆବଶ୍ୟକ।

ସରକାରୀ ବାବୁ ଘରୋଇ ସଂସ୍ଥାରୁ ପୁରସ୍କାର ଗ୍ରହଣ କରିବା ନେଇ ରହିଥିବା ନିୟମାବଳୀ ଉପଯୁକ୍ତ ଭାବେ ଅନୁପାଳନ ହେଉ ନ ଥିବା ସରକାରଙ୍କ ଦୃଷ୍ଟିକୁ ଆସିବା ପରେ ସାନି ଗାଇଡ୍‌ଲାଇନ ଜାରି ହୋଇଛି। କେବଳ ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ପୂର୍ବ ଅନୁମୋଦନକ୍ରମେ ଘରୋଇ ସଂସ୍ଥା/ଅନୁଷ୍ଠାନ/ସଂଗଠନ ସରକାରୀ କର୍ମଚାରୀଙ୍କୁ ପୁରସ୍କାର ଦେଇପାରିବେ ବୋଲି କାର୍ମିକ ମନ୍ତ୍ରଣାଳୟ ଦ୍ୱାରା ଜାରି ନିର୍ଦ୍ଦେଶନାମାରେ କୁହାଯାଇଛି। ସରକାରୀ ବାବୁଙ୍କ ଉପଯୁକ୍ତ କର୍ତ୍ତୃପକ୍ଷ ସମ୍ପୃକ୍ତ ମନ୍ତ୍ରଣାଳୟ କିମ୍ବା ବିଭାଗର ସଚିବ ରହିବେ। ସେହିପରି ସଚିବ ଓ ସଚିବ ର୍‍ୟାଙ୍କ ଅଧିକାରୀଙ୍କ ପାଇଁ କ୍ୟାବିନେଟ ସଚିବ କମ୍ପିଟେଣ୍ଟ ଅଥରିଟି ରହିବେ ବୋଲି ନିର୍ଦ୍ଦେଶନାମାରେ କୁହାଯାଇଛି।

## ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲା ଓଡ଼ିଶାର ଏସ୍‌ଏଚ୍‌ଜି କାର୍ଯ୍ୟକ୍ରମ

**ନୂଆଦିଲ୍ଲୀ,୧୨।୧୨(ପି.ଟି.)**

### ଲକ୍‌ଡାଉନ୍‌ବେଳେ ଖାଦ୍ୟ ସୁରକ୍ଷା

ଓଡ଼ିଶାରେ ସରକାରୀ ସହାୟତାରେ ମହିଳାମାନଙ୍କ ଦ୍ୱାରା ଚାଲୁଥିବା ସ୍ୱୟଂସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) କାର୍ଯ୍ୟକ୍ରମ କୋଭିଡ୍-୧୯ ଲକ୍‌ଡାଉନ୍‌ବେଳେ ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରିଥିଲା। ଏକ ନୂଆ ଅଧ୍ୟୟନରୁ ଏହା ଜଣାପଡ଼ିଛି। ଆଲିଆନ୍ସ ଅଫ୍ ବାୟୋଭର୍ସିଟି ଇଣ୍ଟରନ୍ୟାଶନାଲ ଏବଂ ଇଟାଲୀର ଇଣ୍ଟରନ୍ୟାଶନାଲ ସେଣ୍ଟର ଫର୍ ଟ୍ରପିକାଲ ଏଗ୍ରିକଲ୍‌ଚର ଦ୍ୱାରା କରାଯାଇଥିବା ଗବେଷଣାରୁ ଜଣାପଡ଼ିଛି, ଓଡ଼ିଶାରେ 'ଭେଜ୍ ଅନ୍ ହୁଇଲ୍ସ' ନାମରେ ଏସ୍‌ଏଚ୍‌ଜିଗୁଡ଼ିକ ଲକ୍‌ଡାଉନ୍ ବେଳେ ଲୋକଙ୍କ ତଟକା ଫଳ ଓ ପନିପରିବା ଆବଶ୍ୟକତା ପୂରଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। କେବଳ ମହିଳାମାନଙ୍କ ଦ୍ୱାରା ପରିଚାଳିତ ଏହି ସଞ୍ଚୟ ଏବଂ ଋଣ ସଂଘର ଭାରତରେ ଦୀର୍ଘ ଇତିହାସ ରହିଛି। ଖାଦ୍ୟ ବ୍ୟବସ୍ଥାକୁ ସଫଳ କରାଇବାରେ ବର୍ତ୍ତମାନର ସଂସ୍ଥା ଏବଂ ତୃଣମୂଳ ନେଟ୍‌ଓ୍ୱର୍କକୁ ବ୍ୟବହାରକରି ବିକଶିତ ମଡେଲ ସୃଷ୍ଟି କରିବାରେ ଏସ୍‌ଏଚ୍‌ଜି ବ୍ୟବସ୍ଥା ଏକ ତୃତୀୟ ଫୋର୍ସ ଓ ମଡେଲ ଯୋଗାଇଦେଇଥିବା ଗବେଷକମାନେ କହିଛନ୍ତି।

କୋଭିଡ୍ ମହାମାରୀ ବ୍ୟାପିବା ପରେ କେନ୍ଦ୍ର ସରକାର ୨୦୨୦ ମାର୍ଚ୍ଚରେ କଠୋର ଲକ୍‌ଡାଉନ୍ ଘୋଷଣା କରିଥିଲେ। ଖାଦ୍ୟର ମୁଖ୍ୟ ଉତ୍ସ ଭାବେ ୮୦ରୁ ୯୦ ପ୍ରତିଶତ ଭାରତୀୟ ନିର୍ଭର କରୁଥିବା ଅଣଆନୁଷ୍ଠାନିକ ଓ ପାରମ୍ପରିକ ଖାଦ୍ୟ ଦୋକାନଗୁଡ଼ିକ ବନ୍ଦ ହୋଇଯାଇଥିଲା। ଫଳରେ ଜନସାଧାରଣଙ୍କ ଖାଦ୍ୟ ସୁରକ୍ଷା ପ୍ରତି ବିପଦ ଦେଖାଦେଇଥିଲା। ଏସ୍‌ଏଚ୍‌ଜି ଗ୍ରୁପ୍‌ଗୁଡ଼ିକର ମହିଳାମାନେ ଚାଷୀଙ୍କଠାରୁ ତଟକା ଫଳ ଓ ପନିପରିବା କିଣିବା ସହ ପାଇକାରୀ ବ୍ୟବସାୟୀଙ୍କଠାରୁ ଅଧିକ ପରିବା କିଣି ତାଙ୍କୁ ଭଡ଼ା ଗାଡ଼ିରେ ଆଣି ସ୍ଥାନୀୟ ତଥା ସହରାଞ୍ଚଳ ବଜାରରେ ବିକ୍ରି କରୁଥିଲେ ବୋଲି କୃଷି ଅର୍ଥନୀତିଜ୍ଞ ତଥା ଅଧ୍ୟୟନ ପ୍ରକାଶିତ ହୋଇଥିବା ଓ୍ୱାର୍ଲ୍ଡ ଡେଭେଲପ୍‌ମେଣ୍ଟ ପତ୍ରିକାର ପ୍ରଥମ ଲେଖକ ଜୋନାଥ ମକ୍‌ସେଲ୍ କହିଛନ୍ତି। ସେମାନେ ପ୍ରତି ରାତିରେ ବୈଠକ କରୁଥିଲେ। ଗ୍ରୁପ୍‌ର କେତେଜଣ ମହିଳା ନିଜେ ପରିବା ଓ ଫଳ ଉତ୍ପାଦନ କରୁଥିଲେ କିମ୍ବା ସେମାନଙ୍କର ବାହାରର ଅନ୍ୟ ଗ୍ରୁପ୍ ସହ ଘନିଷ୍ଠ ସମ୍ପର୍କ ରହିଥିଲା। ସେମାନେ ଯୋଗାଣ ଶୃଙ୍ଖଳ ସହ ଜଡ଼ିତ ଥିବାରୁ ଏହା ସେମାନଙ୍କ ପାଇଁ ସହାୟକ ହୋଇଥିଲା। ଆକାଉଣ୍ଟିଂ ଭଳି ବିଭିନ୍ନ ତାଲିମ ନେବା ପାଇଁ କେତେକ ଗ୍ରୁପ୍ ସରକାରୀ ସହାୟତା ପାଇଥିଲେ, ଯାହାକୁ ସେମାନେ ନିଜର ବ୍ୟବସାୟ ଆରମ୍ଭ କରିବାରେ ବିନିଯୋଗ କରିଥିଲେ।

ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ପରିସଂଖ୍ୟାନ ଅନୁଯାୟୀ କୋଭିଡ୍-୧୯ ପୂର୍ବରୁ ୫୩ ଦେଶରେ ୧୩.୫ କୋଟି ଲୋକ ଗୁରୁତର ଖାଦ୍ୟ ସଙ୍କଟର ସମ୍ମୁଖୀନ ହୋଇଥିଲେ, ଯାହା ପରବର୍ତ୍ତୀ ସମୟରେ ବୃଦ୍ଧି ପାଇ ୩୪.୫ କୋଟିରେ ପହଞ୍ଚିଥିଲା। ଏସ୍‌ଏଚ୍‌ଜି ଗୁଡ଼ିକର ଖାଦ୍ୟ ସୁରକ୍ଷାର ଦୁଇଟି ଗୁରୁତ୍ୱପୂର୍ଣ୍ଣ ଦିଗ ହେଲା ଏଜେନ୍ସି ଏବଂ ସ୍ଥିରତା ବା ନମନୀୟତା ବୋଲି ଗବେଷକ କହିଛନ୍ତି। ଆଫ୍ରିକା ଏବଂ ଦକ୍ଷିଣ ଏସିଆରେ ଏଭଳି ରୋଟେଟିଂ କ୍ରେଡିଟ୍ ଆଣ୍ଡ ସେଭିଂସ୍ ଆସୋସିଏଶନଗୁଡ଼ିକର ୧୦୦ କୋଟିରୁ ଊର୍ଦ୍ଧ୍ୱ ସଦସ୍ୟ ଅଛନ୍ତି। ଏହି ଏସ୍‌ଏଚ୍‌ଜି ମଡେଲର ବୈଶ୍ୱିକ ଉପଯୋଗ ରହିଆସିଛି। ସରକାରୀ ଏବଂ ଘରୋଇ ସେକ୍ଟରଗୁଡ଼ିକର ଉପସ୍ଥିତି ସୀମିତ ଥିବା ଅଞ୍ଚଳରେ ଅନ୍ୟାନ୍ୟ ଯୋଗାଣ ଶୃଙ୍ଖଳଗୁଡ଼ିକୁ ସହଜ କରିବାରେ ଏସ୍‌ଏଚ୍‌ଜି ସିଷ୍ଟମର ବହୁଳ ବ୍ୟବହାର ହେଉଥିବା ମକ୍‌ସେଲ୍ କହିଛନ୍ତି।

# ବୋର୍‌ୱେଲରୁ ନବଜାତ ଶିଶୁକନ୍ୟା ଉଦ୍ଧାର

## ସଫଳ ହେଲା ୭ ଘଣ୍ଟାର ରେସ୍କ୍ୟୁ ଅପରେଶନ




ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଶିଶୁକନ୍ୟା

ସମ୍ବଲପୁର/ରେଙ୍ଗାଲି,୧୨।୧୨
(ପ୍ରମୋଦ ବହିଦାର/ ଦେବବ୍ରତ ପଣ୍ଡା)

ସମ୍ବଲପୁର ଜିଲା ରେଙ୍ଗାଲି ଥାନା ଅନ୍ତର୍ଗତ ଲାରିପାଲି ଗ୍ରାମ ନିକଟ ଜଙ୍ଗଲ ମଧ୍ୟରେ ଏକ ପରିତ୍ୟକ୍ତ ବୋର୍‌ୱେଲରେ ଫସିରହିଥିବା ଏକ ନବଜାତ ଶିଶୁକନ୍ୟାକୁ ମଙ୍ଗଳବାର ୭ ଘଣ୍ଟାର ଅକ୍ଳାନ୍ତ ପରିଶ୍ରମ ପରେ ଅକ୍ଷତ ଅବସ୍ଥାରେ ଉଦ୍ଧାର କରାଯାଇଛି। ଉଦ୍ଧାର ଶିଶୁକନ୍ୟା ମଙ୍ଗଳବାର ହିଁ ଜନ୍ମ ହୋଇଥିବା ସୂଚନା ମିଳିଛି। ଉଦ୍ଧାର ପରେ ତାକୁ ଘଟଣାସ୍ଥଳରେ ଥିବା ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଆଇସିୟୁ ଆମ୍ବୁଲାନ୍ସ ଯୋଗେ ରେଙ୍ଗାଲି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଛି। ତେବେ ଏପର୍ଯ୍ୟନ୍ତ ଶିଶୁକନ୍ୟାର କୌଣସି ଦାବିଦାର ନ ଥିବାବେଳେ ନିଖୋଜ ନେଇ ମଧ୍ୟ କୌଣସି ଏତଲା ହୋଇନାହିଁ। ନବଜାତ ଶିଶୁକୁ କେହି ଜାଣିଶୁଣି ବୋର୍‌ୱେଲ ମଧ୍ୟରେ ଫିଙ୍ଗି ଦେଇଥିବା ସନ୍ଦେହ କରାଯାଉଛି।

ସୂଚନାଯୋଗ୍ୟ ଯେ, ପୂର୍ବାହ୍ନରେ ଉକ୍ତ ଜଙ୍ଗଲ ମଧ୍ୟକୁ ଛେଳି ଚରାଇବାକୁ ଯାଇଥିବା କେତେଜଣ ଛେଳି ଚରାଳି ବୋର୍‌ୱେଲ ମଧ୍ୟରୁ ଶିଶୁ କ୍ରନ୍ଦନ ଶୁଣି ରେଙ୍ଗାଲି ପୋଲିସକୁ ଖବର ଦେଇଥିଲେ। ପୋଲିସ ଓଡ୍ରାଫ୍ ଦଳ ସହିତ ପହଞ୍ଚି ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଥିଲା। ଉଦ୍ଧାର କାର୍ଯ୍ୟରେ ରେଙ୍ଗାଲି ଓ ଜେଏସ୍‌ଡବ୍ଲ୍ୟୁର ଦୁଇଟି ଅଗ୍ନିଶମ ବାହିନୀ ସହ ତିନୋଟି ଜେସିବି ନିୟୋଜିତ ହୋଇଥିଲା। ଦୀର୍ଘ ଦିନରୁ ଅଚଳ ଥିବା ବୋର୍‌ୱେଲଟି ପଟୁମାଟିରେ ପୋତି ହୋଇଥିବାବେଳେ ଏହା ବିଶେଷ ଗଭୀର ନଥିଲା। ଫଳରେ ଶିଶୁକନ୍ୟାଟି ଅତି ବେଶିରେ ୧୫ ଫୁଟ୍ ଗଭୀରରେ ଫସି ରହିଥିଲା। ଉଦ୍ଧାର ପାଇଁ ପ୍ରାୟ ୨୦ ଫୁଟ ଦୂରରୁ ଜେସିବି ସାହାଯ୍ୟରେ ଖୋଳା ଆରମ୍ଭ ହୋଇ ବୋର୍‌ୱେଲ ନିକଟ ଯାଏ ପ୍ରାୟ ୨୦ ଫୁଟ୍ ଗଭୀର ପର୍ଯ୍ୟନ୍ତ ଖୋଳାଯାଇଥିଲା। ବୋର୍‌ୱେଲ ମଧ୍ୟରୁ ଶିଶୁକୁ ସମ୍ପୂର୍ଣ୍ଣ ଅକ୍ଷତ ଅବସ୍ଥାରେ ଉଦ୍ଧାର କରିବା ପାଇଁ ଲୁହାପାଇପ୍‌କୁ ହାତରେ ଆରି ବ୍ଲେଡ୍ ସାହାଯ୍ୟରେ କଟାଯାଇଥିଲା। ଶିଶୁକୁ ଯେପରି କୌଣସି କ୍ଷତି ନ ପହଞ୍ଚେ ସେଥିପ୍ରତି ବିଶେଷ ସତର୍କତା ଅବଲମ୍ବନ କରାଯାଇଥିଲା। ଗର୍ତ୍ତ ମଧ୍ୟରେ ଶିଶୁଟିର ପ୍ରକୃତ ଅବସ୍ଥିତି ଠାବ କରିବାକୁ ଭୁବନେଶ୍ୱରରୁ ଏକ ସ୍ୱତନ୍ତ୍ର କ୍ୟାମେରା ଦଳ ବିମାନ ଯୋଗେ ଝାରସୁଗୁଡ଼ା ଦେଇ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେମାନେ ତୁରନ୍ତ ଭିକ୍ଟିମ ଲୋକେଶନ କ୍ୟାମେରା ମାଧ୍ୟମରେ ଶିଶୁକନ୍ୟାର ସ୍ଥିତି ଅନୁଧ୍ୟାନ କରିଥିଲେ।

ଶିଶୁର ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟର ଜଣେ ଶିଶୁରୋଗ ବିଶେଷଜ୍ଞ ଘଟଣାସ୍ଥଳରେ ଉପସ୍ଥିତ ଥିଲେ। ସମ୍ବଲପୁର ଏସ୍‌ପି ମୁକେଶ ଭାମୁ, ସମ୍ବଲପୁର ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ରେଙ୍ଗାଲି ବିଡିଓ କୃଷ୍ଣଚନ୍ଦ୍ର ଦଳପତି, ତହସିଲଦାର ଲୋପାମୁଦ୍ରା ସାମଲ, ସମ୍ବଲପୁର ସଦର ଏସ୍‌ଡିପିଓ ପ୍ରଦୀପ ସାହୁ, ରେଙ୍ଗାଲି ଥାନା ଅଧିକାରୀ ସୁଦର୍ଶନ ପଣ୍ଡା, ଠେଲକୋଲେଇ ଥାନା ଅଧିକାରୀ ସାବିତ୍ରୀ ବଳ ପ୍ରମୁଖ ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟକୁ ତଦାରଖ କରିଥିଲେ। ରେଙ୍ଗାଲି ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର, ଫାର୍ମାସିଷ୍ଟ, ବହୁ ସ୍ୱାସ୍ଥ୍ୟକର୍ମୀ ଗୋଟିଏ ଆଇସିୟୁ ଆମ୍ବୁଲାନ୍ସ ଓ ଅନ୍ୟ ଏକ ଆମ୍ବୁଲାନ୍ସ ସହିତ ଘଟଣାସ୍ଥଳରେ ପ୍ରସ୍ତୁତ ହୋଇରହିଥିଲେ। ଶିଶୁ ଯେପରି ଶ୍ୱାସରୁଦ୍ଧ ହୋଇ ନ ଯାଏ ସେଥିପାଇଁ ବୋର୍‌ୱେଲ ମଧ୍ୟକୁ ସିଲିଣ୍ଡର ମାଧ୍ୟମରେ ନିରବଚ୍ଛିନ୍ନ ଭାବେ ଅମ୍ଳଜାନ ଯୋଗାଣ କରାଯାଇଥିଲା। ସେହିପରି ଶିଶୁକୁ ଶୀତରୁ ରକ୍ଷା ପାଇଁ ବୋର୍‌ୱେଲ ମଧ୍ୟରେ ଏକ ୧୦୦ ୱାଟ୍‌ର ବଲ୍‌ବ ଜଳାଯାଇଥିଲା। ବେଶି ସମୟ ବଲ୍‌ବ ଜଳିବା ଦ୍ୱାରା ଉତ୍ତାପ ସହି ନ ପାରି ଶିଶୁଟି କାନ୍ଦିବାରୁ ବଲ୍‌ବକୁ ସାମାନ୍ୟ ଦୂରେଇ ଦିଆଯାଇଥିଲା। ତେବେ ଶିଶୁକନ୍ୟାଟି ଅକ୍ଷତ ଅବସ୍ଥାରେ ଉଦ୍ଧାର ହୋଇପାରିଥିବାରୁ ସମସ୍ତଙ୍କ ମଧ୍ୟରେ ଖୁସି ଦେଖିବାକୁ ମିଳିଥିଲା।

### ଖୁସିବ୍ୟକ୍ତ କଲେ ମୁଖ୍ୟମନ୍ତ୍ରୀ

#### ଉଦ୍ଧାରକାରୀ ଦଳଙ୍କୁ ପ୍ରଶଂସା

ଭୁବନେଶ୍ୱର, ୧୨।୧୨ (ଅନିଲ ଦାସ)

ବୋର୍‌ୱେଲ ମଧ୍ୟରେ ଖସି ପଡ଼ିଥିବା ଶିଶୁକୁ ୭ଘଣ୍ଟା ଉଦ୍ୟମ ପରେ ଉଦ୍ଧାର କରାଯାଇଛି। ଶିଶୁଟି ସୁରକ୍ଷିତ ଭାବେ ଉଦ୍ଧାର ହୋଇଥିବାରୁ ମୁଖ୍ୟମନ୍ତ୍ରୀ ଖୁସିବ୍ୟକ୍ତ କରିଛନ୍ତି। ସେ କହିଛନ୍ତି, ଏହା ବଡ଼ ଆଶ୍ୱସ୍ତର ବିଷୟ। ଶିଶୁଟିକୁ ଦୀର୍ଘାୟୁ କରିବାକୁ ମୁଖ୍ୟମନ୍ତ୍ରୀ ଭଗବାନଙ୍କୁ ପ୍ରାର୍ଥନା କରିବା ସହ ଜୟ ଜଗନ୍ନାଥ କହିଛନ୍ତି। ଏଥିସହିତ ଉଦ୍ଧାରକାରୀ ଟିମ୍‌କୁ ପ୍ରଶଂସା କରିଛନ୍ତି।

# ସଡ଼କ ସୁରକ୍ଷା ଅଭିଯାନକୁ ଜନ ଆନ୍ଦୋଳନରେ ପରିଣତ କର





## ଜାତୀୟ ସଡ଼କ ସୁରକ୍ଷା କ୍ଷୁଦ୍ର ଚଳଚ୍ଚିତ୍ର ମହୋତ୍ସବ ଗ୍ରାଣ୍ଡ ଫିନାଲେ

### ସାମିଲ ହେଲେ ୮ ରାଜ୍ୟ, ୭ ଭାଷାର ୨୪୭ ଚଳଚ୍ଚିତ୍ର

ଭୁବନେଶ୍ୱର,୧୨।୧୨(ଅନିଲ ଦାସ)

ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ଆନୁକୂଲ୍ୟରେ ମଙ୍ଗଳବାର କିଟ୍‌ଠାରେ ଜାତୀୟ ସଡ଼କ ସୁରକ୍ଷା କ୍ଷୁଦ୍ର ଚଳଚ୍ଚିତ୍ର ଉତ୍ସବ-୨୦୨୩ର ଗ୍ରାଣ୍ଡ ଫିନାଲେ ଅନୁଷ୍ଠିତ ହୋଇଛି। ଏହି ଉତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ ସମସ୍ତ ସଡ଼କ ସୁରକ୍ଷା ଉଦ୍ୟମ ହେବ ଜନଆନ୍ଦୋଳନ। ଆମେ ଖୁବ୍‌ଶୀଘ୍ର ସମସ୍ତଙ୍କ ପାଇଁ ଆମ ସଡ଼କକୁ ସୁରକ୍ଷିତ କରିବୁ। ଚଳଚ୍ଚିତ୍ର ଭାବପ୍ରବଣ ସୃଷ୍ଟି କରେ। ଏହା ଆମକୁ ଅଧିକ ଆବେଗଭରା କରିବାରେ ସାହାଯ୍ୟ କରେ। ଆମେ ଯେଉଁ ବିଷୟଗୁଡ଼ିକୁ ଅଣଦେଖା କରୁ ସେସବୁକୁ ଚଳଚ୍ଚିତ୍ର ଆମ ସହ ଯୋଡ଼ିଥାଏ। କ୍ଷୁଦ୍ର ଚଳଚ୍ଚିତ୍ରଗୁଡ଼ିକ ବର୍ତ୍ତମାନ ସମୟରେ ସଡ଼କ ସୁରକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟକୁ ସମାଧାନ କରିବାରେ ଉପଯୁକ୍ତ ମାଧ୍ୟମ ହୋଇଛି। ଆମ ପାଇଁ ପ୍ରତ୍ୟେକ ଜୀବନ ମୂଲ୍ୟବାନ। ରାଜ୍ୟ ସରକାରଙ୍କ ପାଇଁ ସଡ଼କ ସୁରକ୍ଷା ହେଉଛି ସର୍ବାଧିକ ପ୍ରାଥମିକତା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କ୍ଷୁଦ୍ର ଚଳଚ୍ଚିତ୍ର କାର୍ଯ୍ୟକ୍ରମ ଆୟୋଜନ ପାଇଁ ମୁଖ୍ୟମନ୍ତ୍ରୀ ବାଣିଜ୍ୟ ଓ ପରିବହନ ବିଭାଗକୁ ଧନ୍ୟବାଦ ଦେଇଛନ୍ତି। ଏହି ଉତ୍ସବରେ ୨୪୭ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିବାରୁ ଏହା ବାସ୍ତବିକ ଉତ୍ସାହପ୍ରଦ ବୋଲି ସେ କହିଛନ୍ତି। ଓଡ଼ିଆ ଭାଷା ସହିତ ସାନ୍ତାଳି ଓ ସମ୍ବଲପୁରୀ ଭାଷାକୁ ଏହି ଉତ୍ସବରେ ଅନ୍ତର୍ଭୁକ୍ତ କରାଯାଇଥିବାରୁ ମୁଖ୍ୟମନ୍ତ୍ରୀ ଖୁସିବ୍ୟକ୍ତ କରିଛନ୍ତି। ସ୍ଥାନୀୟ ଭାଷା ନିଶ୍ଚିତ ଭାବେ ବୃହତ୍ ପ୍ରଭାବ ପକାଇବ ବୋଲି ସେ କହିଛନ୍ତି।

ଏହି ଉତ୍ସବରେ ଓଡ଼ିଶା ବ୍ୟତୀତ ପଞ୍ଜାବ, ମହାରାଷ୍ଟ୍ର, କେରଳ, ଆସାମ, ଦିଲ୍ଲୀ, ମଧ୍ୟପ୍ରଦେଶ ଏବଂ ପଶ୍ଚିମବଙ୍ଗ ମଧ୍ୟ ଅଂଶଗ୍ରହଣ କରିଛନ୍ତି। ଏଥିସହିତ ନେପାଳ, ବାଂଲାଦେଶ ଏବଂ କେନିଆ ଭଳି ଦେଶରୁ ମଧ୍ୟ ବିଦେଶୀ ଛାତ୍ର ସାମିଲ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ଖୁସିବ୍ୟକ୍ତ କରିଛନ୍ତି। ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା ପ୍ରଚାର କରୁଥିବାରୁ ବିଜେତାମାନଙ୍କୁ ମୁଖ୍ୟମନ୍ତ୍ରୀ ଅଭିନନ୍ଦନ ଜଣାଇଛନ୍ତି। ଏହି ଚଳଚ୍ଚିତ୍ରଗୁଡ଼ିକ ସମଗ୍ର ରାଜ୍ୟରେ ପ୍ରଦର୍ଶନ କରାଯିବା ସହ ସଡ଼କ ସୁରକ୍ଷା ନେଇ ସଚେତନତା ସୃଷ୍ଟି କରାଯିବ ବୋଲି ସେ କହିଛନ୍ତି।

ଏହି ଅବସରରେ ପରିବହନ ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ମାର୍ଗଦର୍ଶନରେ ରାଜ୍ୟ ସରକାର ଲୋକମାନଙ୍କୁ ସଚେତନ କରିବା ପାଇଁ ସଡ଼କ ସୁରକ୍ଷା ଦିଗରେ ଅନେକ ପଦକ୍ଷେପ ନେଇଛନ୍ତି। ଏହି କାର୍ଯ୍ୟକ୍ରମରେ ବାଣିଜ୍ୟ ଓ ପରିବହନ ସଚିବ ଉଷା ପାଢ଼ୀ ସ୍ୱାଗତ ଭାଷଣ ଦେଇଥିଲେ। ଓଡ଼ିଆ କ୍ଷୁଦ୍ର ଚଳଚ୍ଚିତ୍ର 'ବିଶ୍ୱସ୍ତ ସାଥୀ'କୁ ପ୍ରଥମ ପୁରସ୍କାର ମିଳିଥିବା ବେଳେ ଆଇଏଫ୍ କେରଳକୁ ଦ୍ୱିତୀୟ ପୁରସ୍କାର ପ୍ରଦାନ କରାଯାଇଛି।

# ଶିଶୁକନ୍ୟାଙ୍କୁ ନାବାଳକଙ୍କ ବଳାତ୍କାର ଅଭିଯୋଗ

କାମାକ୍ଷାନଗର,୧୨।୧୨(ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଅଞ୍ଚଳରେ ଜଣେ ଶିଶୁକନ୍ୟା(୫)ଙ୍କୁ ସେହି ଅଞ୍ଚଳର ନାବାଳକ(୧୫) ବଳାତ୍କାର କରିଥିବା ଥାନାରେ ଅଭିଯୋଗ ହୋଇଛି। ଶିଶୁକନ୍ୟାଙ୍କ ବାପାଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୫୫୬/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ଶିଶୁକନ୍ୟା ଘରେ ଏକୁଟିଆ ଟିଭି ଦେଖୁଥିବାବେଳେ ନାବାଳକ ଜଣକ ଏହାର ସୁଯୋଗ ନେଇ ବଳାତ୍କାର କରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ଶିଶୁକନ୍ୟାଙ୍କୁ କାମାକ୍ଷାନଗର ମେଡିକାଲରେ ଡାକ୍ତରୀମାଇନା କରାଯିବା ସହ ଘଟଣାସ୍ଥଳରେ କାମାକ୍ଷାନଗର ଏସ୍‌ଡିପିଓ ପ୍ରଭାତ କୁମାର ତ୍ରିପାଠୀ, ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।



E-BOOK TODAY AT WWW.MARUTISUZUKI.COM OR VISIT YOUR NEAREST MARUTI SUZUKI DEALERSHIP.

SKY AUTOMOBILES
BERHAMPUR: 9778202019. BHANJANAGAR: 9778202019. PARALAKHEMUNDI: 9778202019. PHULBANI: 9778202019.

ODYSSEY MOTORS
SAMBALPUR (AINTHAPALI): 7381433909. BOLANGIR: 9438068327. BARGARH: 9556352943. NUAPADA: 7381017851. SONEPUR: 9438068327. JHARSUGUDA: 9439892153. BOUDH: 8594908009. PADAMPUR : 7381661837.

ORBIT MOTORS
ROURKELA: 9437041155, 9040404444. SUNDARGARH: 9437049161, 9437131074. DEOGARH: 9437061223, 7064400290.

APARNAA MOTORS
SAMBALPUR (PARDHIAPALI): 9237395001.

LEGEND CARS
JEYPORE: 7894406481, RAYGADA: 9692883042 BHAWANIPATNA: 7894442907.

*Offer includes consumer offer, exchange bonus, corporate offer and 2 ka 4 wheeler offer (wherever applicable), on selected models/ variants. Above mentioned savings amount is the value of maximum savings on selected models. Terms and conditions apply. ^Up to 100% on road funding is provided by select financiers only. Finance scheme details mentioned in the advertisement are at the sole discretion of the financier and terms and conditions as specified by the financier shall apply. Credit at the sole discretion of the Bank. Terms and conditions apply. Terms and conditions are subject to change without any prior notice. For more details, please contact your nearest ARENA dealership. Accessories and features shown in the pictures may not be a part of standard equipment and may vary according to the variant. Black glass shade on the vehicle is due to the lighting effect. Images used are for illustration purposes only. ##As certified by Test agency under Rule 115(G) of CMVR 1989. ^^Claim supported by independent research agency-JATO Dynamics Limited and is applicable in the petrol category. Car color may vary due to printing on paper. Offers vary across variants. Maruti Suzuki India Limited reserves the right to discontinue offers without notice. Above shown offers are valid for limited period on selected models and in select states only. Offer valid till 31st December 2023 or till stocks last, whichever is earlier.

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଢିଙ୍କି ପଡ଼େ ଦମ ଦମ**
**କୋଡ଼ିହଣା କାମ ବଡ଼ ବିଷମ**
**ଝାଳ ବୁହେ ଗମ ଗମ ।**

ଢିଙ୍କି କୁଟିବାଠାରୁ କୋଡ଼ିହଣା ପରିଶ୍ରମ ସବୁଠୁ ବଡ଼ କଷ୍ଟକର କାମ ହୋଇଥାଏ। ଏପରିସ୍ଥଳେ ଦେହରୁ ଝାଳ ବୋହିବାଟା ସ୍ୱାଭାବିକ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଢମ କହୁଥିଲା ନାନୀ**
**ବାର ବରଷରେ ଭାଇ ଆସିଛି**
**ଦି ପୁଞ୍ଜା କାକୁଡ଼ି ଘେନି ।**

ଗୋଟିଏ ପଟେ ସ୍ନେହ ମମତା ଅନ୍ୟପଟେ ମୂଲ୍ୟ ପରିମାଣ। ଭାଇର ଭଉଣୀ ପ୍ରତି ଆଣିଥିବା ସାମାନ୍ୟ ଉପହାର ଉପରେ ସାଇ ପଡ଼ିଶା ମହିଳାଙ୍କ ଟାହିଟାପରା ପ୍ରକାଶ ପାଇବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ




# ନାଗରିକତ୍ୱ ଆଇନ ଧାରା ୬ଏ'ର ବୈଧତାକୁ ଚ୍ୟାଲେଞ୍ଜ

## ରାୟ ସଂରକ୍ଷିତ ରଖିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୨।୧୨(ପି.ଟି.)



ଆସାମର ବେଆଇନ ପ୍ରବାସୀମାନଙ୍କୁ ଭାରତୀୟ ନାଗରିକତ୍ୱ ଦେବା ପାଇଁ ରହିଥିବା ନାଗରିକତ୍ୱ ଆଇନର ଧାରା ୬ଏ'ର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ ଦାଏର ପିଟିଶନଗୁଡ଼ିକ ଉପରେ ରାୟକୁ ସୁପ୍ରିମକୋର୍ଟ ମଙ୍ଗଳବାର ସଂରକ୍ଷିତ ରଖିଛନ୍ତି। ପ୍ରଧାନ ବିଚାରପତି ଡି.ଓ୍ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ ୪ ଦିନ ହେଲା ଆର୍ଟର୍ନି ଜେନେରାଲ ଆର୍. ଭେଙ୍କଟରମଣୀ, ସଲିସିଟର ଜେନେରାଲ ତୁଷାର ମେହେଟ୍ଟା, ବରିଷ୍ଠ ଆଇନଜୀବୀ ଶ୍ୟାମ ଦିବାନ, କପିଲ ସିବଲ ଓ ଅନ୍ୟମାନଙ୍କ ଯୁକ୍ତି ଶୁଣିଥିଲେ। ସାମ୍ବିଧାନିକ ପୀଠରେ ଅନ୍ୟମାନଙ୍କ ମଧ୍ୟରେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଏମ୍.ଏମ୍. ସୁନ୍ଦ୍ରେଶ, ଜେ.ପି.. ପର୍‌ଡିଓ୍ୱାଲା ଏବଂ ମନୋଜ ମିଶ୍ରା ରହିଛନ୍ତି। କେବଳ ଆସାମ ପାଇଁ ନାଗରିକତ୍ୱ ଆଇନର ଧାରା ୬ଏ'ରେ ସ୍ୱତନ୍ତ୍ର ବ୍ୟବସ୍ଥା ରହିଥିବାରୁ ଏହାର ସାମ୍ବିଧାନିକ ବୈଧତା ଉପରେ ପ୍ରଶ୍ନ ଉଠାଇ ସର୍ବୋଚ୍ଚ ଅଦାଲତରେ ୧୭ଟି ପିଟିଶନ ଦାଏର ହୋଇଥିଲା। ଉକ୍ତ ଧାରା ଅନୁଯାୟୀ ବାଂଲାଦେଶୀଙ୍କ ସମେତ ଯେଉଁମାନେ ୧୯୬୬ ଜାନୁୟାରୀ ୧ କିମ୍ବା ଏହା ପରେ ଏବଂ ୧୯୭୧ ମାର୍ଚ୍ଚ ପୂର୍ବରୁ ଆସାମକୁ ଆସି ଏଠାରେ ବସବାସ କରୁଥିବେ ଏବଂ ନାଗରିକତ୍ୱ ଗ୍ରହଣ ଲାଗି ଧାରା ୧୮ରେ ନିଜକୁ ପଞ୍ଜୀକୃତ କରିଥିବେ, ନାଗରିକତ୍ୱ ଆଇନର ୧୯୮୫ର ସଂଶୋଧନ ଅନୁଯାୟୀ ସେମାନଙ୍କୁ ଭାରତୀୟ ନାଗରିକତ୍ୱ ମିଳିବ।

# ସରିଲା ଚଢ଼ାଉ, ଫେରିଗଲେ ଆୟକର ଟିମ୍

- **କିଛି ବି ସୂଚନା ଦେବାକୁ ମନା କଲେ**
- **୨୮୫ କୋଟି ଏସ୍‌ବିଆଇ ବ୍ରାଞ୍ଚରେ ଡିପୋଜିଟ୍ ସୂଚନା**

ବଲାଙ୍ଗୀର, ୧୨।୧୨
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଓ ଟିଟିଲାଗଡ଼ରେ ଗତ ୭ଦିନ ଧରି ଚାଲିଥିବା ମାରାଥନ୍ ଆୟକର ଚଢ଼ାଉ ଅଭିଯାନ ମଙ୍ଗଳବାର ଶେଷ ହୋଇଛି। ଆୟକର ବିଭାଗ ଅଧିକାରୀ, ସିଆଇଏସ୍‌ଏଫ୍‌ର ସୁରକ୍ଷା କର୍ମୀ ବଲାଙ୍ଗୀର କ୍ଲବପଡା ମଦଭାଟି ଅଫିସ, ସୁଦପଡା ମଦଭାଟି ଓ ଟିଟିଲାଗଡ ମଦଭାଟି ଛାଡିଛନ୍ତି। ଆୟକର ଅଧିକାରୀମାନେ ଭୁବନେଶ୍ୱର ଫେରିଯାଇଥିବା ଜଣାପଡିଛି। ବଲାଙ୍ଗୀର କ୍ଲବ୍‌ପଡା ମଦଭାଟି ଅଫିସରୁ ବାହାରି ଜଣେ ଅଧିକାରୀ ନିଜ ପରିଚୟ ନଦେଇ ଆୟକର ଚଢାଉ ଅଭିଯାନ ସରିଲା ବୋଲି କହିଥିଲେ। ବିଭିନ୍ନ ମଦଭାଟିରେ ଥିବା ସମସ୍ତ ଆୟକର ଅଧିକାରୀ, ସୁରକ୍ଷା କର୍ମୀ ମଙ୍ଗଳବାର ଫେରିଯାଉଛୁ ବୋଲି କହିଥିଲେ। ଆୟକର ଚଢ଼ାଉ ବେଳେ ମଦଭାଟି ମ୍ୟାନେଜର ଓ ଏଠାକାର କର୍ମଚାରୀଙ୍କୁ ଯେଉଁ ପଚରାଉଚରା କରାଯାଇଥିଲା ସେଥିରେ ସେମାନେ ସହଯୋଗ କରିଥିଲେ। ଏତେ ଟଙ୍କା କେଉଁଠୁ ଆସିଛି ବୋଲି ପଚରାଯିବାରୁ ବାବୁ ଆଣି ରଖିଥିବା କହିଥିଲେ। ଏଭଳିକି ଟ୍ରେଜେରି ଖୋଲିବା ଓ କାଟିବା ବେଳେ ସହଯୋଗ କରିଥିବା ଅଧିକାରୀ ଜଣକ କହିଥିଲେ। ଯେଉଁ ବାବୁ ଏତେ ପରିମାଣର ଟଙ୍କା ଆଣି ମଦଭାଟିରେ ରଖିଥିଲେ ବୋଲି ତାଙ୍କ କର୍ମଚାରୀ ଓ ମ୍ୟାନେଜର କହୁଛନ୍ତି, ସେ କିଏ ବୋଲି ଗଣମାଧ୍ୟମ ପ୍ରତିନିଧିମାନେ ପ୍ରଶ୍ନ କରିବାରୁ ଅଧିକାରୀ ଜଣକ କିଛି କହି ନ ଥିଲେ। ତେବେ ବଲାଙ୍ଗୀର ମଦଭାଟିରୁ ଜବତ ୨୮୫ କୋଟି ଟଙ୍କା ବଲାଙ୍ଗୀର ଏସ୍‌ବିଆଇ ମୁଖ୍ୟଶାଖାରେ ଡିପୋଜିଟ ହୋଇଥିବା ସେ କହିଥିଲେ। ଉପରୋକ୍ତ ଯେଉଁ ସବୁ ସୂଚନା ଦେଇଥିଲେ ଗଣମାଧ୍ୟମରେ କହିଦିଅନ୍ତୁ ବୋଲି ଆୟକର ଅଧିକାରୀଙ୍କୁ ଗଣମାଧ୍ୟମ ପ୍ରତିନିଧିମାନେ ଅନୁରୋଧ କରିଥିଲେ ମଧ୍ୟ ସେ କିଛି କହି ନ ଥିଲେ। ବଲାଙ୍ଗୀର ସୁଦପଡା ମଦଭାଟି, କ୍ଲବ୍‌ପଡା ଅଫିସ ଓ ମଦଭାଟି ମ୍ୟାନେଜରଙ୍କ ଭଡାଘରୁ ଜବତ ହୋଇଥିବା ଟଙ୍କା ସମ୍ପର୍କରେ କୌଣସି ଆୟକର ଅଧିକାରୀ ନିର୍ଦ୍ଦିଷ୍ଟ ସୂଚନା ଦେଇ ନ ଥିବାରୁ କେତେ ଟଙ୍କା ବାହାରିଲା ତାହା ସ୍ପଷ୍ଟ ହୋଇନାହିଁ। ତେବେ ବଲାଙ୍ଗୀର ଏସ୍‌ବିଆଇ ମୁଖ୍ୟ ଶାଖାରେ ୨୮୫ କୋଟି ଜମା ହୋଇଥିବାରୁ ମଦଭାଟିରୁ ଆୟକର ବିଭାଗ ସମୁଦାୟ ୨୮୫ କୋଟି ଜବତ କରିଥିବା ଜଣାପଡିଛି। ମଦଭାଟି ଲକରରୁ ସୁନା କିମ୍ବା ଅନ୍ୟାନ୍ୟ ଅଳଙ୍କାର କିଛି ମିଳିଲା କି ନାହିଁ ସେନେଇ କିଛି ବି ତଥ୍ୟ ସ୍ପଷ୍ଟ ହୋଇନାହିଁ।

ବଲାଙ୍ଗୀର ଜିଲା ଟିଟିଲାଗଡ଼ଠାରେ ଆୟକର ବିଭାଗ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୧୧କୋଟି ଟଙ୍କା ଜବତ କରିଥିବା କୁହାଯାଇଥିଲା। ସୋମବାର ଆୟକର ବିଭାଗ ଅଧିକାରୀ ମଦ ବ୍ୟବସାୟୀ ସଞ୍ଜୟ ସାହୁଙ୍କ ସ୍ତ୍ରୀ ଆରତୀ ସାହୁଙ୍କୁ ଟିଟିଲାଗଡ ଆକ୍ସିସ ବ୍ୟାଙ୍କକୁ ନେଇଥିଲେ। ସେଠାରେ ତାଙ୍କ ଲକର ଆୟକର ଅଧିକାରୀଙ୍କ ଉପସ୍ଥିତିରେ ଖୋଲା ଯାଇଥିଲା। ସେଠାରୁ କିଛି ସୁନା ବିସ୍କୁଟ ଓ ଅଳଙ୍କାର ବାହାରିଥିବା କୁହାଯାଇଥିଲା। ଗତ ୭ ଦିନ ଧରି ବଲାଙ୍ଗୀର ଓ ଟିଟିଲାଗଡ଼ ସମେତ ଜିଲାର ବିଭିନ୍ନ ମଦଭାଟି ଓ ଅନ୍ୟ ସ୍ଥାନରେ ଚାଲିଥିବା ଚଢ଼ାଉ ଅଭିଯାନ ଶେଷ ହୋଇଥିବା କୁହାଯାଇଥିଲେ ମଧ୍ୟ ବାସ୍ତବରେ ଜବତ ଟଙ୍କାର ପରିସଂଖ୍ୟାନକୁ ନେଇ ସ୍ପଷ୍ଟ ତଥ୍ୟନାହିଁ। ବଲାଙ୍ଗୀରରୁ ଜବତ ୨୮୫ କୋଟି ଓ ଟିଟିଲାଗଡରୁ ଜବତ ୧୧ କୋଟି କାହାର ସେ ସମ୍ପର୍କରେ ଆୟକର ବିଭାଗର କୌଣସି ଅଧିକାରୀ ପାଟି ଖୋଲିନାହାନ୍ତି। ତେବେ ନିକଟରେ ସରିଥିବା ଛତିଶଗଡ଼ ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ଟଙ୍କା ଏଠାକୁ ଅଣାଯାଇଥିଲା ଓ କୌଣସି କାରଣରୁ ସେଠାକୁ ଯାଇପାରିନଥିବା ନେଇ ହେଉଥିବା ଚର୍ଚ୍ଚାକୁ ବି ଆୟକର ବିଭାଗର କୌଣସି ଅଧିକାରୀ ଖଣ୍ଡନ କରିନାହାନ୍ତି। ଫଳରେ ବଲାଙ୍ଗୀରରୁ ଜବତ ଟଙ୍କାର ପରିମାଣ କେତେ ଓ ଏ ଟଙ୍କା ସବୁ କାହାର ତାକୁ ନେଇ ବିଭ୍ରାନ୍ତି ଲାଗି ରହିଛି।

# ସିଦ୍ଧାନ୍ତ ଦାସ ହେଲେ କେନ୍ଦ୍ର ସିଇସି ଅଧ୍ୟକ୍ଷ

ଭୁବନେଶ୍ୱର,୧୨।୧୨(ଅନିଲ ଦାସ)


ସିଦ୍ଧାନ୍ତ ଦାସ

ଜଙ୍ଗଲ ଓ ପରିବେଶ ସଂକ୍ରାନ୍ତ ବିଷୟଗୁଡ଼ିକୁ ଦେଖିବା ପାଇଁ କେନ୍ଦ୍ର ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ଏକ ନୂତନ କେନ୍ଦ୍ରୀୟ କ୍ଷମତାସମ୍ପନ୍ନ କମିଟି(ସିଇସି) ଗଠନ କରାଯାଇଛି। କମିଟିର ପ୍ରଥମ ଅଧ୍ୟକ୍ଷ ଭାବେ ଅବସରପ୍ରାପ୍ତ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ସିଦ୍ଧାନ୍ତ ଦାସଙ୍କୁ ନିଯୁକ୍ତି ଦିଆଯାଇଛି। ସେ ଏବେ ଓଡ଼ିଶା ରିୟଲ ଇଷ୍ଟେଟ ରେଗୁଲେଟୋରି ଅଥରିଟି(ଓରେରା) ଅଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଉଛନ୍ତି। ଏଥିସହିତ କମିଟିରେ ୩ ଜଣ ସଦସ୍ୟ ଓ ଜଣେ ମେମ୍ବର ସେକ୍ରେଟାରି ରହିଛନ୍ତି। ଚନ୍ଦ୍ର ପ୍ରକାଶ ଗୋଏଲ, ସୁନୀଲ ନିମାଏ, ଜେ.ଆର. ଭଟ୍ଟ ସଦସ୍ୟ ଥିବାବେଳେ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଆସିଷ୍ଟାଣ୍ଟ ଇନ୍ସପେକ୍ଟର ଜେନେରାଲ ଅଫ୍ ଫରେଷ୍ଟ ଭାନୁମତି ଜି. ଙ୍କୁ ମେମ୍ବର ସେକ୍ରେଟାରି ଭାବେ ମନୋନୀତ କରାଯାଇଛି।

ନୂତନ ସିଇସି ଗଠନ ହେବା ପରେ ସୁପ୍ରିମକୋର୍ଟଙ୍କ ଅଧୀନରେ ଥିବା ଆଡ୍‌ହକ ସିଇସି ରଦ୍ଦ ହୋଇଯାଇଛି। ୨୦୦୨ରେ ସୁପ୍ରିମକୋର୍ଟଙ୍କ ଦ୍ୱାରା ସିଇସି ଗଠନ କରାଯାଇଥିଲା। ଏହି କମିଟି ପରିବେଶ ସୁରକ୍ଷା, ଜଙ୍ଗଲ ଓ ପ୍ରାଣୀ ସୁରକ୍ଷା ବିଷୟଗୁଡ଼ିକୁ ତଦାରଖ କରୁଥିଲା। କାର୍ଯ୍ୟଭାର ବଢୁଥିବାରୁ ଏକ ନୂତନ କମିଟି ଗଠନ କରିବାକୁ ସର୍ବୋଚ୍ଚ ଅଦାଲତ କେନ୍ଦ୍ର ସରକାରଙ୍କୁ ପରାମର୍ଶ ଦେଇଥିଲେ। ଏହି କ୍ରମରେ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ନୂତନ ସିଇସି ଗଠନ କରିଛି। ଉକ୍ତ କମିଟି ଜଙ୍ଗଲ, ପରିବେଶ, ଜୀବଜନ୍ତୁ ସୁରକ୍ଷା ଦିଗରେ କାର୍ଯ୍ୟ କରିବା ସହ ବିଭିନ୍ନ ପ୍ରକଳ୍ପକୁ ପରିବେଶ ମଞ୍ଜୁରୀ ଦେବାରେ ମଧ୍ୟ କେନ୍ଦ୍ର ସରକାରଙ୍କୁ ସହାୟକ ହେବ।



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ସ୍ୱାଧୀନତା ହରାଇବେ...

ଅତ୍ୟଧିକ କ୍ଷମତା ପ୍ରଦାନ ଯୋଗୁ ନିର୍ବାଚନ କମିଶନଙ୍କ ସ୍ୱାଧୀନତା ନ୍ୟୁନ ହୋଇଯିବ ବୋଲି ଦର୍ଶାଇ ବିରୋଧୀ ସଦସ୍ୟମାନେ କକ୍ଷତ୍ୟାଗ କରିଛନ୍ତି। କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘଓ୍ୱାଲ ରାଜ୍ୟ ସଭାରେ ଚିଫ୍ ଇଲେକ୍ସନ କମିଶନର ଆଣ୍ଡ୍ ଅଦର ଇଲେକ୍ସନ କମିଶନର୍ସ (ଆପଏଣ୍ଟମେଣ୍ଟ, କଣ୍ଡିସନ୍ସ ଅଫ୍ ଦି ସର୍ଭିସ୍ ଆଣ୍ଡ ଟର୍ମ ଅଫ୍ ଅଫିସ) ବିଲ୍, ୨୦୨୩ ବିଚାର ଓ ଗୃହୀତ କରାଇବା ପାଇଁ ଆଗତ କରିଛନ୍ତି। ବିଧେୟକକୁ ଉପସ୍ଥାପନ କରି ମେଘଓ୍ୱାଲ କହିଛନ୍ତି, ଗତ ମାର୍ଚ୍ଚରେ ସୁପ୍ରିମକୋର୍ଟ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍)ର ଶୁଣାଣି କରି ଦେଇଥିବା ରାୟକୁ ଦୃଷ୍ଟିରେ ରଖି ଏହି ପ୍ରସ୍ତାବିତ ଆଇନ ଅଣାଯାଉଛି। ୧୯୯୧ର ଆଇନରେ

> ନିରପେକ୍ଷ ନିର୍ବାଚନ କରାଇବା ନିମନ୍ତେ ନିର୍ବାଚନ କମିଶନଙ୍କ ପାଇଁ ୪ଟି ଶବ୍ଦ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ନିରପେକ୍ଷତା, ନିର୍ଭୀକତା, ସ୍ୱାୟତ୍ତତା ଓ ସୁଚିତା (ପବିତ୍ରତା)। ଏବେ ସରକାର ଆଣିଥିବା ଆଇନ ବୁଲ୍‌ଡୋଜର ଚଢ଼ାଇ ଏହି ୪ ଶବ୍ଦକୁ ଦଳିଦେବ। ଇସିଙ୍କ ସ୍ୱାଧୀନତା ନ ରହିଲେ ମୁକ୍ତ ଓ ଅବାଧ ନିର୍ବାଚନ କରାଯାଇପାରିବ ନାହିଁ।
> **- ରଣଦୀପ ସୂର୍ଯ୍ୟେଓ୍ୱାଲା, କଂଗ୍ରେସ ଏମ୍‌ପି**

ପରିବର୍ତ୍ତେ କରି ନୂଆ ଆଇନ ଆଣିବା ଲାଗି ଗତ ଅଗଷ୍ଟ ୧୦ରେ ଏହି ବିଲ୍ ଆଗତ କରାଯାଇଥିଲା। ତେବେ ଏହା ବିଚାରାଧୀନ ଥିବାରୁ ଗୃହୀତ ହୋଇ ନ ଥିଲା। ୧୯୯୧ର ଆଇନରେ ସିଇସି ଏବଂ ଇସିମାନଙ୍କ ନିଯୁକ୍ତି ସମ୍ପର୍କିତ କୌଣସି ନିୟମ ନ ଥିଲା। ତେଣୁ ବର୍ତ୍ତମାନ ପର୍ଯ୍ୟନ୍ତ ସିଇସି ଏବଂ ଇସିମାନଙ୍କ ନିଯୁକ୍ତି ଉପରେ ସରକାର ନିଷ୍ପତ୍ତି ନେଇଆସୁଥିଲେ। କିନ୍ତୁ ଏବେ ଏକ ଅନ୍ୱେଷଣ ଓ ଚୟନ କମିଟି ଗଠନ କରାଯାଇଛି। ସେହିପରି ସେମାନଙ୍କ ଦରମା ସମ୍ପର୍କରେ ମଧ୍ୟ ଉକ୍ତ ବିଲ୍‌ରେ ଏକ ସଂଶୋଧନ ଅଣାଯାଇଛି। କର୍ତ୍ତବ୍ୟରତ ସିଇସି ଏବଂ ଇସିମାନଙ୍କୁ ସେମାନଙ୍କ ବିରୋଧରେ ନିଆଯାଉଥିବା ଆଇନଗତ କାର୍ଯ୍ୟାନୁଷ୍ଠାନରୁ ସୁରକ୍ଷା ଦେବା ପାଇଁ ଏକ ନିୟମ ମଧ୍ୟ ଏହି ବିଧେୟକରେ ରଖାଯାଇଛି।

ଅନ୍ୟପକ୍ଷେ କଂଗ୍ରେସ ଏମ୍‌ପି ରଣଦୀପ ସୂର୍ଯ୍ୟେଓ୍ୱାଲା ଏନେଇ କହିଛନ୍ତି, ପ୍ରସ୍ତାବିତ ଆଇନ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୧୪କୁ ସମ୍ପୂର୍ଣ୍ଣ ଉଲ୍ଲଂଘନ କରୁଛି। ଏହାଦ୍ୱାରା ନିର୍ବାଚନ କମିଶନ କାର୍ଯ୍ୟପାଳିକା ଅଧୀନରେ ରହିବେ। ସେହିପରି ନିଯୁକ୍ତି କମିଟିରେ ପ୍ରଧାନମନ୍ତ୍ରୀ ଓ ତାଙ୍କ ଦ୍ୱାରା ମନୋନୀତ ସଦସ୍ୟମାନେ ରହୁଥିବାରୁ ଏହା ଏକ 'ଫମ୍ପା ଔପଚାରିକତା'ରେ ପରିଣତ ହୋଇଛି। ଇସିଙ୍କ ସ୍ୱାଧୀନତା ନ ରହିଲେ ମୁକ୍ତ ଓ ଅବାଧ ନିର୍ବାଚନ କରାଯାଇପାରିବ ନାହିଁ। ଏପରି ମନ୍ଦ ଉଦ୍ଦେଶ୍ୟ ରଖି କେନ୍ଦ୍ର ସରକାର ଏହି ବିଲ୍ ଆଗତ କରିଛନ୍ତି। ସୂର୍ଯ୍ୟେଓ୍ୱାଲା ଗତ ମାର୍ଚ୍ଚରେ ସୁପ୍ରିମକୋର୍ଟ ଦେଇଥିବା ରାୟର ଏକ ପାରା ପଢ଼ିବାକୁ ଯାଉଥିବାବେଳେ ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀପ ଧନକର ଏଥିରେ ବାଧା ଦେଇଥିଲେ। ଆମ୍ ଆଦ୍‌ମୀ ପାର୍ଟି (ଏଏପି) ସଦସ୍ୟ ରାଘବ ଚଢ଼ା ବିତର୍କରେ ଭାଗନେଇ କହିଥିଲେ, କିଛି ମାସ ଭିତରେ ସରକାର ଦ୍ୱିତୀୟ ଥର ପାଇଁ ସୁପ୍ରିମକୋର୍ଟଙ୍କ ରାୟକୁ ପଲଟାଇବାକୁ ଉଦ୍ୟମ କରିଛନ୍ତି। ଏହା ସର୍ବୋଚ୍ଚ ଅଦାଲତଙ୍କ ପ୍ରତି ଅପମାନ। ଏହି ବେଆଇନ ବିଧେୟକ ସମ୍ବିଧାନ ମୌଳିକ ଢାଞ୍ଚା ବିରୋଧୀ। ସରକାରଙ୍କ ସହ ସବୁ କଥାରେ ହଁ ଭରୁଥିବା ଲୋକେ ଏହାଦ୍ୱାରା ଥଇଥାନ ହେବେ। ସେମାନେ ଚାହିଁଲେ ଭାଜପାର ସମ୍ପିତ ପାତ୍ରଙ୍କୁ ମଧ୍ୟ ସିଇସି ନିଯୁକ୍ତ କରିପାରିବେ। ସେ ସିଇସି ହୋଇଗଲେ କେତେ ବିପଜ୍ଜନକ ହେବ ବୋଲି ଚଢ଼ା କହିଥିଲେ। ତୃଣମୂଳ କଂଗ୍ରେସ ସଦସ୍ୟ ଜହାର ସିରକାରଙ୍କ ମତରେ ସିଇସି ଏବଂ ଇସିମାନଙ୍କ ପାହ୍ୟାକୁ ଜାଣିଶୁଣି କ୍ୟାବିନେଟ୍ ସଚିବ ପଦଠୁ ତଳକୁ ଖସାଯାଉଛି। ସେମାନେ ଏପରି କରି ରିଗିଂକୁ ଆଇନଗତ ବୈଧତା ପ୍ରଦାନର ଉଦ୍ୟମ ଚଳାଇଛନ୍ତି। ଡିଏମ୍‌କେର ତିରୁଚି ଶିବା ମଧ୍ୟ ବିଲ୍‌କୁ ବିରୋଧକରି ଏହାକୁ ସିଲେକ୍ଟ କମିଟି ନିକଟକୁ ସମୀକ୍ଷା ପାଇଁ ପଠାଯାଉ ବୋଲି ଦାବି କରିଥିଲେ। ବିଜେଡି ସଦସ୍ୟ ଅମର ପଟ୍ଟନାୟକ ବିଲ୍ ସପକ୍ଷରେ କହିଥିଲେ, ନୂଆ ନିଯୁକ୍ତି ପ୍ରକ୍ରିୟା ଯୋଗୁ ଇସିଙ୍କ କାର୍ଯ୍ୟ ପ୍ରଭାବିତ ହେବ ନାହିଁ। ୧୯୮୯ ପରେ ଦେଶରେ କୌଣସି ଦଳ ପୂର୍ଣ୍ଣ ବହୁମତ ପାଇ ନ ଥିଲେ ମଧ୍ୟ କମିଶନମାନେ ମୁକ୍ତ ଓ ଅବାଧ ନିର୍ବାଚନ ପରିଚାଳନା କରିଆସୁଥିଲେ। ତେବେ ବର୍ତ୍ତମାନ ଅଣାଯାଇଥିବା ବିଲ୍‌ରେ କମିଶନରଙ୍କୁ ଅଯୋଗ୍ୟ ଘୋଷଣା କରିବା ସମ୍ପର୍କିତ ନିୟମ ଉପରେ ଅମର ସ୍ପଷ୍ଟୀକରଣ ଲୋଡ଼ିଥିଲେ। ଏହାର ଜବାବରେ ମେଘଓ୍ୱାଲ କହିଥିଲେ, ସୁପ୍ରିମକୋର୍ଟଙ୍କ ରାୟକୁ ଦୃଷ୍ଟିରେ ରଖି ଏହି ବିଧେୟକ ଅଣାଯାଇଛି।

### ଖୁଚୁରା ମୁଦ୍ରାସ୍ଫୀତି...

ହ୍ରାସ ପାଇଚାଲିଥିଲା। ସୂଚନାଯୋଗ୍ୟ, ଗତବର୍ଷ ନଭେମ୍ବରରେ ଖାଉଟି ମୁଦ୍ରାସ୍ଫୀତି ୫.୮୮% ରହିଥିଲା। ଗତ ଅକ୍ଟୋବରରେ ଖାଦ୍ୟସାମଗ୍ରୀ ମୂଲ୍ୟ ୬.୬୧ ପ୍ରତିଶତ ବଢ଼ିଥିବାବେଳେ ନଭେମ୍ବରରେ ଏହା ୮.୭ ପ୍ରତିଶତ ବଢ଼ିଥିବା ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍‌ଏସ୍‌ଓ) ତଥ୍ୟରୁ ଜଣାପଡ଼ିଛି। ମୁଦ୍ରାସ୍ଫୀତିକୁ ୪%ରେ ସୀମିତ ରଖିବାକୁ ରିଜର୍ଭ ବ୍ୟାଙ୍କକୁ ଦାୟିତ୍ୱ ଦିଆଯାଇଛି, ଯାହା ୨% କମ୍ କିମ୍ବା ବେଶି ହୋଇପାରେ। ଗତ ସପ୍ତାହରେ ଆର୍‌ବିଆଇ ଘୋଷଣା କରିଥିବା ମୁଦ୍ରାନୀତିରେ ଚଳିତ ଆର୍ଥିକ ବର୍ଷର ସିପିଆଇ ମୁଦ୍ରାସ୍ଫୀତି ୫.୪% ରହିବ ବୋଲି ଆକଳନ କରାଯାଇଥିଲା। ଅନ୍ୟପକ୍ଷରେ ଉତ୍ପାଦନ, ଶକ୍ତି ଓ ଖଣି ସେକ୍ଟର ଉତ୍ପାଦନରେ ଦୁଇଅଙ୍କ ବଢ଼ିଥିବାରୁ ଅକ୍ଟୋବରରେ ଦେଶର ଶିଳ୍ପ ଉତ୍ପାଦନ ଅଭିବୃଦ୍ଧି ୧୧.୭ ପ୍ରତିଶତ ହୋଇଛି, ଯାହାକି ଗତ ୧୬ ମାସ ମଧ୍ୟରେ ସର୍ବାଧିକ।

### ଫେବୃୟାରୀ ୧୫ରୁ...

ହୋଇପାରିବେ। ସେହିଭଳି ଜେଇଇ ମେନ୍ ଭଳି ବିଭିନ୍ନ କମ୍ପିଟେଟିଭ୍ ପରୀକ୍ଷାକୁ ଦୃଷ୍ଟିରେ ରଖି ଏହି ସୂଚୀ ପ୍ରସ୍ତୁତ କରାଯାଇଥିବା ବୋର୍ଡ ପକ୍ଷରୁ କୁହାଯାଇଛି। ସେହିଭଳି ପରୀକ୍ଷା ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶାବଳୀ ପରବର୍ତ୍ତୀ ସମୟରେ ଜାରି କରାଯିବ ବୋଲି ବୋର୍ଡ ପକ୍ଷରୁ ଉକ୍ତ ପରୀକ୍ଷା ସୂଚୀରେ ଉଲ୍ଲେଖ କରାଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ନୂତନ ଆନନ୍ଦ, ଉତ୍ସାହ ଓ ଉଦ୍ଦୀପନାର ସହ ଯାତ୍ରା, ବନ୍ଧୁମିଳନଜନିତ ଦିନଟି ଉପଭୋଗ୍ୟ ରହିବ। ପାରିବାରିକ ଓ କର୍ମ କ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତିରେ ଅନୁକୂଳତା ପ୍ରାପ୍ତ ହେବ। ଅର୍ଥ ଲାଭ, ଶାରୀରିକ ସୁସ୍ଥତା ଓ ବନ୍ଧୁଙ୍କ ସୁପରାମର୍ଶ ମନୋବଳ ବୃଦ୍ଧିରେ ସହାୟକ ହେବ। ଅଶ୍ୱିନୀ ନକ୍ଷତ୍ର ମନ ବୁଝିଲା ଭଳି କଥା କହି ପରିସ୍ଥିତି ସୁଧାରି ନେବେ।

**ବୃଷ**
ମାନସିକ ସ୍ୱାସ୍ଥ୍ୟହାନି ଓ ପିଲାଙ୍କ ବିବାହ ସମ୍ପର୍କିତ ଚିନ୍ତାରେ ବ୍ୟସ୍ତତା ପରିଲକ୍ଷିତ ହେବ। ବନ୍ଧୁଙ୍କ ସହ ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ଗଠନମୂଳକ କାର୍ଯ୍ୟରେ ଗତି ମନ୍ଥର ହେବ କିନ୍ତୁ ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ। ଆଗାମୀ ମାଙ୍ଗଳିକ କାମ ସକାଶେ ଘର ସାଜସଜ୍ଜାରେ ବ୍ୟସ୍ତ ରହିପାରନ୍ତି।

**ମିଥୁନ**
ଦୈହିକ ସ୍ୱାସ୍ଥ୍ୟରେ ଉନ୍ନତି ଓ ଆର୍ଥିକ ଅଭିବୃଦ୍ଧି ମାନସିକ ସ୍ଥିତିକୁ ମଜଭୁତ ରଖିବ। ଭାବୁଥିବେ ଗୋଟେ କଥା କଲା ବେଳକୁ ଆଉ ଗୋଟିଏ କାମ କରିବାକୁ ବାଧ୍ୟ ହେବେ। ମେଶିନାରି ଜିନିଷ ତଥା ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। ନିଜ ଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି।

**କର୍କଟ**
ଦ୍ୱନ୍ଦ୍ୱରେ ପଡ଼ି କ'ଣ କରିବେ କିମ୍ବା ନ କରିବା ଉଚିତ ହେବ ତାହା ଠିକ୍ କରିପାରିବେ ନାହିଁ। ତଥାପି ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ଗୁପ୍ତ ଶତ୍ରୁମାନଙ୍କର ସକ୍ରିୟତା ବୃଦ୍ଧି ପାଇପାରେ। ଏଣୁ ସାବଧାନତା ଆବଶ୍ୟକ। ଆଜିର ପ୍ରତ୍ୟୁଷ ଯାତ୍ରା ଓ ମାଙ୍ଗଳିକ କାମରୁ ଖୁସି ରହିବେ।

**ସିଂହ**
କର୍ମକ୍ଷେତ୍ରରେ ସମସ୍ୟା ଆସିଲେ ମଧ୍ୟ ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି କାର୍ଯ୍ୟ ସାଧନ କରିପାରନ୍ତି। ଆଲୋଚନା ପରିସରରେ ଉଚ୍ଚବର୍ଗଙ୍କ ଦ୍ୱାରା ସହଯୋଗ ପାଇବେ। ବହୁତ ଦିନରୁ ଖୋଜୁଥିବା ଜିନିଷ ହଠାତ୍ ପାଇଯିବେ ଫଳରେ ଆନନ୍ଦର ସୀମା ଲଙ୍ଘନ କରିବ। କାମ ସମ୍ପୂର୍ଣ୍ଣ କରିବା ଦିଗରେ ଆଜି ଦିନଟିର ଅଧିକାଂଶ ସମୟ ବିତିବ।

**କନ୍ୟା**
ପାରିବାରିକ ଜୀବନରେ ସ୍ନେହ, ଶ୍ରଦ୍ଧା ଓ ଆଦରର ଅଭାବ ଅନୁଭବ କରିବେ କିନ୍ତୁ କୌଣସି କାମ ଅଟକିବ ନାହିଁ। ଅପୂରଣୀୟ ଆଶା ପୂରଣ କ୍ଷେତ୍ରରେ ବନ୍ଧୁଙ୍କ ସହଯୋଗରୁ ଉତ୍ସାହିତ ହେବେ। କେତେକ କ୍ଷେତ୍ରରେ ଯେସାକୁ ତେସା ନୀତିରେ କାମ କରିପାରନ୍ତି। ଘର ଲୋକଙ୍କୁ ଉପେକ୍ଷା କରି ପରକଥାରେ ଭୁଲ ମାର୍ଗ ଅନୁସରଣ କରିପାରନ୍ତି।

**ତୁଳା**
ବିଭିନ୍ନ କାମରେ ସଫଳତା ହାସଲ ଯୋଗୁ ମାନସିକ ସ୍ଥିତି ଭଲ ରହିବ। କେତେକ କ୍ଷେତ୍ରରେ ବନ୍ଧୁଙ୍କ ସମ୍ମୁଖରେ ନିଜର ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯିବେ। ପାରିବାରିକ ଅଶାନ୍ତି ହେତୁକ ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ଶିଳ୍ପ, ବାଣିଜ୍ୟ ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗି ରହିବ।

**ବିଛା**
ବିଭିନ୍ନ ସମସ୍ୟା ଚିନ୍ତାକରି ମନ ଭାରାକ୍ରାନ୍ତ ରହିବ। କଥାରେ ବାକ୍‌ବିଳାସର ଶ୍ରୁତିରୋଚକତା ପରିବେଶକୁ ଆହ୍ଲାଦିତ କରିବ। ଅପରିହାର୍ଯ୍ୟ ଆବଶ୍ୟକତା ଉପଲକ୍ଷେ କରି ବନ୍ଧୁଙ୍କୁ ଅନୁନୟ ବିନୟ ପୂର୍ବକ ଧାରକରଜ କରି ଆବଶ୍ୟକତା ଚଳାଇ ନେବେ। କଳା, ସଙ୍ଗୀତ, ଚଳଚ୍ଚିତ୍ର କ୍ରୀଡ଼ା, ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ମିଳିପାରେ।

**ଧନୁ**
ଆଜି ପାରିବାରିକ, ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। କଠୋର କଥା କହିବାରୁ ପରିବାରରେ ଅଶାନ୍ତି ଦେଖାଦେଇପାରେ। ଅଫିସ୍ କାମରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ସଙ୍ଗଠନ, ନିର୍ମାଣ, ସଭାସମିତି ତଥା ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**ମକର**
ଆଜି ଘରର କେତେକ ଅତ୍ୟାବଶ୍ୟକ ଜିନିଷ ଆଣିବାକୁ ଭୁଲିଯାଇ ଚିନ୍ତିତ ରହିପାରନ୍ତି। କର୍ମକ୍ଷେତ୍ରରେ ସମସ୍ୟା ହଠାତ୍ ଦେଖା ଦେଇଥିବା କାରଣରୁ ମନ ବିଚଳିତ ଅବଶ୍ୟ ରହିବ। ଅଫିସ୍ କାମରେ ବିଭିନ୍ନ ସମସ୍ୟା ନିରାକରଣ ପାଇଁ ଚେଷ୍ଟିତ ହେବେ। ଯାତ୍ରା,ମାଙ୍ଗଳିକ କାମ ଓ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ।

**କୁମ୍ଭ**
ପ୍ରତ୍ୟେକ କାମ ସହଜ ଓ ସୁବିଧାରେ ସମ୍ପନ୍ନ ହେବାରେ ବନ୍ଧୁବର୍ଗଙ୍କ ସାହାଯ୍ୟ, ସହଯୋଗ ଅବଶ୍ୟ କରିବେ। କିନ୍ତୁ କୌଣସି ଆତ୍ମୀୟଙ୍କ ନକାରାତ୍ମକ ଚିନ୍ତାଧାରା ମନକୁ ସାମୟିକ ବ୍ରିତ କରିପାରେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହୋଇପାରେ।

**ମୀନ**
ସକାଳୁ ସକାଳୁ ଦୂରଯାତ୍ରା ସକାଶେ ପ୍ରସ୍ତୁତିପର୍ବ ଶେଷ କରିବାକୁ ବାଧ୍ୟ ହେବେ। କୌଣସି ବନ୍ଧୁଙ୍କର ଆସିବାର ବିଳମ୍ବତାକୁ ଲକ୍ଷ୍ୟକରି ବିଚଳିତବୋଧ କରିପାରନ୍ତି। ଏଣେ ଜମା ଭଲ ପଡୁ ନ ଥିବା ପାଖ ପଡ଼ୋଶୀଙ୍କ ଚିକିତ୍ପିଣୀ ମନକୁ ଦ୍ୱିଧାଗ୍ରସ୍ତ କରିପାରେ। ଅର୍ଥ ସମ୍ପର୍କକୁ ନେଇ ନିଜର ଲୋକ ମାନଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହୋଇପାରନ୍ତି।

ଆଜି ମାର୍ଗଶିର ଶୁକ୍ଳ ପ୍ରତିପଦା ବୁଧବାର, ଶ୍ରୀଜୀଉଙ୍କର ଶ୍ରାଦ୍ଧବେଶ,ଶ୍ରୀମନ୍ଦିରରେ ଶେଷ ଦେବ ଦୀପାବଳି, ନନ୍ଦ, ଯଶୋଦା, ଦେବକୀ, ବସୁଦେବ, ଇନ୍ଦ୍ରଦ୍ୟୁମ୍ନ ଓ ଗୁଣ୍ଡିଚାରାଣୀଙ୍କ ପ୍ରତି ପ୍ରଦୀପ ଉତ୍ସର୍ଗ, ଡିସେମ୍ବର ୧୩ ତାରିଖ, ରାଶି ନକ୍ଷତ୍ର-ଦିବା ଘ.୧୧.୦୪ମି. ଗତେ, ମୁଳା/ଧନୁ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬.୧୫ମି. ଗତେ ଘ.୦୮.୨୫ମି. ମଧ୍ୟେ, ଘ.୧୦.୩୫ମି. ଗତେ ଘ.୧୧.୪୦ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୧.୪୦ମି.ଗତେ ଘ.୦୧.୦୧ମି. ମଧ୍ୟେ ରାହୁକାଳ।

# ଏପ୍ରିଲ ଯାଏ ସ୍ପେଶାଲ ଟ୍ରେନ୍ ଚଳାଚଳ

ଭୁବନେଶ୍ୱର, ୧୨।୧୨
(ଅନୁରାଧା ମହାରଣା)

ପୁରୀ-ପାଟନା ଏବଂ ଭୁବନେଶ୍ୱର-ଧାନବାଦ ସ୍ପେଶାଲ ଟ୍ରେନ୍ ୨୦୨୪ ଏପ୍ରିଲ ଶେଷ ସପ୍ତାହ ପର୍ଯ୍ୟନ୍ତ ଚଳାଚଳ କରିବ। ଜନସାଧାରଣଙ୍କ ଯାତ୍ରା ସୁବିଧା ଓ ନିୟମିତ ଟ୍ରେନ୍‌ରେ ଅତିରିକ୍ତ ଯାତ୍ରୀ ଭିଡକୁ ଏଡ଼ାଇବା ପାଇଁ ପୂର୍ବତଟ ରେଳ ପରିସୀମା ମଧ୍ୟରୁ ଛାଡୁଥିବା ସ୍ପେଶାଲ ଟ୍ରେନଗୁଡିକର ସେବାକୁ ବୃଦ୍ଧି କରାଇବାକୁ ଏହି ନିଷ୍ପତ୍ତି ନିଆଯାଇଛି। ପ୍ରତ୍ୟେକ ଶନିବାର ପୁରୀଠାରୁ ଛାଡୁଥିବା ୦୮୪୩୯ ପୁରୀ-ପାଟନା ସାପ୍ତାହିକ ସ୍ପେଶାଲ ଟ୍ରେନ ୨୭ ଏପ୍ରିଲ ୨୦୨୪ ପର୍ଯ୍ୟନ୍ତ ଚଳାଚଳ କରିବ। ପ୍ରତି ରବିବାର ପାଟନାରୁ ଛାଡୁଥିବା ୦୮୪୪୦ ପାଟନା-ପୁରୀ ସାପ୍ତାହିକ ସ୍ପେଶାଲ ଟ୍ରେନ ୨୮ ଏପ୍ରିଲ ପର୍ଯ୍ୟନ୍ତ ଚଳାଚଳ କରିବ। ସେହିପରି ପ୍ରତିଦିନ ପୁରୀରୁ ଛାଡୁଥିବା ୦୨୮୩୨ ଭୁବନେଶ୍ୱର-ଧାନବାଦ ସ୍ପେଶାଲ ଟ୍ରେନ ୨୯ ଏପ୍ରିଲ ପର୍ଯ୍ୟନ୍ତ, ଧାନବାଦଠାରୁ ପ୍ରତିଦିନ ଛାଡୁଥିବା ୦୨୮୩୧ ଧାନବାଦ-ଭୁବନେଶ୍ୱର ସ୍ପେଶାଲ ଟ୍ରେନ ୩୦ ଏପ୍ରିଲ ପର୍ଯ୍ୟନ୍ତ, ପାଟନାରୁ ପ୍ରତି ଗୁରୁବାର ଛାଡୁଥିବା ୦୩୨୩୦ ପାଟନା-ପୁରୀ ସ୍ପେଶାଲ ଟ୍ରେନ ୨୫ ଜାନୁୟାରୀ ପର୍ଯ୍ୟନ୍ତ, ପୁରୀରୁ ପ୍ରତି ଶୁକ୍ରବାର ଛାଡୁଥିବା ୦୩୨୨୯ ପୁରୀ-ପାଟନା ସାପ୍ତାହିକ ସ୍ପେଶାଲ ଟ୍ରେନ ୨୬ ଜାନୁୟାରୀ ପର୍ଯ୍ୟନ୍ତ ଚଳାଚଳ କରିବ। ଏହି ସ୍ପେଶାଲ ଟ୍ରେନ ପାଇଁ ସମୟ ସାରଣୀ ଓ ରହଣି ଷ୍ଟେଶନ ପୂର୍ବ ଚଳାଚଳ ଅନୁଯାୟୀ ଅପରିବର୍ତ୍ତିତ ରହିବ।

# ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଲା କାର୍: ୨ ମୃତ, ୨ ଗୁରୁତର

ଭଦ୍ରକ,୧୨।୧୨(ସନାତନ ରାଉତ)


ଦୁର୍ଘଟଣାଗ୍ରସ୍ତ କାର୍

୧୬ ନଂ. ଜାତୀୟ ରାଜପଥର ଭଦ୍ରକ ରାଣୀତାଲଠାରେ ମଙ୍ଗଳବାର ଭୋର ସମୟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ କାର୍ ରାସ୍ତାପାର୍ଶ୍ୱ ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେବାରୁ ୨ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨ଜଣ ଗୁରୁତର ହୋଇଛନ୍ତି। ୨ ମୃତକ ହେଲେ କ୍ୟାପିଟାଲ ଥାନା ଭୁବନେଶ୍ୱର ୟୁନିଟ-୬ର ସତ୍ୟରଞ୍ଜନ ସାହୁ(୩୨) ଓ ମଞ୍ଚେଶ୍ୱର ଥାନା ଚକେଇସିଆଣିର ଅଶୋକ ମହାନ୍ତି(୪୫)। ସୂଚନା ଅନୁଯାୟୀ, ଭୁବନେଶ୍ୱରର ୪ଜଣ ଏକ କାର୍‌ରେ କୋଲକାତାରୁ ଆସୁଥିଲେ। ରାଣୀତାଲ ନିକଟରେ କାର୍‌ଟି ଭାରସାମ୍ୟ ହରାଇ ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇଥିଲା। ଗ୍ରାମାଞ୍ଚଳ ଥାନା ପୋଲିସ ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତର ଅବସ୍ଥାରେ ୪ଜଣଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲା। ସେଠାରେ ଡାକ୍ତର ସତ୍ୟରଞ୍ଜନ ଓ ଅଶୋକଙ୍କୁ ମୃତ ଘୋଷଣା କରିଥିଲେ। ୨ ଗୁରୁତର ଏୟାରଫିଲ୍ଡ ଥାନା ଅଞ୍ଚଳର ଶେଷଦେବ ରଥ(୫୮) ଓ ପରେଶ ଚନ୍ଦ୍ର ସାହୁ(୩୮)ଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ୨ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# 'ଜ୍ଞାନ ଓ ଦକ୍ଷତାର ସୁପର ହାଇୱେ ନିର୍ମାଣ କରିବାକୁ ହେବ'



ଭୁବନେଶ୍ୱର, ୧୨।୧୨
(ସୁନୀତ୍ ମିଶ୍ର)

ଆମେ ଏପରି ଏକ ଦୁନିଆରେ ରହୁଛୁ ଯେଉଁଠି କେବଳ ଡିଗ୍ରୀ ରହିବା ଯଥେଷ୍ଟ ନୁହେଁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଆମକୁ ଭାରତରେ ଜ୍ଞାନ ଓ ଦକ୍ଷତାର ଏକ ସୁପର ହାଇୱେ ନିର୍ମାଣ କରିବାକୁ ହେବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ମଙ୍ଗଳବାର ନୂଆଦିଲ୍ଲୀଠାରେ କେନ୍ଦ୍ରମନ୍ତ୍ରୀଙ୍କ ଉପସ୍ଥିତିରେ ଆର୍ଥିକ ସେବା କ୍ଷେତ୍ରରେ ନିଯୁକ୍ତି ସୁଯୋଗ ଦେବା ପାଇଁ ସ୍ନାତକ ଯୁବପିଢ଼ିଙ୍କୁ ପ୍ରସ୍ତୁତ କରାଇବା ଦିଗରେ ଜାତୀୟ ଦକ୍ଷତା ବିକାଶ ନିଗମ(ଏନ୍ଏସ୍‌ଡିସି) ସହ ସର୍ବଭାରତୀୟ ବୈଷୟିକ ଶିକ୍ଷା ପରିଷଦ(ଏଆଇସିଟିଇ) ଏବଂ ବଜାଜ ଫାଇନାନ୍ସ କମ୍ପାନୀ ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ବ୍ୟାଙ୍କିଙ୍ଗ୍, ଫାଇନାନ୍ସ ଓ ବୀମା କ୍ଷେତ୍ରରେ ଏକ ସାର୍ଟିଫିକେଟ୍ କାର୍ଯ୍ୟକ୍ରମର ଶୁଭାରମ୍ଭ ମଧ୍ୟ କରିଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ବର୍ତ୍ତମାନର ଏମ୍‌ଓୟୁ ଶିକ୍ଷାନୁଷ୍ଠାନ-ଶିଳ୍ପାନୁଷ୍ଠାନ ମଧ୍ୟରେ ସମ୍ପର୍କକୁ ସୁଦୃଢ଼ କରିବ। ଯୁବବର୍ଗଙ୍କୁ ସଶକ୍ତ କରିବ। ବିଶ୍ୱସ୍ତରୀୟ ଦକ୍ଷତା ଦେଇ ଭବିଷ୍ୟତ ପାଇଁ ଯୁବତୀଯୁବକଙ୍କୁ ପ୍ରସ୍ତୁତ କରାଇବା ସହ ଆର୍ଥିକ କ୍ଷେତ୍ରରେ ବ୍ୟାପକ ଦକ୍ଷତା ସୃଷ୍ଟିକରିବ। ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତ ପାଇଁ ଥିବା ଦୂରଦୃଷ୍ଟି ଉପରେ ଧର୍ମେନ୍ଦ୍ର ଆଲୋକପାତ କରିଥିଲେ। ସେ କହିଛନ୍ତି, ଲୋକଙ୍କ ଦକ୍ଷତା ବଢ଼ାଇବା ପାଇଁ ପ୍ରଧାନମନ୍ତ୍ରୀ କହିଛନ୍ତି। ଲୋକଙ୍କୁ ସ୍କିଲିଂ, ରି-ସ୍କିଲିଂ ଏବଂ ଅପ୍ ସ୍କିଲିଂ ସହ ଯୋଡ଼ିଲେ ହିଁ ଦେଶ ଆଗକୁ ବଢ଼ିବ। ବର୍ତ୍ତମାନ ଡିପିଆଇ ବା ଡିଜିଟାଲ ପବ୍ଲିକ ଇନ୍‌ଫ୍ରାଷ୍ଟ୍ରକ୍ଚର କାରଣରୁ ଦେଶ ଆଗକୁ ବଢୁଛି। ଭାରତର ଆର୍ଥିକ କ୍ଷେତ୍ର ମଜଭୁତ ହେଉଛି। ଏକ ବିକଶିତ ଭାରତ ପାଇଁ ଯୁବବର୍ଗଙ୍କ ସୃଜନଶୀଳ ଚିନ୍ତାଧାରା ସହ ବିକଶିତ ଭାରତ ଗଠନରେ ଦକ୍ଷତା ବିକାଶ ଓ ଆର୍ଥିକ କ୍ଷେତ୍ରର ଯୋଗଦାନକୁ ଏକାଠି କରିବା ପାଇଁ ହେବ। ବିଶ୍ୱସ୍ତରୀୟ ଦକ୍ଷତା ସହ ଭବିଷ୍ୟତ ପାଇଁ ପ୍ରସ୍ତୁତ ଦେଶର ଯୁବବର୍ଗ ବିକଶିତ ଭାରତ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ବୋଲି ଧର୍ମେନ୍ଦ୍ର କହିଛନ୍ତି।

## ଆଜି ସରିବ ଯୁକ୍ତ୨ ଫର୍ମପୂରଣ

ଭୁବନେଶ୍ୱର, ୧୨।୧୨, (ଅସମାପିକା ସାହୁ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ୨୦୨୪ ଯୁକ୍ତ୨ ବିଜ୍ଞାନ, ବାଣିଜ୍ୟ, କଳା ଓ ଧନ୍ଦାମୂଳକ ଶିକ୍ଷା ପରୀକ୍ଷା ନିମନ୍ତେ ବୁଧବାର ଫର୍ମପୂରଣ ଶେଷ ହେବ। ଯେଉଁ ଛାତ୍ରୀଛାତ୍ର ଆବେଦନ କରିନାହାନ୍ତି ସେମାନେ ରାତି ୧୧ଟା ୪୫ ମଧ୍ୟରେ ଆବେଦନ କରିପାରିବେ। ଏହାପରେ ଆଉ ଆବେଦନ ପାଇଁ ଆଉ ସୁଯୋଗ ମିଳିବ ନାହିଁ। ପୂର୍ବରୁ ଏହି ତୃତୀୟ ପର୍ଯ୍ୟାୟ ଆବେଦନ ତାରିଖ ଡିସେମ୍ବର ୬ ଓ ୭ ରହିଥିଲା। କିନ୍ତୁ ସିଏଚ୍‌ଏସ୍‌ଇ ଏହି ଅବଧିକୁ ବୃଦ୍ଧି କରି ୧୩ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଥିଲା।

## ଶିମିଳିପାଳରେ ସର୍ବନିମ୍ନ ତାପମାତ୍ରା ୩ ଡିଗ୍ରୀ

ବାରିପଦା,୧୨।୧୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ସାରା ଓଡ଼ିଶାରେ ଶୀତର ପ୍ରକୋପ ବୃଦ୍ଧି ପାଇଛି। ମୟୂରଭଞ୍ଜ ଜିଲାରେ ପ୍ରବଳ ଥଣ୍ଡା ଅନୁଭୂତ ହେଉଛି। ଜିଲାରେ ତାପମାତ୍ରା ୧୦ ଡିଗ୍ରୀ ତଳେ ରହୁଛି। ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ବନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଭାବେ କେବଳ ଶିମିଳିପାଳ ଅଭୟାରଣ୍ୟର ତାପମାତ୍ରା ମାପ କରାଯାଉଛି। ଏହି କ୍ରମରେ ଉପର ବାରହାକାମୁଡ଼ା ରେଞ୍ଜ୍‌ରେ ତାପମାତ୍ରା ଖସି ୩ ଡିଗ୍ରୀ ସେଲ୍‌ସିୟସ ହୋଇଛି। ଏହି ସୂଚନା ଦେଇଛନ୍ତି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉତ୍ତର ଡିଭିଜନର ଉପ ନିର୍ଦ୍ଦେଶକ ସାଇ କିରଣ। ମଙ୍ଗଳବାର ସକାଳ ୬ଟାରେ ଶିମିଳିପାଳ ଅଭୟାରଣ୍ୟର ଚହଲା ଅଞ୍ଚଳରେ ୪ ଡିଗ୍ରୀ, ଗୁରୁଗୁଡିଆରେ ୮ ଡିଗ୍ରୀ, ବରେହିପାଣିରେ ୧୦ଡିଗ୍ରୀ, ରାମତୀର୍ଥରେ ୧୧ ଓ କିଆଝରୀରେ ୧୨ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ସେ ପ୍ରକାଶ କରିଛନ୍ତି। ପ୍ରତିଦିନ ଶିମିଳିପାଳ ଅଭୟାରଣ୍ୟରେ ତାପମାତ୍ରା ହ୍ରାସ ପାଉଥିବା ବେଳେ ଆଖପାଖ ସଂଲଗ୍ନ ଅଞ୍ଚଳରେ ଏହାର ପ୍ରଭାବ ଦେଖିବାକୁ ମିଳିଛି। ପାହାଡ଼ତଳି ଅଞ୍ଚଳର ଲୋକେ ଶୀତ କଷ୍ଟରୁ ରକ୍ଷା ପାଇବା ପାଇଁ ନଡ଼ା ଓ ଉଷ୍ମ ପଦାର୍ଥ ବ୍ୟବହାର କରୁଛନ୍ତି। ତେବେ ଶିମିଳିପାଳ କୋର୍ ଏରିଆରେ ପାଣିପାଗ ବିଭାଗ ପକ୍ଷରୁ ତାପମାତ୍ରା ମାପିବାର କୌଣସି ବ୍ୟବସ୍ଥା ନାହିଁ। ବନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଭାବେ ଯନ୍ତ୍ର ସାହାଯ୍ୟରେ ତାପମାତ୍ରା ରେକର୍ଡ କରାଯାଉଥିବା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ. ପ୍ରକାଶ ଚାନ୍ଦ ଗୋଗିନେନି କହିଛନ୍ତି।

# ୧୪ ମାସ ପରେ ଜେଲରୁ ବାହାରିଲେ ଅର୍ଚ୍ଚନା

**କହିଲେ, ଜେଲ ଯିବା ସୁବର୍ଣ୍ଣ ସୁଯୋଗ ଥିଲା**

**ଲ' ପରୀକ୍ଷା ଦେଲେ**

ଭୁବନେଶ୍ୱର,୧୨।୧୨ (ସତ୍ୟଜିତ୍ ରାଉତ)

ବହୁଚର୍ଚ୍ଚିତ ହନିଟ୍ରାପ୍ ଓ ବେଆଇନ ଅର୍ଥ କାରବାର ମାମଲାରେ ଗିରଫ ହୋଇଥିବା ଅର୍ଚ୍ଚନା ନାଗ ଦୀର୍ଘ ୧୪ ମାସ ପରେ ମଙ୍ଗଳବାର ସକାଳେ ଝାରପଡ଼ା ଜେଲରୁ ବାହାରିଛନ୍ତି। ପୂର୍ବରୁ ୨ଟି ମାମଲାରେ ତାଙ୍କୁ ଜାମିନ ମିଳିଥିବାବେଳେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ହୋଇଥିବା ବେଆଇନ ଅର୍ଥ କାରବାର ମାମଲାରେ ଗତ ଡିସେମ୍ବର ୪ରେ ଅର୍ଚ୍ଚନାଙ୍କୁ ହାଇକୋର୍ଟ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଥିଲେ। ତେବେ ଅର୍ଚ୍ଚନାଙ୍କୁ ଜେଲରୁ ନେବା ପାଇଁ ତାଙ୍କ ସ୍ୱାମୀ ଜଗବନ୍ଧୁ ଯାଇଥିଲେ। ଜେଲରୁ ବାହାରିବା ପରେ ଗଣମାଧ୍ୟମର ପ୍ରଶ୍ନରେ ଅର୍ଚ୍ଚନା କହିଥିଲେ, ନ୍ୟାୟ ପାଇଁ କୋର୍ଟଙ୍କ ଦ୍ୱାରସ୍ଥ ହେବି। ସବୁ ତଥ୍ୟ ପ୍ରମାଣ କୋର୍ଟଙ୍କ ନିକଟରେ ଦାଖଲ କରିବି। ଏହାପରେ ଅର୍ଚ୍ଚନା ଘରକୁ ଯାଇ ପରିବାର ଲୋକଙ୍କୁ ଭେଟିବା ପରେ ଆଇନ ପରୀକ୍ଷା ଦେବାକୁ କ୍ୟାପିଟାଲ ଲ' କଲେଜ ଯାଇଥିଲେ। ପରୀକ୍ଷା ଦେଇ ଫେରିବା ସମୟରେ ଅର୍ଚ୍ଚନା କହିଥିଲେ, ଜେଲ ଯିବା ତାଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ ଥିଲା। ସେଠାରେ ସେ ରହିବା ଯୋଗୁ ପାଠର ଅଭିଜ୍ଞତା ଆସିଲା। ଯେଉଁମାନେ ତାଙ୍କ ପାଇଁ କଣ୍ଟା ବିଛାଇଥିଲେ, ତାହା ଫୁଲରେ ପରିଣତ ହୋଇଛି। ଆଇନ ଉପରେ ଭରସା ଅଛି। ମୋତେ ନ୍ୟାୟ ମିଳିବ। ଦିନେ ସମସ୍ତଙ୍କ ମୁଖା ଖୋଲିବ ବୋଲି ଅର୍ଚ୍ଚନା କହିଛନ୍ତି।

ସୂଚନାଯୋଗ୍ୟ, ପ୍ରଯୋଜକ ଅକ୍ଷୟ ପରିଜାଙ୍କୁ ବ୍ଲାକ୍‌ମେଲ୍ ମାମଲାରେ ଗତବର୍ଷ ସେପ୍ଟେମ୍ବର ୩୦ରେ ନୟାପଲ୍ଲୀ ଥାନା ପୋଲିସ ଏକ ମାମଲା ରୁଜୁ କରି ଅର୍ଚ୍ଚନା ଓ ଶ୍ରଦ୍ଧାଞ୍ଜଳି ବେହେରାଙ୍କୁ ଅଭିଯୁକ୍ତ ଦର୍ଶାଇଥିଲା। ସେପଟେ ଅର୍ଚ୍ଚନା, ଜଗବନ୍ଧୁ ଓ ଖଗେଶ୍ୱର ନିଶା ଦେଇ ନଗ୍ନ ଭିଡିଓ କରିବା ପରେ ବ୍ଲାକ୍‌ମେଲ୍ କରି ବଡ଼ବଡ଼ିଆଙ୍କୁ ହନିଟ୍ରାପରେ ଫସାଇବାକୁ ବାଧ୍ୟ କରୁଥିଲେ ବୋଲି ଶ୍ରଦ୍ଧାଞ୍ଜଳି ଖଣ୍ଡଗିରି ଥାନାରେ ଅକ୍ଟୋବର ୨ରେ ଅଭିଯୋଗ କରିଥିଲେ। ଅକ୍ଟୋବର ୬ରେ ପୋଲିସ ଅର୍ଚ୍ଚନା ଓ ପରେ ସ୍ୱାମୀ ଜଗବନ୍ଧୁଙ୍କୁ ଗିରଫ କରିଥିଲା। ସେହିପରି ବେଆଇନ ଅର୍ଥ କାରବାର ଅଭିଯୋଗରେ ଇଡି ନଭେମ୍ବର ୧୧ରେ ଖଗେଶ୍ୱରଙ୍କୁ ଗିରଫ କରିବା ସହ ଜେଲରେ ଥିବା ଅର୍ଚ୍ଚନାଙ୍କୁ ଡିସେମ୍ବର ୧୩ ଓ ଜଗବନ୍ଧୁଙ୍କୁ ଡିସେମ୍ବର ୨୩ରେ ରିମାଣ୍ଡରେ ଆଣି ଗିରଫ ଦର୍ଶାଇଥିଲା।


ଜେଲରୁ ବାହାରୁଛନ୍ତି ଅର୍ଚ୍ଚନା ନାଗ ଏବଂ ସାଙ୍ଗରେ ଅଛନ୍ତି ସ୍ୱାମୀ ଜଗବନ୍ଧୁ ।



ଧର୍ମ ରହିଥାଏ ନିଜକୁ ସଂକୁଚିତ କରି ତା'ର ବାହ୍ୟ ଆଙ୍ଗିକଗୁଡ଼ିକ ଉପରେ– ତା'ର ନିର୍ଦ୍ଦିଷ୍ଟ ସଂସ୍କୃତି ଭିତରେ ଓ କେତେକ ଭାବାଦର୍ଶ ଭିତରେ। କିନ୍ତୁ ଧର୍ମର ମହାନତା ଘଟେ ସେତିକି ବେଳେ, ଯେତେବେଳେ କେତେକ ଯଥାର୍ଥ ଅସାଧାରଣ ବ୍ୟକ୍ତି ସତକୁ ସତ ତାଙ୍କ ଜୀବନରେ କିଛି ଆଧ୍ୟାତ୍ମ ଉପଲବ୍ଧି ଅର୍ଜନ କରିଥାନ୍ତି। –ଶ୍ରୀମା



# ଏସି ଟ୍ରକ୍

ସଡ଼କ ପରିବହନ କ୍ଷେତ୍ରରେ ଟ୍ରକ୍‌ର ବଡ଼ ଭୂମିକା ଅଛି। ଏ ଦୃଷ୍ଟିରୁ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ଚାଳକଙ୍କ ଭଲ ପାଇଁ ଏକ ଗେଜେଟ ବିଜ୍ଞପ୍ତି ଜାରି କରିଛି। ଏଥିରେ କୁହାଯାଇଛି ଯେ, ୨୦୨୫ ଅକ୍ଟୋବର ୧ ଏବଂ ଏହାପରେ ଯେଉଁସବୁ ଟ୍ରକ୍ ନିର୍ମାଣ କରାଯିବ ସେଥିରେ ଡ୍ରାଇଭରଙ୍କ ପାଇଁ ଉଦ୍ଦିଷ୍ଟ କ୍ୟାବିନ୍‌କୁ ବାତାନୁକୂଳିତ (ଏସି) କରାଯିବା ବାଧ୍ୟତାମୂଳକ। ଏହି ଚିଠା ବିଜ୍ଞପ୍ତି ସମ୍ପର୍କରେ ଚଳିତବର୍ଷ ଜୁଲାଇରେ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ସୂଚନା ଦେବାର ୪ ମାସ ପରେ ପରେ ଏହା ଜାରି କରାଯାଇଛି। ସଡ଼କ ପରିବହନରେ ଟ୍ରକ୍ ଡାଇଭରମାନଙ୍କ କାର୍ଯ୍ୟ ଓ ମାନସିକ ସ୍ତରରେ ଥିବା ସମସ୍ୟାର ସମାଧାନ ହେବା ଦରକାର ବୋଲି ଗଡ଼କରୀ ଯୁକ୍ତି ବାଢ଼ିଥିଲେ। ଗଡ଼କରୀଙ୍କ ଏହି ନିଷ୍ପତ୍ତି କେତେ ସଫଳ ହେବ ତାହା ଏସି କ୍ୟାବିନ୍ ଥିବା ଟ୍ରକ୍ ରାସ୍ତାରେ ଗଡ଼ିଲେ ଜଣାପଡ଼ିବ। କିନ୍ତୁ ଏବେ ସେମାନେ ଯେଉଁ ମୌଳିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତାହାର ବାସ୍ତବତାକୁ ଅନୁଭବ କରାଯିବା ଦରକାର। ସଡ଼କରେ ଦୀର୍ଘପଥ ଅତିକ୍ରମ କରୁଥିବା ଟ୍ରକ୍ ଚାଳକଙ୍କ ବିଶ୍ରାମ ପାଇଁ ଏଯାବତ୍ କୌଣସି ଉନ୍ନତ ଆଶ୍ରୟସ୍ଥଳ କାହା ଆଖିରେ ପଡ଼ି ନ ଥିବ। ନୂତନ ଭାବେ ଅନେକ କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ରାଜପଥ (ନ୍ୟାଶନାଲ ହାଇୱେ)ରେ କ୍ୱଚିତ ଶୌଚାଳୟ ବ୍ୟବସ୍ଥା, ଗାଡ଼ି ଖରାପ ହେଲେ ଅଟକିବାର ଲେ–ବାଇ ସ୍ଥାନ ଓ ଚାଳକଙ୍କ ବିଶ୍ରାମ ଗୃହ ବୋଲି କୌଣସି ବ୍ୟବସ୍ଥା ମଧ୍ୟ ଦେଖିବାକୁ ମିଳେ ନାହିଁ। କେବଳ ବିକଶିତ ଦେଶ ନୁହେଁ, ଅନ୍ତର୍ଜାତୀୟ ସ୍ତରରେ ଛୋଟ ବଡ଼ ସବୁ ଦେଶରେ ଏହି ମୌଳିକ ସୁବିଧା ଚାଳକମାନଙ୍କୁ ମିଳିଥାଏ। ଭାରତରେ ଅନେକ ଜିଲାରେ ରାସ୍ତାକଡ଼ର ଢାବା ଏବଂ ଖାଦ୍ୟ ମିଳିବାର ସୁବିଧାକୁ ପୋଲିସ ଜୁଲମ୍ କରି ବନ୍ଦ କରିଦେଉଥିବାରୁ ଜାତୀୟ ରାଜପଥଗୁଡ଼ିକରେ ଖାଇବାକୁ ମିଳେ ନାହିଁ।

ଏହା ବ୍ୟତୀତ ଟ୍ରକ୍ ପାର୍କିଂ ସ୍ଥାନ କଥା ନ କହିଲେ ଭଲ। ଯେଉଁଠି ରହଣି ଲାଗି ସ୍ଥାନ ନିର୍ଦ୍ଧାରିତ ହୁଏ ତାହା ପ୍ରାୟତଃ କିଛିଦିନ ପରେ ଜବରଦଖଲକୁ ଚାଲିଯାଏ। ଫଳରେ ବିଳମ୍ବିତ ରାତିରେ ରାସ୍ତା କଡ଼ରେ ଟ୍ରକ୍‌ଗୁଡ଼ିକ ଧାଡ଼ି ହୋଇ ଠିଆ ହେବା ଦୃଶ୍ୟ ଦେଖିବାକୁ ମିଳେ। ଏତିକିରେ ସେମାନଙ୍କ ଦୁର୍ଦ୍ଦଶା ସରେ ନାହିଁ, ବରଂ ସ୍ଥାନୀୟ ପୋଲିସ ଜୁଲମ୍‌ର ଶିକାର ହେବା ବହୁ ସମୟରେ ସୋସିଆଲ ମିଡିଆରୁ ସାମ୍ନାକୁ ଆସେ। ଭାରତରେ ଏବେ ୬୦–୭୦ ଲକ୍ଷ କମର୍ସିଆଲ ଟ୍ରକ୍ ଅଛି ଓ ପ୍ରତିବର୍ଷ ବିଭିନ୍ନ ବର୍ଗର ପାଖାପାଖି ୯ ଲକ୍ଷ ନୂଆ ଟ୍ରକ୍ ଏଥିରେ ଯୋଡ଼ି ହେଉଛି। ଏଥିରୁ ପ୍ରତିଦିନ ୨୦–୩୦ ପ୍ରତିଶତ ଟ୍ରକ୍ ରାସ୍ତାରେ ଚାଲୁଥିବାବେଳେ ଅନ୍ୟଗୁଡ଼ିକ ଲୋଡିଂ, ଅନଲୋଡିଂ, ବ୍ରେକ୍‌ଡାଉନ କିମ୍ବା ଚାଳକ ଅଭାବରୁ ଅଟକି ରହିଥାନ୍ତି। ଟ୍ରକ୍ କ୍ଷେତ୍ରରେ ବିଶେଷକରି ଚାଳକମାନଙ୍କ ଦକ୍ଷତା ଓ ପ୍ରଶିକ୍ଷଣ ଗୁରୁତ୍ୱ ବହନ କରେ। କିନ୍ତୁ ଭାରତରେ ଏହାର ଅଭାବ ପରିଲକ୍ଷିତ ହୁଏ। ସଡ଼କ ପରିବହନ ସହ ଜଡ଼ିତ ଅନେକ ସଂଗଠନ ଦ୍ୱାରା କରାଯାଇଥିବା ସର୍ଭେରୁ ଜଣାପଡ଼ିଛି ଯେ, ଭାରତରେ ପ୍ରତି ୧୦୦ ଟ୍ରକ୍ ପାଇଁ ୮୦–୮୫ ଜଣ ଚାଳକ ଅଛନ୍ତି। ଏହି ଚାଳକଙ୍କ ମଧ୍ୟରୁ ଅଧିକାଂଶ ଦକ୍ଷ ନୁହନ୍ତି କିମ୍ବା ନିଜେ ଶିଖି ଗାଡ଼ିଚଳାଉଛନ୍ତି। ଏହାବାଦ୍ ଏବେ ପରିବହନ କ୍ଷେତ୍ରରେ କାର୍ବନ ନିର୍ଗମନ ହ୍ରାସ ଏକ ଚ୍ୟାଲେଞ୍ଜ ହୋଇଛି। ଏପରିସ୍ଥଳେ ଭାରତ ଆମଦାନୀ କରୁଥିବା ତୈଳର ଏକ ଚତୁର୍ଥାଂଶ କେବଳ ଟ୍ରକ୍‌ରେ ଇନ୍ଧନ ଭାବେ ବ୍ୟବହାର ହେଉଥିବାର ଜଣାପଡ଼ିଛି। ଫଳରେ ସଡ଼କ ପରିବହନ କ୍ଷେତ୍ରରେ ଅତ୍ୟଧିକ ଅଙ୍ଗାରକ ନିର୍ଗମନ ହେଉଛି। ଏହାକୁ ହ୍ରାସ କରିବାକୁ ହେଲେ ବିଦ୍ୟୁତ୍ କିମ୍ବା ଉଦ୍‌ଜାନ ଚାଳିତ ଟ୍ରକର ଭୂମିକା ଅଧିକ ରହିବ। କିନ୍ତୁ ଗତ ସେପ୍ଟେମ୍ବରରେ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ହରଦୀପ୍ ସିଂ ପୁରୀ ଇଣ୍ଡିଆ ଗେଟ ନିକଟରେ ଦେଶର ପ୍ରଥମ ସବୁଜ ଉଦ୍‌ଜାନ ଚାଳିତ ବସ୍‌ର ଶୁଭାରମ୍ଭ କରିବା ପରେ ଏଯାବତ୍ ଏଭଳି ଟ୍ରକ୍ ବିଷୟରେ କିଛି କୁହାଯାଇନାହିଁ। ସମାନ ଭାବେ ଗଡ଼କରୀ ଉଦ୍‌ଜାନ ଚାଳିତ କାର ଚଢ଼ି ପାର୍ଲାମେଣ୍ଟକୁ ଯିବା ପରେ ଟ୍ରକ ବିଷୟରେ ପଦୁଟିଏ କହିଥିବା କେହି ଶୁଣି ନ ଥିବେ। ଦେଖାଯାଉଛି ସବୁ ବିଷୟକୁ ଜାକଜମକରେ ଘୋଷଣା କରାଉଥିବାବେଳେ ତାହାର ଅଗ୍ରଗତି ପୂରା ଧିମା। ହେଲେ ଏବେ ବାତାନୁକୂଳିତ କ୍ୟାବିନ ଥିବା ଟ୍ରକ ବିଷୟ ଯାହା କୁହାଯାଉଛି ତାହା ଜୈବ ଇନ୍ଧନ କିମ୍ବା ବିଦ୍ୟୁତ ବା ଉଦ୍‌ଜାନ କି ଇଥାନଲରେ ଚାଲିବ ତାହା ସ୍ପଷ୍ଟ କରାଯାଇନାହିଁ। ଏସି କ୍ୟାବିନ ହୁଏତ ଚାଳକଙ୍କ ପାଇଁ ଭବିଷ୍ୟତରେ କିଛି ଆରାମ ଦେଇପାରେ କିନ୍ତୁ ସେମାନେ ସମ୍ମୁଖୀନ ହେଉଥିବା ମୌଳିକ ସମସ୍ୟାର ସମାଧାନ ନ ହେଲେ ପରିବହନରେ ସୁଧାର ଆସିବା ଅସମ୍ଭବ ହୋଇଯିବ।

କେନ୍ଦ୍ରମନ୍ତ୍ରୀଙ୍କର ଏସି ବାତାବରଣରେ ରହିବାର ଅଭ୍ୟାସ ଅଛି। ଟ୍ରକ୍ ଡ୍ରାଇଭରଙ୍କୁ ଏସି ବାତାବରଣରେ ଗାଡ଼ି ଚଳାଇବାର ସୁବିଧା ଯୋଗାଇଦେବା ପାଇଁ ଗଡ଼କରୀଙ୍କ ଚିନ୍ତାଧାରା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। ତେବେ ଦୀର୍ଘସମୟ ଗାଡ଼ି ଚଳାଉଥିବା ଭାରତୀୟ ଟ୍ରକ୍ ଚାଳକମାନେ ଏସି କ୍ୟାବିନ୍‌ରେ ଶୋଇପଡ଼ିବାର ଭୟ ମଧ୍ୟ ବୃଦ୍ଧି ପାଇପାରେ। ସୁବିଧା ଯୋଗାଇବା ସହିତ ସଡ଼କ ଦୁର୍ଘଟଣା ହ୍ରାସ କରିବା ସମ୍ପର୍କରେ କେନ୍ଦ୍ର ସରକାରଙ୍କର ଅଧିକ ଚିନ୍ତା ଓ ପଦକ୍ଷେପ ରହିଲେ ଜୀବନ ହାନି ହୁଅନ୍ତା ନାହିଁ।

## su|do|ku
Puzzles by Srikant Ghosh

## ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| 8 | | | | | 9 | | | |
| | | 5 | | | | 4 | 6 | |
| 6 | 1 | | | | 8 | | | |
| | 9 | 3 | | 4 | 2 | | | |
| | | | | | | | 1 | 7 |
| 2 | | | 7 | | | | | |
| 1 | | 7 | | 5 | | | 9 | 6 |
| | | | 2 | | | | | |
| 4 | | | | | | | 5 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 2 | 6 | 7 | 9 | 8 | 1 | 5 | 4 |
| 7 | 4 | 8 | 5 | 6 | 1 | 2 | 3 | 9 |
| 5 | 1 | 9 | 2 | 4 | 3 | 8 | 7 | 6 |
| 2 | 7 | 4 | 9 | 1 | 5 | 6 | 8 | 3 |
| 6 | 8 | 1 | 3 | 7 | 4 | 9 | 2 | 5 |
| 9 | 3 | 5 | 6 | 8 | 2 | 7 | 4 | 1 |
| 8 | 6 | 2 | 4 | 3 | 9 | 5 | 1 | 7 |
| 4 | 5 | 7 | 1 | 2 | 6 | 3 | 9 | 8 |
| 1 | 9 | 3 | 8 | 5 | 7 | 4 | 6 | 2 |

ଗତକାଲିର ଉତ୍ତର

# ଦାଦନ ବନ୍ଦ ହେବ କେବେ



ନଟବର ଖୁଣ୍ଟିଆ

ଗୋଟିଏ ରାଷ୍ଟ୍ର ହେଉ ଅବା ରାଜ୍ୟ ତା'ର ଅର୍ଥନୀତିକୁ ସୁଦୃଢ଼ କରିବାକୁ ବିଭିନ୍ନ କ୍ଷେତ୍ରରେ ଉତ୍ପାଦ ବୃଦ୍ଧିକରି ଆତ୍ମନିର୍ଭରଶୀଳ ହେବାକୁ ହେବ ଏବଂ ବଳକା ଉତ୍ପାଦକୁ ରପ୍ତାନି କରି ଆୟ ବୃଦ୍ଧି କରିବାକୁ ହେବ। ରପ୍ତାନି ମଧ୍ୟରେ ଯଦି ଆମେ ଆମର ମାନବ ସମ୍ବଳକୁ ଉପଯୋଗ ନ କରି ବିଦେଶକୁ ହେଉ ଅବା ଅନ୍ୟ ରାଜ୍ୟକୁ ରପ୍ତାନି କରିବା ତେବେ ବିଦେଶ ବା ଅନ୍ୟ ରାଜ୍ୟ ଆମ ମାନବ ସମ୍ବଳକୁ ଉପଯୋଗ କରି ଯେତେ ଉପକୃତ ହେବେ ଆମେ ସେତିକି ହେବା ନାହିଁ। ଆମ ମାନବ ସମ୍ବଳ ପାଉଥିବା ମଜୁରି ଅବା ବେତନର କିଛି ଭାଗ ଘରକୁ ପଠାନ୍ତି ; ଯାହା ନାମକୁ ମାତ୍ର, ସେମାନେ ଉତ୍ପାଦନ କରୁଥିବା ଉତ୍ପାଦର ମୁଖ୍ୟ ତୁଳନାରେ। ସୁତରାଂ ଏକ ରାଜ୍ୟ ଯଦି ବିକଶିତ ହେବ ତା'ର ମାନବ ସମ୍ବଳକୁ ନିୟୋଜିତ କରି ବିଭିନ୍ନ ଦ୍ରବ୍ୟ ଓ ସେବା ଉତ୍ପାଦନ କରି ନିଜର ଆଭ୍ୟନ୍ତରୀଣ ଆବଶ୍ୟକତା ମେଣ୍ଟାଇ ବଳକାକୁ ରପ୍ତାନି କରିବାକୁ ହେବ। ଏହାଦ୍ୱାରା ମଧ୍ୟ ବେକାରି ଦୂର ହେବ। ପ୍ରତ୍ୟେକ ପରିବାର ଆତ୍ମନିର୍ଭରଶୀଳ ହୋଇପାରିବ। ଦାରିଦ୍ର୍ୟ ହଟିବ।

ନିକଟରେ ଏକ ଖବର ପ୍ରକାଶ ପାଇଛି ଯେ, ଧାନକଟା ପରେ ପରେ କାମଧନ୍ଦା ନ ପାଇ ନୂଆପଡ଼ା ଜିଲାରୁ ବାହାର ରାଜ୍ୟକୁ ଦାଦନର ସୁଅ ଛୁଟିଲାଣି। କୁଆଡ଼େ ପ୍ରତିବର୍ଷ ଯେଉଁ ବାପ ମା' ଉଭୟେ ଦାଦନ ଖଟିବାକୁ ଯାଆନ୍ତି ଆଉ ତାଙ୍କ ଘରେ ଥିବା ୬ରୁ ୧୪ ବର୍ଷର ପାଠ ପଢୁଆ ପିଲା ଥାଆନ୍ତି। ଏହି ପିଲାମାନଙ୍କୁ ଦେଖାଶୁଣା କରିବାକୁ ଘରେ ଆଉ କେହି ନ ଥାନ୍ତି, ତେବେ ସେହି ପିଲାଙ୍କ ପାଠ ପଢ଼ିବା ପାଇଁ ସରକାର ରହିବା ଖାଇବା ଲାଗି ବ୍ୟବସ୍ଥା କରିଥାନ୍ତି ଛ'ମାସ ନିମନ୍ତେ। ଏବର୍ଷ ନୂଆପଡ଼ା ଜିଲାରେ ୬୨ ପାଠପଢ଼ା କେନ୍ଦ୍ରରୁ ମାତ୍ର ଦୁଇଟି ଖୋଲି ଥିବାରୁ ଦାଦନ ଖଟିବାକୁ ଯାଇଥିବା ବାପାମା' ୧୦ ହଜାର ପିଲାଙ୍କୁ ସାଙ୍ଗରେ ନେଇ ସେମାନଙ୍କର ପାଠ ପଢ଼ାରେ ଡୋରି ବାନ୍ଧି ରାଜ୍ୟ ବାହାରକୁ ଚାଲି ଗଲେଣି। ନୂଆପଡ଼ା ସମେତ ପଡ଼ୋଶୀ ବଲାଙ୍ଗୀର, କଳାହାଣ୍ଡି, ବରଗଡ଼, ସୁବର୍ଣ୍ଣପୁର ଜିଲାର ଅବସ୍ଥା ତଦ୍ରୂପ। ନୂଆପଡ଼ା ଜିଲାର ମୋଟ ୭ ଲକ୍ଷ ଲୋକଙ୍କ ମଧ୍ୟରୁ ୩୦ ପ୍ରତିଶତ ଅର୍ଥାତ୍ ପ୍ରାୟ ୨ଲକ୍ଷ ଲୋକ ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଚାଲି ଯାଆନ୍ତି। ତୁଳନାତ୍ମକ ଭାବେ ନୂଆପଡ଼ା ଜିଲା ଗୋଟିଏ ଛୋଟ ଜିଲାରୁ ଯଦି ୨ ଲକ୍ଷ ଯାଆନ୍ତି ତେବେ ସାରା ଓଡ଼ିଶାରୁ ଅନ୍ୟୂନ ୬୦ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଦାଦନ ଖଟିବାକୁ ଯାଆନ୍ତି। ସେମାନେ କିପରି ହଇରାଣ ହରକତ ହୁଅନ୍ତି ଏବଂ ନାମକୁ ମାତ୍ର ମଣିଷ ରୂପେ ପ୍ରବାସରେ ରହନ୍ତି ତାହା ସମସ୍ତଙ୍କୁ ଜଣା। ଏହି ଦାଦନ ଶ୍ରମିକ କୋଭିଡ୍ ମହାମାରୀ ସମୟରେ



କି ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ ତାହା ଜଣା।

ଏବେ ଦିନେ ଓଡ଼ିଶା ଇତିହାସ ପୃଷ୍ଠା ଲେଉଟାଇଲା ବେଳେ ୧୯୪୬ରୁ ୧୯୫୦ ମଧ୍ୟରେ ପ୍ରଥମ ସାଧାରଣ ନିର୍ବାଚନ ପୂର୍ବରୁ ଡ. ହରେକୃଷ୍ଣ ମହତାବଙ୍କ ନେତୃତ୍ୱରେ ମଧ୍ୟବର୍ତ୍ତିକାଳୀନ ସରକାର ଗଢ଼ା ହୋଇଥିବା ଜାଣିବାକୁ ମିଳିଲା। ସେହି ସରକାର ସାଧୀନୋତ୍ତର ଓଡ଼ିଶାର ବିକାଶ କିପରି ହୋଇ ଦାରିଦ୍ର୍ୟ ଓ ବେକାରି ହଟିବ ତା'ର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରି କାର୍ଯ୍ୟକାରୀ କରିଥିଲେ। କୃଷିର ବିକାଶ ପାଇଁ ହୀରାକୁଦ ନଦୀ ବନ୍ଧ ଯୋଜନା, କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର, କେନ୍ଦ୍ରୀୟ ମଧୁର ମାଛ ଗବେଷଣା କେନ୍ଦ୍ର ସ୍ଥାପନ କରାଯାଇଥିଲା। ଏହା ସହିତ ଶିଳ୍ପ ବିକାଶକୁ ତ୍ୱରାନ୍ୱିତ କରି ବେକାରଙ୍କୁ କାମ ଯୋଗାଇଦେବା ପାଇଁ ସ୍ଥାପନ ହୋଇଥିଲା ଓଡ଼ିଶା ଟେକ୍ସଟାଇଲ ମିଲ, କଳିଙ୍ଗ ଟ୍ୟୁବ୍ସ, ରାଜଗାଙ୍ଗପୁର, ବେଲପାହାଡ଼ରେ ରିଫ୍ରାକ୍ଟୋରିଜ, କଳିଙ୍ଗ ଆଇରନ ୱର୍କସ, ହୀରାକୁଦ ଆଲୁମିନିୟମ ପ୍ଲାଣ୍ଟ ଆଦି ଅନେକ ଛୋଟ ବଡ଼ ଶିଳ୍ପ। ଖଣିଜ ସମ୍ପଦର ସଦୁପଯୋଗରେ ଶିଳ୍ପ ବିସ୍ତାର ପାଇଁ ସ୍ଥାପନ ହେଲା ଓଡ଼ିଶା ମାଇନିଂ କର୍ପୋରେଶନ ଇତ୍ୟାଦି। ସେତେବେଳେ ଓଡ଼ିଶାରେ ଶିଳ୍ପ ନ ଥିବାରୁ ଓଡ଼ିଶା ଲୋକେ କାମ ଧନ୍ଦା ନ ପାଇ ଆସାମ ଚା ବଗିଚାରେ ଶ୍ରମିକ ଭାବେ, କୋଲକାତାର ଚଟକଳରେ ଶ୍ରମିକ ଭାବେ, କୋଲକାତାର ବଡ଼ବଜାରରେ ମୋଟିଆ ଭାବେ, ବଡ଼ବଡ଼ ମଠରେ କୃଷି ଶ୍ରମିକ ଭାବେ, ବଙ୍ଗାଳୀ ବାବୁଙ୍କ ଘରେ ଠାକୁର ନାମରେ ରୋସେଇ କରି ପେଟ ପୋଷୁଥିଲେ। ସେତେବେଳେ ଏମାନଙ୍କୁ ସବୁ ଓଡ଼ିଆ କୁଲି କହୁଥିଲେ। ମହତାବଙ୍କୁ ଏହା ବାଧିଥିଲା। ସୀମିତ ରାଜସ୍ୱ ମଧ୍ୟରେ ଓଡ଼ିଶାରେ ଶିଳ୍ପ ବିକାଶ କରି ନିଯୁକ୍ତି ସୁବିଧା ସୃଷ୍ଟି ହୋଇ ସେହି କାଳିମାକୁ ସାଧୀନୋତ୍ତର ଓଡ଼ିଶାରେ ଲିଭାଇବାକୁ କିପରି ହେବ ତା'ର ମୂଳଦୁଆ ପକାଇଥିଲେ। କିନ୍ତୁ ଦେଶ ସ୍ୱାଧୀନ ହେବାର ପଞ୍ଚସ୍ତରି ବର୍ଷ ବିତିଗଲା ଓଡ଼ିଶାର ଦାରିଦ୍ର୍ୟ କାଳିମା ଲିଭିଲା ନାହିଁ।

ଏକ ଗଣତାନ୍ତ୍ରିକ ସରକାରର ପ୍ରଥମ କର୍ତ୍ତବ୍ୟ ହେଲା ଲୋକଙ୍କୁ ଖାଦ୍ୟରେ ଆତ୍ମନିର୍ଭରଶୀଳ କରିବା ଓ ଲୋକଙ୍କୁ କାମ ଯୋଗାଇବା। ଚାଉଳ ବ୍ୟତୀତ ଅନ୍ୟ ଖାଦ୍ୟ ସାମଗ୍ରୀ ପାଇଁ ଆମେ ପର ରାଜ୍ୟ ଉପରେ ନିର୍ଭର କରୁଛୁ। ଆମର ସମ୍ବଳ ଓ ସୁଯୋଗ ଥିଲେ ମଧ୍ୟ ଆମେ ନିଜ ରାଜ୍ୟରେ ଆମ ଲୋକଙ୍କୁ କାମ ଯୋଗାଇବା ପାଇଁ ଶିଳ୍ପ, ବାଣିଜ୍ୟ ବ୍ୟବସାୟ, ସେବା କ୍ଷେତ୍ରରେ ବିକାଶ ନ କରି ଆମ ଲୋକଙ୍କୁ ପର ରାଜ୍ୟକୁ ଦାଦନ କରି ପଠାଉଛୁ। ଆଶା କରାଯାଉଥିଲା କୋଭିଡ୍ ପରେ ସାରା ରାଜ୍ୟରେ କେଉଁ କେଉଁ ଗାଁରୁ କେତେ ଜଣ କି କାମ କରିବାକୁ କେଉଁ କେଉଁ ରାଜ୍ୟକୁ ଯାଉଛନ୍ତି ତା'ର ସର୍ଭେ କରି ଏକ ରିପୋର୍ଟ ପ୍ରସ୍ତୁତ ହେବ। ସେହି ରିପୋର୍ଟକୁ ଆଧାର କରି ଅନ୍ତତଃ ତିନି ବର୍ଷ ମଧ୍ୟରେ ତାଙ୍କୁ ନିଯୁକ୍ତି ଦେବା ପାଇଁ ଶିଳ୍ପ, ବାଣିଜ୍ୟ ସେବା କ୍ଷେତ୍ରରେ ସୁଯୋଗ ସୃଷ୍ଟି କରିବେ। ବାହାରେ କାମ କରୁଥିବା ଦାଦନମାନେ ପର୍ଯ୍ୟାୟକ୍ରମେ ଫେରିଆସି ନିଜ ଘରେ ରହି ଅବା ଘର ପାଖରେ ରହି ନିଯୁକ୍ତି ପାଇବେ। ନିଜ ବୃଦ୍ଧ ବାପମା'ଙ୍କ ସେବା କରିବେ ଓ ପିଲାମାନଙ୍କର ପାଠପଢ଼ାର ଯତ୍ନ ନେବେ। କିନ୍ତୁ କାହିଁ ସେ ବିଷୟରେ ଚିନ୍ତା ଭାବନା ନାହିଁ। ଦାଦନ ସମସ୍ୟା କିପରି ଦିନକୁ ଦିନ ଗୁରୁତର ହେବାକୁ ଯାଉଛି ଏବେ ନୂଆପଡ଼ା ଜିଲାର ଦାଦନ ସମସ୍ୟା ସମ୍ବନ୍ଧରେ ପ୍ରକାଶ ପାଇଥିବା ଖବର ତା'ର ସୂଚନା ଦିଏ। ବଡ଼ ଦୁଃଖ ଓ ପରିତାପର ବିଷୟ ହେଉଛି, ଦାଦନ ସମସ୍ୟା ଏକ ଗୁରୁତର ଅର୍ଥନୈତିକ ଓ ସାମାଜିକ ସମସ୍ୟା ହୋଇଥିଲେ ବି ସେଥି ପ୍ରତି ସମୁଚିତ ଦୃଷ୍ଟି ଦିଆଯାଉନାହିଁ ଏବଂ ତାହାଠାରୁ କୌଣସି ଗୁଣରେ କମ୍ ଦୁଃଖର କଥା ନୁହେଁ ବିରୋଧୀ ଦଳମାନେ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ଶ୍ରମିକ ସଙ୍ଗଠନମାନେ ଏବଂ ବୁଦ୍ଧିଜୀବୀ ଗୋଷ୍ଠୀ ଯେଉଁ ଢଙ୍ଗରେ ଏହି ପ୍ରସଙ୍ଗଟିକୁ ଉତ୍ଥାପନ କରିବା କଥା ତାହା କରି ନାହାନ୍ତି।

ଆଜି ଓଡ଼ିଶା ଖଣିଖାଦାନର ଭରପୂର ହୋଇ ମଧ୍ୟ ଆମ ଓଡ଼ିଆ ଯୁବ ସମାଜ ରାଜ୍ୟରେ କାମ ନ ପାଇ ଦାଦନ ହୋଇ ଅନ୍ୟ ରାଜ୍ୟରେ ଖଟୁଛି ପେଟ ଚାଖଣ୍ଡକ ପାଇଁ। ଏହାଠାରୁ ବିଡ଼ମ୍ବନା ଆଉ କ'ଣ ଥାଇ ପାରେ। ଯଥାଶୀଘ୍ର ଦାଦନ ସର୍ଭେ କରି ପରରାଜ୍ୟରେ ଦାଦନ ଖଟୁଥିବା ଲୋକଙ୍କୁ ଫେରାଇ ଆଣି ଏଠି ନିଯୁକ୍ତି ବ୍ୟବସ୍ଥା କରାଯିବା ଦରକାର। ଓଡ଼ିଶା ଅର୍ଥନୀତିକୁ ସମୃଦ୍ଧ କରି ଓଡ଼ିଆଙ୍କୁ ଆତ୍ମନିର୍ଭରଶୀଳ କରି ଓଡ଼ିଆଜାତିର ଅସ୍ମିତା ଫେରାଇ ଆଣିବା ଆବଶ୍ୟକ। ଓଡ଼ିଶାର ବୁଦ୍ଧିଜୀବୀ ଓ ଅର୍ଥନୀତିଜ୍ଞମାନେ ମୁହଁ ଖୋଲନ୍ତୁ। ଦାଦନ ରପ୍ତାନି କରି କୌଣସି ରାଜ୍ୟ ଏକ ବିକଶିତ ରାଜ୍ୟ ହୋଇପାରିବ ନାହିଁ।

ଏ/୫୦୨, ମୋତି ବ୍ଲକ, ତୋଷାଳୀ ଆପାର୍ଟମେଣ୍ଟ,
ସୂର୍ଯ୍ୟନଗର, ଭୁବନେଶ୍ୱର
ମୋ: ୯୯୩୭୯୫୧୨୬୨

# ଉଭା ଯେତେ, ପୋତା ସେତେ



ଯଦୁମଣି ପାଣିଗ୍ରାହୀ

ଆଗେ ଗାଁ ଗଣ୍ଡାରେ ଧନିକ ଶ୍ରେଣୀ ତଥା ଥିଲାବାଲା ଲୋକଙ୍କ ଉଦ୍ଦେଶ୍ୟରେ, ଅମୁକ ଲୋକର ଉଭା ଯେତେ ପୋତା ସେତେ ବୋଲି କୁହାଯାଏ। ଏବେ ବି ଏ କଥାର ପ୍ରଚଳନ ରହିଛି। ଏ କଥାର ମର୍ମ ହେଉଛି କୌଣସି ଧନଶାଳୀ ବା ବଡ଼ବଡ଼ିଆ ବ୍ୟକ୍ତିଙ୍କ ବାହାରକୁ ଦେଖାଯାଉଥିବା ଧନସମ୍ପତ୍ତି ଯେତିକି, ଦେଖାଯାଉ ନ ଥିବା ତଥା ଗୁପ୍ତ ଭାବେ ଥିବା ଧନସମ୍ପତ୍ତି ମଧ୍ୟ ସେତିକି। ପୂର୍ବେ ଗାଁରେ ସାହୁକାର, ମହାଜନ, ଗୁଡ଼ାଏ ଜମିବାଡ଼ି ଥିବା ଲୋକ ତଥା ବେପାର ବଣିଜ କରୁଥିବା ଲୋକ ସାଧାରଣତଃ ବଡ଼ଲୋକ ଭାବେ ଗଣ୍ୟ ହେଉଥିଲେ। ଛୋଟ ଚାଷୀ, ମୂଲମଜୁରି ଲାଗୁଥିବା ଗରିବ ଶ୍ରେଣୀର କିଛି ଲୋକ ଥିଲା ନ ଥିଲାରେ ଏମାନଙ୍କ ପାଖରୁ ଟଙ୍କା କରଜ ନେଉଥିଲେ। ଚାଷବାସ ଲାଗି ହେଉ କି ବାହାବ୍ରତ ଆଦି କର୍ମକାର୍ଯ୍ୟ ଲାଗି ହେଉ କିମ୍ବା ବିପଦଆପଦରେ ପଡ଼ି ହେଉ ନିହାତି ଦରକାର ବେଳେ ସୁନାରୁପା କିମ୍ବା ଜମିବାଡ଼ି ବନ୍ଧକ ଦେଇ ଉଧାର ନେଇଥିବା ଟଙ୍କା ଠିକଣା ସମୟରେ ପରିଶୋଧ କରି ନ ପାରିଲେ ସୁନାରୁପା ଓ ଜମିବାଡ଼ି ସବୁ ହରେଇବାକୁ ପଡୁଥିଲା। ବହୁ ଦିନ ଯାଏ ଏମିତିକା ବ୍ୟବସ୍ଥା ଆମ ସମାଜରେ ଥିଲା ଓ ଏବେ ବି କାଁ ଭାଁ ଏଭଳି କାରବାର ଗାଁ ଗଣ୍ଡାରେ ଚାଲିଛି। ସେତେବେଳେ ଲୋକେ ଅସଚେତନ ଥିବାରୁ ଅଧିକାଂଶ କ୍ଷେତ୍ରରେ ସାହୁକାର ଓ ମହାଜନଙ୍କ ଶୋଷଣର ଶିକାର ହେଉଥିଲେ। ବଡ଼କଥା ହେଲା ସେତେବେଳେ ଏହି ଉଭା ଯେତେ ପୋତା ସେତେ ଥିବା ଲୋକଙ୍କ ସଂଖ୍ୟା ବହୁତ କମ୍ ଥିଲା ଏବଂ ଅଭାବ ଅସୁବିଧାରେ ଥିବା ଲୋକଙ୍କ ସଂଖ୍ୟା ବେଶି ଥିଲା। ତା'ଛଡା ସାହୁକାର ଓ ମହାଜନମାନେ କେବଳ ସେମାନଙ୍କ ପାଖକୁ ଆସୁଥିବା ତଥା ସେମାନଙ୍କ ସହ ନିୟମିତ କାରବାର କରୁଥିବା ଲୋକଙ୍କୁ ଠକୁଥିଲେ ଏବଂ ଶୋଷଣ କରି ବଡ଼ ଲୋକ ହେଉଥିଲେ। ଏମାନେ ଗରିବଙ୍କୁ ଠକୁଥିଲେ ଓ ଶୋଷଣ କରୁଥିଲେ ସତ, ହେଲେ ଅଭାବ ଅସୁବିଧାରେ ଏମାନେ ଯେ ଲୋକଙ୍କୁ ସହାୟତାର ହାତ ବଢ଼ାଉଥିଲେ ଏଥିରେ ସନ୍ଦେହ ନାହିଁ। ତା'ଛଡା ଏହି ଶୋଷଣ ଓ ଠକାମିର କୁପ୍ରଭାବ ସମ୍ପୃକ୍ତ ଗରିବ ଶ୍ରେଣୀଙ୍କ ଅର୍ଥନୈତିକ, ସାମାଜିକ ଓ ପାରିବାରିକ ଜୀବନକୁ ପ୍ରଭାବିତ କରୁଥିଲା ଓ ସମାଜରେ ଧନୀ ଓ ଗରିବର ଭେଦଭାବ ସୃଷ୍ଟିରେ ସହାୟକ ହେଉଥିଲା। ମାତ୍ର ବଡ଼କଥା ହେଉଛି ଏହି ସାହୁକାର, ମହାଜନ ଆଦି ଧନିକ ଶ୍ରେଣୀର ଲୋକେ ସାଧାରଣ ଲୋକଙ୍କ କର ଖଜଣାରେ ସମୃଦ୍ଧ ରାଜକୋଷକୁ ଲୁଟ୍ କରିବାର ସୁଯୋଗ ପାଉ ନ ଥିଲେ ; ଯାହାଫଳରେ ସାମଗ୍ରିକ ଭାବେ ସମାଜର ବିଶେଷକିଛି କ୍ଷତି ସାଧନ ହେଉ ନ ଥିଲା। ଏବେ କିନ୍ତୁ ସରକାରୀ ରାଜକୋଷ ଓ ସାଧାରଣ ଲୋକଙ୍କୁ ଶୋଷଣ କରିବାର ନିଶା ଅନେକଙ୍କୁ ଗ୍ରାସ କରିଛି। ଅସଦ୍ ଉପାୟରେ ସମ୍ପତ୍ତି ଠୁଳ କରିବାର ଅଭ୍ୟାସରେ ଅସାଧୁ ଓ ଦୁର୍ନୀତିଖୋରମାନେ ଅଭ୍ୟସ୍ତ ହୋଇଗଲେଣି। ଛୋଟିଆ ସରକାରୀ କର୍ମଚାରୀଠାରୁ ପୁଣି ଅଧିକାରୀଙ୍କ ଯାଏ ଯାହା ଉପରେ ହାତ ବୁଲାଇ ଆଣିଲେ କୋଟି କୋଟି ଟଙ୍କା ସମ୍ପତ୍ତିର ମାଲିକ। ଉଭା ଯେତେ, ପୋତା ବି ସେତେ। ଗତ କିଛି ବର୍ଷ ମଧ୍ୟରେ ଆମ ରାଜ୍ୟରେ ଶତାଧିକ ଉଭୟ ଉଭା ଓ ପୋତା ସମ୍ପତ୍ତିର ଅଧିକାରୀ, ଏମିତି ଅନେକଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ସାରିଲାଣି, ହେଲେ ଦୁର୍ନୀତିର



ପ୍ରକୋପ କମିବାରେ ନାଁ ଗନ୍ଧ ନାହିଁ। ଦୈନିକ କେହି ନା କେହି କୋଟିପତି ବାବୁଙ୍କ କଳା କାରନାମାର କାହାଣୀ ଖବର କାଗଜର ଶିରୋନାମା ପାଲଟୁଛି।

ବରଂ ଦିନକୁଦିନ ଉଭା ଯେତେ, ପୋତା ସେତେ ବ୍ୟକ୍ତିଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ବିଶେଷକରି ବ୍ୟବସାୟୀ, ଠିକାଦାର, ସରକାରୀ କର୍ମଚାରୀ ଓ ଜନ ପ୍ରତିନିଧିଙ୍କ ଯାଏ ସମସ୍ତଙ୍କର ଉଭା ଯେତେ, ପୋତା ବି ସେତେ। ଲାଞ୍ଚ କାରବାର, ଠକାମି ଓ ବାଟମାରଣା ଭଳି କାରନାମା ବଢ଼ି ଚାଲିଛି। ଦୁର୍ନୀତିର ଏତେ ମାତ୍ରାରେ ବଢ଼ିଛି ଯେ ସାଧାରଣ ଲୋକଟିଏ ନିଜ ଜୀବନ ଜୀବିକାକୁ ନେଇ ବିବ୍ରତ ଓ ଆତଙ୍କିତ ହୋଇପଡୁଛି। ସବୁଠି ଦୁର୍ନୀତି, ଶୋଷଣ ଓ ପ୍ରିୟାପ୍ରୀତି ତୋଷଣ ନୀତି ଯୋଗୁ ସାଧାରଣ ଲୋକଟିଏ ନିଜ ଅଧିକାର ସାବ୍ୟସ୍ତ ନେଇ ସନ୍ଦିହାନ ହୋଇପଡୁଛି। ଦୈନିକ ଖବରକାଗଜର ପୃଷ୍ଠା ଓଲଟାଇଲେ ଏହି ଦୁର୍ନୀତିଗ୍ରସ୍ତ ବ୍ୟକ୍ତିଙ୍କ କଳାକାରନାମାର କାହାଣୀ ପଢ଼ିବାକୁ ମିଳୁଛି। ଏବେ ଜଣେ ମଦ ବ୍ୟବସାୟୀଙ୍କ ଘରୁ ଏତେ ଟଙ୍କା ବାହାରିଲା ଯେ, ତାକୁ ଗଣିବାକୁ ଯାଇ କୁଆଡ଼େ ଅଧିକାରୀମାନଙ୍କୁ ନୟାନ୍ତ ହେବାକୁ ପଡ଼ିଲା। ସେହିପରି ପ୍ରାୟ ପ୍ରତିଦିନ ବିଭିନ୍ନ ବିଭାଗର କେହି ନା କେହି ସରକାରୀ କର୍ମଚାରୀ, ଅଧିକାରୀ ଲାଞ୍ଚ, ଉତ୍କୋଚ କିମ୍ବା ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ଗିରଫ ହେଉଛନ୍ତି। ମାତ୍ର ଏହାର ପ୍ରଭାବ କାହା ଉପରେ ପଡ଼ିଲା ଭଳି ଲାଗୁନି। ଏମାନେ ବିପୁଳ ଧନସମ୍ପତ୍ତିର ଅଧିକାରୀ। ବିଭିନ୍ନ ସ୍ଥାନରେ ଏମାନଙ୍କର ପ୍ଲଟ ଓ ଫ୍ଲାଟ ରହିଛି। ଦାମୀ ଗାଡ଼ିଠାରୁ ପୁଣି ବ୍ୟାଙ୍କ୍‌ରେ ଏମାନଙ୍କ ନାଁରେ କୋଟି କୋଟି ଟଙ୍କା ଥିବା ତଦନ୍ତ ପରେ ଜଣାପଡୁଛି। ବିଭିନ୍ନ ସରକାରୀ ଦପ୍ତରରେ କାର୍ଯ୍ୟରତ ଅଧିକାରୀ/କର୍ମଚାରୀମାନେ ସରକାରୀ ନୀତିନିୟମକୁ ଜଳାଞ୍ଜଳି ଦେଇ ନାନାଦି ବେନିୟମ କାର୍ଯ୍ୟ ଅବାଧରେ କରି ଚାଲିଛନ୍ତି। ପ୍ରାୟ ସବୁ ଦପ୍ତରରେ ପିସି କାରବାର ଚାଲିଛି। ସରକାରୀ ଅଧିକାରୀ, ଠିକାଦାର ଓ ଜନ ପ୍ରତିନିଧି ସମସ୍ତଙ୍କ ଜାଣତରେ ଓ ସଲାସୁତୁରାରେ ଏହି କାରବାର ଚାଲିଛି। ଅନେକ କ୍ଷେତ୍ରରେ ସରକାରୀ ଅର୍ଥର ବାଟମାରଣା କରାଯାଉଛି। ଅର୍ଥ ଓ କ୍ଷମତାର ଦୁରୁପଯୋଗ କରାଯାଉଛି। ପିସି କାରବାର ଯୋଗୁ ଅନେକ ଜନହିତକାରୀ ଯୋଜନା ଓ ଉନ୍ନୟନ କାମର ସଫଳ ରୂପାୟନ ହୋଇପାରୁନି। ଅଧିକାରୀ/କର୍ମଚାରୀଙ୍କୁ କିଛି ହାତଗୁଞ୍ଜା ନ ଦେଲେ ସାଧାରଣ ଲୋକଙ୍କ କାମ ହେଉନି। ଏକ ଜନମଙ୍ଗଳ ରାଷ୍ଟ୍ରରେ ଏହାଠାରୁ ବଡ଼ ବିଡ଼ମ୍ବନା ଆଉ କ'ଣ ଥାଇପାରେ। ଲୋକଙ୍କ ସେବାରେ ନିୟୋଜିତ ଡାକ୍ତର ହୁଅନ୍ତୁ କି ପୋଲିସ କିମ୍ବା ବ୍ଲକ ଓ ତହସିଲ ଆଦି କର୍ମଚାରୀ ଏମାନେ ସାଧାରଣ ଲୋକଙ୍କ କର ଖଜଣା ଟଙ୍କାରେ ଦରମା ପାଉଛନ୍ତି। ହେଲେ ଲୋକଙ୍କ କାମ ପାଇଁ ହାତଗୁଞ୍ଜା ଦାବି କରିବା କେତେଦୂର ସମୀଚୀନ। ଏମାନେ ସାଧାରଣ ଲୋକଙ୍କୁ ଶୋଷଣ କରିବା ସହିତ ସମାଜର ଅନେକ କ୍ଷତି ସାଧନ କରୁଛନ୍ତି। ସଂପ୍ରତି ସମାଜରେ ଦାରିଦ୍ର୍ୟ ଓ ବେରୋଜଗାରୀ ଭଳି ଅନେକ ସମସ୍ୟା ବଢ଼ି ଚାଲିଥିବା ବେଳେ ଏମାନେ କେବଳ ବ୍ୟକ୍ତିଗତ ସ୍ୱାର୍ଥସାଧନରେ ଲାଗିଛନ୍ତି। ରାଜକୋଷକୁ ଲୁଟୁଥିବା ଓ ପରୋକ୍ଷରେ ଲୋକଙ୍କ ହିତରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ଦୁର୍ନୀତିଗ୍ରସ୍ତଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ।

ଶଂଖିଡ଼ା, ତିହିଡ଼ି, ଭଦ୍ରକ
ମୋ:୯୯୩୭୫୬୫୫୨୭

## ଏଇ ଭାରତରେ

କଦଳୀ ଚାଷରେ ଲାଭ ନାହିଁ ବୋଲି ଯେଉଁମାନେ କହନ୍ତି ସେମାନେ କେରଳର ବିନୋଦ ସହଦେବନ ନାୟରଙ୍କ ଚାଷ ପଦ୍ଧତିକୁ ଅନୁକରଣ କରିବା ଦରକାର। ସେ ୫୦୦ କିସମର କଦଳୀ ଚାଷ କରି ସେଥିରୁ ମାସକୁ ୧ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। କେବଳ ଏତିକି ନୁହେଁ ସେ ୫୦୦ ପ୍ରକାର କଦଳୀ ଚାରା ମଧ୍ୟ ଲୋକଙ୍କୁ ମାଗଣାରେ ବାଣ୍ଟୁଛନ୍ତି। ବିନୋଦ ରହନ୍ତି ଥିରୁଭାନନ୍ତପୁରମ୍‌ରେ। ତାଙ୍କୁ ବୟସ ଏବେ ୬୩। ସେ ପଦାର୍ଥ ବିଜ୍ଞାନରେ ଡିଗ୍ରୀ ହାସଲ କରିବା ପରେ କୋଚିରେ ୱେବ୍ ଡିଜାଇନ ଫାର୍ମ ଆରମ୍ଭ କରିଥିଲେ। ତାଙ୍କ ମା'ଙ୍କର ଦେହାନ୍ତ ପରେ ସେ ଘରକୁ ଫେରିଆସି କଦଳୀ ଚାଷ ଆରମ୍ଭ କଲେ। ଲୋକେ ତାଙ୍କୁ 'ବାନାନା ମ୍ୟାନ୍' ବୋଲି ସମ୍ବୋଧନ କରୁଛନ୍ତି। ବିଶ୍ୱରେ ୧,୦୦୦ ପ୍ରକାର କଦଳୀ ଥିବାବେଳେ ବିନୋଦ ୫୦୦ ପ୍ରକାର କଦଳୀ ଚାଷ କରିବା ଏକ ବିରଳ ସଫଳତା। ଏଥିରେ ବହୁ ବିଦେଶୀ କିସମର କଦଳୀ ଅଛି। ଚାଷ ପାଇଁ ସେ ମାଲେସିଆ, ଆଫ୍ରିକା, ଅଷ୍ଟ୍ରେଲିଆ, ହଣ୍ଡୁରାସ ଆଦି ଦେଶ ଭ୍ରମଣ କରିଛନ୍ତି। ଉତ୍ପାଦିତ କଦଳୀକୁ ସେ ହୋଲ୍‌ସେଲ ମାର୍କେଟରେ ବିକ୍ରି କରନ୍ତି। ବିନୋଦ କଦଳୀ ଚାଷ ସମ୍ପର୍କରେ ଲୋକଙ୍କୁ ମାଗଣାରେ ପ୍ରଶିକ୍ଷଣ ମଧ୍ୟ ଦେଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୩ ଡିସେମ୍ବର ୧୯୭୪

- ଭାରତରେ ନୂତନ ଧରଣର 'ପୁଶ୍ ବଟନ୍' ଟେଲିଫୋନ ତିଆରି କରାଯାଇଥିବା ନେଇ କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ଡକ୍ଟର ଶଙ୍କରଦୟାଲ ଶର୍ମାଙ୍କ ଘୋଷଣା।
- ଗୋଆଲିଅରଠାରେ ଅନୁଷ୍ଠିତ ହେବାକୁ ଥିବା ପ୍ରସ୍ତର ମୂର୍ତ୍ତି ଖୋଦନର ଏକ ସର୍ବଭାରତୀୟ ଭାସ୍କର ଶିବିରକୁ ଶିଳ୍ପୀ ଅନନ୍ତ ପଣ୍ଡା ନିମନ୍ତ୍ରିତ।
- ଗ୍ରାମାଞ୍ଚଳର ଜନସାଧାରଣଙ୍କ ସୁବିଧା ନିମନ୍ତେ 'ଚିକିତ୍ସା ଓ ସ୍ୱାସ୍ଥ୍ୟ ସହାୟତା' ନାମକ ଏକ ସ୍ୱତନ୍ତ୍ର ବିଭାଗ ସୃଷ୍ଟି କରିବା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଉଦ୍ୟମ।

## ପାଠକ ଶ୍ରେଷ୍ଠ ବିଚାରକ

### ଦୃଷ୍ଟି ପଡୁ

ମହାଶୟ,

ଜଟଣୀ ରେଲୱେ ଗୋଲେଇ ମାର୍କେଟ ବଜାର ଦିନ ତମାମ ପ୍ରବଳ ଭିଡ଼ ରହେ। ସଞ୍ଜ ବେଳକୁ ଯିବା ଆସିବା କଷ୍ଟକର ହୋଇପଡ଼େ। ରାସ୍ତା ଉପରେ ଉଠାଦୋକାନୀ ଫଳ ବେପାର କରନ୍ତି। ଗ୍ରାହକମାନେ ରାସ୍ତା ଉପରେ ଦୁଇଚକିଆ ଗାଡ଼ି ରଖି ସଉଦା ପନିପରିବା କିଣିବାକୁ ଯାଆନ୍ତି। ଓଠାରେ ପିଇବା ପାଣି ବ୍ୟବସ୍ଥା ନାହିଁ, କିନ୍ତୁ ଜଳଖିଆ ଓ ହୋଟେଲ ବ୍ୟବସାୟୀମାନେ ବିନା କାଗଜପତ୍ରରେ ଷ୍ଟେଶନ ଭିତରୁ ପାଣି ଆଣି ବ୍ୟବସାୟ କରୁଛନ୍ତି। ଲୋକଙ୍କ ମୌଳିକ ସୁବିଧା ପାଇଁ ପାଣି ଟ୍ୟାପ ବଜାରକୁ ଦିଆଯାଉ। ରାସ୍ତା ଜବରଦଖଲ କରିଥିବା ବ୍ୟବସାୟୀମାନଙ୍କୁ ଉଚ୍ଛେଦ କରାଯାଉ। ଏଥିପ୍ରତି ରେଲୱେ ପ୍ରଶାସନ ଦୃଷ୍ଟିଦେବାକୁ ଅନୁରୋଧ।

–ସୁରେଶ ସାହୁ, ଜଟଣୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଉତ୍ତୁଙ୍ଗ, ତୁଷାରାବୃତ ଅଚଞ୍ଚଳ ଶୀତଳ ଅତଳ
ଉପଶମ କରେ ଯେହୁ ବିଶ୍ୱର ବିରାଟ କାଳାନଳ
ହିମାଳୟ ଶୃଙ୍ଗ ସମ ସ୍ୱର୍ଶି ଊର୍ଦ୍ଧ୍ୱେ ଅସୀମ ନୀଳିମା
ଉଭା ତୁମେ ଏଥି ତଥା ତ୍ୟାଗ ତିତିକ୍ଷାର ଶେଷ ସୀମା।
–(ଜାଗ ଜାଗ ଗାନ୍ଧି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ଏଡ୍‌ସ ରୋକିବା ପାଇଁ ବେଦାନ୍ତର ସଚେତନତା ରାଲି

ଲାଞ୍ଜିଗଡ଼,୧୨।୧୨(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବେଦାନ୍ତ ଏକ ସପ୍ତାହ ବ୍ୟାପୀ ଏଡ୍‌ସ ରୋକିବା ଉପରେ ସଚେତନା ଅଭିଯାନ କରିଛି। ଲାଞ୍ଜିଗଡ ଅଞ୍ଚଳ ଓ ରାୟଗଡା ଜିଲା ଅମ୍ବାଦୋଳାରେ ଲୋକମାନଙ୍କୁ ଏହି ରୋଗ ଉପରେ ସଚେତନ କରାଯାଇଥିଲା। ଯେଉଁଥିରେ ପ୍ରବାସୀ ଶ୍ରମିକ, ଗର୍ଭବତୀ, କଲେଜ ଛାତ୍ର ଓ ଟ୍ରକ ଡ୍ରାଇଭର ଅନ୍ତର୍ଭୁକ୍ତ ଥିଲେ। କଲେଜ ଛାତ୍ରମାନେ ସ୍ୱେଚ୍ଛାମୂଳକ ଭାବେ ଲୋକମାନଙ୍କୁ ସଚେତନ କରାଇଥିଲେ। ଏଥିରେ ଆଣ୍ଟି ରିଟ୍ରୋଭାଇରାଲ ଥେରାପି (ଏଆରଟି) ବିଷୟରେ ବୁଝାଯାଇଥିଲା। ବେଦାନ୍ତ ଲିମିଟେଡ ସିଇଓ ଆଲୁମିନା ବିଜିନେସ ପ୍ରଣବ କୁମାର ଭଟାଚାର୍ଯ୍ୟ କହିଛନ୍ତି ଯେ, ସମ୍ପ୍ରତି ଦ୍ରୁତ ଗତିରେ ବଢୁଥିବା ଦୁନିଆର ଆର୍ଥିକ ଓ ସାମାଜିକ ବିକାଶକୁ ସୁନିଶ୍ଚିତ କରିବା ଲାଗି ସ୍ୱାସ୍ଥ୍ୟ ହେଉଛି ପ୍ରାଥମିକତା। ଆମ ଗୋଷ୍ଠୀର ସାମୁହିକ ବିକାଶ ଓ କଲ୍ୟାଣ ପାଇଁ ବେଦାନ୍ତ ଲାଞ୍ଜିଗଡ ସର୍ବଦା ଧ୍ୟାନ ଦେଉଛି। ବିଶ୍ୱର ସ୍ୱାସ୍ଥ୍ୟ ଆହ୍ୱାନ ଭାବେ ଏଚଆଇଭି/ଏଡସ ବିଷୟରେ ଆମ ଗୋଷ୍ଠୀକୁ ସଚେତନ କରାଇବା ଆମର ଉଦ୍ଦେଶ୍ୟ।

### ଜିଏମ୍ ପବ୍ଲିକ ସ୍କୁଲଠାରେ କୁନି ବିଜ୍ଞାନ ମେଳା

ବେହେରା,୧୨।୧୨(ଭୂପେଶ ତିୱାରୀ)

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ବେହେରା ଜିଏମ୍ ପବ୍ଲିକ ସ୍କୁଲଠାରେ କୁନି ବିଜ୍ଞାନ ମେଳା ମଙ୍ଗଳବାର ଆୟୋଜିତ ହେଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ସଜୀବ ଅପ୍ପୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ପ୍ରତିଷ୍ଠାତା ତୁଳସୀରାମ ଅଗ୍ରୱାଲ, ସମ୍ମାନିତ ଅତିଥି ଭାବେ ଦନ୍ତେଶ୍ୱରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରୁପେନ୍ଦ୍ର ବାଣୁଆ, ଲଡୁଗାଁ ଭେଙ୍କଟେଶ୍ୱର ପବ୍ଲିକ ସ୍କୁଲ ପରିଚାଳନା ନିର୍ଦ୍ଦେଶକ ତ୍ରିନାଥ ଠାକୁର, ପର୍ଲା ଅନନ୍ତପ୍ରସାଦ ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ତେଜେଶ୍ୱର ସାହୁ, କନ୍ୟାଶ୍ରମ ଜୟନ୍ତପୁର ମେଟ୍ରନ ପୂର୍ଣ୍ଣମାସୀ ଥାପା, ବେହେରା ସିଆରସିସି ମାର୍କଣ୍ଡେୟ ନାଗ, ଧର୍ମଗଡ଼ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଗଣେଶ୍ୱର ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ୨୭ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା।

# ୧୫ବର୍ଷ ପରେ ମିଳିବ ଜଙ୍ଗଲ ଅଧିକାର

ଭବାନୀପାଟଣା,୧୨।୧୨(ଉତ୍ତମ କୁମାର ଦାଶ)

**କଳାହାଣ୍ଡି ଜିଲା**

- ଅଣ ସର୍ବେକ୍ଷଣ ଗ୍ରାମକୁ ମିଳିବ ରାଜସ୍ୱ ଗ୍ରାମର ମାନ୍ୟତା
- ଉପକୃତ ହେବେ ୧୯ରୁ ଊର୍ଦ୍ଧ୍ୱ ଗ୍ରାମବାସୀ



ଜିଲାପାଳଙ୍କ କାର୍ଯ୍ୟାଳୟ।

କଳାହାଣ୍ଡି ଜିଲାରେ ଦୀର୍ଘ ୧୫ବର୍ଷର ଅପେକ୍ଷା ପରେ ଅଣ ସର୍ବେକ୍ଷଣ ଗ୍ରାମକୁ ମିଳିବ ରାଜସ୍ୱ ଗ୍ରାମର ମାନ୍ୟତା। ଏଥିପାଇଁ ଏବେ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହାଦ୍ୱାରା ଜିଲାରେ ମୋଟ ରାଜସ୍ୱ ଗ୍ରାମ ସଂଖ୍ୟା ବୃଦ୍ଧି ପାଇବା ସହ ଅନେକ ଦୁର୍ଗମ ଅଞ୍ଚଳରେ ଜଙ୍ଗଲ ଜମି ଅଧିକାର ଅପେକ୍ଷାରେ ରହିଥିବା ଗ୍ରାମବାସୀ ଉପକୃତ ହେବେ। ରାଜସ୍ୱ ଗ୍ରାମ ପରେ ଏହି ଗାଁରେ ବିକାଶର ବାଟ ଫିଟିବ ବୋଲି ଆଶା ଉଜ୍ଜୀବିତ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ୨୦୦୧ ଜନଗଣନା ଦସ୍ତାବିଜ ମୁତାବକ ଜିଲାର ଜଙ୍ଗଲ ଗ୍ରାମ/ଅଣସର୍ବେକ୍ଷଣ ଗ୍ରାମରେ ୦(ଶୁନ୍) ଭୌଗଳିକ ରକବା ଥିବା ଗ୍ରାମ, ବସତି, ଅନୁସୁଚିତ ଜନଜାତି ଓ ଅନ୍ୟାନ ପାରମ୍ପରିକ ବନବାସୀ(ଜଙ୍ଗଲ ଅଧିକାର) ଆଇନ ୨୦୦୬ ଓ ସଂଶୋଧିତ ନିୟମାବଳୀ ୨୦୧୨ ମୁତାବକ ରାଜସ୍ୱ ଗ୍ରାମରେ ପରିବର୍ତ୍ତନ କରିବାକୁ ଦରଖାସ୍ତ ଆହ୍ୱାନ କରାଯାଇଛି। ଗତ ନଭେମ୍ବର ୧୦ରୁ ୧୬ରେ ଜଙ୍ଗଲ ଗ୍ରାମକୁ ରାଜସ୍ୱ ଗ୍ରାମରେ ପରିବର୍ତ୍ତନ କରିବା ପାଇଁ ଆବଶ୍ୟକ ଦାବି ପ୍ରକ୍ରିୟା ପାଇଁ ସ୍ୱତନ୍ତ୍ର ଗ୍ରାମସଭା କରାଯାଇଥିଲା। ଆସନ୍ତା ୩୧ ତାରିଖ ସୁଦ୍ଧା ବ୍ୟକ୍ତିଗତ/ଗୋଷ୍ଠୀଗତ ଓ ଗୋଷ୍ଠୀଗତ ସମ୍ବଳ ଅଧିକାର ଦାବି ସଂଗ୍ରହ ଓ ସେଗୁଡିକର ପ୍ରମାଣପତ୍ର ସଂଗ୍ରହ କରାଯିବ। ସେହିପରି ଆସନ୍ତା ମାର୍ଚ୍ଚ ୧୫ ତାରିଖ ସୁଦ୍ଧା ରାଜସ୍ୱ ଓ ଜଙ୍ଗଲ ବିଭାଗର ଅଧିକାରୀଙ୍କ ସାହାଯ୍ୟ ନେଇ ଗ୍ରାମସଭା ତଥା ସମ୍ପୃକ୍ତ ଗ୍ରାମର ସୀମା ନିର୍ଦ୍ଧାରଣ କରାଯିବ। ପରେ ଏହାର ମାନଚିତ୍ର ପ୍ରସ୍ତୁତ କରାଯିବ। ତେବେ ମାର୍ଚ୍ଚ ୨୫ ତାରିଖ ମଧ୍ୟରେ ଜଙ୍ଗଲ ଗ୍ରାମ/ଅଣ ସର୍ବେକ୍ଷଣ ଗ୍ରାମକୁ ରାଜସ୍ୱ ଗ୍ରାମରେ ପରିଣତ କରିବା ପାଇଁ ସାମୁହିକ ଭାବେ ଏକ ଦାବି ଉପଖଣ୍ଡସ୍ତରୀୟ କମିଟି ନିକଟକୁ ପ୍ରେରଣ କରାଯିବ ବୋଲି ଜଣାପଡିଛି। ମାର୍ଚ୍ଚ ୩୧ ମଧ୍ୟରେ ଉପଖଣ୍ଡ ସ୍ତରୀୟଜଙ୍ଗଲ ଅଧିକାର କମିଟି ଦ୍ୱାରା ଦାବି ଗ୍ରହଣ କରାଯାଇ ନିୟମାନୁଯାୟୀ ରାଜସ୍ୱ ଗ୍ରାମର ମାନ୍ୟତା ପ୍ରଦାନ କରିବାକୁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲାପାଳଙ୍କ କାର୍ଯ୍ୟାଳୟରୁ ଜଣାପଡିଛି। ପ୍ରକାଶ ଯେ, ୨୦୦୬ରେ ଜଙ୍ଗଲ ଅଧିକାର ଆଇନ ଅଣାଯାଇଥିଲା। ଯାହାକି ୨୦୦୮ରେ ଲାଗୁ ହୋଇଥିଲା। ଏହାର ୧୫ ବର୍ଷ ପରେ ଅର୍ଥାତ୍ ଚଳିତବର୍ଷ ରାଜ୍ୟ ସରକାର ମୋ ଜଙ୍ଗଲ ଜମି ଯୋଜନା କାର୍ଯ୍ୟକାରୀ କରିଛନ୍ତି। କଳାହାଣ୍ଡି ଜିଲାର ୧୯ରୁ ଅଧିକ ଅଣସର୍ବେକ୍ଷଣ ଗ୍ରାମବାସୀ ରାଜସ୍ୱ ଗ୍ରାମ ମାନ୍ୟତା ଅପେକ୍ଷାରେ ରହିଛନ୍ତି। ଏଥିରେ ଜିଲାର ଆଦିବାସୀ ଅଧୁଷିତ ଥୁଆମୂଳ ରାମପୁର ବ୍ଲକର ଚାଟିକନା, ସିମଲିପଦର, ତେନ୍ତିଲି ପଦର, ଭବାନୀପାଟଣା ବ୍ଲକର ଯୁଗସାଇପାଟଣା ପଞ୍ଚାୟତର ରାପାଙ୍ଗପଦର, ଗୁରୁପାଙ୍ଗ, ରୁକୁଣିବଣ୍ଡେଲ ସମେତ କୋକସରା ବ୍ଲକର କିଛି ଗ୍ରାମ ରହିଛି। ଜିଲାରେ ଏହା କାର୍ଯ୍ୟକାରୀ ହେଲେ ରାଜସ୍ୱ ଗ୍ରାମ ସଂଖ୍ୟା ବୃଦ୍ଧି ପାଇବା ସହ ଉକ୍ତ ଗ୍ରାମଗୁଡିକର ସାମୁହିକ ବିକାଶ ପାଇଁ ଅଧିକ ଅନୁଦାନ ଆସିପାରନ୍ତା ବୋଲି ଭବାନୀପାଟଣା ସହରର ମାନବଧିକାରୀ ଦିଲୀପ କୁମାର ଦାସ ମତ ପ୍ରକାଶ କରିଛନ୍ତି।

## ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର


ହ୍ୱିଲଚେୟାର, ଟ୍ରାଏସାଇକେଲ ପ୍ରଦାନ କରାଯାଉଛି।

ଥୁଆମୂଳ ରାମପୁର,୧୨।୧୨(ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକସ୍ଥିତ ପଞ୍ଚାୟତ ସମିତି ପରିସରରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓଡିଶା ସରକାରଙ୍କ ଆନୁକୂଲ୍ୟରେ ବ୍ଲକସ୍ତରୀୟ ଭୀମ ଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଧ୍ରୁବଚରଣ ମୁଦୁଲି, ବ୍ଲକ ଅଧ୍ୟକ୍ଷ ଦୟାନିଧି ମାଝି, କଳାହାଣ୍ଡି ଜିଲା ଏମ୍‌ପି ବ୍ଲକ ପ୍ରତିନିଧି ବିଷ୍ଣୁ ନାଏକ, ଜିଲା ପରିଷଦ ସଭ୍ୟା ଟୁନି ଖୋଲ୍ଲା, ସରପଞ୍ଚ ସଂଘ ସଭାପତି ବଳଭଦ୍ର ଜାନୀ, ସ୍ଥାନୀୟ ସମିତି ସଭ୍ୟା ପୁଷ୍ପାଞ୍ଜଳି ନାଏକ, ବ୍ଲକ ଉପାଧ୍ୟକ୍ଷା ପ୍ରମିଳା ମାଝି, ଜିଲା ସାମାଜିକ ସୁରକ୍ଷା ଅଧିକାରୀ, ଜିଲା ବିକଳାଙ୍ଗ ମଞ୍ଚ ସଭାପତି, ବ୍ଲକ ବିଏସଏସଓ ପ୍ରମୁଖ ଉପସ୍ଥିତ ଥିଲେ। ୨୪ଟି ଗ୍ରାମପଞ୍ଚାୟତ ମୋଟ ୨୦୦ଜଣ ପଞ୍ଜୀକରଣ କରିଥିଲେ। ସେଥି ମଧ୍ୟରୁ ହ୍ୱିଲଚେୟାର ୩, କ୍ଲଚ ୨, ଟ୍ରାଏସାଇକେଲ ୨ଜଣଙ୍କୁ ପ୍ରଦାନ କରାଯାଇଥିଲା। ଶିବିରରେ ଜିଲା ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ ବିଭାଗ ଡାକ୍ତରଙ୍କ ସମେତ ଥୁଆମୂଳ ରାମପୁର ବ୍ଲକ କର୍ମଚାରୀ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ତାପସ କୁମାର ସାହୁ ପରିଚାଳନା କରିଥିଲେ।

## ମଦକୋଠି ବନ୍ଦ ପାଇଁ ଅବକାରୀ ଅଧୀକ୍ଷକଙ୍କୁ ଦାବିପତ୍ର

ନୂଆପଡ଼ା,୧୨।୧୨(ମକାରୁ ବେମାଲ)


ଅବକାରୀ ଅଧୀକ୍ଷକଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ନୂଆପଡା ସଦର ବ୍ଲକ ଆମାନାରା ଗାଁରେ ବେଆଇନ ମଦ କୋଠି ଖୋଲାକୁ ବିରୋଧ କରାଯାଇଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଅବକାରୀ ଅଧୀକ୍ଷକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଦର ବ୍ଲକ ଆମାନାର ପଞ୍ଚାୟତରେ ଆଗକୁ ଧନୁଯାତ୍ରା ହେବାକୁ ଯାଉଥିଲା ବେଳେ ଧନୁଯାତ୍ରା ଖର୍ଚ୍ଚ ଉଠାଇବାକୁ ପଡୋଶୀ ଛତିଶଗଡର ଜଣେ ବ୍ୟକ୍ତିଙ୍କୁ ଗ୍ରାମରେ ମଦ କୋଠି ଖୋଲିବାକୁ ଅନୁମତି ଦେଇଥିବା ଅମାନାରା ଗ୍ରାମବାସୀ ଅଭିଯୋଗ କରିବା ସହ ଜିଲା ଅବକାରୀ ଅଧୀକ୍ଷକ ସଂଘମିତ୍ରା ପ୍ରଧାନଙ୍କୁ ସାକ୍ଷାତ କରି ଏ ସମ୍ପର୍କରେ ଲିଖିତ ଅଭିଯୋଗପତ୍ର ଦେଇଛନ୍ତି। ସୂଚନା ଯେ, ନୂଆପଡା ଜିଲାରେ ୨୧ଟି ଦେଶି ମଦଭାଟି ରହିଛି, ଯାହାକି ସରକାରଙ୍କ ଲାଇସେନ୍ସ ପ୍ରାପ୍ତ ଭାଟି ଅଟେ। ଏହି ଭାଟରେ କ୍ଷମତା ଦୈନିକ ୨୮୩୫୦ ଲିଟର ମଦ ପ୍ରସ୍ତୁତ କରିବ ଓ ବିକ୍ରୟ କରିବାର ସୀମାବଦ୍ଧ ରହିଛି। କିନ୍ତୁ ଭାଟିରେ ଏହି କ୍ଷମତାଠାରୁ ଢେର ଗୁଣାରେ ଅଧିକ ମଦ ପ୍ରସ୍ତୁତ ହେଉଥିବା ବେଳେ ୨୧ଟି ଭାଟି ସ୍ଥାନରେ ଶହ ଶହ ମଦକୋଠି ଖୋଲାଇ ବିକ୍ରି ହେଉଛି। ଜିଲାରେ ଦିନକୁ ଦିନ ମଦକୋଠି ସଂଖ୍ୟା ବଢିବାରେ ଲାଗିଛି। ଗାଁ ଗହଳି ସହରାଞ୍ଚଳରେ ମଧ କୁଲମଖୁଲା ମଦ ବିକ୍ରି ହେଉଛି। ଏହାକୁ ନେଇ ସାଧାରଣରେ ଉଦ୍‌ବେଗ ବଢି ଚାଲିଛି। ଜିଲା ଅବକାରୀ ଅଧୀକ୍ଷକ ପ୍ରଧାନ ଅଭିଯୋଗ ଗ୍ରହଣ କରିବା ସହ ଏହା ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଆମାନାରା ଗ୍ରାମବାସୀଙ୍କ ସହ ଜିଲା ଆଦିବାସୀ କଲ୍ୟାଣ ସଂଘ ନୂଆପଡା ବ୍ଲକ ସଭାପତି ଭକ୍ତ ବନ୍ଧୁ ଧରୁଆ ମଧ ଉପସ୍ଥିତ ଥିଲେ।

## ମୋଟେରରେ ଖରିଫ ଧାନ ମଣ୍ଡିର ଶୁଭାରମ୍ଭ

କୋକସରା,୧୨।୧୨(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)

କଳାହାଣ୍ଡି ଜିଲା ଚାରବାହାଲ ପ୍ରାଥମିକ କୃଷି ସମବାୟ ସମିତି ଅଧୀନ ମୋଟେରଠାରେ ଖରିଫ ଧାନ କ୍ରୟ ନିମନ୍ତେ ମଙ୍ଗଳବାର ମଣ୍ଡିର ଶୁଭାରମ୍ଭ ହୋଇଛି। ଚାରବାହାଲ ପାକ୍ସ ସଭାପତି ମହେଶ କୁମାର ପଣ୍ଡା, ଚାଷୀ ନେତା ଦେବେନ୍ଦ୍ର କୁମାର ପାଙ୍ଗଯୋଷୀ, ଧାନ କ୍ରୟ ଅଧିକାରୀ ମୋହିତ କୁମାର ବେହେରା, ଡିଇଓ ବୈଷ୍ଣବ ଗୋପାଳ, ଆରଏମସି କର୍ମଚାରୀ ମାଧବ ଧଙ୍ଗ ମୋହନ ନାଏକ, ଚାଷୀ କମିଟିର ଲବ ନାଏକ, ପରମେଶ୍ୱର ବାଗ, ବଡି ସତୀଶ, ପର୍ଶୁରାମ ଭଇଁସାଲ, ତପନ ମୁଣ୍ଡ ପ୍ରମୁଖ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏହି ଅବସରରେ ଚାଷୀ ମୋହନ ଦଳପତି, ଗୌରୀ ଦଳପତି, ପରମେଶ୍ୱର ଭଇଁସାଲ, ଧବଳେଶ୍ୱର ଦଳପତି, ବିଶେଶ୍ୱର ଦଳପତି ପ୍ରମୁଖଙ୍କ ସମେତ କୁସୁସର୍ଖୁଣ୍ଟି, ମୋଟେର, ଖୁଟୁଲୁଗୁଡା, ବାଟିଗୁଡା, ଜଳତାମୁଣ୍ଡାର ଚାଷୀମାନେ ଉପସ୍ଥିତ ରହିଥିଲେ।

## କର୍ଲାମୁଣ୍ଡା କପ୍ ଫୁଟ୍‌ବଲ: ବୌଦ୍ଧ ବିଜୟୀ


ଅତିଥିଙ୍କ ସହ ଖେଳାଳି ବୃନ୍ଦ।

କର୍ଲାମୁଣ୍ଡା,୧୨।୧୨(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଫୁଟିଗାଁସ୍ଥିତ ଚିନାବାଡ଼ି ପଡିଆରେ ଚାଲିଥିବା କର୍ଲାମୁଣ୍ଡା କପ ଫୁଟବଲ ଟୁର୍ନାମେଣ୍ଟର ମଙ୍ଗଳବାର ପ୍ରଥମ ସେମିଫାଇନାଲ ଅନୁଷ୍ଠିତ ହୋଇଯାଇଛି। ଚିର୍ଲା ଓ ବୌଦ୍ଧ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ହୋଇଥିଲା। ଏଥିରେ ନିର୍ଦ୍ଧାରିତ ସମୟରେ କେହି କାହାକୁ ଗୋଲ ଦେଇ ନ ପରିବାରୁ ପେନାଲଟିକ ଆଶ୍ରୟ ନିଆଯାଇଥିଲା। ଏଥିରେ ବୌଦ୍ଧ ଦଳ ୪-୩ ବିଜୟୀ ହୋଇଥିଲା। ଏହି ଅବସରରେ ମୁଖ୍ୟଅତିଥି ଭାବେ ସାମାଜକ କର୍ମୀ ନୀଳ ମାଧବ ସିଂଦେଓ, ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ସୁରେନ୍ଦ୍ର ଭୋଇ, ପୂର୍ବତନ ସରପଞ୍ଚ ଶଶୀ ଭୂଷଣ ସାହୁ, ବୋରପଦର ସରପଞ୍ଚ ସୁବାଷ ସାହୁ, ଏସିପି ବିକାଶ ନାଏକ, ଆୟୋଜକ କମିଟି ସଭାପତି ଡୁଳାମଣି ଭୋଇ, ସମ୍ପାଦକ ଦୁର୍ଲଭ ମେହେର ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ରେଫରି ଭାବେ ଚଞ୍ଚଳ ମାଝି, ନବୀନ କୁମାର ନାଏକ, ବିଶେଶ୍ୱର ପଧାନ ଖେଳ ପରିଚାଳନା କରିଥିଲେ। ଫୁଟବଲ ଟିମ ସଦସ୍ୟ ନୀଳମାଧବ ଭୋଇ, ବିରେନ ସାହୁ, ଅନିଲ ସାହୁ, ମୁକେଶ କୁମାର ସାହୁ, ସଲଟି ବରଗ୍ତି, ବବଲୁ ସାହୁ, ଜିତ ସାହୁ, ବିପିନ ସାହୁ, ମଣି ମେହେର, ନମିତ ସୁନା, ରାଜା ସାହୁ, ତପନ ଛତ୍ରିଆ, ଅଭିଷେକ ସାହୁ, ଟୁନା ସାହୁ ପ୍ରମୁଖ ସହଯୋଗ କରିଥିଲେ। ବୁଧବାର ଦ୍ୱିତୀୟ ଲିଗରେ ଟିଟିଲାଗଡ଼ ଓ ଡୁଲାପଡା ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ସଦସ୍ୟ ସଲଟି ବରଗ୍ତି ସୂଚନା ଦେଇଛନ୍ତି।

## ବ୍ଲକସ୍ତରୀୟ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନଶୁଣାଣି

ନୂଆପଡ଼ା,୧୨।୧୨(ମକାରୁ ବେମାଲ)


ଜନଶୁଣାଣିରେ ମଞ୍ଚାସୀନ ଅତିଥି ବୃନ୍ଦ।

ନୂଆପଡା ସଦର ବ୍ଲକ କାର୍ଯ୍ୟାଳୟ ଠାରେ ମଙ୍ଗଳବାର ବ୍ଲକସ୍ତରୀୟ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ନୂଆପଡା ଜିଲା ଉପଜିଲାପାଳ ସୁବାସ ଚନ୍ଦ୍ର ରଇତ ଯୋଗଦେଇଥିବା ବେଳେ ସଦର ପଞ୍ଚାୟତ ସମିତି ଅଧ୍ୟକ୍ଷା ତାରେଶରୀ ସାହୁ, ଉପାଧ୍ୟକ୍ଷ ଦିଲୀପ ନିର୍ମଳ କର, ଗୋଷ୍ଠି ଉନ୍ନୟନ ଅଧିକାରୀ ବିପିନ ବିହାରି ଦୀପ, ସଦର ବ୍ଲକର ୩ଜଣ ଜିଲା ପରିଷଦ ସଦସ୍ୟ ଭାନୁପ୍ରତାପ ସିଂ ମାଝି, ଉମା ଠାକୁର, ଭରତଲାଲ ରାଉତ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜିଲା ସଂଯୋଜନ ବିମଳ କୁମାର, ଧନିରାମ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ସଦର ବ୍ଲକ ସମସ୍ତ ସରପଞ୍ଚ, ପଞ୍ଚାୟତ କାଯ୍ୟନିର୍ବାହୀ ଅଧିକାର, ଗ୍ରାମ ରୋଜଗାର ସେବକ, ସମିତି ସଭ୍ୟ ସଭ୍ୟାମାନେ ମଧ୍ୟ ଉପସ୍ଥିତ ଥିଲେ। ଏହା ବ୍ୟତିତ ବ୍ଲକର ନିର୍ବାହୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ଉଦ୍ୟାନ, କୃଷି ବିଭାଗ, ବନ ଭିବାଗ, ମୃତ୍ତିକା ସଂରକ୍ଷଣ ବିଭାଗ ଓ ଯେଉଁ ବିଭାଗଗୁଡିକ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ଜଡିତ ଅଛନ୍ତି ସେମାନେ ମଧ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲା ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସେଲ ପକ୍ଷରୁ ସଦର ବ୍ଲକରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ ନେଇ ଯେଉଁସବୁ ଅଭିଯୋଗ ହସ୍ତଗତ ହୋଇଛି ସେ ସବୁ ବିଷୟରେ ସମ୍ପୃକ୍ତ ପଞ୍ଚାୟତ ଅଧିକାରୀମାନଙ୍କୁ ନେଇ ଜନଶୁଣାଣି କରାଯାଇଥିଲା। ସଦର ବ୍ଲକରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅର୍ଥ ହେରଫେରର ପ୍ରାୟ ୨୫ଟି ମାମଲା ସାମନାକୁ ଆସିଥିଲା। ସେସବୁ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଏହାସହ ୧୫ତମ ଅର୍ଥ ଆୟୋଗ ୨୦୨୨-୨୩ ବର୍ଷର ମଧ ଆୟବ୍ୟୟ ଆଲୋଚନା ହୋଇଥିଲା। ଏହା ବ୍ୟତିତ ସରପଞ୍ଚଙ୍କ ଯାହା ଅଭିଯୋଗ ରହିଥିଲା ସେ ସବୁ ବିଷୟରେ ମଧ ଶୁଣାଣି କରାଯାଇଥିଲା। କିଛି ସରପଞ୍ଚ ପଞ୍ଚାୟତ ସମିତି ଅଧୀନରେ ହେଉଥିବା ପ୍ରତ୍ୟେକ କାର୍ଯ୍ୟ ପ୍ରତ୍ୟକଟି ଯୋଜନାର ଜନଶୁଣାଣି ହେବା ଆବଶ୍ୟକ ବୋଲି ଦାବି କରିଥିଲେ।

## ଚିଲିଗୁଡ଼ା ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ

କୋକସରା,୧୨।୧୨(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଡାଲଗୁମା ଗ୍ରାମରେ ମା' ଲଙ୍କେଶ୍ୱରୀ କ୍ଲବ ଆନୁକୂଲ୍ୟରେ ହରଦୁରାମ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ବଡଭଟା ଖେଳ ପଡ଼ିଆରେ ଉଦଘାଟିତ ହୋଇଯାଇଛି। ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଧର୍ମଗଡ଼ ନିର୍ବାଚନ ମଣ୍ଡଳୀ ସଭାପତି ମାନସ ରଞ୍ଜନ ବାଗ, ସମ୍ମାନିତ ଅତିଥି ଭାବେ ମୋଟେର ଜୋନ ଜିଲା ପରିଷଦ ସଭ୍ୟା ବୈଜୟନ୍ତି ପୂଝାରୀ, ବିଜେଡି ବ୍ଲକ ସଭାପତି ସୁଶାନ୍ତ କୁମାର ବେହେରା, ବିଜେଡି ବ୍ଲକ ସମ୍ପାଦକ ପଞ୍ଚକ ପୋଢ଼, ପୂର୍ବତନ ସମିତି ସଭ୍ୟ ଡାଲଗୁମା ଭୁବନେଶ୍ୱର ମାଝି ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଉଦଘାଟନୀ ମ୍ୟାଚ ଚିଲିଗୁଡା ଓ ତେନ୍ତୁଲିଆପଡା ମଧ୍ୟରେ ଚିତାକର୍ଷକ ଦେଖିବାକୁ ମିଳିଥିବା ବେଳେ ଚିଲିଗୁଡା ଦଳ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ନୈମିଶ ପଟ୍ଟନାୟକ ଓ ପର୍ଶୁରାମ ବିଶି ଅମ୍ପାୟାର ରହିଥିଲେ। ଲଙ୍କେଶ୍ୱରୀ କ୍ଲବ ସଦସ୍ୟ ଅମୋଜ ଧାରୁଆ, ପ୍ରଫୁଲ୍ଲ ଚଣ୍ଡି, ନୈମିଶ ପଟ୍ଟନାୟକ, ହରେଶ କଟା, ମୁକେଶ କଟା, ଗୋବିନ୍ଦ ନାଏକ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ଖେଳ ଦେଖିବାକୁ ୧ ହଜାରରୁ ଊର୍ଦ୍ଧ୍ୱ ଦର୍ଶକ ଉପସ୍ଥିତ ଥିଲେ।


କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନୀରେ ଅତିଥି ଏବଂ ଖେଳାଳି।

**ହରଦୁରାମ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ**

## ସମ୍ମିଳିତ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

ଖଡ଼ିଆଳ,୧୨।୧୨(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ୪୨ତମ ସମ୍ମିଳିତ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦଘାଟିତ ହୋଇଯାଇଛି। ଉତ୍ସବ ସଭାପତି ପ୍ରଦୋଷ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଉଦଘାଟନୀରେ ମୁଖ୍ୟଅତିଥି ଭାବେ ଖଡ଼ିଆଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବୀରସେନ ବେହେରା, ସମ୍ମାନିତ ଅତିଥି ଭାବେ ଖଡ଼ିଆଳ ଗୋଷ୍ଠୀ ଶିକ୍ଷା ଅଧିକାରୀ କାହ୍ନୁ ଚରଣ ନାୟକ, ଭାରତୀୟ ଜୀବନ ବୀମା ନିଗମ ଡଭଲପମେଣ୍ଟ ଅଫିସର ବିନୋଦ ବିହାରୀ ପାଢ଼ୀ ଓ କମିଟି ଉପସଭାପତି ତଥା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଗୀତାରାଣୀ ଯୋଷୀ ମଞ୍ଚାସୀନ ରହି ଦୈନନ୍ଦିନ ଜୀବନରେ କ୍ରୀଡ଼ାର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ସମାରୋହରେ ସାଙ୍ଗଠନିକ ସମ୍ପାଦକ ଗୌରୀ ଶଙ୍କର ଦୁବେ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଯୁଗ୍ମ ସମ୍ପାଦକ ପ୍ରଣବ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଗୌରାଙ୍ଗ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କ୍ରୀଡ଼ା ଶିକ୍ଷକ ରତନ ସିଂ ବାରିକ ଓ କୃପାସିନ୍ଧୁ ମେହେରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରମାନେ ଏକ ଶୋଭାଯାତ୍ରାରେ ମା'ସମଲେଶ୍ୱରୀଙ୍କ ପୀଠରୁ ମଶାଲ ଆଣି ପଡ଼ିଆରେ ସ୍ଥାପନ କରିଥିଲେ। ଦୌଡ଼ ପ୍ରତିଯୋଗିତରେ ଶିକ୍ଷକ ପ୍ରଶାନ୍ତ କୁମାର ପଣ୍ଡା, ଡିଆଁ ପ୍ରତିଯୋଗିତାରେ ଅକ୍ଷୟ କୁମାର ରଥ ଓ ଥ୍ରୋ ପ୍ରତିଯୋଗିତାରେ ପ୍ରହାସିନୀ ପାଢ଼ୀ ମୁଖ୍ୟ ବିଚାରକ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ପ୍ରତିଯୋଗିତାରେ ଶିକ୍ଷୟିତ୍ରୀ ପ୍ରମିଳା ପଟ୍ଟନାୟକ, ଶ୍ୟାମ ନାରାୟଣ ମୁଣ୍ଡ, ଜ୍ୟୋର୍ତିମୟୀ ପୋଢ଼, ପ୍ରଭୁଦତ୍ତ ପୁରୋହିତ, ପ୍ରତାପ ବାଗ, ଦୀପକ ରଞ୍ଜନ ଯୋଷୀ, ଅଶ୍ୱିନୀ ପଟ୍ଟନାୟକ, ଆଶିଷ ପଟ୍ଟନାୟକ, ଦମୟନ୍ତୀ ବିଶି ପ୍ରମୁଖ ବିଭିନ୍ନ ବିଭାଗର ବିଚାରକ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି।




## ବାଲ୍ୟବିବାହ ରୋକିବା ଉପରେ ଗୁରୁତ୍ୱ

ଭବାନୀପାଟଣା,୧୨।୧୨(ଉତ୍ତମ କୁମାର ଦାଶ)



ଅନୁଷ୍ଠିତ ଟାସ୍କ ଫୋର୍ସ ବୈଠକରେ ଆଲୋଚନା କରାଯାଉଛି।

**ବାଲ୍ୟ ବିବାହ ଓ ବେଟି ବଚାଓ, ବେଟି ପଢ଼ାଅ ଟାସ୍କ ଫୋର୍ସ ବୈଠକ**

ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ମଙ୍ଗଳବାର ବାଲ୍ୟ ବିବାହ ଓ ବେଟି ବଚାଓ, ବେଟି ପଢାଅ ସମ୍ପର୍କିତ ଟାସ୍କଫୋର୍ସ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ତ୍ରିଲୋଚନ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାର, ଜିଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାୟ, ଜିଲା କ୍ରୀଡା ଅଧିକାରୀ ରମେଶ ପାଢ଼ୀ, ନେହେରୁ ଯୁବ କେନ୍ଦ୍ର ସଂଯୋଜକ ପ୍ରସନ୍ନ ଅଧିକାରୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରା, ପୋଲିସ ବିଭାଗ, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ, ଶ୍ରମ ଅଧିକାରୀ, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତା ଓ ଶିଶୁ ସୁରକ୍ଷା ୟୁନିଟ କର୍ମକର୍ତ୍ତା ପ୍ରମୁଖ ଯୋଗଦେଇଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୈଳେନ୍ଦୁ ମହାପାତ୍ର ସ୍ୱାଗତ କରିବା ପରେ ଗତ ବୈଠକର ବିବରଣୀ ପାଠ କରିଥିଲେ। ଅତିରିକ୍ତ ଜିଲାପାଳ ପାତ୍ର ସମସ୍ତ ସଦସ୍ୟାସଦସ୍ୟ ଓ ବିଭାଗୀୟ ଅଧିକାରୀମାନଙ୍କୁ ଗତ ବୈଠକର ନିଷ୍ପତ୍ତି ସମ୍ପର୍କୀୟ କାର୍ଯ୍ୟକାରିଣିକୁ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲାରେ ବାଲ୍ୟ ବିବାହକୁ ରୋକିବା ଦିଗରେ ବିଭିନ୍ନ କାର୍ଯ୍ୟଧାରା ଆଗାମୀ ଦିନରେ କରିବା ପାଇଁ ସ୍ଥିରିକୃତ ହୋଇଥିଲା। ବୈଠକରେ ବାଲ୍ୟବିବାହକୁ ରୋକିବା ସକାଶେ ଅଧିକ ସଚେତନତାର ଆବଶ୍ୟକ ଅଛି ବୋଲି ଆଲୋଚନା ହୋଇଥିଲା। ସେ ଦିଗରେ ଆଗାମୀ ଦିନରେ ବିଭିନ୍ନ କାର୍ଯ୍ୟକ୍ରମ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ବେଟି ବଚାଓ ବେଟି ପଢାଅ ସମ୍ପର୍କିତ ବରାଦ ହୋଇଥିବା ଅର୍ଥର ଖର୍ଚ୍ଚ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା। ଆଗାମୀ ୩ ମାସ ମଧ୍ୟରେ କେଉଁ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ଏବଂ କନ୍ୟା ସନ୍ତାନମାନଙ୍କୁ କିପରି ପ୍ରୋତ୍ସାହିତ କରାଯାଇପାରିବ ସେ ସମ୍ପର୍କରେ ସବିଶେଷ ଆଲୋଚନା କରାଯାଇ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଶେଷରେ ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ ରାଜଲକ୍ଷ୍ମୀ ଦାଶ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଓଲଟିଲା ଧାନ ବୋଝେଇ ଟ୍ରକ୍



ବରଗଡ଼,୧୨।୧୨(ପ୍ରେମାନନ୍ଦ ଖମାରୀ): ବରଗଡ଼ ଜିଲା ଦେଓଗାଁ କେନାଲ ବ୍ରିଜରେ ମଙ୍ଗଳବାର ଏକ ଧାନ ବୋଝେଇ ଟ୍ରକ୍ (ନଂ.ଓଡ଼ି୧୭ଡି/୨୪୭୫) ଓଲଟି ପଡ଼ିଥିଲା। ଟ୍ରକରେ ବୋଝେଇ ହୋଇଥିବା ଧାନସବୁ ତଳେ ପଡିଥିବାବେଳେ ସ୍ଥାନୀୟ ଲୋକେ ଡ୍ରାଇଭର ତ୍ରିଲୋଚନ ବିଶ୍ୱାଳଙ୍କୁ ଉଦ୍ଧାର କରିଥିଲେ। ତାଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା। ତେବେ ଉକ୍ତ ବ୍ରିଜ ବିପଦଶଙ୍କୁଳ ଅବସ୍ଥାରେ ଥିବାବେଳେ ଏଠାରେ ନୂତନ ବ୍ରିଜ ନିର୍ମାଣ କିମ୍ବା ବ୍ରିଜ୍‌ର ଉନ୍ନତୀକରଣ ପାଇଁ ସ୍ଥାନୀୟ ଲୋକେ ବାରମ୍ବାର ଦାବି କରିଆସୁଛନ୍ତି। ମାତ୍ର ବିଭାଗୀୟ ଅଧିକାରୀମାନେ ସେ ନେଇ ପ୍ରତିଶ୍ରୁତି ଦେଉଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ।

### ଅସହାୟ ବୃଦ୍ଧା ଉଦ୍ଧାର

ବରଗଡ଼,୧୨।୧୨(ପ୍ରେମାନନ୍ଦ ଖମାରୀ): ବରଗଡ଼ ବ୍ଲକ ଅନ୍ତର୍ଗତ ବରଡ଼ୋଲ କେନାଲ ଛକରେ ଅସହାୟ ଅବସ୍ଥାରେ ପଡ଼ି ରହିଥିବା ଜଣେ ବୃଦ୍ଧାଙ୍କୁ ମଙ୍ଗଳବାର ଉଦ୍ଧାର କରାଯାଇଛି । ସମ୍ପୃକ୍ତ ବୃଦ୍ଧାଙ୍କ ପରିଚୟ ମିଳିପାରିନାହିଁ। ସାମାଜିକ ଅନୁଷ୍ଠାନ ନିଷ୍ଠା ପରିବାରର ସ୍ୱେଚ୍ଛାସେବୀମାନେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ନିଷ୍ଠା ପରିବାରର ମହିଳା ଶାଖା ସଂଯୋଜିକା ତ୍ରିପୁରା ସୁହୁଲା, ସୂତପା ଗଡ଼ତିଆ ପ୍ରମୁଖ ତାଙ୍କୁ ଉଦ୍ଧାର କର ୧୦୮ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନା ପଠାଇଥିଲେ।

### ବାର୍ଷିକ ଖେଳ ପ୍ରତିଯୋଗିତା ଉଦ୍‌ଯାପିତ

ବରପାଲି,୧୨।୧୨(ଚିତ୍ତରଞ୍ଜନ ସାହୁ): ବରପାଲି ଜଗବନ୍ଧୁ ଦାସ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ ଓଡ଼ିଶା ନବୀନ ଓଡ଼ିଶାର ଆନୁକୂଲ୍ୟରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧକ୍ଷ ପ୍ରଦୀପ କୁମାର ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରପାଲି ବ୍ଲକ ଅଧକ୍ଷା ରୀନା ଥଇତ ମୁଖ୍ୟଅତିଥି ଏବଂ ଅଧ୍ୟାପକ ସୁଧାଂଶୁ କୁମାର ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କ୍ରୀଡ଼ା ଶିକ୍ଷୟିତ୍ରୀ ବନ୍ଦିତା ପ୍ରଧାନ କ୍ରୀଡ଼ା ପରିଚାଳନା କରିଥିଲେ। ତିନିଦିନ ଧରି ହୋଇଥିବା ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ସମସ୍ତ କୃତୀ ଛାତ୍ରୀମାନଙ୍କୁ ମାନପତ୍ର ଓ ପୁରସ୍କାର ବଣ୍ଟନ କରାଯାଇଥିଲା। ଅଧ୍ୟାପକ ସୁରେଶ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସୁନିଲ କୁମାର ବେହେରା, ରବିନ୍ଦ୍ର ସାହୁ, ମିନତି ବାବୁ, ନିବେଦିତା ବେହେରା, ଅନ୍ତର୍ଯାମୀ ପଣ୍ଡା, ସୁରେନ୍ଦ୍ର ଦୀପ, ନିରଜ ସାହୁ, ପ୍ରଦୀପ ମିଶ୍ର, ପ୍ରକାଶ ନନ୍ଦ, ଆନନ୍ଦ ବେହେରା, କାଲୁ କୁମାର ଏବଂ ସମସ୍ତ ଛାତ୍ରୀ ସହଯୋଗ କରିଥିଲେ।

# ଫସଲ କ୍ଷତିପୂରଣ ଦାବି ତେଜିଲା

ବରଗଡ଼,୧୨।୧୨(ପ୍ରେମାନନ୍ଦ ଖମାରୀ)

ଅଦିନିଆଁ ବର୍ଷା ଯୋଗୁ ବରଗଡ଼ ଜିଲାରେ ବ୍ୟାପକ ଫସଲକ୍ଷତି ହୋଇଛି। ଜିଲାର ସବୁ ଅଞ୍ଚଳରେ ଉଭୟ ଧାନ, ପରିବା ଫସଲ ପ୍ରଭାବିତ ହୋଇଛି। ଅମଳ ଚାଲିଥିବାବେଳେ ବର୍ଷା ହେବା ଯୋଗୁ ଧାନ ଅଧିକ କ୍ଷତିଗ୍ରସ୍ତ ହୋଇଛି। ସେହିପରି ବିଭିନ୍ନ ସ୍ଥାନରେ ପରିବା ଫସଲ ମଧ୍ୟ ନଷ୍ଟ ହୋଇଛି। ଏଭଳି ସ୍ଥିତିରେ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଯୋଗାଇବାକୁ ଦାବି ଜୋର୍ ଧରିଛି। ମଙ୍ଗଳବାର ବରଗଡ଼ ଜିଲାର ବିଭିନ୍ନ ଅଞ୍ଚଳର ଚାଷୀ ପ୍ରତିନିଧିମାନେ ଏ ନେଇ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଜିଲାପାଳ ବାନାର୍ଜୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ପବିତ୍ର ବେହେରା ସ୍ମାରକପତ୍ର ଗ୍ରହଣ କରିଥିଲେ।



ଚାଷୀ ପ୍ରତିନିଧିଙ୍କଠାରୁ ଅତିରିକ୍ତ ଜିଲାପାଳ ସ୍ମାରକପତ୍ର ଗ୍ରହଣ କରୁଛନ୍ତି।

ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ବରଗଡ଼ ଜିଲାର କୃଷିକ୍ଷେତ୍ର ପ୍ରତି ସରକାର ଅଣଦେଖା କରୁଛନ୍ତି। ଚାଷୀମାନେ ବିଭିନ୍ନ ସମୟରେ କ୍ଷତିଗ୍ରସ୍ତ ହେଲେ ମଧ ସେମାନଙ୍କୁ ଠିକ୍ ଭାବେ କ୍ଷତିପୂରଣ ମିଳୁନାହିଁ। କ୍ଷତିପୂରଣ ସହାୟତା ପାଇଁ ଚାଷୀଙ୍କୁ ରାଜରାସ୍ତାକୁ ଓହ୍ଲାଇବାକୁ ପଡୁଛି। ତେବେ ଗତ ଲଗାଣ ବର୍ଷାରେ ଜିଲାରେ ଯେଭଳି ଫସଲକ୍ଷତି ହୋଇଛି, ତାର ଉପଯୁକ୍ତ କ୍ଷୟକ୍ଷତି ଆକଳନ କରି ଚାଷୀଙ୍କୁ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ବୀମା କ୍ଷତିପୂରଣ, ଇନପୁଟ୍ ସବସିଡ଼ି ଆଦି ଯୋଗାଇ ଦେବାକୁ ଦାବି ହୋଇଛି। ସେହିପରି ରବିଋତୁ ଫସଲବୀମା ସକାଶେ ବୀମାଭୁକ୍ତ ହେବା ପାଇଁ ଆସନ୍ତା ୧୫ତାରିଖ ଶେଷ ତାରିଖ ହୋଇଥିବାବେଳେ ବିଜୁ କୃଷକ କଲ୍ୟାଣ ଯୋଜନାରେ ଗଭୀର ନଳକୂପ ଖନନ ପାଇଁ ଆବେଦନର ଶେଷ ତାରିଖ ଆସନ୍ତା ୧୬ତାରିଖ ରହିଛି। ଫଳରେ ଏସବୁକୁ ଦୃଷ୍ଟିରେ ରଖି ତୁରନ୍ତ ଫସଲକ୍ଷତିର ଆକଳନ ସାରିବା ସହିତ ବର୍ଷାରେ ପ୍ରଭାବିତ ସମସ୍ତ ଧାନକୁ ସର୍ବନିମ୍ନ ସହାୟକ ମୂଲ୍ୟରେ କିଣିବା ଦିଗରେ ପଦକ୍ଷେପ ନେବାକୁ ଦାବି ହୋଇଛି । ଚାଷୀନେତା ରମେଶ ମହାପାତ୍ର, ପ୍ରଶାନ୍ତ ସାହୁ, ନିରଞ୍ଜନ ପ୍ରଧାନ, ପୁରନ୍ଦର ଭୋଇ, ପବିତ୍ର ଦେହେରୀ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

# ବରଗଡ଼ରେ ଜିଏସ୍‌ଟି ଚଢ଼ାଉ



ଜିଏସ୍‌ଟି ଅଧିକାରୀମାନେ ଫ୍ୟାକ୍ଟ୍ରି ମାଲିକଙ୍କୁ ପଚରାଉଚରା କରୁଛନ୍ତି ।

ବରଗଡ଼,୧୨।୧୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହର ଉପକଣ୍ଠ ବରାହଗୋଡ଼ା ରାସ୍ତାରେ ରହିଥିବା ଏକ ଅଗରବତୀ ଫ୍ୟାକ୍ଟ୍ରିରେ ମଙ୍ଗଳବାର ଜିଏସ୍‌ଟି ଚଢ଼ାଉ ହୋଇଥିଲା। ଟିକସ ଫାଙ୍କୁଥିବା ସୂଚନା ପାଇ ବିଭାଗୀୟ ଅଧିକାରୀମାନେ ସେଠାରେ ଅତର୍କିତ ଚଢ଼ାଉ କରିଥିଲେ। ଚଢ଼ାଉ ବେଳେ କାଗଜାତ ଯାଞ୍ଚ କରିବା ସହିତ ସେଠାରେ ପ୍ଲାଷ୍ଟିକ ଚୌକି, ତେଲ ଓ ଘିଅ ବୋତଲ ମଧ୍ୟ ତିଆରି ହେଉଥିବା ଦେଖିବାକୁ ମିଳିଥିଲା। ଫ୍ୟାକ୍ଟ୍ରିମାଲିକଙ୍କୁ ପଚରାଉଚୁରା କରି ଜିଏସ୍‌ଟି ଅଧିକାରୀମାନେ ଅଧିକ ତଦନ୍ତ ଜାରି ରଖିଛନ୍ତି।

# କ୍ରିଷ୍ଟା ବିକାଶର ବାର୍ଷିକୋତ୍ସବ ଉଦ୍‌ଯାପିତ



ବାର୍ଷିକୋତ୍ସବରେ କ୍ରିଷ୍ଟା ବିକାଶ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

ବରଗଡ଼,୧୨।୧୨(ପ୍ରେମାନନ୍ଦ ଖମାରୀ)

କ୍ରୀଷ୍ଟା ବିକାଶ ରାୟପୁରର ପ୍ରଥମ ବାର୍ଷିକୋତ୍ସବ ଭାଇବ୍ରାନ୍ସ-୨୦୨୩ ଅନୁଷ୍ଠିତ ହୋଇଯାଇଛି । କ୍ରୀଷ୍ଟା ବିକାଶ ଗ୍ରୁପ୍‌ର ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। କ୍ରୀଷ୍ଟା ବିକାଶ ଗ୍ଲୋବାଲ ସ୍କୁଲର ଅଧ୍ୟକ୍ଷା ମୋନିକା ସାରଙ୍ଗ, ଫାର୍ମାସୀ କଲେଜ ଅଧ୍ୟକ୍ଷା ଡଃ ଚଞ୍ଚଳଦୀପ କୌର, ସାଇନ୍ସ କଲେଜ ଅଧ୍ୟକ୍ଷା ଡଃ ସୀମା ଅଗ୍ରୱାଲ, ଇଞ୍ଜିନିୟରିଂ କଲେଜ ଅଧ୍ୟକ୍ଷ ଡଃ ଡି. ଦେବାଙ୍ଗନ ବାର୍ଷିକ ବିବରଣୀ ପାଠ କରିଥିଲେ। କ୍ରୀଷ୍ଟା ବିକାଶ ଗ୍ରୁପ୍‌ର ମ୍ୟାନେଜିଂ ଡାଇରେକ୍ଟର ବିବେକ ଦାଶରୀ ଉକ୍ତ ଅନୁଷ୍ଠାନର ଭବିଷ୍ୟତ ରୋଡ୍‌ମ୍ୟାପ୍ ଉପରେ ସୂଚନା ପ୍ରଦାନ କରିଥିଲେ ।

ଏହି ଅବସରରେ କ୍ରୀଷ୍ଟା ବିକାଶ ଗ୍ରୁପର ଚେୟାରମ୍ୟାନ ଦାଶରୀ ମୁରଲୀ କ୍ରୀଷ୍ଟା ଦୀର୍ଘ ୨୧ବର୍ଷର କ୍ରୀଷ୍ଟା ବିକାଶର ଏହି ଯାତ୍ରାରେ ଛାତ୍ରୀଛାତ୍ରମାନେ ଗୁଣାତ୍ମକ ମାନର ଶିକ୍ଷା, ଚିକିତ୍ସା କ୍ଷେତ୍ରରେ ଦେଶସେବାର ମନୋବୃତ୍ତି ନେଇ ପ୍ରତି ଶନିବାର ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ସେବା ଯୋଗାଇ ଦେଇଆସୁଛି ବୋଲି କହିଥିଲେ। ଦଶମ, ଦ୍ୱାଦଶ ବୋର୍ଡ ପରୀକ୍ଷା, ଜେଇଇ ମେନ୍, ନିଟ୍ (ମେଡ଼ିକାଲ), ବିଶ୍ୱବିଦ୍ୟାଳୟ ପରୀକ୍ଷା ତଥା ସର୍ବଭାରତୀୟ ପ୍ରବେଶିକା ପରୀକ୍ଷାମାନଙ୍କରେ ଉତ୍ତମ ପ୍ରଦର୍ଶନ କରିବା ସହିତ ରାଜ୍ୟ ତଥା ଜାତୀୟସ୍ତରରେ କ୍ରୀଡ଼ା, କଳା କ୍ଷେତ୍ରରେ ଛାତ୍ରୀଛାତ୍ର ନିଜ ପରାକାଷ୍ଠା ପ୍ରଦର୍ଶନ କରି ଆସିଛନ୍ତି ବୋଲି ସେ କହିଥିଲେ। ଆକ୍ସିସ୍ ବ୍ୟାଙ୍କ କ୍ରେଡ଼ିଟ୍ ହେଡ୍ ଦେବପ୍ରକାଶ ମହାନ୍ତି ରାୟପୁରରେ କ୍ରୀଷ୍ଟା ବିକାଶର କ୍ୟାମ୍ପସ ଆରମ୍ଭ କରିଥିବାରୁ ଉକ୍ତ ଅନୁଷ୍ଠାନକୁ ଧନ୍ୟବାଦ ଦେଇଥିଲେ। ସ୍ୱତନ୍ତ୍ର ଅତିଥି ଛଗନଲାଲ ମୁଦ୍ରା କ୍ରୀଷ୍ଟା ବିକାଶ ଗ୍ରୁପ୍‌ର ଚେୟାରମ୍ୟାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ରାୟପୁର କ୍ୟାମ୍ପସର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡଃ ଜବାହର ସୁରିସେଟ୍ଟୀ ଛାତ୍ରୀଛାତ୍ରଙ୍କ ଉଚ୍ଚ ପ୍ରଦର୍ଶନ ତଥା ଅଧ୍ୟାପିକା, ଅଧ୍ୟାପକଙ୍କ ବୌଦ୍ଧିକ ଉପଲବ୍ଧିକୁ ପ୍ରଶଂସା କରିଥିଲେ। କ୍ରୀଷ୍ଟା ବିକାଶ ଗ୍ରୁପ୍‌ର ଟ୍ରଷ୍ଟି ଦାଶରୀ ରାମ ତୁଳସୀଙ୍କ ଉପସ୍ଥିତିରେ ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା କୃତୀ ଛାତ୍ରୀଛାତ୍ରଙ୍କୁ କ୍ରୀଷ୍ଟା ବିକାଶ ଆୱାର୍ଡରେ ସମ୍ମାନିତ କରାଯାଇଥିଲା। ପରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । କ୍ରୀଷ୍ଟା ବିକାଶ ଗ୍ରୁପ୍‌ର ଜେନେରାଲ ମ୍ୟାନେଜର ଅବଦୁଲ ରହିମ ମହମ୍ମଦ ଧନ୍ୟବାଦ ଅର୍ପଣ କରିଥିଲେ।

### ଲରମ୍ଭା କଲେଜର ବାର୍ଷିକୋତ୍ସବ

ଅତାବିରା,୧୨।୧୨(ହୃଷୀକେଶ ଖମାରୀ)

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ଲରମ୍ଭା କଲେଜର ବାର୍ଷିକୋତ୍ସବର ପ୍ରଥମ ଦିବସ ମଙ୍ଗଳବାର ସ୍ଥାନୀୟ ବ୍ରଜମୋହନ ସାହିତ୍ୟ ସଂସଦରେ ଏକ ସାଧାରଣ ସଭା ହୋଇଥିଲା। କଲେଜ ଅଧ୍ୟକ୍ଷ ଡଃ ପ୍ରମୋଦ କୁମାର ଭୋଇ ଏଥିରେ ଅଧ୍ୟକ୍ଷତା କରିଥିଲେ। କଲେଜ ପ୍ରତିଷ୍ଠାତା ସ୍ୱର୍ଗତ ବ୍ରଜମୋହନ ପଣ୍ଡାଙ୍କ ପୁତ୍ର ପଦ୍ମଲୋଚନ ପଣ୍ଡା ମୁଖ୍ୟ ଅତିଥି, ଅବସରପ୍ରାପ୍ତ ଓଡ଼ିଆ ପ୍ରାଧ୍ୟାପକ ଡଃ ଶ୍ୟାମସୁନ୍ଦର ଧର ମୁଖ୍ୟ ବକ୍ତା, କଲେଜ ପରିଚାଳନା କମିଟି ସଭାପତି ରବିନାରାୟଣ ପଣ୍ଡା, ବ୍ରଜମୋହନ ସାହିତ୍ୟ ସଂସଦର ଉପସଭାପତି ତଥା ଓଡ଼ିଆ ବିଭାଗ ମୁଖ୍ୟ ଡଃ ଶାନ୍ତିଲତା ବାରିକ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ବ୍ରଜମୋହନଙ୍କ ପଲ୍ଲୀଶିକ୍ଷା ପ୍ରାଣତା ଓ କବିତ୍ୱ ଚିନ୍ତାଧାରାକୁ ସଭାରେ ଆଲୋଚନା କରାଯାଇଥିଲା। ସାରସ୍ୱତ ସାଧନାର ବହୁମୁଖୀ ପ୍ରତିଭା ଡଃ ଶ୍ୟାମସୁନ୍ଦର ଧରଙ୍କୁ ଚଳିତବର୍ଷର ବ୍ରଜମୋହନ ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ଓଡ଼ିଆ ସମ୍ମାନ ବିଭାଗରୁ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀ ଲିପ୍‌ସାରାଣୀ ଖେତିଙ୍କୁ ପ୍ରଭାତୀ ରଥ ସ୍ମାରକୀ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହାବ୍ୟତୀତ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଡଃ ଅଜିତ କୁମାର ରଥ ମଞ୍ଚ ପରିଚାଳନା କରିଥିବାବେଳେ ରଞ୍ଜିତ ପ୍ରଧାନ, ଯଶୋବନ୍ତୀ ସା ପୁରସ୍କାର ବିତରଣରେ ସହଯୋଗ କରିଥିଲେ। ସଂଘମିତ୍ରା ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ । ଦ୍ୱିତୀୟ ଅଧିବେଶନରେ ସମ୍ବଲପୁରୀ ନାଟକ 'ଜନ୍ କେ କାନ୍ଦ୍ କାନ୍ଦ୍ ଲାଗୁଛେ' ଛାତ୍ରୀଛାତ୍ରଙ୍କ ଦ୍ୱାରା ମଞ୍ଚସ୍ଥ ହୋଇଥିଲା। ଡଃ ଦିଗମ୍ବର ଚାନ୍ଦ, ମନୋରଞ୍ଜନ ତ୍ରିପାଠୀ, ପ୍ରମୋଦ କୁମାର ସେଠ, ଡଃ ସୁବଳ ରଞ୍ଜନ ସାହୁ, ରବିନ୍ଦ୍ର ନାଏକ, ମୁକେଶ ଧାନୁକା, ସରୋଜ କୁମାର ନାଏକ, ପବିତ୍ର ମାହାଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଧାରଣାରେ ମାଣ୍ଡ୍ରୋସିଲ ଡାକ କର୍ମଚାରୀ




ଡାକ କର୍ମଚାରୀମାନେ ଧାରଣାରେ ବସିଛନ୍ତି।

ପାଇକମାଳ,୧୨।୧୨(ବଡ ଶତପଥୀ)

ବରଗଡ ଜିଲା ପାଇକମାଳ ବ୍ଲକ ମାଣ୍ଡ୍ରୋସିଲ ଡାକ କର୍ମଚାରୀମାନେ ପୋଷ୍ଟ ଅଫିସ ସମ୍ମୁଖରେ ମଙ୍ଗଳବାର ଧାରଣା ଦେଇଥିଲେ। ଗ୍ରାମୀଣ ଡାକ ସେବକଙ୍କ କାର୍ଯ୍ୟ ନିର୍ଘଣ୍ଟ ଦୈନିକ ୮ ଘଣ୍ଟା ସ୍ଥିର କରିବା, ପ୍ରତି ୧୨ ବର୍ଷରେ ଆର୍ଥିକ ପଦୋନ୍ନତି ଦେବା ସୁପାରିଶକୁ ଶୀଘ୍ର ଲାଗୁ କରିବା, ସମସ୍ତ ଗ୍ରାମୀଣ ଡାକ ସେବକଙ୍କୁ ୫ ଲକ୍ଷ ଟଙ୍କା ଲେଖାଏଁ ସ୍ୱାସ୍ଥ୍ୟବୀମା ପ୍ରଦାନ, ଗ୍ରାମୀଣ ଡାକ ସେବକଙ୍କୁ ପେନସନ ପ୍ରଦାନ ଏବଂ ଗ୍ରାଚ୍ୟୁଇଟି ଓ ସେଭେରାନ୍ସ ଆଡଭାନ୍ସ ୫ ଲକ୍ଷ ଟଙ୍କା ପ୍ରଦାନ, ଟାର୍ଗେଟ ନାଁରେ ଅଧିକାରୀମାନଙ୍କୁ ଜୁଲମ ବନ୍ଦ ଦାବିରେ ଏହି ଧାରଣା ଅନୁଷ୍ଠିତ ହୋଇଥିଲା। ଏହି ଧାରଣାରେ ହୃଷୀକେଶ ପ୍ରଧାନ, ବେଦବ୍ୟାସ ପୁଟା, ଆନନ୍ଦ ବିଶ୍ୱାଳ, ଖେତ୍ରୁ ପ୍ରଧାନ, ମନବୋଧ ଧାରୁଆ, ସୁଦର୍ଶନ ରଣା, ସୁନୀଲ ବେହେରା, ଚତୁର୍ଭୁଜ ତାଣ୍ଡି ଏବଂ ତ୍ରିବିକ୍ରମ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।

# ସର୍ବଭାରତୀୟ ଫୁଟ୍‌ବଲ: ସେମିରେ ବୀରମହାରାଜପୁର



ମୁଖ୍ୟ ଅତିଥି ଖେଳାଳିମାନଙ୍କ ସହ କରମର୍ଦ୍ଦନ କରୁଛନ୍ତି।

ସୋହେଲା,୧୨।୧୨(ଅଶ୍ୱିନୀ କୁମାର ପାତ୍ର)

ବରଗଡ଼ ଜିଲା ସୋହେଲା ମିନି ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ମଙ୍ଗଳବାର ଦ୍ୱିତୀୟ ମ୍ୟାଚ୍ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ଏବଂ ସିସିଏଫ୍‌ଏ ବୀରମହାରାଜପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବୀରମହାରାଜପୁର ଦଳ ୫-୦ ଗୋଲରେ ରାଉରକେଲାକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଥିଲା। ପ୍ରଥମାର୍ଦ୍ଧରେ ବିଜୟୀ ଦଳର ଶେଖ୍ ଫରିଦ ଏବଂ ଦୀପକ ଓରାମ ଦୁଇଟି ଲେଖାଏଁ ଗୋଲ ଦେଇ ଅଗ୍ରଣୀ ହୋଇଥିଲେ। ଦ୍ୱିତୀୟାର୍ଦ୍ଧରେ ବିଜୟୀ ଦଳର କରଣ ଆଉ ଏକ ଗୋଲ ଦେଇ ଦଳକୁ ୫-୦ ଗୋଲରେ ବିଜୟୀ କରାଇଥିଲେ। ବୀରମହାରାଜପୁର ଦଳର ଶେଖ୍ ଫରିଦ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଆଜିର ମ୍ୟାଚ୍‌କୁ ସଚ୍ଚୀକାନ୍ତ ଦୂତିଆ, ଜିତେନ୍ଦ୍ର ଥନାପତି, ଲିଙ୍ଗରାଜ ପଧାନ, ଶୁଭମ ପାତ୍ର ପରିଚଳାନା କରିଥିଲେ। ସୁରେଶ ଦାଶ ମ୍ୟାଚ୍ କମିଶନର ଥିଲେ। ସୋହେଲା ତହସିଲଦାର ହରିଓମ୍ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବୁଧବାର ବୋକାରୋ ସେଲ୍ ଏକାଡେମୀ ଏବଂ ବୀରମହାରାଜପୁର ମଧ୍ୟରେ ପ୍ରଥମ ସେମିଫାଇନାଲ ଅନୁଷ୍ଠିତ ହେବ ବୋଲି ଆୟୋଜକ ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

### କାମ ନ ହେଲେ ରାସ୍ତାରୋକୋ ଆନ୍ଦୋଳନ

ପାଇକମାଳ,୧୨।୧୨(ବଡ ଶତପଥୀ)

**ପାଇକମାଳ-ଖାରବନ୍ଧ ରାସ୍ତା ଶୋଚନୀୟ**

ବରଗଡ ଜିଲା ପାଇକମାଳ ଛକରୁ ଖାରବନ୍ଧ ରାସ୍ତା ଶୋଚନୀୟ ହୋଇପଡିଛି। ୮ ମାସ ହେଲା ଜନୈକ ଠିକାଦାର ଏହି ରାସ୍ତା କାମ ପାଇଁ ଟେଣ୍ଡର ପାଇଥିଲେ ମଧ କାମ ଆରମ୍ଭ ହୋଇ ନ ଥିବାରୁ ଜନଅସନ୍ତୋଷ ଦେଖାଦେଇଛି। ରାସ୍ତାରେ ଥିବା ଖାଲଗୁଡିକରେ କ୍ରଶର ଡଷ୍ଟ ପକାଯାଇଥିବାରୁ ଗାଡ଼ିଯିବାଆସିବା ବେଳେ ଧୂଳିଉଡ଼ି ବାଟ ଦିଶୁନାହିଁ। ଏହାର ପ୍ରତିବାଦରେ ପାଇକମାଳ ଓ ବଇଦପାଲି ଗ୍ରାମବାସୀ ପାଇକମାଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଆଗାମୀ ୭ଦିନ ମଧ୍ୟରେ ରାସ୍ତା କାମ ଆରମ୍ଭ ନ ହେଲେ ରାସ୍ତାରୋକୋ ଆନ୍ଦୋଳନ କରାଯିବ ବୋଲି ଯୋଗେଶ ଚନ୍ଦ୍ର ଭୋଇ, ଲଳିତ ପ୍ରଧାନ, ହାଡୁ ସାହୁ, ବିନୋଦ କୁମାର କାଳିଆ, ଶଙ୍କର ଦାଶ, ମାତୃ ପ୍ରସାଦ ରଥ, କୈଳାସ ସାହୁ, ପ୍ରମୋଦ ସିଂ, କିଶୋର ଅଗ୍ରୱାଲ, ସଜନ ଅଗ୍ରୱାଲ, ରବିନ୍ଦ୍ର ଭୋଇ, ଚନ୍ଦନ ପ୍ରଧାନ ପ୍ରମୁଖ ଚେତାବନୀ ଦେଇଛନ୍ତି ।

# ଉଚ୍ଚ ଚିନ୍ତାଧାରା ସହ ଆଗେଇବାକୁ ପରାମର୍ଶ

**ସଂସ୍କାର ସ୍କୁଲର ପ୍ରତିଷ୍ଠା ଦିବସ**

ବରଗଡ଼,୧୨।୧୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲର ପ୍ରତିଷ୍ଠା ଦିବସ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ସ୍କୁଲର ପ୍ରତିଷ୍ଠାତ୍ରୀ ସାବିତ୍ରୀ ଦେବୀ ସାଓ୍ୱଡ଼ିଆଙ୍କ ଜନ୍ମଦିବସରେ ଏହା ହୋଇଥିଲା। କାର୍ଯ୍ୟକ୍ରମରେ ସ୍କୁଲ ଚେୟାରମ୍ୟାନ ସୁମନ ସାଓ୍ୱଡ଼ିଆ, ଭାଇସ୍ ଚେୟାରମ୍ୟାନ ରୋଶନ ଅଗ୍ରୱାଲ, ଡାଇରେକ୍ଟର ଅଜିତ ପଟ୍ଟନାୟକ, ପ୍ରିନ୍ସପାଲ କରନ ସାହୁ, ଏକାଡେମିକ କୋର୍ଡିନେଟର ସୀମା ସାହୁ, ସଂସ୍କାର ସାପ୍‌ଲିଙ୍ଗ ଡାଇରେକ୍ଟର ସିଦ୍ଧାର୍ଥ ସାଓ୍ୱଡ଼ିଆ, କୋର୍ଡିନେଟର ରୀତା ନାୟକ, ମମତା ସିହ୍ନା, ବବିତା ସାଓ୍ୱଡ଼ିଆ, ମମତା ଅଗ୍ରୱାଲ, ମେଘା ସାଓ୍ୱଡ଼ିଆଙ୍କ ସମେତ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଷଷ୍ଠରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।

ସ୍କୁଲର ପ୍ରତିଷ୍ଠାତ୍ରୀ ସାବିତ୍ରୀ ଦେବୀ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ନାଚଗୀତ ପରିବେଷଣ କରିଥିଲେ। ଶିକ୍ଷୟିତ୍ରୀମାନେ ସଙ୍ଗୀତ ଗାନ କରିଥିଲେ। ଦୃଢ଼ ଆତ୍ମବିଶ୍ୱାସ, ଉଚ୍ଚ ଚିନ୍ତାଧାରା ନେଇ ଆଗେଇ ଚାଲିବାକୁ କୋର୍ଡିନେଟର ସାହୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ମା, ବାପାଙ୍କ ପ୍ରତ୍ୟେକ ସ୍ୱପ୍ନକୁ ସାକାର କରିବା ପାଇଁ ସ୍କୁଲର ଚେୟାରମ୍ୟାନ ସାଓ୍ୱଡ଼ିଆ ପରାମର୍ଶ ଦେଇଥିଲେ। ସେହିପରି ଡାଇରେକ୍ଟର ପଟ୍ଟନାୟକ, ସାପ୍‌ଲିଙ୍ଗ ଡାଇରେକ୍ଟର ସାଓ୍ୱଡ଼ିଆ, ପ୍ରିନ୍ସପାଲ ସାହୁ ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଅନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ସ୍କୁଲର ପ୍ରତିଷ୍ଠାତ୍ରୀଙ୍କୁ ସ୍ୱାଗତ କରାଯାଉଛି ।

# କ୍ଷତିପୂରଣ ଦାବିରେ କଂଗ୍ରେସର ବିକ୍ଷୋଭ

ବରଗଡ଼,୧୨।୧୨(ପ୍ରେମାନନ୍ଦ ଖମାରୀ)

ଅଦିନିଆ ବର୍ଷା ଯୋଗୁ ବରଗଡ଼ ଜିଲା ସମେତ ପଶ୍ଚିମ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଧାନ, ପରିବା ଫସଲ ବ୍ୟାପକ ଭାବେ ପ୍ରଭାବିତ ହୋଇଛି। ଅମଳ ସମୟରେ ବର୍ଷା ହେବାରୁ ଧାନସବୁ ନଷ୍ଟ ହୋଇଛି। ଏଭଳି ସ୍ଥିତିରେ ତୁରନ୍ତ କ୍ଷୟକ୍ଷତି ଆକଳନ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ ଦିଗରେ ବିହିତ ପଦକ୍ଷେପ ନେବାକୁ ବରଗଡ଼ ଜିଲା କିଷାନ କଂଗ୍ରେସ କମିଟି ଦାବି କରିଛି । ଏହି ଦାବି ନେଇ ମଙ୍ଗଳବାର ଜିଲା କିଷାନ କଂଗ୍ରେସ କମିଟି ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଲଲାଟ କୁମାର ଲୁହା ସ୍ମାରକପତ୍ର ଗ୍ରହଣ କରିଥିଲେ।




ଜିଲାପାଳଙ୍କ ଅଫିସ ସମ୍ମୁଖରେ କଂଗ୍ରେସର ବିକ୍ଷୋଭ ।

କଂଗ୍ରେସ କର୍ମୀମାନେ ଏକ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ ଅଫିସ ସମ୍ମୁଖରେ ଚାଷୀଙ୍କୁ କ୍ଷତିପୂରଣ ଦାବିରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କ୍ଷତିଗ୍ରସ୍ତ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଯାଇଥିବାବେଳେ ବିଭାଗୀୟ ଅଧିକାରୀମାନେ କ୍ଷୟକ୍ଷତି ଆକଳନ କରିବାକୁ ବିଳମ୍ବ କରୁଥିବା ସେମାନେ ଅଭିଯୋଗ କରିଥିଲେ। ପରେ ୫ଦଫା ଦାବିରେ ସେମାନେ ସ୍ମାରକପତ୍ର ପ୍ରଦାନ କରିଥିଲେ। କ୍ଷତିଗ୍ରସ୍ତ ଧାନ ଚାଷୀଙ୍କୁ ଏକର ପ୍ରତି ୨୫ହଜାର ଟଙ୍କା ଲେଖାଏଁ ଏବଂ କ୍ଷତିଗ୍ରସ୍ତ ପରିବା ଚାଷୀଙ୍କୁ ଏକର ପ୍ରତି ୫୦ହଜାର ଟଙ୍କା ଲେଖାଏଁ କ୍ଷତିପୂରଣ ଦେବାକୁ ସ୍ମାରକପତ୍ରରେ ଦାବି ହୋଇଛି । ସେହିପରି ଚାଷୀଙ୍କ ସମ୍ପୂର୍ଣ୍ଣ କୃଷିଋଣ ଛାଡ଼ କରି ପ୍ରଚଳିତ କୃଷି ଇନ୍‌ପୁଟ୍ ସବ୍‌ସିଡ଼ିକୁ ଦେଢ଼ଗୁଣା ବୃଦ୍ଧି କରିବାକୁ କଂଗ୍ରେସ ଦାବି କରିଛି । ସେହିପରି ଅଦିନିଆ ବର୍ଷା ଯୋଗୁ ଧାନ ଭିଜିଯାଇଥିବାବେଳେ ତାହା ବିକ୍ରି ସମୟରେ ନାନା ଆଳ ଦେଖାଯାଉଥିବା ଅଭିଯୋଗ ହୋଇଛି। ସେଭଳି ଆଳ ଦେଖାଇବା ବନ୍ଦ କରି ବିନା କଟନୀଛଟନୀରେ ଚାଷୀଙ୍କ ସମସ୍ତ ଧାନକୁ ସରକାରଙ୍କ ଘୋଷିତ ସର୍ବନିମ୍ନ ସହାୟକ ମୂଲ୍ୟରେ କିଣାଯାଉ ବୋଲି କଂଗ୍ରେସ ପକ୍ଷରୁ ଦାବି ହୋଇଛି। ଜିଲା କିଷାନ କଂଗ୍ରେସ କମିଟି ସଭାପତି ଗୁଣମଣି ସାହୁଙ୍କ ନେତୃତ୍ୱରେ ଜିଲା କଂଗ୍ରେସ ସଭାପତି ନିହାର ରଞ୍ଜନ ମହାନନ୍ଦ, ପ୍ରଦୀପ ଦେବତା, ନିପନ କୁମାର ଦାଶ, ହରଦୀପ ସିଂ, ପ୍ରତାପ ନାୟକ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ବାପାଙ୍କ ଶୁଦ୍ଧିକ୍ରିୟା ସାମଗ୍ରୀ କିଣି ଫେରିବା ବେଳେ ପୁଅ ମୃତ

**ବଡ଼ଗାଁ,୧୨।୧୨(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଭୋଇପାଲି ପଞ୍ଚାୟତ ଖରିକାମୁଣ୍ଡା ଗ୍ରାମର ଟଙ୍କଧର ମୁଣ୍ଡା (୨୭) ମଙ୍ଗଳବାର ବାପାଙ୍କ ଶୁଦ୍ଧି କ୍ରିୟା ପାଇଁ ସାମଗ୍ରୀ କିଣି ବାଇକ୍ ଯୋଗେ ଘରକୁ ଫେରୁଥିବା ବେଳେ ସନ୍ଧ୍ୟା ୭ଟାରେ ଗାଁ ନିକଟ ବୁଲାଣୀଠାରେ ନିୟନ୍ତ୍ରଣ ହରାଇ କଲଭଟରେ ପିଟି ହୋଇଥିଲେ। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ସହିତ ଥିବା ଭିଣେଇ ଖିତୁ ମୁଣ୍ଡା (୩୧) ଗୁରୁତର ଆହତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି।

### ରେଲୱେ କଲୋନିରେ ଅଗ୍ନିକାଣ୍ଡ

**ରାଉରକେଲା,୧୨।୧୨(ସଙ୍ଗୀତା ଜେନା):** ରେଲୱେ କଲୋନିରେ ଜଣେ ବ୍ୟକ୍ତିଙ୍କ ଘରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ଆସବାବପତ୍ର ଜଳିପୋଡି ନଷ୍ଟ ହୋଇଯାଇଛି। ଖବର ପାଇ ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ମଙ୍ଗଳବାର ଅପରାହ୍ନରେ ରେଲୱେ କଲୋନିରେ କର୍ମଚାରୀ ବାଙ୍କ ବିହାରୀ ସାହୁ ଓ ତାଙ୍କ ପରିବାର ଲୋକେ ଘରେ ନ ଥିବା ବେଳେ ସର୍ଟସର୍କିଟ ହୋଇ ନିଆଁ ଲାଗିଯାଇଥିଲା। ସ୍ଥାନୀୟ ଲୋକେ ଅଗ୍ନିଶମ ବାହିନୀକୁ ସୂଚନା ଦେଇଥିଲେ। ଅଗ୍ନିଶମ ବାହିନୀ ସେଠାରେ ପହଞ୍ଚିବା ବେଳକୁ ଆସବାବପତ୍ର ଜଳିଯାଇଥିଲା।

### ଭାଲୁ ଆକ୍ରମଣରେ ମହିଳା ଗୁରୁତର

**ରାଉରକେଲା,୧୨।୧୨(ଦିନେଶ ମିଶ୍ର):** ଭାଲୁ ଆକ୍ରମଣରେ ବଣାଇ ଅଞ୍ଚଳର ଜଣେ ମହିଳା ଗୁରୁତର ହୋଇଛନ୍ତି। ସେ ହେଲେ ଉଷା ହେମ୍ବ୍ରମ୍(୫୮)। ସୂଚନା ଅନୁସାରେ, ବଣାଇ ନରେନ୍ଦ୍ର ଅଞ୍ଚଳର ଉଷା ସୋମବାର ଅପରାହ୍ନ ସାଢେ ୩ଟାରେ ଘର ପାଖ ଜଙ୍ଗଲକୁ ଛେଳି ଚରାଇବାକୁ ଯାଇଥିଲେ। ଏହି ସମୟରେ ତାଙ୍କୁ ଏକ ଭାଲୁ ଆକ୍ରମଣ କରିଥିଲା। ମହିଳା ଜଣଙ୍କ ଚିତ୍କାର କରିବାରୁ ପାଖରେ ଥିବା ଲୋକେ ସେଠାକୁ ଆସି ତାଙ୍କୁ ଉଦ୍ଧାର କରି ପ୍ରଥମେ ବଣେଇ ଡାକ୍ତରଖାନା ଓ ପରେ ଆରଜିଏଚ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ମଙ୍ଗଳବାର ବୁର୍ଲାସ୍ଥିତ ଭିମ୍‌ସାରକୁ ସ୍ଥାନାନ୍ତର କରାଯାଇଛି।

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**କୁତ୍ରା, ୧୨।୧୨(ଦେବାଶିଷ ସାହୁ):** ସୁନ୍ଦରଗଡ ଜିଲା କୁତ୍ରା ଥାନା ଖତକୁରବାହାଲ ମାଲିପଡ଼ାର ଏକ ନିମ୍ବଗଛରୁ ଜଣେ ଯୁବକଙ୍କ ମୃତଦେହ ମଙ୍ଗଳବାର ପୋଲିସ ଜବତ କରିଛି। ମୃତକ ହେଲେ ଉକ୍ତ ଗ୍ରାମର ଅନୁଜ କିରୋ(୨୦)। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଥିବା ବେଳେ ପୋଲିସ ଏହାର ତଦନ୍ତ କରୁଛି। ମିଳିଥିବା ସୂଚନା ଅନୁଯାୟୀ, ଅନୁଜ ଭୋରୁ କୌଣସି କାମରେ ଘରୁ ବାହାରିଥିଲେ। ହେଲେ ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ପରେ ଘରଠାରୁ ଅଳ୍ପ ଦୂରରେ ଥିବା ଏକ ନିମ୍ବଗଛରେ ତାଙ୍କର ଝୁଲନ୍ତା ମୃତଦେହ ଦେଖି ପରିବାର ଲୋକେ ପୋଲିସକୁ ଖବର ଦେଇଥିଲେ। ମୃତଦେହ ଅଧିକ ଉଚ୍ଚତାରେ ଥିବାରୁ ଅଗ୍ନିଶମ ବାହିନୀର ସହାୟତା ନିଆଯାଇଥିଲା।

# ସରିଲା ଇସ୍ପାତ ନାଟ୍ୟ ମହୋତ୍ସବ

**ରାଉରକେଲା,୧୨।୧୨(ବିପ୍ଳବ ରଞ୍ଜନ ଦାଶ)**


ନାଟ୍ୟ ମହୋତ୍ସବର ଅନ୍ତିମ ରଜନୀ ନାଟକର ଦୃଶ୍ୟ ।

ରାଉରକେଲା ଏକତ୍ର ନାଟ୍ୟାନୁଷ୍ଠାନ ତରଫରୁ ଚାଲିଥିବା ଇସ୍ପାତ ନାଟ୍ୟ ମହୋତ୍ସବ-୨୦୨୩ର ମଙ୍ଗଳବାର ଅନ୍ତିମ ରଜନୀରେ ଐତିହାସିକ ନାଟକ ବିସର ମହାନ୍ତି ମଞ୍ଚସ୍ଥ ହୋଇଥିଲା। ନାଟ୍ୟକାର ଡଃ ସନ୍ତୋଷ ବିଶ୍ୱାଳଙ୍କ ରଚିତ ଓ ଡଃ ସତ୍ୟରଞ୍ଜନ ଦାସଙ୍କ ନିର୍ଦ୍ଦେଶିତ ଉକ୍ତ ନାଟକରେ ଡଃ ସମୀର ପାତ୍ର ଏବଂ ଡଃ ସୁଶାନ୍ତ ପାଣି ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ପ୍ରଳୟ ଶତପଥି ମଞ୍ଚ ପରିଚାଳନା କରିଥିଲେ। ଷୋଡଶ ଶତାବ୍ଦୀରେ ବଙ୍ଗର ଶାସକ କଳାପାହାଡ ଯେତେବେଳେ ଉତ୍କଳକୁ ଆକ୍ରମଣ କରିଥିଲା ସେତେବେଳେ ଉତ୍କଳ ସୌନ୍ଦର୍ଯ୍ୟମୟୀ ମନ୍ଦିର ଓ ତାର ଅଧିଷ୍ଠାତ୍ରୀ ଦେବଦେବୀଙ୍କୁ ହରାଇଥିଲା। କଳାପାହାଡ ଆକ୍ରମଣରେ କୋଣାର୍କ ସୂର୍ଯ୍ୟମନ୍ଦିର ସହ ବହୁ ମନ୍ଦିର ପାଲଟିଥିଲା ଧ୍ୱଂସ ସ୍ତୁପ। ମହାପ୍ରଭୁ ଜଗନ୍ନାଥ ବି ନିସ୍ତାର ପାଇ ନ ଥିଲେ। ସେସମୟରେ ପ୍ରଭୁ ଜଗନ୍ନାଥଙ୍କ ପ୍ରତି ପ୍ରଗାଢ ଭକ୍ତି ଓ ଅଦମ୍ୟ ସାହସ ଯୋଗୁ ଜଗନ୍ନାଥଙ୍କ କୃପାଲାଭ କରି କଳାପାହାଡଠାରୁ ଉତ୍କଳକୁ ଫେରାଇ ଅଣାଯାଇଥିଲା। ଏହାକୁ ନେଇ ନାଟକଟି ଗତିଶୀଳ ହୋଇଛି। ନାଟକଟି ସମ୍ପୂର୍ଣ୍ଣ ଭକ୍ତି ଓ ସାହସ ଭରା ରହିଥିଲା। ଅନ୍ତିମ ରଜନୀରେ ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି, ଇଣ୍ଡିଆନ ମେଡିକାଲ ଆସୋସିଏଶନ ରାଉରକେଲା ଶାଖା ସଭାପତି ଡଃ ସଞ୍ଜୟ ରାୟ ଏବଂ ଡଃ ଗୋପବନ୍ଧୁ ବଳ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ନାଟ୍ୟ ନିର୍ଦ୍ଦେଶକ ଝିଲିମା ମହାନ୍ତି, ଶୁଭଶ୍ରୀ ଦାଶ ଓ ପ୍ରଳୟ ଶତପଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏକତ୍ର ଅନୁଷ୍ଠାନର ସଭାପତି ରାଜୀବ ପାଣି ଏବଂ ସାଧାରଣ ସମ୍ପାଦକ ସୁଦେଶ ନାୟକ ଉପସ୍ଥିତ ଥିଲେ।

# ନୀଳଶୈଳ କଲେଜରେ ଯୁବ ଓଡ଼ିଶା, ନୂତନ ଓଡ଼ିଶା କାର୍ଯ୍ୟକ୍ରମ

**ରାଉରକେଲା,୧୨।୧୨(ସଙ୍ଗୀତା ଜେନା)**

ଜଗଦାସ୍ଥିତ ନୀଳଶୈଳ କଲେଜରେ ଦ୍ୱିଦିବସୀୟ ନୂଆ ଓଡ଼ିଶା କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ନଭେମ୍ବର ୧୫ରୁ ଆରମ୍ଭ ହୋଇଥିବା ଉକ୍ତ କାର୍ଯ୍ୟକ୍ରମ ଅଧୀନରେ ଖେଳକୁଦ, ପ୍ରତିଯୋଗିତା, ସମାଜସେବା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ହୋଇଥିଲା। ଉଦ୍‌ଯାପନୀ ଦିବସରେ କଲେଜ ପରିଚାଳନା କମିଟି ସଭାପତି ଅଜୟ ମହାନ୍ତି ମୁଖ୍ୟ ଅତିଥି, ପ୍ରାକ୍ତନ ଶିକ୍ଷାବିତ୍ କମଳାକାନ୍ତ ଦାସ ସମ୍ମାନିତ ଅତିଥି ଓ ପ୍ରାକ୍ତନ କଲେଜ ଅଧ୍ୟକ୍ଷ ଗଜେନ୍ଦ୍ର ନାଥ ଦାସ ମୁଖ୍ୟବକ୍ତା ଭାବେ ପ୍ରମୁଖ ମଞ୍ଚାସୀନ ଥିଲେ। କଲେଜ ଅଧ୍ୟକ୍ଷ ଡ. ସୁରେନ୍ଦ୍ର ନାଥ ଶର୍ମା ସ୍ୱାଗତ ଭାଷଣ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ କଲେଜ ଛାତ୍ରୀମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଫ୍ୟାଶନ ଶୋ ପରିବେଷିତ ହୋଇଥିଲା। ନୋଡାଲ ଅଧିକାରୀ ତଥା ଡେପୁଟି ସେକ୍ରେଟାରୀ ଅମୀୟ ରାଉତଙ୍କୁ କଲେଜ ଅଧ୍ୟକ୍ଷ ଶର୍ମା ସମ୍ବର୍ଦ୍ଧିତ କରିଥିଲେ। ସାଂସ୍କୃତିକ ସଂଯୋଜକ ପ୍ରିୟଙ୍କା ପୂର୍ତ୍ତି, ଶୀତଲ କୁମାର ମିଞ୍ଜ, ପ୍ରଭା ସୁଚେତା ଏକ୍କା, କ୍ରୀଡ଼ା ସଂଯୋଜକ ସିତ ଭୂୟାଁ, ସୁମନ ସାହୁ, ସୁଶାନ୍ତ ଶତପଥୀ, ସାମାଜିକ କାର୍ଯ୍ୟକଳାପ ସଂଯୋଜକ ଡ. ସୁଶାନ୍ତ କିଷାନ, ଡ. ନେହା ଶର୍ମା, ବିଜୟ ଦାସ ପ୍ରମୁଖ ସହଯୋଗ କରିଥିଲେ। ସୋମବାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପ୍ରାକ୍ତନ ବିଧାୟକ ତଥା ଜିଲା ପରିଷଦ ଅଧ୍ୟକ୍ଷ ହାଲୁ ମୁଣ୍ଡାରୀ ମୁଖ୍ୟ ଅତିଥି, ସଙ୍ଗୀତ ନିର୍ଦ୍ଦେଶକ ଭାସ୍କର ପୁହାଣ, ପ୍ରାକ୍ତନ ଅଧ୍ୟକ୍ଷ ପ୍ରଦୀପ ନନ୍ଦ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ।



ଡେପୁଟି ସେକ୍ରେଟାରି ଅମିୟ ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ମଣିଷ ଜୀବନର ଅୟମାରମ୍ଭ ଗଣନାରୁ ହିଁ ହୋଇଥାଏ


ମେଳାରେ କୃତୀ ଛାତ୍ରୀଛାତ୍ର।

**ରାଉରକେଲା,୧୨।୧୨(ବିପ୍ଳବ ରଞ୍ଜନ ଦାଶ)**

**ରାଉରକେଲାରେ ରାଜ୍ୟସ୍ତରୀୟ ଗଣିତ ମେଳା**

ରାଉରକେଲା ସେକ୍ଟର-୨ ସ୍ଥିତ ସୁଶୀଳାବତୀ ସରକାରୀ ମହାବିଦ୍ୟାଳୟ ପରିସରରେ ସୋମବାର ରାଜ୍ୟସ୍ତରୀୟ ଗଣିତ ମେଳା ଅନୁଷ୍ଠିତ ହୋଇଯାଇଛି। ମେଳାରେ ସୁଶୀଳାବତୀ ସରକାରୀ ମହାବିଦ୍ୟାଳୟ, ଏ.ଏନ୍. ଖୋସଲା ଡିଏଭି ପବ୍ଲିକ ସ୍କୁଲ ଏବଂ ଦୀପିକା ଇଂରାଜୀ ମାଧ୍ୟମିକ ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ମେଳାରେ ଛାତ୍ରୀଛାତ୍ର ଗଣିତ ସମ୍ବନ୍ଧୀୟ ମଡେଲ ପ୍ରଦର୍ଶନ କରିଥିଲେ। ମହାବିଦ୍ୟାଳୟର ପ୍ରଧାନ ପ୍ରଧାପିକା ଡା. ପଦ୍ମଜା ପଟ୍ଟନାୟକ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଗଣିତ ବିଭାଗ ମୁଖ୍ୟ ଶ୍ରଦ୍ଧାଞ୍ଜଳୀ ମିଶ୍ର ଓ ଅଧାପକ ସାଇଗୋପାଳ ଓରଗୁରୁଙ୍କ ତତ୍ତ୍ୱାବଧାନରେ ଗଣିତ ମେଳା ପରିଚାଳିତ ହୋଇଥିଲା। ମେଳାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଗଣିତ ଅଧାପକ ବାସୁଦେବ ଦାସ ଯୋଗଦେଇ ମୂଲ୍ୟାୟନ କରିଥିଲେ। ପ୍ରଧାନ ପ୍ରାଧାପିକା ଡାକ୍ତର ପଦ୍ମଜା ପଟ୍ଟନାୟକ କହିଥିଲେ, ମଣିଷ ଜୀବନର ଅୟମାରମ୍ଭ ଗଣନାରୁ ହିଁ ହୋଇଥାଏ। ବହି ଖାତାରେ ପଢୁଥିବା ଗଣିତ ମଣିଷର ଦୈନନ୍ଦିନ ଜୀବନରେ ବିଜ୍ଞାନ ତୁଲ୍ୟ କାମ କରେ। ଏହି ଧାରଣାକୁ ସର୍ବସାଧାରଣରେ ପ୍ରଚାର ପ୍ରସାର ପାଇଁ ପ୍ରଥମ ଥର ଏକାଦଶ, ଦ୍ୱାଦଶ ଓ ସ୍ନାତକ ଛାତ୍ରୀଛାତ୍ରଙ୍କୁ ନେଇ ରାଜ୍ୟସ୍ତରୀୟ ଗଣିତ ମେଳା ଆୟୋଜନ କରାଯାଇଥିବା ସେ କହିଥିଲେ। ଏହି ମେଳାରେ ଡିଏଭି ପବ୍ଲିକ ସ୍କୁଲର ଗଣିତ ବିଦ୍ୟାର୍ଥୀ ଅଜୟ ଚକ୍ରବର୍ତ୍ତୀ, ଶୁଭଜିତ ନାୟକ ଓ ବରୁଣ କୁମାର ୧ମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ସେହିପରି ସୁଶୀଳାବତୀ ମହାବିଦ୍ୟାଳୟର ଯୁକ୍ତ ୩ ଶେଷବର୍ଷର ଛାତ୍ରୀ ସୁଷମା ଲାକ୍ରା ଓ ବିଜୟୀ ମହାରଣା ଦ୍ୱିତୀୟ ଏବଂ ଏ. ଏନ୍ ଖୋସଲା ଦୀପିକା ଇଂରାଜୀ ମାଧ୍ୟମିକ ସ୍କୁଲର ସିଜଲ ଓ ସାବତ ତୃତୀୟ ସ୍ଥାନ ଅଧିକାର କରିଥିଲେ।

# ମାଣ୍ଡିଆ ବିକ୍ରି ପାଇଁ ସଚେତନତା ରଥର ଶୁଭାରମ୍ଭ

**ବାଲିଶଙ୍କରା,୧୨।୧୨( ହୃଦାନନ୍ଦ ବାରିକ)**

ବାଲିଶଙ୍କରାରେ ସେବକ ଅନୁଷ୍ଠାନ ତରଫରୁ ଓଡ଼ିଶା ମିଲେଟ ମିଶନ ପ୍ରୋଜେକ୍ଟର ଅଧିକାରୀ ମୋନାଲିସା ପାଢ଼ୀଙ୍କ ତତ୍ତ୍ୱାବଧାନରେ ମଙ୍ଗଳବାର ବ୍ଲକ ପରିସରରେ ମାଣ୍ଡିଆ ବିକ୍ରି ପାଇଁ ସଚେତନତା ରଥର ଶୁଭାରମ୍ଭ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବିଡିଓ ଜ୍ୟୋତିର୍ମୟୀ ପ୍ରଧାନ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଉଦୟକାନ୍ତି ପଟେଲ, ମନବତୀ ସୁନ୍ୟାନି, ତରୁଣ ସାହୁ, ଜିଭିୟର କିରୋ, ଅମିତ କୁମାର ସାହୁ ଏବଂ ସେବକର କର୍ମଚାରୀ ଉପସ୍ଥିତ ଥିଲେ। ଏହି ରଥ ବ୍ଲକର ୧୯ ପଞ୍ଚାୟତ ପରିଭ୍ରମଣ କରିବ ଓ ଚାଷୀଙ୍କୁ ମାଣ୍ଡିଆ ବିକ୍ରି କରିବାକୁ ସଚେତନ କରାଇବ। ବ୍ଲକ ଅଞ୍ଚଳରେ ୭୦୦ କୁଇଣ୍ଟାଲ ମାଣ୍ଡିଆ କିଣିବାର ସ୍ଥିରତା ରଖାଯାଇ ୧ କୁଇଣ୍ଟାଲ ପ୍ରତି ୩୮୪୬ ଟଙ୍କାରେ ବିକ୍ରୟ ହେବ ବୋଲି ସୂଚନା ଦିଆଯାଇଛି।

# କଳାବ୍ୟାଜ୍ ପିନ୍ଧି ଅଗ୍ନିଶମ କର୍ମଚାରୀଙ୍କ ବିକ୍ଷୋଭ

**ରାଉରକେଲା,୧୨।୧୨(ଦିନେଶ ମିଶ୍ର)**

୨ଦଫା ଦାବି ନେଇ ରାଉରକେଲା ଅଗ୍ନିଶମ କର୍ମଚାରୀ କଳାବ୍ୟାଜ୍ ପିନ୍ଧି ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବିକ୍ଷୋଭର ଦ୍ୱିତୀୟ ଦିନରେ ସେମାନେ ପାୱାରହାଉସ୍ ରୋଡ୍ ସ୍ଥିତ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଭାବେ ସେମାନଙ୍କ ଦାବିକୁ ଉପସ୍ଥାପନ କରିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଭାଗର ସିଇଏଫ୍‌ଓ ଦେବବ୍ରତ ସ୍ୱାଇଁଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ ଅଗ୍ନିଶମ ବିଭାଗର ଆଗ୍ନିକ, ଆଗ୍ନିକ ଗାଡି ଚାଳକ, ହାବିଲଦାର (ମୁଖ୍ୟ ଆଗ୍ନିକ) ପ୍ରମୁଖ ଯୋଗ ଦେଇଥିଲେ। କର୍ମଚାରୀମାନେ ବିଶେଷ କରି ଓଡିଶା ପୋଲିସ ସିପାହୀ ଓ ହାବିଲଦାରଙ୍କ ଦରମାର ଲେଭଲ ଓ ଭତ୍ତା ସହ ସମାନ କରି ପ୍ରଦାନ କରିବା, ଅଗ୍ନିଶମ ସେବାସଂସ୍ଥା କର୍ମଚାରୀ ସଂଘର ସରକାରୀ ପଞ୍ଜୀକରଣ କରିବାକୁ ଦାବି କରିଥିଲେ। ଏହି ୨ ଦଫା ଦାବି ପୂରଣ କରା ନ ଗଲେ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ କର୍ମଚାରୀମାନେ କଳାବ୍ୟାଜ୍ ପିନ୍ଧି ବିକ୍ଷୋଭ ପ୍ରଦର୍ଶନ ଜାରି ରଖିବେ ବୋଲି କହିଛନ୍ତି।


ଅଗ୍ନିଶମ କର୍ମଚାରୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ୭ ଦଫା ଦାବିରେ ଆନ୍ଦୋଳନ ଜାରି

**ରାଉରକେଲା,୧୨।୧୨(ସଙ୍ଗୀତା ଜେନା)**

ରାଉରକେଲା ମ୍ୟୁନିସିପାଲ କର୍ପୋରେଶନ ଏମ୍ପ୍ଲୟିଜ୍ ୟୁନିୟନ୍ ପକ୍ଷରୁ ୭ ଦଫାଦାବିରେ ଆରମ୍ଭ ହୋଇଥିବା ଆନ୍ଦୋଳନ ମଙ୍ଗଳବାର ଦ୍ୱିତୀୟ ଦିବସରେ ପହଞ୍ଚିଛି। ଏହି ପରିପ୍ରେକ୍ଷୀରେ କର୍ମଚାରୀମାନେ ମୁହଁରେ କଳା କପଡ଼ା ବାନ୍ଧି ଅଧଘଣ୍ଟିଆ ଆନ୍ଦୋଳନ କରିଥିଲେ। ସଂଘ ସଭାପତି ଆନନ୍ଦ ଚନ୍ଦ୍ର ମହାନ୍ତି, କାର୍ଯ୍ୟକାରୀ ସଭାପତି ପ୍ରମୋଦ ପଟ୍ଟନାୟକ, ସାଧାରଣ ସମ୍ପାଦକ ରସାନନ୍ଦ ନାୟକ, ଉପସଭାପତି ସଚ୍ଚିନ୍ଦ୍ର ଦାସ, ଧରଣୀଧର ବେହେରା, ମହେନ୍ଦ୍ର ଦାସ, ଅଞ୍ଜନ ଦାସ, ଆଇ. ଏ. ଖାନ୍‌ଙ୍କ ସମେତ ଶତାଧିକ କର୍ମୀ ଏଥିରେ ଅଂଶଗ୍ରହଣ କରିଥିଲେ। ସୂଚନାଯୋଗ୍ୟ, ୨୦୧୪ରେ ସ୍ଥାୟୀ ନିଯୁକ୍ତି ପାଇଥିବା କର୍ମଚାରୀଙ୍କୁ କୋର୍ଟ ନିର୍ଦ୍ଦେଶକ୍ରମେ ସର୍ବନିମ୍ନ ପେନସନ୍ ପ୍ରଦାନ, ୱାର୍କଚାର୍ଜ କର୍ମଚାରୀମାନଙ୍କୁ ନଗର ଉନ୍ନୟନ ପତ୍ର ଅନୁସାରେ ଗ୍ରାଚ୍ୟୁଇଟି ସହ ସ୍ଥାୟୀ ନିଯୁକ୍ତି ପ୍ରଦାନ, ମୃତ୍ୟୁବରଣ କରିଥିବା କର୍ମଚାରୀଙ୍କ ଉତ୍ତରାଧିକାରୀଙ୍କୁ ନିଯୁକ୍ତି ପ୍ରଦାନ, ଅବସର ଗ୍ରହଣ କରୁଥିବା କର୍ମଚାରୀମାନଙ୍କୁ ଏକକାଳୀନ ପ୍ରାପ୍ୟ ପ୍ରଦାନ, ସମସ୍ତ କର୍ମଚାରୀଙ୍କ ଚିକିତ୍ସା ପାଇଁ ଏକ ସ୍ଥାୟୀ ବ୍ୟବସ୍ଥା ଆଦି ୭ ଦଫା ଦାବି ନେଇ ଆର୍‌ଏମ୍‌ସି କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି।


ଆର୍‌ଏମ୍‌ସି ଅଫିସ ସମ୍ମୁଖରେ କର୍ମଚାରୀମାନେ ଆନ୍ଦୋଳନ କରୁଛନ୍ତି।

# ୮ଦଫା ଦାବିରେ ଡାକ ସେବକ ସଂଘର ଧର୍ମଘଟ

**ବଡ଼ଗାଁ,୧୨।୨୨(ଅଶୋକ ଷଡ଼ଙ୍ଗୀ)**

ଅଖିଳ ଭାରତୀୟ ଗ୍ରାମୀଣ ଡାକ ସେବକ ସଂଘ ବଡ଼ଗାଁ ଶାଖା ପକ୍ଷରୁ ୮ ଦଫା ଦାବିରେ ମଙ୍ଗଳବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧର୍ମଘଟ ଆରମ୍ଭ ହୋଇଛି। ଦୀର୍ଘ ବର୍ଷର ସର୍ବନିମ୍ନ ନ୍ୟାର୍ଯ୍ୟ ଦାବି ଗୁଡ଼ିକୁ କେନ୍ଦ୍ର ସରକାର ପୂରଣ କରୁ ନ ଥିବାରୁ ସେମାନେ ଏହି ଧର୍ମଘଟ ଡାକରା ଦେଇଛନ୍ତି। ଗ୍ରାମୀଣ ଡାକ ସେବକଙ୍କ କାର୍ଯ୍ୟ ନିର୍ଘଣ୍ଟକୁ ୮ ଘଣ୍ଟା କରିବା, ଅବସରପ୍ରାପ୍ତ କର୍ମଚାରୀଙ୍କ ପେନସନ ବ୍ୟବସ୍ଥା ତୁରନ୍ତ ଲାଗୁ, ବିଭାଗୀୟ କର୍ମଚାରୀଙ୍କ ପରି ଗ୍ରାଚ୍ୟୁଟି ବୃଦ୍ଧି, କର୍ମଚାରୀଙ୍କୁ ୧୮୦ ଦିନ ଛୁଟି ଓ ମେଡିକାଲ୍ ସୁବିଧା ଦିଆଯାଉ, ଟାର୍ଗେଟ ନାମରେ ଡାକ ସେବକଙ୍କୁ ହଇରାଣ କରା ନ ଯାଉ, ବ୍ରାଞ୍ଚ ଗୁଡିକର ସେବା ବଢ଼ାଇବା ପାଇଁ ଲାପଟପ୍, ପ୍ରିଣ୍ଟର ଓ ନେଟୱର୍କ ସୁବିଧା ଦିଆଯାଉ ଆଦି ଦାବି ଗୁଡିକ ରହିଛି। ଏହି ଅବସରରେ ବଡ଼ଗାଁ ଉପଡାକ କାର୍ଯ୍ୟାଳୟସ୍ଥିତ ୧୯ଟି ବ୍ରାଞ୍ଚ ଅଫିସ ୪୪ କାର୍ଯ୍ୟରତ କର୍ମଚାରୀ ଧାରଣାରେ ସାମିଲ ହୋଇଥିଲେ।

# ବିଶ୍ରା ଛକରେ ବିକ୍ଷୋଭ ପ୍ରଦର୍ଶନ

**ରାଉରକେଲା,୧୨।୧୨(ବିପ୍ଳବ ରଞ୍ଜନ ଦାଶ)**

**ମିଳିତ ଟ୍ରେଡ୍ ୟୁନିୟନର ୬ଦଫା ଦାବି**

ରାଉରକେଲା ମିଳିତ ଟ୍ରେନ ୟୁନିୟନ ପକ୍ଷରୁ ୬ଦଫା ଦାବି ନେଇ ବିଶ୍ରା ଛକରେ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଆର୍‌ଏସ୍‌ଏସ୍ ସାଧାରଣ ସମ୍ପାଦକ ପ୍ରଶାନ୍ତ ବେହେରା, ସିଆଇଟିୟୁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତି, ଆରଏମ୍‌ଏସ୍ ସଭାପତି ଶଶଧର ନାୟକ, ଜିଏମ୍‌ଏମ୍ ସାଧାରଣ ସମ୍ପାଦକ ଗୋପାଳ ଦାସ, ଏଆଇଟିୟୁସି ନେତା ରମେଶ ସେଠୀ, ଏଆଇୟୁଟିୟୁସି ନେତା ଅଜିତ ନାୟକ ଓ ହେମନ୍ତ ବେହୁରିଆଙ୍କ ନେତୃତ୍ୱରେ ହଜାର ହଜାର ଶ୍ରମିକ ଏଥିରେ ସାମିଲ ହୋଇଥିଲେ। ଇସ୍ପାତ ଶ୍ରମିକମାନଙ୍କ ସମସ୍ତ ବକେୟା ରାଶି ପ୍ରଦାନ, ଏନ୍‌ଜେସିଏସ୍ ଚୁକ୍ତିନାମା, ୩୯ ମାସର ଏରିୟର ପ୍ରଦାନ, ବୋନସ ପଦ୍ଧତିରେ ପରିବର୍ତ୍ତନ କରାଯିବା ସହିତ ତୁରନ୍ତ ୪୫ଶହ ଟଙ୍କା ବୋନସ ପ୍ରଦାନ ଘୋଷଣା, ଗ୍ରାଚ୍ୟୁଇଟିରୁ ସିଲିଂ ପ୍ରତ୍ୟାହାର ଏବଂ ଠିକା ଶ୍ରମିକମାନଙ୍କ ମୂଳ ଦରମାରେ ବୃଦ୍ଧି ଆଦି ୬ ଦଫା ଦାବି ସେମାନେ ଉଠାଇଥିଲେ। ବିକ୍ଷୋଭ ପ୍ରଦର୍ଶନରେ ସହରର ସଂଖ୍ୟାଧିକ ମିଳିତ ଟ୍ରେଡ ୟୁନିୟନର କର୍ମକର୍ତ୍ତା, ବହୁ ସ୍ଥାୟୀ ଓ ଠିକା ଶ୍ରମିକ ସାମିଲ ହୋଇଥିଲେ।



ବିଶ୍ରା ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ବିଜ୍ଞାନ, କଳା, ହସ୍ତଶିଳ୍ପ ପ୍ରଦର୍ଶନୀରେ ୨୦୮ ପ୍ରକଳ୍ପ

**ରାଉରକେଲା,୧୨।୧୨(ବିପ୍ଳବ ରଞ୍ଜନ ଦାଶ)**

ଆର୍‌ଏସ୍‌ପିର ପରିଚାଳିତ ସେକ୍ଟର-୨୦ ସ୍ଥିତ ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ୧୯ ତମ ଆ'ଃ ବିଦ୍ୟାଳୟ ବିଜ୍ଞାନ ପ୍ରଦର୍ଶନୀ ଏବଂ ପ୍ରଥମ ଆନ୍ତଃ ବିଦ୍ୟାଳୟ କଳା ଓ ହସ୍ତଶିଳ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ଉଦ୍‌ଘାଟନ କରିଥିଲେ। ସାମଗ୍ରୀ ଓ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୋମନାଥ ତ୍ରିପାଠୀ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଡାକ୍ତର ବି. କେ. ହୋତା, କାର୍ମିକ ଓ ପ୍ରଶାସନ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଆଲୋକ ବର୍ମା, ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏ. କେ. ବେହୁରୀଆ, ସହର ପ୍ରଶାସନ ଓ ସିଏସ୍‌ଆର ବିଭାଗର ମୁଖ୍ୟ ମହାପ୍ରବନ୍ଧକ ପି. କେ. ସ୍ୱାଇଁ ଓ ଆରଏସପିର ଅନ୍ୟ ବରିଷ୍ଠ ଅଧିକାରୀ, ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଏବଂ ଶିକ୍ଷୟତ୍ରୀ ଶିକ୍ଷକ ତଥା ଅଭିଭାବକମାନେ ଉପସ୍ଥିତ ରହିଥିଲେ। ପ୍ରଦର୍ଶନୀରେ ଇସ୍ପାତ ସହରର ବିଭିନ୍ନ ବିଦ୍ୟାଳୟର ୩୫୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଚଳିତ ବର୍ଷ ପ୍ରଦର୍ଶନୀ 'ନିରନ୍ତର ଜୀବନ ନିମନ୍ତେ ବିଜ୍ଞାନ' ଶୀର୍ଷକ ଥିଲା। ବିଜ୍ଞାନ ପ୍ରଦର୍ଶନୀରେ ୨୫୬ଜଣ ଛାତ୍ରୀଛାତ୍ର ୧୨୮ଟି ପ୍ରକଳ୍ପ ଉପସ୍ଥାପନ କରିଥିଲେ। ପିଲାମାନେ ଇ-ବର୍ଜ୍ୟର ରିସାଇକ୍ଲିଂ, ମହାକାଶରେ ବସତି, ସ୍ଥାୟୀ ଜୀବନ ନିମନ୍ତେ ଇକୋ ସିଷ୍ଟମ, ବିକଳ୍ପ ଇନ୍ଧନ ଓ ଗାଣିତିକ ମଡେଲିଂ ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ସେହିପରି ପ୍ରଥମ ଆନ୍ତଃ ବିଦ୍ୟାଳୟ କଳା ଏବଂ ହସ୍ତଶିଳ୍ପ ପ୍ରଦର୍ଶନୀରେ ବିଭିନ୍ନ ବିଦ୍ୟାଳୟର ୮୦ଜଣ ଛାତ୍ରୀଛାତ୍ର କଳା ପ୍ରତିଭା ପ୍ରଦର୍ଶନ କରିଥିଲେ। ସନ୍ଧ୍ୟାରେ ପ୍ରଦର୍ଶନୀର ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ତରୁଣ ମିଶ୍ର ଯୋଗଦାନ କରିଥିଲେ। ସେ ସର୍ବୋତ୍ତମ ପ୍ରକଳ୍ପ ପାଇଁ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ।


ପିଲାମାନଙ୍କ ଦ୍ୱାରା ପ୍ରଦର୍ଶିତ ବିଜ୍ଞାନ ପ୍ରକଳ୍ପ।

## ସଂକ୍ଷେପରେ

### ମହାନଗର ନିଗମ କମିଶନରଙ୍କୁ ମୂଳନିବାସୀ ସେନା ପକ୍ଷରୁ ଦାବିପତ୍ର

ସମ୍ବଲପୁର,୧୨।୧୨(ପ୍ରମୋଦ ବହିଦାର)

ସଫେଇ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମାଧାନ ନେଇ ମୂଳନିବାସୀ ସେନା ପକ୍ଷରୁ ମହାନଗର ନିଗମ କମିଶନରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସୋମବାର ସେନାର ରାଷ୍ଟ୍ରୀୟ ଅଧ୍ୟକ୍ଷ ହେମନ୍ତ ଗର୍ଡିଆଙ୍କ ନେତୃତ୍ୱରେ ରାଜ୍ୟ ଆଇନ ପରାମର୍ଶଦାତା ଅନୀଲ ନାଏକ, ସଫେଇ ସଂଘର ସାଧାରଣ ସମ୍ପାଦକ ଓ ସେନାର ସଦସ୍ୟମାନେ ମହାନଗର ନିଗମ କାର୍ଯ୍ୟାଳୟରେ କମିଶନରଙ୍କୁ ସାକ୍ଷାତ କରି ସଫେଇ କର୍ମଚାରୀଙ୍କୁ ସ୍ଥାୟୀ ମାନ୍ୟତା, ଭବିଷ୍ୟନିଧି ଓ ପେନ୍‌ସନ୍ ବ୍ୟବସ୍ଥା କରିବା ଆଦି ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିଥିଲେ।

### କୁନ୍ତରା କଲେଜରେ ଆଥ୍‌ଲେଟିକ ମିଟ୍

କୁଚିଣ୍ଡା,୧୨।୧୨(ବିରଞ୍ଚି ଦର୍ଜୀ)

କୁଚିଣ୍ଡା ବ୍ଲକ ଅନ୍ତର୍ଗତ କୁନ୍ତରା ଗୋକୁଳ ପାର୍ବତୀ ଗ୍ରାମ୍ୟ ମହାବିଦ୍ୟାଳୟରେ ଚାଲିଥିବା ନୂଆ-ଓ କାର୍ଯ୍ୟକ୍ରମ ଅବସରରେ ମଙ୍ଗଳବାର ଆଥ୍‌ଲେଟିକ ମିଟ୍ ଶୁଭାରମ୍ଭ ହୋଇଛି। କଲେଜ ଅଧ୍ୟକ୍ଷ ଦୁର୍ଯ୍ୟୋଧନ ମେହେରଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଉତ୍ତରପ୍ରଦେଶ କାନପୁର ୫୫ ବାଟାଲିୟନ କମାଣ୍ଡର ଇନ୍ ଚିଫ୍ କର୍ଣ୍ଣେଲ ସି.ସି. ନାଗ ମୁଖ୍ୟଅତିଥି, କଲେଜ ପରିଚାଳନା କମିଟି ସଭାପତି କ୍ଷୀରୋଦ ଚନ୍ଦ୍ର ପଟେଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟ ଅତିଥି କର୍ଣ୍ଣେଲ ନାଗ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ନିଜର ଭବିଷ୍ୟତ ଗଠନ କରିବାର ଭରପୁର ସୁଯୋଗ ରହିଥିବା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରତାପ ପଟେଲ, ଅଧ୍ୟାପକ ତରୁଣ ପୃଷେଠ, ନରେଶ କିଷାନ, ଟିକେଲାଲ ମେହେର, ଅଧ୍ୟାପିକା ଦୀପିକା ବେହେରା,କ୍ରୀଡା ଶିକ୍ଷକ ବିକାଶ କିଷାନ ପ୍ରମୁଖ ସହଯୋଗ କରିଥିଲେ।

### ବିଭିନ୍ନ ଭାଷାରେ ବିବିଧ ପ୍ରତିଯୋଗିତା

ସମ୍ବଲପୁର,୧୨।୧୨(ବି.ଶଙ୍କର)

ମାନେଶ୍ୱର ବ୍ଲକର ପାଞ୍ଚପୁଟ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଭାରତୀୟ ଭାଷା ଦିବସ ସୋମବାର ପାଳିତ ହେଇଯାଇଛି। ସର୍ବଭାରତୀୟ ସ୍ତରରେ କବି ସୁବ୍ରମଣ୍ୟମ ଭାରତୀଙ୍କ ଜନ୍ମ ଶତବାର୍ଷିକୀ ପାଳନ ଅବସରରେ ବିଦ୍ୟାଳୟରେ ବିବିଧ କାର୍ଯ୍ୟକ୍ରମ ହୋଇଥିଲା। ପ୍ରଧାନ ଶିକ୍ଷକ ସୁଶୀଲ କୁମାର ପାଣିଗ୍ରାହୀଙ୍କ ପରିଚାଳନାରେ ସଭା ହୋଇଥିଲା। ଏଥିସହ ବିଭିନ୍ନ ଭାଷାରେ ଗୀତ, କବିତା, ବେଶଭୂଷା, ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଛାତ୍ରୀଛାତ୍ର ବିଭିନ୍ନ ଅଞ୍ଚଳର ପୋଷାକ ପରିଧାନ କରି ସେଇ ଅଞ୍ଚଳର ଭାଷାରେ ଅଭିବାଦନ କରିବା ସହ ଗୀତ ଗାଇଥିଲେ । ଏଥିରେ ସ୍ଥାନୀୟ ପଞ୍ଚାୟତର ସଭ୍ୟ, ପରିଚାଳନା ସମିତି କର୍ମକର୍ତ୍ତା, ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ।

### ଆନାଟୋମିକାଲ ସୋସାଇଟି ଅଫ୍ ଇଣ୍ଡିଆର ବାର୍ଷିକ ସମ୍ମିଳନୀ

ସମ୍ବଲପୁର,୧୨।୧୨(ପ୍ରମୋଦ ବହିଦାର)

ବୁର୍ଲାଠାରେ ଆନାଟୋମିକାଲ ସୋସାଇଟି ଅଫ ଇଣ୍ଡିଆ (ଓଡ଼ିଶା ଚ୍ୟାପ୍ଟର)ର ୩୯ତମ ଦୁଇଦିନିଆ ବାର୍ଷିକ ସମ୍ମିଳନୀ ବୁର୍ଲା ଭିମ୍‌ସାରଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଭିମ୍‌ସାରର ପୂର୍ବତନ ଡିନ୍ ପ୍ରଫେସର ବ୍ରଜମୋହନ ମିଶ୍ର ଯୋଗଦେଇଥିଲେ। ଏହି ଅବସରରେ ନିରବଚ୍ଛିନ୍ନ ଡାକ୍ତରୀ ଶିକ୍ଷା (ସିଏମ୍ଇ) ବିଷୟ ଉପରେ ଏକ ଏକାଡେମିକ ଫେଷ୍ଟ ଆୟୋଜିତ ହୋଇଥିଲା। ଏଥିରେ ପାର୍କିନ୍‌ସନ୍ ଉପରେ ଅନେକ ବୈଜ୍ଞାନିକ ସନ୍ଦର୍ଭ ଉପସ୍ଥାପିତ ହୋଇଥିଲା। ସମ୍ମିଳନୀରେ ଏଏସ୍ଆଇ ସଭାପତି ପୁରୀ ମେଡିକାଲ କଲେଜର ଆନାଟୋମୀ ବିଭାଗ ମୁଖ୍ୟ ପ୍ରଫେସର ଡା. ଲଲାଟେନ୍ଦୁ ସ୍ୱାଇଁ, ସମ୍ପାଦକ ଫକିର ମୋହନ ମେଡିକାଲ କଲେଜ ବାଲେଶ୍ୱରର ଆନାଟୋମୀ ବିଭାଗ ମୁଖ୍ୟ ପ୍ରଫେସର ମଧୁସ୍ମିତା ପଣ୍ଡା, ସାଙ୍ଗଠନିକ ସମ୍ପାଦକ ଭିମ୍‌ସାରର ସହକାରୀ ପ୍ରଫେସର ଡା. ଜେନିଥ ବା, ସାଂଗଠନିକ ଅଧ୍ୟକ୍ଷ ପ୍ରଫେସର ଡା. ମମତା ସରଙ୍କ ସହିତ ଛତିଶଗଡ଼ ଓ ବିହାର ରାଜ୍ୟର ବିଭିନ୍ନ ମେଡିକାଲ କଲେଜର ପ୍ରାୟ ୨ଶହ ପ୍ରତିନିଧି ଯୋଗ ଦେଇଥିଲେ।

# ଅନୁସନ୍ଧିତ୍ସା ଦୂର କରିବାର ବଳିଷ୍ଠ ମାଧ୍ୟମ ହେଉଛି ବିଜ୍ଞାନ

## ସିଏସ୍‌ବି ଜିଲା ସ୍କୁଲରେ ଜିଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ

ସମ୍ବଲପୁର,୧୨।୧୨(ପ୍ରମୋଦ ବହିଦାର)

ସମ୍ବଲପୁର ଚନ୍ଦ୍ରଶେଖର ବେହେରା ଜିଲା ଉଚ୍ଚ ବିଦ୍ୟାଳୟରେ ଜିଲାସ୍ତରୀୟ ଦୁଇଦିନିଆ ବାଳବୈଜ୍ଞାନିକ ବିଜ୍ଞାନ ପ୍ରଦର୍ଶନୀ-୨୦୨୩ ଉଦ୍‌ଘାଟିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ଜିଲା ଶିକ୍ଷା ଅଧିକାରୀ ମିନାରାଣୀ ମଙ୍ଗଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଭିସୁଟ୍‌ର ସୂଚନା ଓ ପ୍ରଯୁକ୍ତି ବିଜ୍ଞାନ ବିଭାଗୀୟ ମୁଖ୍ୟ ପ୍ରଫେସର ଡ. ପ୍ରଦୀପ କୁମାର ସାହୁ ତାଙ୍କ ବକ୍ତବ୍ୟରେ ପ୍ରକୃତିରୁ ଉଦ୍ଭାବନ ଓ ଆବିଷ୍କାର ପାଇଁ ପ୍ରେରଣା ମିଳିଥାଏ। ବିଜ୍ଞାନ ଓ ଆଧ୍ୟାତ୍ମିକତା ସମାନ୍ତରାଳ ନୁହେଁ। ବରଂ ବିଜ୍ଞାନ ବିଭିନ୍ନ ଅନୁସନ୍ଧିତ୍ସା ଦୂର କରିବାର ଏକ ବଳିଷ୍ଠ ମାଧ୍ୟମ ବୋଲି ସେ କହିଥିଲେ। ମୁଖ୍ୟଅତିଥି ଅତିରିକ୍ତ



ସିଏସ୍‌ବି ଜିଲା ସ୍କୁଲରେ ବିଜ୍ଞାନ ପ୍ରଦର୍ଶନୀ।

ଜିଲାପାଳ ସାହୁ କୁନି ବୈଜ୍ଞାନିକଙ୍କ ହାତ ପ୍ରସ୍ତୁତ ପ୍ରକଳ୍ପ ଆଗାମୀ ଦିନରେ ଉନ୍ନତ ଓ ବିକଶିତ ବିଶ୍ୱ ନିର୍ମାଣରେ ଦିଗଦର୍ଶକ ସାବ୍ୟସ୍ତ ହେବ। ତେଣୁ ବାଳ ବୈଜ୍ଞାନିକଙ୍କ ବିଜ୍ଞାନ ମେଳାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେହି ଅନୁପାତରେ ବୈଜ୍ଞାନିକ ଗବେଷଣାରେ ପୁଞ୍ଜିନିବେଶର ମଧ୍ୟ ଆବଶ୍ୟକତା ରହିଛି ବୋଲି କହିଥିଲେ। ସେହିପରି ଜିଲା ଶିକ୍ଷାଧିକାରୀ ମଙ୍ଗଳ ତାଙ୍କ ଅଭିଭାଷଣରେ ଛାତ୍ରୀଛାତ୍ରଙ୍କ ଅନୁସନ୍ଧିତ୍ସା ଦୂର ପାଇଁ ବିଦ୍ୟାଳୟରେ ଥିବା ଇ-ଲାଇବ୍ରେରି ବିଶେଷ ସହାୟକ ହୋଇଛି ବୋଲି କହିଥିଲେ। ପ୍ରାରମ୍ଭରେ ଲେଡି ଲୁଇସ୍ ବାଳିକା ବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଜୟଶ୍ରୀ ଦୋରା ସ୍ୱାଗତ ଭାଷଣ ଦେଇଥିବା ବେଳେ ଜିଲା ବିଜ୍ଞାନ ନିରୀକ୍ଷକ ପାର୍ଥସାରଥୀ ପ୍ରଧାନ ପ୍ରଦର୍ଶନୀ ସମ୍ପର୍କିତ ତଥ୍ୟ ଉପସ୍ଥାପନ କରିଥିଲେ। ପ୍ରଦର୍ଶନୀରେ ବିଭିନ୍ନ ଜିଲାର ୧୪ ବ୍ଲକରୁ ମନୋନୀତ ହୋଇ ଆସିଥିବା ୧୦୮ ପ୍ରକଳ୍ପ ଓ ସମ୍ବଲପୁର ଜିଲାର ୯ ବ୍ଲକରୁ ୬୧ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ପଦର୍ଶନୀର ବିଚାରକ ଦାୟିତ୍ୱ ନିର୍ବାହ କରିଥିବା ବିଜ୍ଞମଣ୍ଡଳୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଜିଲା ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଲୋପିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ କଂଗ୍ରେସର ବିକ୍ଷୋଭ



ବିକ୍ଷୋଭରେ ସାମିଲ ହୋଇଥିବା ଦଳୀୟ ନେତା ଓ କର୍ମୀ।

ସମ୍ବଲପୁର,୧୨।୧୨(ବି.ଶଙ୍କର)

ସମ୍ବଲପୁର ଜିଲା ଟାଉନ କଂଗ୍ରେସ ପକ୍ଷରୁ ବିଭିନ୍ନ ଦାବି ନେଇ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲା କଂଗ୍ରେସ କାର୍ଯ୍ୟାଳୟରୁ ନେତା ଓ କର୍ମୀମାନେ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ଏହି ସମୟରେ ସେମାନେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଚାଷୀ, ଶ୍ରମିକ ମାରଣ ନୀତିକୁ ବିରୋଧ କରି ସ୍ଲୋଗାନ ଦେଇଥିଲେ। ପରେ ଜିଲାପାଳଙ୍କ ମାଧ୍ୟମରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି ଦାବିପତ୍ର ଗ୍ରହଣ କରିଥିଲେ। ବିଶେଷ କରି ବାର୍ଦ୍ଧକ୍ୟ ଭତ୍ତା ୫ଶହ ଟଙ୍କାରୁ ୨ ହଜାରକୁ ବୃଦ୍ଧି, ବକେୟା ବିଦ୍ୟୁତ୍ ବିଲ ଆଦାୟ ବନ୍ଦ କରିବା, ୩ଶହ ୟୁନିଟ ପର୍ଯ୍ୟନ୍ତ ବିଦ୍ୟୁତ୍ ଶୁଳ୍କ ଛାଡ଼ ଆଦି ଦାବି କରିଥିଲେ। ସମ୍ବଲପୁର ଟାଉନ କଂଗ୍ରେସ ସଭାପତି ବିଜୟଲକ୍ଷ୍ମୀ ବେହେରା ଓ ଯଶବୀର ସିଂଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ପର୍ଯ୍ୟବେକ୍ଷକ ଅଖିଳେଶ ଯାଦବ, ଜିଲା କଂଗ୍ରେସ ସଭାପତି ତଥା କୁଚିଣ୍ଡାର ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆ, ପୂର୍ବତନ ବିଧାୟକ ଅଶ୍ୱିନୀ ଗୁରୁ, ବରିଷ୍ଠ ନେତା ନିରଞ୍ଜନ ତ୍ରିପାଠୀ, ପିସିସି ସମ୍ପାଦକ ଅମିତ ଗୁରୁ, ଜିତେନ୍ଦ୍ର ପ୍ରଧାନ, ଶିବବ୍ରତ ପ୍ରଧାନ, ଯଶୋଦାରା ପୂଜାରୀ, ଆକବର ଚୌଧୁରୀ, ଜିତେନ୍ଦ୍ର ମହାନନ୍ଦ, ମହମ୍ମଦ ସଲମୀ, ତିଳୋତ୍ତମା ଚୌଧୁରୀ, ମୀନାକ୍ଷୀ ରାଉତ, ରିତା ବାଗ, ନିଖିତ ପରୱିନ ପ୍ରମୁଖ ସାମିଲ ଥିଲେ।



ମଙ୍ଗଳବାର ରାତିରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରିସରସ୍ଥ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟଠାରେ ଆୟୋଜିତ ଜାତୀୟ ନାଟ୍ୟ ଉତ୍ସବ ଶ୍ରୀରଙ୍ଗ ସମାଗମରେ ମିଥ୍ୟାବାଦୀ ଜିନ୍ଦାବାଦ ନାଟକର ଏକ ଦୃଶ୍ୟ।

### କୁଟୁରାଚୁଆଁ କଲେଜରେ କ୍ରୀଡ଼ା ଉତ୍ସବ

କୁଚିଣ୍ଡା,୧୨।୧୨(ବିରଞ୍ଚି ଦର୍ଜୀ)

କୁଚିଣ୍ଡା ବ୍ଲକ କୁଟୁରାଚୁଆଁ ଯୁକ୍ତଦୁଇ କଲେଜରେ ମଙ୍ଗଳବାର ଯୁବ ଓଡ଼ିଶା ନବୀନ ଓଡ଼ିଶାର କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ନିଳାଞ୍ଚଳ ତ୍ରିପାଠୀଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଜମିଦାତା କାର୍ତ୍ତିକେୟ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ନାୟକ ମୁଖ୍ୟବକ୍ତା, ପରିଚାଳନା ସମିତିର ପୂର୍ବତନ ସମ୍ପାଦକ ହିମାଂଶୁ କୁମାର ମହାପାତ୍ର, ପୂର୍ବତନ ସଦସ୍ୟ ଜଗନ୍ନାଥ ମନୋହରୀ, ପ୍ରତିଷ୍ଠାତା ସଦସ୍ୟ ବେଣୁଧର ସେଠ, ଶିକ୍ଷାବିତ ସନାତନ ଭଇଁଷା, ଅବସରପ୍ରାପ୍ତ ଶିକ୍ଷକ ନୃପଲାଲ ପଟେଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଲମ୍ଫଡିଆଁ, ଉଚ୍ଚଡିଆଁ, ଶଟ୍‌ପୁଟ, ଡିସକସ, କବାଡି, ବ୍ୟାଡ୍‌ମିଣ୍ଟନ, କ୍ୟାରମ ଆଦି ଖେଳ ଅନୁଷ୍ଠିତ ହୋଇଥିଲା। କଲେଜ ପିଇଟି ଦିଲିପ କୁମାର ପୁରୋହିତ ଓ କୁଲେଇଗଡ ହାଇସ୍କୁଲ ପିଇଟି ପ୍ରଦୀପ ପଟେଲ ଖେଳ ପରିଚାଳନା କରିଥିଲେ। ଅଧ୍ୟାପକ କୃଷ୍ଣଚନ୍ଦ୍ର ପୂଜାରୀ ସଭା ପରିଚାଳନା କରିଥିବା ବେଳେ ଅଧ୍ୟାପକ ସତ୍ୟନାରାୟଣ ପଟେଲ ଧନ୍ୟବାଦ ଦେଇଥିଲେ।

### ରାସ୍ତା ମରାମତି ନେଇ ଜିଲାପାଳଙ୍କୁ ଦାବିପତ୍ର

ସମ୍ବଲପୁର,୧୨।୧୨(ବି.ଶଙ୍କର)

ସମ୍ପ୍ରତି ସମ୍ବଲପୁର ସହର ରାସ୍ତା ମରଣଯନ୍ତା ପାଲଟିଛି। ଏଥିଯୋଗୁ ପ୍ରତ୍ୟହ ଛୋଟବଡ ଦୁର୍ଘଟଣା ଘଟୁଛି। ଏହାର ମରାମତି ପାଇଁ ମଙ୍ଗଳବାର ଓଡ଼ିଶା ସାଂସ୍କୃତିକ ସମାଜର ପ୍ରତିନିଧି ଦଳ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଅନୁଷ୍ଠାନର ସଭାପତି ଅଶୋକ କୁମାର ମିଶ୍ର ନେତୃତ୍ୱ ନେଇଥିଲେ। ଦାବିପତ୍ରରେ ଦର୍ଶାଯାଇଛି, ଏବେ ସହରରେ ସ୍ୱରେଜ କାମ, ସମଲେଇ ଯୋଜନା, ରାସ୍ତା ପ୍ରଶସ୍ତୀକରଣ ପ୍ରଭୃତି ଉନ୍ନୟନମୂଳକ କାର୍ଯ୍ୟ ଚାଲିଛି । ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ନ କରି ମୁଖ୍ୟ ରାସ୍ତାଠାରୁ ଆରମ୍ଭ କରି ସଂଲଗ୍ନ ରାସ୍ତାଗୁଡିକ ଖୋଳି କାମ କରାଯାଉଛି। ପରବର୍ତ୍ତୀ ସମୟରେ ଉପଯୁକ୍ତ ରକ୍ଷଣାବେକ୍ଷଣ ନ କରି ଛାଡି ଦିଆଯାଉଛି। ରାସ୍ତାଘାଟର ଏଭଳି ଶୋଚନୀୟ ଅବସ୍ଥା ଯୋଗୁ ଛୋଟବଡ ଦୁର୍ଘଟଣା ହେଉଛି। ବରିଷ୍ଠ ନାଗରିକମାନଙ୍କୁ ବାଇକ୍ ଚଳାଇ ଯିବାରେ ବହୁତ ଅସୁବିଧା ହେଉଛି । କେବଳ ପାର୍ବଣ କିମ୍ବା କୌଣସି ଉତ୍ସବ ସମୟରେ ଲୋକଙ୍କୁ ଭୁଲେଇଲା ଭଳି ତାଳିପକା କାମ କରାଯାଉଛି । କିନ୍ତୁ ଅଳ୍ପଦିନ ପରେ ରାସ୍ତା ପୂର୍ବ ଅବସ୍ଥାକୁ ଫେରିଆସୁଛି। ଏ ଦିଗରେ ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବା ନିମନ୍ତେ ଜିଲାପାଳ ଅନନ୍ୟା ଦାସଙ୍କୁ ଦାବିପତ୍ରରେ ଅନୁରୋଧ କରାଯାଇଛି ।

# ୨୪ରୁ ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତା

ସମ୍ବଲପୁର,୧୨।୧୨(ବି.ଶଙ୍କର)

**ମଞ୍ଚସ୍ଥ ହେବ ୧୫ ନାଟକ**

ଯୁବ ଉଦୟନ ଅନୁଷ୍ଠାନ ଆୟୋଜିତ ବୀର ସୁରେନ୍ଦ୍ର ସାଏ ୨୬ତମ ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତା ଆସନ୍ତା ୨୪ରୁ ୨୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସମ୍ବଲପୁର ଝାଡୁଆପଡ଼ା ଆରଣ୍ୟକ ମଣ୍ଡପରେ ୧୯୯୭ ମସିହାରୁ ଦୀର୍ଘ ୨୫ବର୍ଷ ଧରି ହୋଇଆସୁଥିବା ଏହି ପ୍ରତିଯୋଗିତାର ଗତବର୍ଷ ରଜତ ଜୟନ୍ତୀ ଉତ୍ସବ ହୋଇସାରିଛି। କରୋନା କଟକଣା ଯୋଗୁ ୨୦୨୦ ମସିହା ବ୍ୟତୀତ କ୍ରମାଗତ ଭାବରେ ଆୟୋଜିତ ହୋଇଆସୁଥିବା ଏହି ପ୍ରତିଯୋଗିତାରେ ପାଞ୍ଚଶହରୁ ଊର୍ଦ୍ଧ୍ୱ ନାଟକ ମଞ୍ଚସ୍ଥ ହୋଇସାରିଲାଣି। ଚଳିତବର୍ଷ ହେବାକୁ ଥିବା ପ୍ରତିଯୋଗିତାରେ ସମ୍ବଲପୁର, ବରଗଡ, ଝାରସୁଗୁଡ଼ା, ନୂଆପଡା, ସୋନପୁର ଜିଲାରୁ ୧୫ଟି ନାଟକ ପ୍ରଦର୍ଶିତ ସକାଶେ ଆୟୋଜକ କମିଟି ଦ୍ୱାରା ମନୋନୀତ ହୋଇଛି । ଡିସେମ୍ବର ୨୮ ପର୍ଯ୍ୟନ୍ତ ଦିନକୁ ତିନୋଟି ନାଟକ ପରିବେଷିତ ହେବ। ୨୯ରେ ଖଗେଶ୍ୱର ସେଠଙ୍କ ଲୋକପ୍ରିୟ କାବ୍ୟର ନାଟ୍ୟ ରୂପାନ୍ତର ପଏର୍ଛା ସତୀ ପରିବେଷିତ ହେବ। ଏହାକୁ ପଦମପୁରର ନାଟ୍ୟସଂସ୍ଥା ଅଙ୍ଗମଞ୍ଚ ପ୍ରସ୍ତୁତ କରିବାକୁ ସ୍ଥିର ହୋଇଛି। ନାଟ୍ୟକାର କେଶରଞ୍ଜନ ପ୍ରଧାନଙ୍କ ନିର୍ଦ୍ଦେଶନାରେ ପ୍ରଦର୍ଶନୀ ନାଟକ ଭାବରେ ଏହା ମଞ୍ଚସ୍ଥ ହେବ ବୋଲି ଆୟୋଜକ କମିଟି ସଭାପତି ସଞ୍ଜୟ କୁମାର ମିଶ୍ର ସୂଚିତ କରିଛନ୍ତି। ଝାଡୁଆପଡାସ୍ଥିତ ଯୁବ ଉଦୟନ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ କମିଟି ସମ୍ପାଦକ ଡ. ସିଦ୍ଧାର୍ଥ ପଣ୍ଡା, ସଂଯୋଜକ ଜଗଦୀଶ ମିଶ୍ର, ବ୍ରହ୍ମପୁରା ମନ୍ଦିର ଟ୍ରଷ୍ଟ ପକ୍ଷରୁ ସରୋଜ କୁମାର ଦଳପତ, ଯୁବ ଉଦୟନ ସମ୍ପାଦକ ଅଭିଷେକ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

### ଗ୍ରାମୀଣ ଡ଼ାକ ସେବକ ସଂଘର ଧର୍ମଘଟ

**ସମ୍ବଲପୁର,୧୨।୧୨(ବି.ଶଙ୍କର):** ଗ୍ରାମୀଣ ଡ଼ାକ ସେବକ ସଂଘ ପକ୍ଷରୁ ସମ୍ବଲପୁର ମୁଖ୍ୟ ଡାକଘର ସମ୍ମୁଖରେ ମଙ୍ଗଳବାରଠାରୁ ୫ଦଫା ଦାବି ନେଇ ଧର୍ମଘଟ ଆରମ୍ଭ ହୋଇଛି। ଆନ୍ଦୋଳନକାରୀ କାର୍ଯ୍ୟ ନିର୍ଘଣ୍ଟ ସମୟରେ ଧାରଣାରେ ବସିବାକୁ ସ୍ଥିର କରିଛନ୍ତି। ପ୍ରମୁଖ ଦାବି ମଧ୍ୟରେ ଗ୍ରାମୀଣ ଡ଼ାକ ସେବକଙ୍କ କାର୍ଯ୍ୟ ନିର୍ଘଣ୍ଟ ଦୈନିକ ୮ ଘଣ୍ଟା ସ୍ଥିର କରାଯିବା ଓ ପ୍ରତି ୧୨ବର୍ଷରେ ଆର୍ଥିକ ପଦୋନ୍ନତି ଦେବା ସୁପାରିଶକୁ ଶୀଘ୍ର ଲାଗୁ କରାଯିବା ଅନ୍ୟତମ। ତେବେ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରିରହିବ ବୋଲି ସେମାନେ କହିଛନ୍ତି । ଓଡ଼ିଶା ପରିମଣ୍ଡଳ ମିଳିତ କ୍ରିୟାନୁଷ୍ଠାନ କମିଟି ଓ ଗ୍ରାମୀଣ ଡାକ ସେବକ ସଂଘ ଆହ୍ୱାନ କ୍ରମେ ଧର୍ମଘଟ କରାଯାଉଛି।

# ବାଜିରାଉତ କପ ଫୁଟ୍‌ବଲ: ସୁବର୍ଣ୍ଣପାଲି ଚାମ୍ପିୟନ



ଚାମ୍ପିୟନ ଦଳକୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

କୁଚିଣ୍ଡା,୧୨।୧୨(ବିରଞ୍ଚି ଦର୍ଜୀ)

କୁଚିଣ୍ଡା ମନ୍ତ୍ରୀମୁଣ୍ଡା ମିନିଷ୍ଟାଡିୟମରେ ତିନିଦିନ ଧରି ଚାଲିଥିବା ଦ୍ୱିତୀୟ ବାଜିରାଉତ କପ ଫୁଟ୍‌ବଲ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଆମେ ଓଡିଆ ଏବଂ ବିକାଶ ଫାଉଣ୍ଡେଶନ ଆନୁକୂଲ୍ୟରେ ଚାଲିଥିବା ଟୁର୍ନାମେଣ୍ଟରେ କୁଚିଣ୍ଡା ଉପଖଣ୍ଡର ମୋଟ ୨୫ଟି ଦଳ ଅଂଶଗ୍ରହଣ କରିଥିଲେ। ଶେଷ ଦିନରେ ୫ ଗୋଟି ମ୍ୟାଚ ହୋଇଥିବା ବେଳେ ଫାଇନାଲ ଖେଳ ସୁବର୍ଣ୍ଣପାଲି ଓ ଫାଶିମାଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳ ଅମୀମାଂସିତ ହେବାରୁ ଟାଇବ୍ରେକର ମାଧ୍ୟମରେ ସୁବର୍ଣ୍ଣପାଲି ଚାମ୍ପିୟନ ହୋଇଥିଲା। ରେଫରି ଭାବେ ପଦ୍ମଚରଣ ଗୁରୁ, ଲକ୍ଷ୍ମଣ ସେଠ, ନିତ୍ୟାନନ୍ଦ ମେହେର, ଯଶୋବନ୍ତ ପ୍ରଧାନ, ଅଦିପ ରଣା, ତନ୍ମୟ କିଷାନ, ରିଙ୍କୁ ସିଂ ଖେଳ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ ମୁଖ୍ୟଅତିଥି, ଭାଜପା ରାଜ୍ୟ ଉପସଭାପତି ତଥା ପୂର୍ବତନ ବିଧାୟକ ରବି ନାରାୟଣ ନାଏକ, ସମ୍ବଲପୁର ଜିଲା ସାଧାରଣ ସମ୍ପାଦକ ଶୁଶିଳ କୁମାର କର, ବାମରା ବ୍ଲକ ଅଧ୍ୟକ୍ଷ ପିଙ୍କି ଧରୁଆ, ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସ, ମଣ୍ଡଳ ସଭାପତି ସୁନୀଲ ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ ଦଳକୁ ପୁରସ୍କୃତ କରିଥିଲେ।

### କନଖିଣ୍ଡାରେ ମାଗଣା ସ୍ୱାସ୍ଥ୍ୟ ଶିବିର

ସମ୍ବଲପୁର,୧୨।୧୨(ବି.ଶଙ୍କର)

ସମ୍ବଲପୁର ଜିଲା ମାଝିପାଲିସ୍ଥିତ ସରକାରୀ ହୋମିଓପାଥି ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ପକ୍ଷରୁ କନଖିଣ୍ଡସ୍ଥିତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। କନଖିଣ୍ଡାର ଜନପ୍ରତିନିଧି ଓ ବରିଷ୍ଠ ନାଗରିକ ମିଳିତ ଭାବେ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସ୍ୱାସ୍ଥ୍ୟ ପରୀକ୍ଷା ସହ ରୋଗୀଙ୍କୁ ମାଗଣା ଔଷଧ ଦିଆଯାଇଥିଲା।

### ଜନାର୍ଦ୍ଦନ ପୂଜାରୀ ଉଚ୍ଚ ବିଦ୍ୟାଳୟରେ ଶିଶୁ ଉତ୍ସବ

ସମ୍ବଲପୁର,୧୨।୧୨(ପ୍ରମୋଦ ବହିଦାର)

ସିନ୍ଦୂରପଙ୍କସ୍ଥିତ ଜନାର୍ଦ୍ଦନ ପୂଜାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ମାଧ୍ୟମିକ ଶିକ୍ଷକ ସଂଘ (ଓଷ୍ଟା) ମାନେଶ୍ୱର ବ୍ଲକ ଆନୁକୂଲ୍ୟରେ ଉତ୍ସବ ଆୟୋଜିତ ହୋଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଭଜନ ନନ୍ଦୀ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅସରପ୍ରାପ୍ତ ପ୍ରଧାନ ଶିକ୍ଷକ ବାଳକୃଷ୍ଣ ବିଶ୍ୱାଳ, ଗଗନ ବହାରୀ ସ୍ୱାଇଁ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଉଦ୍‌ଯାପନୀ ସଭାରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବାଳକୃଷ୍ଣ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ବିଚାରକ ଭାବେ ଅବସରପ୍ରାପ୍ତ ଶିକ୍ଷକ କିଶୋର କୁମାର ପାଣିଗ୍ରାହୀ, ସତ୍ୟନାରାୟଣ ପଣ୍ଡା, ଚିତ୍ତରଞ୍ଜନ ପ୍ରଧାନ, କାହ୍ନଚରଣ ଦାଶ ଦାୟିତ୍ୱ ନିର୍ବାହ କରିଥିଲେ। ଓଷ୍ଟାର ସମ୍ପାଦକ ଜୟଶଙ୍କର ପାଢ଼ୀଙ୍କ ନେତୃତ୍ୱରେ ଚିତ୍ତରଞ୍ଜନ ପୂଜାରୀ, ପ୍ରମିଳା ପ୍ରଧାନ, ସୁନନ୍ଦା ପାଢ଼ୀ ପୁରସ୍କାର ବିତରଣୀ ଉତ୍ସବ ପରିଚାଳନା କରିଥିଲେ। ପ୍ରତିଯୋଗିତାରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀ ଆସନ୍ତା ୨୩ ତାରିଖରେ ଜିଲାସ୍ତରୀର ଶିଶୁ ଉତ୍ସବରେ ଅଂଶଗ୍ରହଣ କରିବେ।

### ଆଶ୍ରମ ବିଦ୍ୟାଳୟର ବାର୍ଷିକ ମହୋତ୍ସବ



ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

ଜମନକିରା,୧୨।୧୨(ରବୀନ୍ଦ୍ର ପ୍ରସାଦ ଦାନି)

ଜମନକିରା ବ୍ଲକ ବଡରମା ପଞ୍ଚାୟତ ଷଣ୍ଢପଥର ଆଶ୍ରମ ବିଦ୍ୟାଳୟର ବାର୍ଷିକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ପ୍ରଧାନ ଶିକ୍ଷକ ତୀର୍ଥରାଜ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଭାପତି କୁମୁଦିନୀ ନାୟକ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସେହିପରି ଷଣ୍ଢପଥର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜେନ୍ଦ୍ର କୁମାର ଜଗତ ମୁଖ୍ୟବକ୍ତା ଓ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଶୋଭାରାମ ପଧାନ, ଷଣ୍ଢପଥର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷା ଜ୍ୟୋତିର୍ମୟୀ ଜ୍ୟୋତ୍ସ୍ନା ଦାଶ, ଜିଲା ପରିଷଦ ଜୋନ ୧ ସଭ୍ୟା ସୁଜାତା ଖୁଣ୍ଟିଆ, ସମିତି ସଭ୍ୟ ଅଶୋକ ବାଘ, ସରପଞ୍ଚ ବିଜୟ କୁମାର ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ସ୍କୁଲର ସହକାରୀ ଶିକ୍ଷକ କାହ୍ନୁଚରଣ ଦାଶ ସ୍ୱାଗତ ଭାଷଣ ଦେଇଥିବା ବେଳେ ସହକାରୀ ଶିକ୍ଷକ ଶ୍ୟାମସୁନ୍ଦର ଭୋଇ ବାର୍ଷିକ ବିବରଣୀ ପାଠ କରିଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍କୁଲକୁ ଜମି ଦେଇଥିବା ସୁନ୍ଦରବତି ଦେହୁରିଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ଏଥିରେ ବହୁ ଅଭିଭାବକ ଉପସ୍ଥିତ ଥିଲେ।

### ପଡିଆବାହାଲରେ ଧନୁଯାତ୍ରା ଆରମ୍ଭ



ଧନୁଯାତ୍ରାର ଏକ ଦୃଶ୍ୟ।

ପଡିଆବାହାଲ,୧୨।୧୨(ରାଧାମୋହନ ଷଡ଼ଙ୍ଗୀ)

ଯୁଯୁମୁରା ବ୍ଲକ ବାହାମ ପଞ୍ଚାୟତ ପଡିଆବାହାଲଠାରେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ସୋମବାରଠାରୁ ଧନୁଯାତ୍ରା ଆରମ୍ଭ ହୋଇଛି। ପଣ୍ଡିତ ମହେଶ୍ୱର ନାୟକଙ୍କ ପୌରହିତ୍ୟରେ ପାରମ୍ପରିକ ପୂଜାବିଧି ପରେ ଯାତ୍ରା ଆରମ୍ଭ ହୋଇଥିଲା। ପ୍ରଥମ ରଜନୀରେ ରାଜା ଉଗ୍ରସେନଙ୍କୁ ଗାଦିଚ୍ୟୁତ କରି କଂସ ସିଂହାସନ ଆରୋହଣ ଅଭିନୀତ ହୋଇଥିଲା। ପ୍ରବଳ ଥଣ୍ଡା ସତ୍ତ୍ୱେ ଦର୍ଶକ ଅଭିନୟକୁ ଉପଭୋଗ କରିଥିଲେ। ମଙ୍ଗଳବାର ଦ୍ୱିତୀୟ ରଜନୀରେ କୃଷ୍ଣ ଜନ୍ମ, ଦେବକୀ ଓ ବାସୁଦେବଙ୍କୁ କଂସର କ୍ରୁରତା ପ୍ରଦର୍ଶିତ ହେଉଛି। ମିନାବଜାର, ବୈଦ୍ୟୁତିକ ଦୋଳି ଲୋକଙ୍କୁ ମନୋରଞ୍ଜନର ଖୋରାକ ଯୋଗାଉଛି ।

## ସଂକ୍ଷେପରେ

### ୩୦୦ ବୋତଲ କଫ ସିରପ ଜବତ, ୩ ଗିରଫ

**ପାଟଣାଗଡ, ୧୨।୧୨(ପ୍ରହଲ୍ଲାଦ ପାଢ଼ୀ)**

ବଲାଙ୍ଗୀର ଜିଲା ପାଟଣାଗଡ ପୋଲିସ ବିନ୍ଧନପଦର ଛକରେ ଚଢ଼ାଉ କରି ଅନିରୁଦ୍ଧ ମେହେରଙ୍କଠାରୁ ୩୦୦ବୋତଲ କଫସିରପ ବୋତଲ ଜବତ କରିଛି। ତାଙ୍କୁ ପଚରାଉଚରା ପରେ ବଲାଙ୍ଗୀର ଅଞ୍ଚଳର ଦାମୋଦର ମଲ୍ଲିକ ଓ ରୋହିତ କୁମାର ସିଂ ତାଙ୍କୁ କଫସିରପ ଯୋଗାଉଥିବା ଜଣାପଡିଥିଲା। ପାଟଣାଗଡ ଥାନା ଅଧିକାରୀ ଅନନ୍ତ ପଧାନଙ୍କ ନେତୃତ୍ୱରେ ଏକ ଟିମ ବଲାଙ୍ଗୀର ହାତୀଶାଳପଡା ଏବଂ ଟିଆଁପାଲିରେ ଚଢ଼ାଉ କରି ଦାମୋଦର ଏବଂ ରୋହିତଙ୍କୁ ଗିରଫ କରିଥିଲା। ମଙ୍ଗଳବାର ୩ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଉପଖଣ୍ଡ ପୋଲିସ ଅଧିକାରୀ ଜୋତିର୍ମୟ ଭୁକ୍ତା କହିଛନ୍ତି।

### ୨ମାସ ହେଲା ମିଳୁନି ପାଇପ ଜଳ

**ଲୋଇସିଂହା,୧୨।୧୨(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ପଞ୍ଚାୟତ ସଦର ଗ୍ରାମ ଦଳିତ ବସ୍ତିର ୬୦ ପରିବାର ୨ ମାସ ହେଲା ପାଇପ ଜଳ ପାଇବାରୁ ବଞ୍ଚିତ ରହିଛନ୍ତି। ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ଦୃଷ୍ଟି ଆକର୍ଷଣ କଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା ୱାର୍ଡସଭ୍ୟ ମଧୁ ନାଗ କହିଛନ୍ତି। ଏହାକୁ ନେଇ ବସ୍ତିବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବାଦିବାହାଲ ପଞ୍ଚାୟତ ପରିସରରେ ଥିବା ଓଭରହେଡ ଟାଙ୍କିରୁ ବସ୍ତିକୁ ପାନୀୟ ଜଳ ଯୋଗାଣ ହେଉଛି। ଜଳଯୋଗାଣ ସମସ୍ୟାର ସମାଧାନ କରି ତ୍ୱରିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

### ଚେକ୍‌ବାଉନ୍ସ ମାମଲା, ଅଭିଯୁକ୍ତଙ୍କୁ ୧ବର୍ଷ ଜେଲଦଣ୍ଡ

**ଟିଟିଲାଗଡ଼, ୧୨।୧୨(ଶରତ ମିଶ୍ର)**

ଏକ ଚେକ୍ ବାଉନ୍ସ ମାମଲାର ବିଚାର କରି ମଙ୍ଗଳବାର ଟିଟିଲାଗଡ ଏସ୍‌ଡିଜେଏମ୍ ଶାଶ୍ୱତୀ ମହାପାତ୍ର ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୧ବର୍ଷ ଜେଲଦଣ୍ଡାଦେଶ କରିଛନ୍ତି। ଏଥିସହିତ ଅଭିଯୋଗକାରୀଙ୍କୁ ୬ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ରାୟ ପ୍ରକାଶ କରିଛନ୍ତି। ଟିଟିଲାଗଡ ସହରର ହାଟପଦା ପଡାର ରମେଶ ପଣ୍ଡାଙ୍କଠାରୁ ସୀତାରାମପୁର ନୟାଗଡର ପ୍ରତିମା ସାହୁ ୫ଲକ୍ଷ ଟଙ୍କା ହାତ ଉଧାରି ନେଇଥିଲେ। ଏନେଇ ପ୍ରତିମା ଏକ ୫ଲକ୍ଷ ଟଙ୍କାର ଏକ ଆଗୁଆ ତାରିଖ ଚେକ୍ ରମେଶଙ୍କୁ ଦେଇଥିଲେ। ତେବେ ପରେ ପ୍ରତିମା ଟଙ୍କା ନଫେରାଇବା ତଥା ଚେକଟି ବ୍ୟାଙ୍କରେ ବାଉନ୍ସ ହେବା ନେଇ ରମେଶ ଅଦାଲତର ଆଶ୍ରୟ ନେଇଥିଲେ। ମାମଲା ଚାଲିଥିବା ସମୟ ମଧ୍ୟରେ ପ୍ରତିମା ୧ ଲକ୍ଷ ଟଙ୍କା ରମେଶଙ୍କୁ ଫେରାଇଥିଲେ ହେଁ ଅବଶିଷ୍ଟ ୪ ଲକ୍ଷ ଦେଇ ନ ଥିଲେ। ମାମଲାର ବିଚାର ସହ ଏହା ଏକ ସାମାଜିକ ଅର୍ଥନୈତିକ ଅପରାଧ ବୋଲି ଅଭିହିତ କରିବା ସହ ପ୍ରତିମାଙ୍କୁ ଦୋଷୀ ବିବେଚନା କରି ଜେଲଦଣ୍ଡ ସହ କ୍ଷତିପୂରଣ ପ୍ରଦାନ କରିବାକୁ ବିଚାରପତି ଚୂଡାନ୍ତ ରାୟ ପ୍ରକାଶ କରିଛନ୍ତି। ରାୟ ପରେ ପ୍ରତିମା ଜାମିନ ଆବେଦନ କରିଥିବା ବେଳେ ବିଚାରପତି ମଞ୍ଜୁର କରିଛନ୍ତି। ଅଭିଯୋଗକାରୀଙ୍କ ପକ୍ଷରୁ ଆଇନଜୀବୀ ମନୋଜ ହାତୀ ଏବଂ ଆଇନଜୀବୀ ଟିକେରାମ ସାହୁ ମାମଲା ପରିଚାଳନା କରୁଥିଲେ।

### ଛାତ୍ରୀଛାତ୍ରଙ୍କ ସଚେତନତା ଶୋଭାଯାତ୍ରା

**କଣ୍ଟାବାଞ୍ଜି, ୧୨।୧୨(ଗୁରୁଦୟାଲ ହଂସ)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି କେ.ଭି.କଲେଜ ପକ୍ଷରୁ ମଙ୍ଗଳବାର ଧାମନଡଙ୍ଗା ପଞ୍ଚାୟତ ବାଲଦାସ ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ ବିଭିନ୍ନ ଜନମଙ୍ଗଳକାରୀ ଯୋଜନା ଲୋକଙ୍କ ପାଖରେ ଠିକ୍ ଭାବେ ପହଞ୍ଚୁଛି କି ନାହିଁ ତାହାକୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ସହ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ସ୍ଥାନୀୟ ନାଏବ ସରପଞ୍ଚ ମିନିକେତନ ଧରୁଆ ମୁଖ୍ୟ ଅତିଥି, ତୁରେକେଲା ଆଇସିଡିଏସ ସୁପରଭାଇଜର ସୁପ୍ରଭା ପଣ୍ଡା, ସାମାଜିକ କର୍ମୀସୁରେନ୍ଦ୍ର ତାଣ୍ଡି ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ। କଲେଜ ଅଧ୍ୟକ୍ଷ ଦେବେନ୍ଦ୍ର ମେହେର, ଯୁକ୍ତ ୨ ନୋଡାଲ ଅଫିସର ଅଧ୍ୟାପକ ରାଜେଶ ମହାନ୍ତି, ଯୁକ୍ତ ୩ ନୋଡାଲ ଅଫିସର ଲୋହିତାକ୍ଷ ଯୋଷୀ, ସୋସିଆଲ ଏକଜିକ୍ୟୁଟିଭ ନୋଡାଲ ଅଫିସର ରୋହିତ କୁମାର କୁମ୍ଭାର, କ୍ରୀଡା ନୋଡାଲ ଅଫିସର ମଳୟ ନାଗ ଉପସ୍ଥିତ ଥିଲେ। ଏହି ଅବସରରେ କଲେଜ ଛାତ୍ରୀଛାତ୍ର ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ସଚେତନତାର ବାର୍ତ୍ତା।

# ମଣ୍ଡି ଖୋଲିଛି, ବସ୍ତାଏ ବିକ୍ରି ହୋଇନି

**ଦେଓଗାଁ,୧୨।୧୨(କୃଷ୍ଣପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ୧୧ଟି ପାକ୍ସରେ ଖରିଫ ଧାନବିକ୍ରି ପାଇଁ ମଣ୍ଡି ଖୋଲିଛି । ବର୍ତ୍ତମାନ ସୁଦ୍ଧା ଗୋଟିଏ ପାକ୍ସକୁ ଛାଡିଦେଲେ ଅନ୍ୟ ଦଶଟି ପାକ୍ସରେ ଚାଷୀ ବସ୍ତାଟିଏ ବି ଧାନ ବିକିନାହାନ୍ତି । ପାକ୍ସ ନ ଖୋଲିବାରୁ ଚାଷୀ ବାଧ୍ୟ ହୋଇ କମ୍‌ଦରରେ ଖୋଲା ବଜାରରେ ଧାନ ବିକ୍ରି କରିଦେଉଛି। ରାଜ୍ୟ ସରକାର ଗତ ୨୮ ତାରିଖରୁ ମଣ୍ଡି ଖୋଲିବାପାଇଁ ନିର୍ଦ୍ଦେଶ ଦେଇଥିଲେ ହେଁ ଅଦ୍ୟାବଧି ଏଠାରେ କାର୍ଯ୍ୟକାରୀ ହୋଇନାହିଁ।

ମହଲେଇ ପାକ୍ସରେ ପ୍ରାୟ ୪ଶହ କୁଇଣ୍ଟାଲ ଧାନ କିଣା ହୋଇଥିବାବେଳେ ବାକି ପରକ୍ସଗୁଡିକରେ ତାଲା ପଡିଛି। ଏହାକୁ ନେଇ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ଅଦିନିଆ ବର୍ଷା ଚାଷୀଙ୍କୁ ଦୁଃଖ ଦେଇଯାଇଥିବାବେଳେ ଅଭାବି ବିକ୍ରି ଚାଷୀଙ୍କୁ ଚିନ୍ତାରେ ପକାଇଛି । ମିଳିଥିବା ସୂଚନାନୁସାରେ ବ୍ଲକର ବଡବନ୍ଧ ପାକ୍ସରେ ୯୧୦୦,ଧଣ୍ଡାମାଲ ୧୮୦୦୦,ସାରସମାଲ ୯୨୦୦, ରାମଚନ୍ଦ୍ରପୁର ୫୭୦୦, ବନ୍ଧପଡା ୯୬୦୦, କୁତୁର୍ଲା ୨୦୦୦୦, ଜରାସିଂହା ୮୯୯୫, ମହଲେଇ ୯୨୦୦, ଅର୍ଜୁନପୁର ୧୩୬୦୦, ଗୌରଗୋଠ ୮୨୨୦, ଦେଓଗାଁ ପାକ୍ସକୁ ୧୦୮୪୫ କୁଇଣ୍ଟାଲ ଧାନକ୍ରୟ ପାଇଁ ଯୋଗାଣ ବିଭାଗ ଟାର୍ଗେଟ ଦେଇଛି । ଏପରିକି ଚାଷୀ ମାନଙ୍କ ପାଖକୁ ୨୬ ତାରିଖରୁ ମଣ୍ଡିରେ ଧାନ ବିକିବାପାଇଁ ମେସେଜ ମାଧ୍ୟମରେ ଟୋକନ ପହଞ୍ଚି ସାରିଲାଣି । ୨ ସପ୍ତାହ ବିତିଥିଲେ ହେଁ କେଉଁ ଉଦ୍ଦେଶ୍ୟରେ ମଣ୍ଡି ଖୋଲା ଯାଉନାହିଁ ତାହା ବୁଝା ପଡୁନାହିଁ। ମଣ୍ଡି ନ ଖୋଲିବାରୁ ମଧ୍ୟସ୍ଥମାନେ କୁଇଣ୍ଟାଲ ପିଛା ୧୬ ଶହରୁ ୧୭ଶହ ଟଙ୍କା ଦରରେ ଚାଷୀଙ୍କଠାରୁ ଧାନ କିଣୁଥିବା ଅଭିଯୋଗ ହେଉଛି। ଏ ବିଷୟରେ ଏଆରସିଏସ ରାଧାକୃଷ୍ଣ ମେହେର କହିଛନ୍ତି ମଙ୍ଗଳବାର ସମସ୍ତ ପାକ୍ସରେ ଧାନ କିଣା ପାଇଁ ନିର୍ଦ୍ଦେଶ ଦେଇଥିଲି। ଯଦି ବ୍ୟତିକ୍ରମ ହେବ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

# ଦାବି ପୂରଣ ନ ହେବା ଯାଏ ଆନ୍ଦୋଳନ ଚାଲିବ

## ଗ୍ରାମୀଣ ଡାକ ସେବକ ସଂଘର ଧର୍ମଘଟ

**ଗୁଡଭେଲା,୧୨।୧୨(ମନୋଜ ଜୈନ)**

ଅଖିଳ ଭାରତ ଗ୍ରାମୀଣ ଡ଼ାକ ସେବକ ସଂଘ ଆହ୍ୱାନରେ ମଙ୍ଗଳବାରଠାରୁ ଗ୍ରାମୀଣ ଡାକ ସେବକମାନେ ୭ଦଫା ଦାବିରେ ମଙ୍ଗଳବାର ବଲାଙ୍ଗୀର ଜିଲାର ବିଭିନ୍ନ ଡାକଘର ସମ୍ମୁଖରେ ଧାରଣା ଦେଇଛନ୍ତି। ଦୁଷୁରା ଉପଡାକଘର ମୁଖ୍ୟଗେଟରେ ଧାରଣା ଯୋଗୁ କୌଣସି କାର୍ଯ୍ୟ ହୋଇ ପାରିନାହିଁ। ୨୦୧୭ ସପ୍ତମ ବେତନ କମିଶନ ରିପୋର୍ଟ ଦେବାପରେ ସେବକ ମାନଙ୍କର ସପକ୍ଷରେ ଦେଇଥିବା କମଲେଶ ଚନ୍ଦ୍ର କମିଟି ରିପୋର୍ଟକୁ ସରକାର ସମ୍ପୂର୍ଣ୍ଣ ରୂପେ ଗ୍ରହଣ କରିନାହାନ୍ତି। ଯେମିତି ୧୨, ୨୪, ୩୬ ଆର୍ଥିକ ପଦୋନ୍ନତି, ଗ୍ରାଚ୍ୟୁଇଟି ୫ଲକ୍ଷ, ଗ୍ରୁପ ଇନସ୍ୟୁରାନ୍ସ ୫ ଲକ୍ଷ ଟଙ୍କା, ମେଡ଼ିକାଲ ଭତ୍ତା ୧୮୦ ଦିନ ଛୁଟି ଜମା, ସମାନ କାମକୁ ସମାନ ଦରମା, ସେବକ ମାନଙ୍କ ପାଇଁ ଅବସର ପରେ ପେନସନ ପ୍ରଦାନ । ଦାବିଗୁଡିକ ପୂରଣ ନ ହେବା ଯାଏ ଏହି ଆନ୍ଦୋଳନ ଚାଲିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ମଧୁସୂଦନ ପ୍ରଧାନ, ସୁନୀଲ ସାହୁ, ନେପାଳ ରଣା, ଅଶୋକ ମନହିରାଙ୍କ ନେତୃତ୍ୱରେ ଧାରଣା ଦିଆଯାଇଛି।

**ଖପ୍ରାଖୋଲ(ଅଭୟ ତ୍ରିପାଠୀ):** ଖପ୍ରାଖୋଲ ଡାକ ଘର ସମ୍ମୁଖରେ ଗ୍ରାମୀଣ ଡାକ ସେବକ ସଂଘ ୭ଦଫା ଦାବି ନେଇ ମଙ୍ଗଳବାର ଧାରଣା ଦେଇଥିଲେ। ଧାରଣାରେ ବଳରାମ ବରିହା, ବଳଦେବ ମାଝି, କୁନ୍ତମଣି ଖମାରୀ, ନୀଳାଦ୍ରି ଶତପଥୀ, ଦିବ୍ୟ ରଞ୍ଜନ ପ୍ରଧାନ, ମନୋଜ ବେହେରା, କର୍ଣ୍ଣ ଛତର, ରାଏ ସିଂ ଛତ୍ରିଆ ସାମିଲ ହୋଇଥିଲେ।

**ଟିଟିଲାଗଡ(ଶରତ ମିଶ୍ର):** ୨୧ଟି ଗ୍ରାମୀଣ ଡାକ ସେବକମାନେ ଟିଟିଲାଗଡ ମୁଖ୍ୟ ଡାକଘର ସମ୍ମୁଖରେ ଧାରଣାରେ ବସିଛନ୍ତି। ରବିଚନ୍ଦ୍ର ରଣା, ରାମ ଗୋପାଳ ବେହେରା, ନନ୍ଦ କୁମାର ବେହେରାଙ୍କ ନେତୃତ୍ୱରେ ଧାରଣା ଦିଆଯାଇଛି। ଧର୍ମଘଟରେ ଗ୍ରାମୀଣ ଡାକ ସେବକ ଅନନ୍ୟା ଝାଙ୍କର, ଜି.ଇନ୍ଦୁ, ବୈଷ୍ଣବ ମାଝି, ରଚନା ମିଶ୍ର, ସିଦ୍ଧିଶ୍ରି ପ୍ରଧାନ, ବୈଦେହୀ ଜାଲ, ଅର୍ଜୁନ ବାଗ, ବିଶ୍ୱଜିତ ମାଝି, ଦୋଳମନି ମହାଲିକ, ବିଶାମିତ୍ର ଛତର, ଯୁଗଳ ଛତର, ଶମ୍ଭୁ ବଗର୍ତ୍ତି ପ୍ରମୁଖ ଡାକ ସେବକ ଯୋଗ ଦେଇଥିଲେ।

**କଣ୍ଟାବାଞ୍ଜି(ଗୁରୁଦୟାଲ ହଂସ):** କଣ୍ଟାବାଞ୍ଜି ସବ୍ ପୋଷ୍ଟ ଅଫିସ ଅଧୀନ ଖଗସା, ସର୍ଗୁଲ, ଖୁଜେନବାହାଲ, ଧାମନଡଙ୍ଗା, ଚାଉଲସୁଖା, କୁକୁଡାହାଡ, ଚଟୁଅନକା ଏବଂ ବିଛୁବାହାଲି ବ୍ରାଞ୍ଚ ପୋଷ୍ଟ ଅଫିସରେ କାର୍ଯ୍ୟରତ ଡାକସେବକମାନେ ଧର୍ମଘଟ ଆରମ୍ଭ କରିଛନ୍ତି। ଏହି ଆନ୍ଦୋଳନରେ ଗ୍ରାମୀଣ ଡାକସେବକ ରାଜକୁମାର ଦାଶ, ବିଶ୍ୱଜିତ ପାଢୀ, ଉମାଦିନି ତାଣ୍ଡି, ଦିଲୀପ କୁମାର ମହାନନ୍ଦ, ଭୋଳନାଥ ମହାନନ୍ଦ, ଲିଲୁରାମ ପୁଟେଲ ପ୍ରମୁଖ ସାମିଲ ଥିଲେ । ଗ୍ରାମୀଣ ଡାକ ସେବକ ମାନଙ୍କ ଆନ୍ଦୋଳନ ଜାରି ରହିଥିବା ବେଳେ କଣ୍ଟାବାଞ୍ଜି ମୁଖ୍ୟ ପୋଷ୍ଟ ଅଫିସ ଖୋଲିଥିବାରୁ ସହରାଞ୍ଚଳ ଡାକ ସେବାରେ କୌଣସି ପ୍ରଭାବ ପଡି ନ ଥିବା ବିଷୟ ପୋଷ୍ଟମାଷ୍ଟର ଗୌରାଙ୍ଗ ଚରଣ ସା କହିଛନ୍ତି।


ଦୁଷୁରା ଉପଡାକଘର ମୁଖ୍ୟଗେଟ୍‌ରେ ଧାରଣାରତ ଡାକସେବକମାନେ।

# ବିକଶିତ ଭାରତ ସଙ୍କଳ୍ପ ଯାତ୍ରା

**ଲୋଇସିଂହା,୧୨।୧୨(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକରେ ବିକଶିତ ଭାରତ ସଙ୍କଳ୍ପ ଯାତ୍ରା ସୋମବାରରୁ ଶୁଭାରମ୍ଭ ହୋଇଛି। ଆସନ୍ତା ୩୦ତାରିଖ ଯାଏ ଚାଲିବାକୁ ଥିବା ସଙ୍କଳ୍ପ ଯାତ୍ରା ରଥ ମଙ୍ଗଳବାର ବୁର୍ଡା ପଞ୍ଚାୟତରେ ପହଞ୍ଚିଥିଲା। ଏଥିରେ ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ସାମିଲ ହୋଇଥିଲେ । ବିଧାୟକଙ୍କ ଉପସ୍ଥିତିରେ ସ୍ଥାନୀୟ ସରପଞ୍ଚ ସୁଦୀପ କୁମାର ସାହୁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଏଠାରେ ଏବିଡିଓ ବିଜୟ କୁମାର ହୋତାଙ୍କ ସମେତ ବିଭିନ୍ନ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ । ଏହି ଉପଲକ୍ଷେ ବିଧାୟକ ମହାଲିଙ୍ଗ କହିଛନ୍ତି, ଏହି କାର୍ଯ୍ୟକ୍ରମ ଦ୍ୱାରା ଗ୍ରାମ ସ୍ୱରାଜକୁ ଗାଁରେ ପହଞ୍ଚାଇବା ସହ ଅଧିକାରୀ ଓ ହିତାଧିକାରୀ ପରସ୍ପର ମଧ୍ୟରେ ମତବିନିମୟ ହୋଇପାରିବ। ଗୋଟିଏ ସ୍ଥାନରେ ୧୦ଟି ବିଭାଗର ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ରହି ବିଭିନ୍ନ ସମସ୍ୟାର ସମାଧନ କରିପାରିବେ। ଭୂତଳ ଜଳ ପ୍ରଦୂଷଣ ରୋକିବା ପାଇଁ ପ୍ଲାଷ୍ଟିକ ବ୍ୟବହାର କମ କରିବା ପାଇଁ ସଚେତନତା ସୃଷ୍ଟି କରାଯାଉଥିବା ସେ କହିଥିଲେ । ୧ କୋଟି ୨୫ ଲକ୍ଷ ବ୍ୟୟରେ ମହାନଦୀରୁ ଲୋଇସିଂହା ଓ ଆଗଲପୁର ବ୍ଲକର ୧୭ ଗ୍ରାମକୁ ଜଳନଳ ମିଶନ ଯୋଜନାରେ ପାନୀୟ ଜଳ ଯୋଗାଣ ଦିଗରେ ପଦକ୍ଷେପ ନିଆଯାଇଛି । ମହିଳାଙ୍କୁ ସ୍ୱବଲମ୍ବୀ କରିବା ପାଇଁ ସର୍ବନିମ୍ନ ମୂଲ୍ୟରେ ଋଣ ପ୍ରଦାନ ଠୁ ଆରମ୍ଭ କରି ପ୍ରଧାନମନ୍ତ୍ରୀ ଆବସ, ଗରିବ କଲ୍ୟାଣକାରୀ ଯୋଜନା, ପିଏମ କିଷାନ, ଉଜ୍ୱଳା, ଇନ୍ଦ୍ରଧନୁ ଟିକାକରଣ କାର୍ଯ୍ୟକ୍ରମ ସମ୍ପର୍କରେ ଧାରଣା ପ୍ରଦାନ କରିଥିଲେ । ସେହିପରି ବୁଡୀପଦର ପଞ୍ଚାୟତ ପରିସରରେ ସରପଞ୍ଚ ଲକ୍ଷ୍ମୀ ପଦାନଙ୍କ ତତ୍ତ୍ୱାଧାନରେ ଉକ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।


ବୁର୍ଡା ସଙ୍କଳ୍ପ ଯାତ୍ରାରେ ବିଧାୟକ ମୁକେଶ ମହାଲିଙ୍ଗ ଓ ଅନ୍ୟମାନେ।

# ବ୍ୟକ୍ତିତ୍ୱର ବିକାଶ, ସେବା କାର୍ଯ୍ୟକୁ ପ୍ରାଥମିକତା

## ଜେସିଆଇ ବଲାଙ୍ଗୀର ସିଟିର ୧୬ତମ ପ୍ରତିଷ୍ଠା ସମାରୋହ

■ନୂଆ ଅଧ୍ୟକ୍ଷ ଭାବେ ଅଭିଳାଷ ଅଗ୍ରୱାଲ ନେଲେ ଦାୟିତ୍ୱ

**ବଲାଙ୍ଗୀର,୧୨।୧୨(ବୀରେନ୍ଦ୍ର କୁମାର ଝାଙ୍କର)**

ଅନ୍ତର୍ଜାତୀୟ ସାମାଜିକ ସଙ୍ଗଠନ ଜେସିଆଇ ବଲାଙ୍ଗୀର ସିଟିର ୧୬ତମ ପ୍ରତିଷ୍ଠା ସମାରୋହ ସ୍ଥାନୀୟ ମାରୱାଡି ସେବା ସଦନଠାରେ ଅନୁଷ୍ଠିତ ହୋଇଛି। ଶ୍ରୀଷ୍ଟି ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରତିଷ୍ଠା ସମାରୋହରେ ଜୋନ୍ ଅଧ୍ୟକ୍ଷ ଅମନ ଶୁକ୍ଲା ମୁଖ୍ୟଅତିଥିଭାବେ ଯୋଗଦେଇ ଜେସିଆଇର ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ସମସ୍ତ ସଦସ୍ୟଙ୍କୁ ସେବା ଦିଗରେ ଉତ୍ସର୍ଗୀକୃତ ହେବାକୁ ପ୍ରୋତ୍ସାହିତ କରିଥିଲେ। ପୂର୍ବତନ ଜୋନ୍ ଅଧ୍ୟକ୍ଷ ଅମିତାଭ ଦୁବେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଜେସିଆଇ ସଂସ୍ଥା କିପରି ନିଜ ବିକାଶ ସହ ସମାଜ ଆଉ ରାଷ୍ଟ୍ରର ବିକାଶରେ ସହାୟକ ହୁଏ ସେ ଉପରେ ବକ୍ତବ୍ୟ ଦେଇଥିଲେ। ବିଶିଷ୍ଟ ଅତିଥିଭାବେ ବଲାଙ୍ଗୀର ସିଟି ସଂସ୍ଥାପକ ଅଧ୍ୟକ୍ଷ ଆର୍ତ୍ତତ୍ରାଣ ପାଢ଼ୀ, ନୂଆ ଅଧ୍ୟକ୍ଷ ଆଉ ତାଙ୍କର ସମ୍ପୂର୍ଣ୍ଣ କାର୍ଯ୍ୟନିର୍ବାହୀ ସଦସ୍ୟମାନଙ୍କୁ ସଫଳତା ମନ୍ତ୍ର ଦେଇଥିଲେ। ୨୦୨୩ ମସିହାରେ ଘଟିଥିବା ସମସ୍ତ ଘଟଣାର ବିସ୍ତୃତ ବର୍ଣ୍ଣନା ଏକ ଆକର୍ଷଣୀୟ ତଥା କବିତା ଶୈଳୀରେ ସଭାପତି ସୃଷ୍ଟି ଅଗ୍ରୱାଲ ଉପସ୍ଥାପନ କରିଥିଲେ। ଏହା ପରେ ବର୍ଷସାରା କାର୍ଯ୍ୟ କରୁଥିବା କାର୍ଯ୍ୟନିର୍ବାହୀ ସଦସ୍ୟ ତଥା ପୂର୍ବତନ ଅଧ୍ୟକ୍ଷମାନଙ୍କୁ ସମ୍ମାନୀତ କରାଯାଇଥିଲା। ଏହା ପରେ ଅଧ୍ୟକ୍ଷା ଅଗ୍ରୱାଲ, ନୂତନ ନିର୍ବାଚିତ ଅଧ୍ୟକ୍ଷ ଇଂ.ଅଭିଳାଷ ଅଗ୍ରୱାଲଙ୍କୁ ଅଧ୍ୟକ୍ଷ ପଦ ଏବଂ ଗୋପନୀୟତାର ଶପଥ ପାଠ କରାଇଥିଲେ। ନୂଆ ଅଧ୍ୟକ୍ଷ ଅଗ୍ରୱାଲ କାର୍ଯ୍ୟଭାର ଗ୍ରହଣ କରିବା ପରେ ନୂତନ କାର୍ଯ୍ୟନିର୍ବାହୀ ସଦସ୍ୟ ତଥା ଜେସିଆଇ ସଦସ୍ୟତା ଗ୍ରହଣ କରୁଥିବା ନୂତନ ସଦସ୍ୟଙ୍କୁ ଶପଥ ପାଠ କରାଇଥିଲେ। ଅଧ୍ୟକ୍ଷ ଅଗ୍ରୱାଲ ଆଗାମୀ କାର୍ଯ୍ୟକ୍ରମଗୁଡିକ ବିଷୟରେ ସୂଚନା ଉପସ୍ଥାପନ କରିଥିଲେ। ସେ କହିଥିଲେ ଯେ ଜେସିଆଇ ହେଉଛି ଏକମାତ୍ର ସଙ୍ଗଠନ ଯାହା ଜଣେ ବ୍ୟକ୍ତିର ବ୍ୟକ୍ତିତ୍ୱର ସାମଗ୍ରିକ ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଘର, ପରିବାର ଏବଂ ସମାଜ ପ୍ରତି ଦାୟିତ୍ୱ ସ୍ନେହ ଏବଂ କର୍ତ୍ତବ୍ୟ ସମ୍ମାନର ଭାବନା ଦେଇଥାଏ । ଏହି କାର୍ଯ୍ୟକ୍ରମରେ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବିଭିନ୍ନ ସାମାଜିକ ସଙ୍ଗଠନ ସଭାପତି ଉପସ୍ଥିତ ଥିଲେ। ନୂଆ ଅଧ୍ୟକ୍ଷ ଅଗ୍ରୱାଲଙ୍କ ସ୍ତ୍ରୀ ନିକିତା ସିଂଘଲ, ପିତାମାତା ଓ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ସଚିବ ଅବିନାଶ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ।



ଜେସିଆଇ ବଲାଙ୍ଗୀର ସିଟିର ନୂତନ ଅଧ୍ୟକ୍ଷ ଅଭିଳାଷ ଅଗ୍ରୱାଲ ଶପଥ ଗ୍ରହଣ କରୁଛନ୍ତି।

# ପ୍ଲାଷ୍ଟିକମୁକ୍ତ ପରିବେଶ ପାଇଁ ଶୋଭାଯାତ୍ରା

**ଖପ୍ରାଖୋଲ,୧୨।୧୨(ଅଭୟ ତ୍ରିପାଠୀ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ଲାଷ୍ଟିକମୁକ୍ତ ପରିବେଶ ପାଇଁ ସଚେତନତା ସଭା ଓ ଶୋଭାଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ଗାଁ ପରିକ୍ରମା କରିଥିଲା। ପରେ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ସଚେତନତା ସଭା ବିଦ୍ୟାଳୟ ଅଧ୍ୟକ୍ଷ ଭୁବନେଶ୍ୱର ପୁରୋହିତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ବୈଦ୍ୟନାଥ ମିଶ୍ର ଯୋଗଦେଇ ସୁସ୍ଥ ପରିବେଶ ପାଇଁ ପ୍ଲାଷ୍ଟିକ ବ୍ୟବହାର ବନ୍ଦ କରିବାକୁ କହିଥିଲେ। ସମ୍ମାନୀତ ଅତିଥିଭାବେ ଅଧ୍ୟାପକ ନବୀନ କୁମାର ବାରିକ, ଅଧ୍ୟାପକ ରବୀନ୍ଦ୍ର ବାରିକ, ମୁରଲୀ ମେହେର, ଶଙ୍କର୍ଷଣ ପଣ୍ଡା, ପୂର୍ବତନ ସମିତି ସଭ୍ୟ ଶୋଭନମୟ ମିଶ୍ରଙ୍କ ସମେତ ଏମବିକେ, ସିଆର୍‌ପି ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ବିଜେଡି ତାଲିମ ଶିବିର ଉଦ୍‌ଯାପିତ

**ଟିଟିଲାଗଡ଼, ୧୨।୧୨(ଶରତ ମିଶ୍ର)**

ଟିଟିଲାଗଡ଼ ଡ଼ିଏଭି ସ୍ୱୟଂ ଶାସିତ ମହାବିଦ୍ୟାଳୟ ଟାଉନ ହଲରେ ଚାଲିଥିବା ୩ଦିନିଆ ବିଜେଡି କର୍ମୀ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ରାଜ୍ୟ ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ବିଜେଡି ନେତା ସୌଭାଗ୍ୟ ନାୟକ, ତାପସ ତ୍ରିପାଠୀ, ସଞ୍ଜୟ ବାବୁ ପ୍ରମୁଖ ଉପସ୍ଥିତ ରହି କର୍ମୀଙ୍କୁ ତାଲିମ ପ୍ରଦାନ କରିଥିଲେ। ବିଜେଡ଼ି କର୍ମୀ ଜନତାଙ୍କ ନିକଟତର ହୋଇ ସରକାରଙ୍କ ଯୋଜନା ଲୋକଙ୍କ ପାଖରେ ପହଞ୍ଚାନ୍ତୁ। ଦଳର ସଙ୍ଗଠନକୁ ବୁଥ୍‌ସ୍ତରରେ ମଜଭୁତ କରିବାକୁ କର୍ମୀମାନଙ୍କୁ ବିଶେଷ ତାଲିମ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ପ୍ରତିନିଧି ଅରୁଣ ମିଶ୍ର, ପ୍ରେମ ଜୈନ, ପୌର ଉପାଧ୍ୟକ୍ଷା ପୁଷ୍ପାମଞ୍ଜରୀ ଜାଲ, ବ୍ଲକ ଅଧ୍ୟକ୍ଷା ସଂଯୁକ୍ତା ନାଏକ, ଜିଲା ପରିଷଦ ସଭ୍ୟ ଗୀତା ବିଶି, ଦିଲୀପ ବେହେରା, ସନ୍ଦୀପ ତ୍ରିପାଠୀ, ପ୍ରବୀଣ ଆଚାର୍ଯ୍ୟ, ଦୀପକ ମିଶ୍ର, ଆଶିଷ ବେହେରା, ପୁଷ୍ପ ଜୈନ, ଦୀପକ ବେହେରା, ଗୋପାଲକୃଷ୍ଣ ବେହେରା, ସୁବ୍ରତ ନାଗ, ନରେଶ ଅଗ୍ରୱାଲ, ଚନ୍ଦ୍ରବଦନ ପୁରୋହିତ ସହାୟତା କରିଥିଲେ ।

# ଅଦିନିଆ ବର୍ଷା କ୍ଷୟକ୍ଷତି ସହାୟତା ଦିଅ


ରାଜସ୍ୱ ନିରୀକ୍ଷକଙ୍କୁ ଚାଷୀମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

**ମୁରିବାହାଲ,୧୨।୧୨(ଶ୍ରୀବତ୍ସ ବେହେରା)**

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ଗୁଡିଘାଟ ଗ୍ରାମପଞ୍ଚାୟତରେ ଅଦିନିଆ ବର୍ଷାରେ ବ୍ୟାପକ ଫସଲର କ୍ଷୟକ୍ଷତି ହୋଇଛି। ମଙ୍ଗଳବାର ଉକ୍ତ ପଞ୍ଚାୟତର ବହୁ ଚାଷୀ ରାଜସ୍ୱ ନିରୀକ୍ଷକ(ଆର.ଆଇ)ଙ୍କ ଅଫିସ ଘେରାଉ କରିଥିଲେ। ପରେ ମୁରିବାହାଲ ତହସିଲଦାରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଗୁଡିଘାଟ ରାଜସ୍ୱ ନିରୀକ୍ଷକ ସୌମ୍ୟରଞ୍ଜନ ସାହୁଙ୍କୁ ପ୍ରଦାନ କରାଯାଇଥିଲା। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଗତ ୬ ତାରିଖରୁ ୯ ତାରିଖ ପର୍ଯ୍ୟନ୍ତ ଲଘୁଚାପଜନିତ ବର୍ଷା ଗୁଡିଘାଟ ପଞ୍ଚାୟତର ୭ଖଣ୍ଡ ଗ୍ରାମ ଘୁଷୁରାମୁଣ୍ଡା, ବାରବନ୍ଧ, ବାବେଜୁରୀ, ବାଲିଖମର, ବିଜାମାଳ, ଡେଙ୍ଗପଦର ଓ ଗୁଡିଘାଟ ଗ୍ରାମ ଚାଷୀଙ୍କର ଧାନ ଓ କପା ଫସଲ ବ୍ୟାପକ କ୍ଷତି ହୋଇଛି । ଏକ ଫସଲି ନଷ୍ଟ ହୋଇ ଯାଇଥିବାରୁ ଚାଷୀମାନେ ଆର୍ଥିକଭାବେ କ୍ଷତିର ସମ୍ମୁଖୀନ ହୋଇଛନ୍ତି। ଏଥିପୂର୍ବରୁ ଚାଷୀମାନେ ଗ୍ରାମ ବଜାର ପ୍ରାଙ୍ଗଣ ନିକଟରୁ ଏକ ଶୋଭାଯାତ୍ରାରେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଅଭିମୁଖେ ଯାଇଥିଲେ। କୃଷକ ସଂଗଠନର ମକୁନ୍ଦ ବର୍ଗର୍ତ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିକ୍ଷୋଭ ସଭାରେ କୃଷକ ନେତା ନବୀନ କୁମାର ରାଉ, ଇନ୍ଦ୍ରମଣି ବନଛୋର, ଗଦାଧର ବନଛୋର, ରାମ ଖମାରି, ରବିଚନ୍ଦ୍ର ବିଶି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଦାବିପତ୍ର ପ୍ରଦାନ ସମୟରେ କୃତ୍ତିବାସ ସିଂ ମାଝି, କୃଷ୍ଣଧଯ୍ୟ ବିଶି, ପ୍ରଭାକର ମାଝି, ଉପେନ୍ଦ୍ର ଗହୀର, ଗୋପାଳ ମାଝି, ବିହାରୀ ଚନ୍ଦନ ସହ ୭ ଖଣ୍ଡ ଗ୍ରାମର ଚାଷୀ ଉପସ୍ଥିତ ଥିଲେ ।

# ଶିକ୍ଷା ବିନା ଅର୍ଥନୈତିକ, ସାମାଜିକ ବିକାଶ ଅସମ୍ଭବ

## ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ

**ବଲାଙ୍ଗୀର,୧୨।୧୨ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ସଦର ବ୍ଲକ ଚନ୍ଦନଭାଟି ସୁଦାମ ଚରଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି। ମୁଖ୍ୟଅତିଥି ଭାବେ ବିଧାୟକ ନରସିଂହ ମିଶ୍ର ଯୋଗ ଦେଇ କହିଥିଲେ ଯେ, ଶିକ୍ଷା ହିଁ ଅଞ୍ଚଳର ଅର୍ଥନୈତିକ ଓ ସାମାଜିକ ବିକାଶର ମୁଖ୍ୟ ଆଧାର। ବିଶ୍ୱବିଖ୍ୟାତ ଅର୍ଥନୈତିଜ୍ଞ ଏହି ସନ୍ଦର୍ଭରେ ହିଁ ନୋବେଲ ପୁରସ୍କାର ପାଇଥିଲେ । ତେଣୁ ଛାତ୍ରୀଛାତ୍ରମାନେ ଯଦି ଅଞ୍ଚଳର ଅର୍ଥନୈତିକ ଓ ସାମାଜିକ ବିକାଶ ଚାହୁଁଛନ୍ତି ତେବେ ସେମାନେ ଉତ୍ତମ ଶିକ୍ଷା ଆହରଣ କରନ୍ତୁ। ସରକାର ମଧ ଉତ୍ତମ ଶିକ୍ଷା ଆହରଣ ପାଇଁ ଶିକ୍ଷାନୁଷ୍ଠାନ ରେ ଶୈକ୍ଷିକ ପରିବେଶ ସୃଷ୍ଟି କରିବା ଦରକାର ବୋଲି କହିଥିଲେ। ୯୦୦ ବର୍ଷ ପୂର୍ବରୁ କିଭଳି ଏହି ଅଞ୍ଚଳରେ ଗଣତନ୍ତ୍ର ଶାସନ ରହିଥିଲା ଛାତ୍ରୀଛାତ୍ରଙ୍କୁ କହିଥିଲେ। ୨୦୧୪ ମସିହା ପରେ ଏହି ଅଞ୍ଚଳର ପ୍ରାୟତଃ ଶିକ୍ଷାନୁଷ୍ଠାନ ଭିତ୍ତିଭୂମିର ଅନେକ ବିକାଶ କରାଯାଇଛି। ଆଗାମୀ ଦିନରେ ଶିକ୍ଷା ବିକାଶ ପାଇଁ ନିଶ୍ଚିତ ଭାବରେ କୃଷି ବିଶ୍ୱବିଦ୍ୟାଳୟ ସମେତ ଆହୁରି ଅନେକ ବୈଷୟିକ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରାଯିବ ବୋଲି ବିଧାୟକ ମିଶ୍ର କହିଥିଲେ । ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସେ ପୁରସ୍କୃତ କରିଥିଲେ। ଅଧ୍ୟକ୍ଷ ଅଶୋକ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ କ୍ରୀଡା ସଂସ୍କୃତି ନୋଡାଲ ଅଧିକାରୀ ଅଧ୍ୟାପକ ପ୍ରଶାନ୍ତ ଖମାରୀ, ଶମ୍ଭୁ ପ୍ରସାଦ ଦାଶ, ଚନ୍ଦନଭାଟି ନାଏବ ସରପଞ୍ଚ ସଂକୀର୍ତ୍ତନମେହେରମଞ୍ଚାସୀନଥିଲେ।

**NATIONAL LAW UNIVERSITY ODISHA, CUTTACK**
(Established by Odisha Act IV of 2008)
Kathajodi Campus, Sector 13, CDA, Cuttack -753015, Odisha

**QUOTATION CALL NOTICE FOR REPAIR & CLEANING OF OVER HEAD TANKS AT NLUO, CUTTACK**

Quotation Call Notice is invited for Repair & Cleaning of Over Head Tanks at NLUO,Cuttack. Last date for receipt of quotation is upto **19.12.2023.** For details please visit website : **www.nluo.ac.in**.
Sd/- Registrar

**ପୂର୍ବ ତଟ ରେଳପଥ**

ଫାଇଲ୍ ନଂ.DRM/Engg/KUR/23-24/E-Tender/112,ତା.08.12.2023ରିଖ
ଟେଣ୍ଡର ସଂ.e-Tender-BRIDGEKUR-363-23,ତା.04.12.2023ରିଖ
**ବିବରଣୀ:** ଖୋର୍ଦ୍ଧା ରୋଡ୍ ମଣ୍ଡଳର ଖୋର୍ଦ୍ଧା ରୋଡ୍-ରାଜଆଠଗଡ଼ ସେକ୍ସନ ମଧ୍ୟରେ ବିଭିନ୍ନ ଗର୍ଡର ବ୍ରିଜ୍‌ଗୁଡ଼ିକରେ ସାଇଡ୍ ପାଥୱେର ବ୍ୟବସ୍ଥା ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 354.67 ଲକ୍ଷ, EMD(ଟଙ୍କାରେ):3,27,300/-, କ୍ଷେତ୍ରହେବାଅବଧି 12 ମାସ ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.27.12.2023 ରିଖ 1500 ଘଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ), ଖୋର୍ଦ୍ଧା ରୋଡ୍
PR-879/O/23-24

**ଦ.ପୂ. ରେଳପଥ - ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଆର୍‌ଏସ୍‌ଓ-IIV-ବିଏସ୍‌ପିଏକ୍ସ-୯, ତାରିଖ ୧୧।୧୨।୨୦୨୩ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲୱେ ମ୍ୟାନେଜର (ଇଲେକ୍ଟ୍ରିକାଲ), ଚକ୍ରଧରପୁର, ଦ.ପୂ. ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କାର୍ଯ୍ୟର ନାମ:** ଛତିଶ ମାସ ପାଇଁ ବାଂଶପାଣି–ଯୋଡ଼ା ମାଇନ୍ସ ଟାଟା କମ୍ପାନୀ ଏବଂ ବାଂଶପାଣି–ଜାରୋଲିକୁ କ୍ରିଭ ଓ ଗାର୍ଡଙ୍କୁ ନେଇ ଯିବା ଓ ଆସିବା ନିମନ୍ତେ ଗୋଟିଏ ଗାଡ଼ି (ଟାଟା ସୁମୋ/ଭିକ୍ଟା/ବୋଲେରୋ କିମ୍ବା ସମତୁଲ୍ୟ) ଭଡ଼ା ସୂତ୍ରରେ ନେବା । **ଟେଣ୍ଡର ମୂଲ୍ୟ:** ₹୨୮,୭୨,୨୬୩.୨୪ । **ଇ.ଏମ୍.ଡି.:** ₹୫୭,୫୦୦/– । **ଟେଣ୍ଡର ଫର୍ମ ମୂଲ୍ୟ:** ଶୂନ୍ୟ । **ଇ-ଟେଣ୍ଡର ଖୋଲିବା ତାରିଖ:** ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଓପି)/ଚକ୍ରଧରପୁର, ଦ.ପୂ. ରେଳପଥଙ୍କ କାର୍ଯ୍ୟାଳୟ । **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୦୮।୦୧।୨୦୨୪ରିଖ ୧୫.୦୦ ଘଟିକା । **ଟେଣ୍ଡର ଖୋଲାଯିବାର ତାରିଖ ଓ ସମୟ:** ତା୦୮।୦୧।୨୦୨୪ରିଖ ୧୫.୩୦ ଘଟିକା । ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in** ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡ଼ରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର୍ ସାର୍ଟିଫିକେଟ୍ ରହିଥିବା ଏବଂ ସେ ଆଇଆରଇପିଏସ୍ ପୋର୍ଟାଲରେ ପଞ୍ଜୀକରଣ କରିଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । (PR-902)

**OFFICE OF THE EXECUTIVE ENGINEER,**
**ROAD CONSTRUCTION DEPARTMENT,**
**ROAD DIVISION, GUMLA**

**e-Procurement Notice**

e-Tender Reference No. RCD/GUMLA/1289 Date :- 11.12.2023

| | | |
|---|---|---|
| 1. | Name of the work | Improvement of Riding Quality Work of Sisai - Bhandra Road in KM 0.00 to 26.420 under Road Division, Gumla for The year 2023-24 |
| 2. | Estimated Cost (Rs.) | Rs.- 15,76,02,061.00(Rs. Fifteen Corer Seventy Six lacs Two Thousand Sixty One) Only. |
| 3. | Time of Completion | 06 Months |
| 4. | Last date/Time for receipt of bids | 16/01/2024 Up to 12:00 Noon |
| 5. | Date of Publication of Tender on website | 19/12/2023 From 10:30 A.M. |
| 6. | Opening Date of Tender | 17/01/2024 12.30 PM |
| 7. | Name & address of office Inviting tender | Executive Engineer, Road Construction Department, Road Division, Gumla. |
| 8. | Contact no. of e-Procurement officer | 06524-222097 |
| 9. | Helpline number of e-Procurement cell | 0651-2401010 |

1. Tender amount can be increased or decreased.
2. Details can be seen on website https://jharkhandtenders.gov.in
3. Cost of bidding document & bid security shall be payable online in adherence to memo No -120 Dt- 03.10.2023 of IT & e-governance Department, Govt. of Jharkhand.

Sd/-
Executive Engineer,
RCD, Road Division, Gumla
PR 313234 Road(23-24)#D

# ଗଜା ହୋଇଥିବା ଧାନ ଧରି ବିକ୍ଷୋଭ

## କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦେବାକୁ କଂଗ୍ରେସର ଦାବି

ସୋନପୁର,୧୨।୧୨(ମୃତ୍ୟୁଞ୍ଜୟ ଶତପଥୀ)

ସାମୁଦ୍ରିକ ବାତ୍ୟା ମିଗ୍‌ଜୋମ୍‌ର ପ୍ରଭାବରେ ସୁବର୍ଣ୍ଣପୁର ଜିଲାର ଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି। ଅମଳ ଧାନ ବର୍ଷାରେ ଓଦା ହେବା କାରଣରୁ ସେମାନେ ଦୁର୍ଦ୍ଦଶା ଭୋଗୁଛନ୍ତି। ଚାଷୀଙ୍କ ପେଟା ଧାନ କ୍ଷେତରେ ପଡ଼ି ଗଜା ହେଲାଣି। ତେଣୁ କ୍ଷୟକ୍ଷତିର ଠିକ୍ ଆକଳନ କରିବାକୁ ସୁବର୍ଣ୍ଣପୁର ଜିଲା କଂଗ୍ରେସ କମିଟି ପକ୍ଷରୁ ଦାବି ହୋଇଛି। ମଙ୍ଗଳବାର କଂଗ୍ରେସ ନେତୃବୃନ୍ଦ ଓ ଚାଷୀ ଗଜା ହୋଇଥିବା ପେଟା ଧାନକୁ ଧରି ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଜିଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୭ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। କ୍ଷତିଗ୍ରସ୍ତ



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଜାଧାନ ଧରି କଂଗ୍ରେସ ନେତୃବୃନ୍ଦ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଚାଷୀଙ୍କୁ ଏକର ପ୍ରତି ୨୫ ହଜାର ଟଙ୍କା ପ୍ରଦାନ, ଚାଷୀଙ୍କ କୃଷି ଋଣ ଛାଡ କରିବା, କୃଷି ଇନପୁଟ୍ ସବ୍‌ସିଡିର ଦେଢଗୁଣ ବୃଦ୍ଧି, କ୍ଷତିଗ୍ରସ୍ତ ପନିପରିବା ଓ କପା ଚାଷୀଙ୍କୁ ଏକର ପ୍ରତି ୫୦ ହଜାର ଟଙ୍କା ପ୍ରଦାନ ପାଇଁ ଦଳ ଦାବି କରିଛି। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପଧାନ ସ୍ମାରକପତ୍ର ଗ୍ରହଣ କରିଥିଲେ। ଜିଲା କଂଗ୍ରେସ କମିଟି ସଭାପତି ବିନୋଦ ପାତ୍ର, ଗୌରିଶ୍ୟାମ ପଣ୍ଡା, ବିଧୁଭୂଷଣ ତ୍ରିପାଠୀ, ରାଜଗୋପାଳ ପାଣିଗ୍ରାହୀ, ପ୍ରିୟବ୍ରତ ସାହୁ, ରବୀନ୍ଦ୍ର ହୋତା, ସୁଧୀର ପଣ୍ଡା, ରାଜେଶ ମିଶ୍ର, ଆକବର ଖାଁ, ସଂଗ୍ରାମ କେଶରୀ ନାୟକ, ରଞ୍ଜିତ ରାୟ, ପ୍ରଦୀପ ସେଠୀ, ନରେନ୍ଦ୍ର ସାହୁ, ପ୍ରଭୁଦତ୍ତ ବଡ଼ିଆ, ପଞ୍ଚା ପାତ୍ର ଓ ନିମାଇଁ ପାଣିଗ୍ରାହୀ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ।

## ସୁବର୍ଣ୍ଣପୁର ଜିଲାରେ ୧୫୦୦ହେକ୍ଟର ଫସଲ କ୍ଷତି

ସୋନପୁର,୧୨।୧୨(ମୃତ୍ୟୁଞ୍ଜୟ ଶତପଥୀ)

- ରାଜ୍ୟ ସରକାରଙ୍କୁ ରିପୋର୍ଟ ଦେଲେ ଜିଲାପାଳ
- ବାତ୍ୟା ମିଗ୍‌ଜୋମ୍ ପ୍ରଭାବ

ସାମୁଦ୍ରିକ ବାତ୍ୟା ମିଗ୍‌ଜୋମ୍‌ର ପ୍ରଭାବରେ ସୁବର୍ଣ୍ଣପୁର ଜିଲାରେ ଗତ ବୁଧବାର ଓ ଗୁରୁବାର ବର୍ଷା ହୋଇଥିଲା। ଖରିଫ ଧାନ ଅମଳ ସମୟରେ ଅଦିନିଆ ବର୍ଷା ଯୋଗୁ କ୍ଷେତରେ ଓ ଖଳାରେ ଧାନ ଓଦା ହୋଇଥିଲା। ଧାନ ବର୍ଷାରେ ଭିଜିବା କାରଣରୁ ସେଥିରୁ ଗଜା ବାହାରିଥିଲା। ତେଣୁ ସହାୟତା ପାଇଁ ଚାଷୀମାନେ ଦାବି କରିଥିଲେ। ରାଜ୍ୟ ସରକାର ମଧ୍ୟ ମିଗ୍‌ଜୋମ୍ ପ୍ରଭାବରେ କ୍ଷତିଗ୍ରସ୍ତ ହୋଇଥିବା ଫସଲ ସମ୍ପର୍କରେ ରିପୋର୍ଟ ଦେବାକୁ ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ସୁବର୍ଣ୍ଣପୁର ଜିଲାପାଳ ବିମଳେନ୍ଦୁ ରାୟ ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆରସି) ସତ୍ୟବ୍ରତ ସାହୁଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି। ଜିଲାରେ ମୋଟ ୧୫୦୦ ହେକ୍ଟର ଧାନ ଫସଲ ୩୩ ପ୍ରତିଶତରୁ ଅଧିକ କ୍ଷତି ହୋଇଥିବା ଏହି ରିପୋର୍ଟରେ ଦର୍ଶାଯାଇଛି। ଜିଲାର ବିନିକା ଓ ସୋନପୁର ବ୍ଲକରେ ଫସଲ କ୍ଷୟକ୍ଷତି ଅଧିକ ହୋଇଥିବା ବ୍ଲକ କୃଷି ଅଧିକାରୀ ଓ ତହସିଲଦାରଙ୍କ ମିଳିତ ଆକଳନରୁ ଜଣାପଡିଛି। ଅନ୍ୟପକ୍ଷେ ଫସଲ କ୍ଷୟକ୍ଷତି ହୋଇଥିଲେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରୁ ଚାଷୀ ସହାୟତା ପାଇବେ ବୋଲି ମୁଖ୍ୟ ଜିଲା କୃଷି ଅଧିକାରୀ ବିଭୂତି ଭୁଷଣ ମିଶ୍ର କହିଛନ୍ତି।

## ସଂକ୍ଷେପରେ

### ନବୀନ ଓଡ଼ିଶା ଯୁବ ଓଡ଼ିଶା କାର୍ଯ୍ୟକ୍ରମ

ବିନିକା, ୧୨।୧୨(ରାମ ଗୋପାଳ ବାଘ): ସୁବର୍ଣ୍ଣପୁର ଜିଲା ବିନିକା ସିଦ୍ଧାର୍ଥ ଡିଗ୍ରୀ କଲେଜରେ ନୂଆ ଓଡ଼ିଶା ନବୀନ ଓଡ଼ିଶା ଯୁବ ଓଡ଼ିଶା ଅଭିଯାନ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ. ଧୀରେନ୍ଦ୍ର କୁମାର ନାୟକ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ପଦ୍ମପୁର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ରୁପେନ୍ଦ୍ର ବାରିକ, ସମ୍ମାନିତ ଅତିଥି ଭାବେ ପୂର୍ବତନ ନଗରପାଳ ଉଷତ କର ଯୋଗଦେଇଥିଲେ। ଅତିଥିମାନେ ଛାତ୍ରୀଛାତ୍ରଙ୍କୁ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରି ଉତ୍ସାହିତ କରିଥିଲେ। ପରେ ସମସ୍ତ ଛାତ୍ରୀଛାତ୍ର ପଦଯାତ୍ରାରେ ଯାଇ ସ୍ଥାନୀୟ କୋଲପଡାରେ ମହିଳାମାନଙ୍କୁ ସଚେତନ କରିଥିଲେ। ନୋଡାଲ ଅଫିସର ହରିଶ୍ଚନ୍ଦ୍ର ହୋତାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା।

## ବାଇକ୍ ଦୁର୍ଘଟଣାରେ ଜଣେ ମୃତ

ଉଲୁଣ୍ଡା,୧୨।୧୨(ଉରୁକ୍ରମ ପାଣ୍ଡିଆ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ ଗୁରପଙ୍ଗା ଗାଁ ମୁଣ୍ଡରେ ମଙ୍ଗଳବାର ସକାଳେ ବାଇକ୍ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତି ଜଣକ ସତ୍ୟନାରାୟଣ ମେହେର ବୋଲି ଜଣାପଡିଛି। ଗାଁ ମୁଣ୍ଡରେ ସତ୍ୟନାରାୟଣ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ଦେଖି ହିକୁଡି ଫାଣ୍ଡି ଅଧିକାରୀଙ୍କୁ ଲୋକେ ଖବର ଦେଇଥିଲେ। ଖବରପାଇ ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ସତ୍ୟନାରାୟଣଙ୍କୁ ଉଦ୍ଧାର କରି ସୋନପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସତ୍ୟନାରାୟଣ ତାଙ୍କ ଶାଶୁ ଘର ସହରାପାଲି ଗ୍ରାମରେ ରହୁଥିଲେ। ସୋମବାର ବିଳମ୍ବିତ ରାତିରେ ସୋନପୁରରୁ ଏକ ବାଇକ୍ ଯୋଗେ ଶାଶୁ ଘରକୁ ଯାଉଥିବାବେଳେ ଭାରସାମ୍ୟ ହରାଇ ଗାଁମୁଣ୍ଡରେ ଥିବା ଏକ ଖୁଣ୍ଟରେ ବାଇକ୍ ସହ ପିଟି ହୋଇ ତାଙ୍କ ମୃତ୍ୟୁ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବୋଲି ପୋଲିସ ସୂଚନା ଦେଇଛି।

## ସାରସ୍ୱତ ଡିଗ୍ରୀ କଲେଜର କ୍ରୀଡ଼ା ମହୋତ୍ସବ

ସରଣ୍ଡା,୧୨।୧୨(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଗୋଡ଼ଭଗା ସାରସ୍ୱତ ଡିଗ୍ରୀ କଲେଜରେ ମଙ୍ଗଳବାର କ୍ରୀଡ଼ା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅଧକ୍ଷା ପ୍ରତିମା ପାଲ ସଭାପତିତ୍ୱ କରିଥିଲେ। ସମ୍ବଲପୁର ଆଞ୍ଚଳିକ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ ଡ. ପ୍ରଭାବତୀ ଗୁରୁ ମୁଖ୍ୟଅତିଥି, ନୂଆ ଓଡ଼ିଶା କାର୍ଯ୍ୟକ୍ରମର ସମ୍ବଲପୁର ଜିଲା ନୋଡାଲ୍ ଅଫିସର ଅଖିଳ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅଧାପିକା ସୁଧାରାଣୀ ପଟେଲ ସ୍ୱାଗତ ଏବଂ ଅଧ୍ୟାପକ ଦେବବ୍ରତ ପ୍ରଧାନ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ପ୍ରମୋଦ ପ୍ରଧାନ ମଞ୍ଚାସୀନ ଥିଲେ। କୁଶଳେଶ୍ୱର ବଡ଼ିଆ ଓ ଅଧାପିକା ବୈଜୟନ୍ତୀ ପଶାୟତ ମଞ୍ଚ ପରିଚାଳନା କରିଥିଲେ। ଅଧାପକ ରାକେଶ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ବାଳକ ବର୍ଗରେ ଈଶ୍ୱର ମାଝି ଏବଂ ବାଳିକା ବର୍ଗରେ ସନ୍ଧ୍ୟାରାଣୀ ଭୁଏ ଓ ସୋନାଲିକା ସାହୁ ଚାମ୍ପିୟନ ହୋଇଥିଲେ। ଅଧାପିକା ମମତାମୟୀ ପ୍ରଧାନ, ଆଶିଷ ପତି, ଟିକେଶ୍ୱର ପ୍ରଧାନ, ବାସୁଦେବ ଜାଲ, ବିଜୟ ଭୁଏ, ଚିତ୍ତରଞ୍ଜନ ସାହୁ, ଶ୍ରୀପତି ବାରିକ, ଫକୀର ଭିବେଲା, ସସ୍ମିତା ମହାକୁର ଏବଂ ଆଲୁମିନି ସମ୍ପାଦକ ସତୀଶ ଦାଶ ପ୍ରମୁଖ ସହଯୋଗ କରିଥିଲେ। କ୍ରୀଡ଼ା ଶିକ୍ଷକ ରୁକ୍ମଣ ଭୋଇଙ୍କ ନେତୃତ୍ୱରେ ବିଭିନ୍ନ ହାଇସ୍କୁଲ ଓ କଲେଜରୁ ଆସିଥିବା କ୍ରୀଡା ଶିକ୍ଷକ ଭୁବନେଶ୍ୱର ପ୍ରଧାନ, ରମେଶ ଛନ୍ଦ, ଭୀମସେନ ସାହୁ, ମକରଧ୍ୱଜ ପ୍ରଧାନ, ଶୁଭଶ୍ରୀ କର ଓ ଗଙ୍ଗାଧର ଭୁଏ ଖେଳ ପରିଚାଳନା କରିଥିଲେ।





କ୍ରୀଡା ମହୋତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

## ଆର୍‌ଏମ୍‌ସିରେ ଖରିଫ ଧାନ କ୍ରୟ ଶୁଭାରମ୍ଭ

ଉଲୁଣ୍ଡା,୧୨।୧୨(ଉରୁକ୍ରମ ପାଣ୍ଡିଆ)

ସୁବର୍ଣ୍ଣପୁର ଜିଲା ପ୍ରଶାସନ ନିଷ୍ପତ୍ତିକ୍ରମେ ଚଳିତବର୍ଷ ଖରିଫ ୨୦୨୩-୨୪ର ଧାନ ସଂଗ୍ରହ କାର୍ଯ୍ୟକ୍ରମ ଡିସେମ୍ବର ୧୧ରୁ ଆରମ୍ଭ ହେବା ପାଇଁ ସ୍ଥିର କରାଯାଇଥିଲା। ତେବେ ସୋମବାର ଉଲୁଣ୍ଡା ବ୍ଲକ ଅନ୍ତର୍ଗତ ଉଦେପଦର୍‌ସ୍ଥିତ ଆର୍‌ଏମ୍‌ସି ୟାର୍ଡ ଠାରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଆର୍‌ଏମ୍‌ସି ସମ୍ପାଦକ ମନୋଜ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବୀରମହାରାଜପୁର ଉପଜିଲାପାଳ ଲଲାଟେନ୍ଦୁ ସି ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏହି ଧାନକିଣା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଉଲୁଣ୍ଡା ତହସିଲଦାର ଦିଲ୍ଲୀପ କୁମାର ମାଝି, ବିଡିଓ କରିଶ୍ମା ବେଶ୍ରା, ସୋନପୁର ଏଆର୍‌ସିଏସ୍ ପାଣ୍ଡୁ ଚରଣ ସାହୁ, ବୀରମହାରାଜପୁର ଏସିଏସ୍‌ଓ ଲଳିତ ମୋହନ ପଟ୍ଟନାୟକ, ଏଆର୍‌ସିଏସ ବୀରମହାରାଜପୁର ପ୍ରେମାନନ୍ଦ ଦିପ, ଏମ୍‌ଆଇ ରାଜକିଶୋର ନାୟକ, ଉଲୁଣ୍ଡା ପାକ୍ସ ସମ୍ପାଦକ ଗୋବର୍ଦ୍ଧନ ଭୋଇ, ଏସ୍‌ଏଚ୍‌ଜିର ସମସ୍ତ ସଭ୍ୟା ଓ ସଭ୍ୟ ଉପସ୍ଥିତ ଥିଲେ। ଏହି ଶୁଭାରମ୍ଭରେ ଓମ ସାଇ ଏସ୍‌ଏଚ୍‌ଜିରେ ୨ ଜଣ ଚାଷୀ ଓ ଉଲୁଣ୍ଡା ପାକ୍ସର ଜଣେ ଚାଷୀଙ୍କ ଠାରୁ ଧାନକ୍ରୟ କରି ମିଲ୍‌କୁ ପଠାଯାଇଥିଲା। ସେହିପରି ପଞ୍ଚମହଲାଠାରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ସରପଞ୍ଚ ଅଶୋକ ପଣ୍ଡା ଏବଂ ପୂର୍ବତନ ପାକ୍ସ ସଭାପତି ରାଜକୁମାର ପୁରୋହିତ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନରେ ପଞ୍ଚମହଲାଠାରେ ଚାଷୀ ଗୀତାଞ୍ଜଳି ଜଗଦଲା, ତାରା ସିଂ ରଣା, ଜୟକୃଷ୍ଣ ନାଏକ ଏବଂ ମହେଶ ରଞ୍ଜନ ପୁରୋହିତଙ୍କଠାରୁ ୧୭୮ କୁଇଣ୍ଟାଲ ଧାନ କ୍ରୟ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପାକ୍ସ ସମ୍ପାଦକ ରାମକୃଷ୍ଣ ପାଢ଼ୀ, ସଭାପତି ନରେନ୍ଦ୍ର ଆଚାର୍ଯ୍ୟ, ପ୍ରଫୁଲ୍ଲ ଥନାପତୀ, ସିରିଶ ପୁରୋହିତଙ୍କ ସମେତ ବହୁ ଚାଷୀ ଉପସ୍ଥିତ ରହିଥିଲେ।



ମଣ୍ଡିରେ ଧାନକ୍ରୟର ଶୁଭାରମ୍ଭ କରାଯାଉଛି।

## ବାଉଁଶୁଣୀରେ ବଢ଼ୁଛି ଟ୍ରାଫିକ ସମସ୍ୟା

ବାଉଁଶୁଣୀ, ୧୨।୧୨(ଦେବାଶୀଷ ନେପାକ)

ବୌଦ୍ଧ ଜିଲା ବାଉଁଶୁଣୀରେ ଟ୍ରାଫିକ ସମସ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଫଳରେ ଜନସାଧାରଣ ଯିବା ଆସିବା କରିବାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାଉଁଶୁଣୀ ବଜାର ଏକ ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳୀ। ଦିନକୁ ଦିନ ଦୋକାନ ବଜାର ବଢିବା ସହ ଯାନବାହାନ ବଢ଼ିବାରେ ଲାଗିଛି। ତେଣୁ ଅନେକ ସମୟରେ ବାଉଁଶୁଣୀ ଛକ, ଗୁନ୍ଦୁଲିଆ ରୋଡ଼, ଥାନା ରୋଡ଼ରେ ଟ୍ରାଫିକ ସମସ୍ୟା ଦେଖାଦେଉଛି। ବାରମ୍ବାର ବାଉଁଶୁଣୀ ଛକ ଉପରେ ଗାଡ଼ିମୋଟର ଜାମ ଘଟଣା ସାମ୍ନାକୁ ଆସୁଥିଲେ ହେଁ କୌଣସି ପ୍ରତିକାର କରାଯାଉ ନାହିଁ। ଗୁନ୍ଦୁଲିଆ ରୋଡ଼ରେ ବଡ଼ବଡ଼ ଦୋକାନ ସମ୍ମୁଖରେ ଗାଡ଼ିଗୁଡ଼ିକ ରଖି ରାସ୍ତାକୁ ଜାମ କରୁଥିବା ନଜର ହେଉଛି। ଗାଡ଼ିଗୁଡ଼ିକ ଘଣ୍ଟା ଘଣ୍ଟା ଅଟକି ରହୁଛି। ତାହାକୁ ନିୟନ୍ତ୍ରଣ କରିବାରେ କୌଣସି ପୋଲିସ ଅଧିକାରୀ ରହୁନାହାନ୍ତି। ଏହା ସହିତ ବାରମ୍ବାର ଗୁନ୍ଦୁଲିଆ ରୋଡରେ ମଧ୍ୟ ଦୁର୍ଘଟଣା ଘଟି ଚାଲିଛି। ଗୁନ୍ଦୁଲିଆ ରାସ୍ତାରେ ସକାଳୁ ସନ୍ଧ୍ୟାରେ ଶିଶୁମାନେ ପାଠ ପଢ଼ିବାକୁ ଯାତାୟତ ମଧ୍ୟ କରୁଛନ୍ତି। ଏହି ବଜାର ଉପରେ ୮ଟି ପଞ୍ଚାୟତର ଲୋକେ ନିର୍ଭର କରନ୍ତି। ରାସ୍ତା ଉପରେ ଚାରିଚକିଆ ଯାନ ରଖିବା ଦ୍ୱାରା ଟ୍ରାଫିକ ସମସ୍ୟା ପରିସ୍ଥିତି ସୃଷ୍ଟି ହେଉଛି। ତାହାକୁ ନିୟନ୍ତ୍ରଣ କରିବା ପାଇଁ ବାରମ୍ବାର ବାଉଁଶୁଣୀ ଥାନା ଅଧିକାରୀଙ୍କୁ ଅଭିଯୋଗ କଲା ପରେ ମଧ୍ୟ ଅଧିକାରୀ କର୍ଣ୍ଣପାତ କରୁନାହାନ୍ତି। ପୋଲିସର ମନମୁଖୀ କାର୍ଯ୍ୟ ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଥିବା ଜନସାଧାରଣରେ ଚର୍ଚ୍ଚା ହେଉଛି। ବୌଦ୍ଧ ଆରକ୍ଷୀ ଅଧୀକ୍ଷକ ଦୃଷ୍ଟି ଦେଇ ଟ୍ରାଫିକ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

## ବୀରମହାରାଜପୁର ବ୍ଲକ ଭାଜପା ପକ୍ଷରୁ ବିକ୍ଷୋଭ

ଅମରପାଲି,୧୨।୧୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଭାଜପା ପକ୍ଷରୁ କଂଗ୍ରେସର ରାଜ୍ୟସଭା ସଦସ୍ୟ ଧିରଜ ସାହୁ ୫ଶହ କୋଟି ଟଙ୍କା ମଦ ଦୁର୍ନୀତିରେ ସମ୍ପୃକ୍ତ ଥିବା ଅଭିଯୋଗ କରି ମଙ୍ଗଳବାର ସନ୍ଧ୍ୟାରେ ଏହା ପ୍ରତିବାଦରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହା ସହ ତାଙ୍କର କୁଶପୁତ୍ତଳିକା ଦାହ କରାଯାଇଥିଲା। ବହୁ ସଂଖ୍ୟାରେ ଭାଜପା କର୍ମୀ ସ୍ଥାନୀୟ ସାମ୍ବାଦିକ ଭବନଠାରୁ ଏକ ଶୋଭାଯାତ୍ରାରେ ବାହାରି ମୁଖ୍ୟ ଛକ ପର୍ଯ୍ୟନ୍ତ ଯାଇଥିଲେ ଓ ଘଟଣାର ସିବିଆଇ ତଦନ୍ତ ପାଇଁ ଦାବି କରିଥିଲେ। ଏଥିରେ ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଉଷା କୁମାରୀ, ରଘୁନାଥ ଜଗଦଲା, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଆନନ୍ଦ ବାରିକ, ସାଧାରଣ ସମ୍ପାଦକ ବେଣୁଧର ଦାଶ, ଜିଲା ଉପସଭାନେତ୍ରୀ ନଳିନୀ ପଣ୍ଡା, ଜିଲା ଓବିସି ମୋର୍ଚ୍ଚା ସଭାପତି ରାଧାକାନ୍ତ ମହାକୁର, ମଣ୍ଡଳ ଉପସଭାପତି ଭୋଳାଶଙ୍କର ବାଘ ଓ ଦିଲ୍ଲୀପ ପଧାନ, ଗୌର ଜଗଦଲା, ରାଧାଚରଣ ମେହେର, ସୁମନ୍ତ ଜଗଦଲା, ରିଷ ସାହୁ, ପଙ୍କଜ ନାଏକ, ଏକଲବ୍ୟ ବେହେରା, ପଦାର୍ଥ ଜଗଦଲା, ସନତ ହୋତା, ସେନାପତି ଭୋଇ, ରାଧେ ଶଙ୍ଖୁଆ, ବିଜୟ ହୋତା, ରାଜକୁମାର ମହାକୁର, ଗୋପାଳ ଦାସ, ଅମିତ ଭୋଇ, ଇଂ.ଆଶ୍ରୟ ମହାନନ୍ଦ ସାମିଲ ହୋଇଥିଲେ।

## ଅବ୍ୟବସ୍ଥିତ ମଣ୍ଡି ପାଇଁ ଚାଷୀ ଶୋଷିତ

ସୋନପୁର,୧୨।୧୨(ମୃତ୍ୟୁଞ୍ଜୟ ଶତପଥୀ)

ଅବ୍ୟବସ୍ଥିତ ମଣ୍ଡି ପାଇଁ ସୁବର୍ଣ୍ଣପୁର ଜିଲାର ଚାଷୀ ଶୋଷଣର ଶିକାର ହେଉଛନ୍ତି। କଟ୍‌ନି ଛଟ୍‌ନି ନ କଲେ ମଣ୍ଡିରୁ ଧାନ ଉଠୁନି। ମଣ୍ଡିମାନଙ୍କରେ ଖଳା ନାହିଁ କି ସୁରକ୍ଷିତ ଗୋଦାମ ନାହିଁ। ଠିକ୍ ସମୟରେ ଧାନ ବିକ୍ରି ପାଇଁ ଟୋକନ୍ ଆସୁନାହିଁ। ତେଣୁ ଚାଷୀ ବାଧ୍ୟ ହୋଇ ବେପାରିଙ୍କୁ କମ୍ ଦରରେ ଧାନ ବିକ୍ରି କରୁଛନ୍ତି ବୋଲି ନବନିର୍ମାଣ କୃଷକ ସଙ୍ଗଠନର ରାଷ୍ଟ୍ରୀୟ ସଭାପତି ତଥା ମୋ ଦଳର କାର୍ଯ୍ୟକାରୀ ସଭାପତି ଅକ୍ଷୟ କୁମାର କହିଛନ୍ତି। ସୁବର୍ଣ୍ଣପୁରରେ ମୋ ଦଳର ମଣ୍ଡିଚାଲ ଅଭିଯାନ ତଥା ଜିଲାସ୍ତରୀୟ ସାଙ୍ଗଠନିକ ସମ୍ମିଳନୀରେ ଯୋଗଦେଇ ଅକ୍ଷୟ କୁମାର କହିଥିଲେ, ଡିସେମ୍ବର ୬ରୁ ଏହି ଜିଲାରେ ଧାନ କିଣା ଆରମ୍ଭ ହୋଇଛି। କିନ୍ତୁ ଏ ପର୍ଯ୍ୟନ୍ତ ସମସ୍ତ ମଣ୍ଡି କାର୍ଯ୍ୟକ୍ଷମ ହୋଇନି। କୃଷକଙ୍କୁ ଅବହେଳା କଲେ ଆନ୍ଦୋଳନ ବ୍ୟାପକ କରାଯିବ ବୋଲି ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଥିଲା। ଏହି ଅବସରରେ ମୋ ଦଳ ପକ୍ଷରୁ ଚାଷୀମାନଙ୍କୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ସଙ୍ଗଠନର ଉପଦେଷ୍ଟା ତଥା ଦଳର ଉପସଭାପତି ରାଜେନ୍ଦ୍ର ମିଶ୍ର କହିଥିଲେ, ଆମେ ସମସ୍ତ ମଣ୍ଡି ପରିଦର୍ଶନ କରିବୁ। ଅବ୍ୟବସ୍ଥା ଦେଖିଲେ ଏହାର ଦୃଢ ଜବାବ ଦିଆଯିବ। ଜିଲା ସଭାପତି ପ୍ରଦ୍ୟୁମ୍ନ କୁମାର ପାଢୀ ଏହି ଅଭିଯାନରେ ଚାଷୀମାନେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ।





ସାଙ୍ଗଠନିକ ସମ୍ମିଳନୀରେ ମଞ୍ଚାସୀନ ନେତୃବୃନ୍ଦ।

## ଲୁତୁରପଙ୍କ କ୍ରିକେଟ କପ୍‌ର ଟଏସ୍ ଲକିଂ ଉତ୍ସବ

- ଅଂଶଗ୍ରହଣ କରିବେ ରାଜ୍ୟ ଓ ରାଜ୍ୟ ବାହାରର ୯ ଦଳ
- ଡିସେମ୍ବର ୨୨ ରୁ ୨୯ ହେବ ମ୍ୟାଚ

ଅମରପାଲି,୧୨।୧୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଲୁତୁରପଙ୍କ ଗ୍ରାମରେ ଜୟ ଜଗନ୍ନାଥ ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ଆସନ୍ତା ୨୨ରୁ ଆରମ୍ଭ ହେବ ୨୭ତମ ଜୟ ଜଗନ୍ନାଥ ଲୁତୁରପଙ୍କ କ୍ରିକେଟ କପ। ଏଥିରେ ରାଜ୍ୟ ଓ ରାଜ୍ୟ ବାହାରର ୯ ଟି ଶ୍ରେଷ୍ଠ ଦଳ ଅଂଶଗ୍ରହଣ କରୁଛନ୍ତି। ଏହାର ଫାଇନାଲ ଡିସେମ୍ବର ୨୯ରେ ହେବ। ଟୁର୍ନାମେଣ୍ଟରେ ସମସ୍ତ ୯ଟି ଦଳ ପାଇଁ ଫ୍ରାଞ୍ଚାଇଜ ଟଏସ ଲକିଂ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରାଣବନ୍ଧୁ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଟୁର୍ନାମେଣ୍ଟ ପରିଚାଳନା କମିଟିର ସଭାପତି ସୁଶିଲ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ସେ ଗତବର୍ଷର ଆୟବ୍ୟୟର ବିବରଣୀ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବୀରମହାରାଜପୁର ବ୍ଲକ ଉପାଧକ୍ଷ ନାରାୟଣ ଲୁହା ମୁଖ୍ୟ ଅତିଥି ଏବଂ ଜୋନ -୧ ଜିଲା ପରିଷଦ ସଦସ୍ୟ ଲବ କୁମାର ସାହୁ, ସ୍ଥାନୀୟ ସରପଞ୍ଚ ସୂର୍ଯ୍ୟ ନନ୍ଦ, ଆଇନଜୀବୀ ରାଧାକାନ୍ତ ବାଘ, ପୂର୍ବତନ ସମିତିସଭ୍ୟ ପୀତାମ୍ବର ସାହୁ, ଗାୟତ୍ରୀ ଆବାସିକ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ପଙ୍କଜ ଖମାରୀ, ଜିଲା ବିଜେଡି ସାଧାରଣ ସମ୍ପାଦକ ସତ୍ୟଜିବ ମିଶ୍ର, ସମିତିସଭ୍ୟ ଲକ୍ଷ୍ମୀ ନାରାୟଣ ପୁରୋହିତ, ରମଣ ପ୍ରଧାନ, ଲୋକନାଥ ରଥ, ମନୋଜ ମଲ୍ଲିକ, ଅମିତ ସାହୁ ଓ ଟୁର୍ନାମେଣ୍ଟ ପରିଚାଳନା କମିଟିର ସମ୍ପାଦକ ମାଧବ ମହାକୁର ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ହୋଇ କ୍ରୀଡ଼ା ବାର୍ତ୍ତା ପ୍ରଦାନ କରିଥିଲେ। ସଭା ପରେ ଟଏସ ଲକିଙ୍ଗ ମାଧ୍ୟମରେ ଟିମ ଗୁଡ଼ିକୁ ଫ୍ରାଞ୍ଚାଇଜମାନେ ପାଇଥିଲେ। ଚଳିତବର୍ଷ ଉକ୍ତ ଟୁର୍ନାମେଣ୍ଟରେ ଆୟୋଜକ ଜୟ ଜଗନ୍ନାଥ କ୍ରିକେଟ କ୍ଲବ, ଲୁତୁରପଙ୍କ ସହିତ ଏସଡିସିଏ ସୋନପୁର, ଏନଏନଏସ କ୍ରିକେଟ ଏକାଡେମି ପ୍ରୟାଗରାଜ, ଉତ୍ତରପ୍ରଦେଶ, ଫରେଷ୍ଟ କ୍ରିକେଟ କ୍ଲବ ଛତିଶଗଡ଼, ସ୍ୱାର୍ଟସ୍, ଭୁବନେଶ୍ୱର, ବୋକାରୋ ରେଲୱେ, ଝାଡ଼ଖଣ୍ଡ, ଶ୍ରୀଲତା କ୍ରିକେଟ ଏକାଡେମି, ୱେଷ୍ଟ ବେଙ୍ଗଲ, ସେଲ ରାଞ୍ଚି (ଝାଡ଼ଖଣ୍ଡ), ଗୁଲବର୍ଗ ସିଟି-୧୧ (କର୍ନାଟକ) ଆଦି ଦଳ ଅଂଶଗ୍ରହଣ କରୁଛନ୍ତି। ଉକ୍ତ ଟୁର୍ନାମେଣ୍ଟରେ ଚାମ୍ପିୟନ ଦଳକୁ ଟ୍ରଫି ସହିତ ନଗଦ ୫୦ ହଜାର ଟଙ୍କା ଓ ରନର୍ସ ଅଫ ଦଳକୁ ଟ୍ରଫି ସହିତ ନଗଦ ୩୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯିବ। ଏହା ସହିତ ଅନ୍ୟାନ୍ୟ ପୁରସ୍କାର ରାଶି ମଧ୍ୟ ରଖାଯାଇଛି। ଶେଷରେ ପ୍ରଭୁଦତ୍ତ ବେଦୋକ୍ତା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନାରେ ଟୁଟୁ ମହକୁର, ଦେବରାଜ ମହାକୁର, ଶଶାଙ୍କ ପ୍ରଧାନ, ସନାତନ ମହାକୁର, ସୁଧିର ପ୍ରଧାନ, ସୁନିଲ ପ୍ରଧାନ, ଆଶିଷ ମେହେର, ରାକେଶ ପ୍ରଧାନ, ଦୀପକ ପ୍ରଧାନ, ବିକାଶ ମହାକୁର, ସତ୍ୟଜିତ ମହାକୁର, ଆଶିଷ ଦେଓ ପ୍ରମୁଖ ସହଯୋଗ କରିଥିଲେ।





ଲୁତୁରପଙ୍କରେ ଟଏସ୍ ଲକିଂ ଉତ୍ସବରେ ମଞ୍ଚାସୀନ ଅତିଥି।

## ଡିସିପିଓଙ୍କ ବିରୋଧରେ ତଦନ୍ତ ଦାବିରେ ଆମରଣ ଅନଶନ

ସୋନପୁର,୧୨।୧୨(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ଶିଶୁ ସୁରକ୍ଷା ଅଧିକାରୀ (ଡିସିପିଓ) ଚର୍ତୁଭୁଜ ଦାଶଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆଣିଛନ୍ତି ଉଲୁଣ୍ଡା ବ୍ଲକ କଳାପଥର ଗ୍ରାମର ଅଶ୍ୱିନୀ କୁମାର ମହାକୁର। ପୂର୍ବରୁ ମହାକୁର ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ମାତ୍ର କୌଣସି କାର୍ଯ୍ୟାନୁଷ୍ଠାନ ନିଆ ଗଲାନି। ତେଣୁ ଦୁର୍ନୀତିର ତଦନ୍ତ ଦାବିରେ ମହାକୁର ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିଛନ୍ତି। ମହାକୁରଙ୍କ ଅଭିଯୋଗ ଅନୁଯାୟୀ ଡିସିପିଓ ଦାଶଙ୍କ ପାଇଁ ବିହାର ଅଞ୍ଚଳର କିଛି ଠକ ସଚେତନତା ମୂଳକ ନମ୍ବର ପ୍ଲେଟ୍ ପ୍ରଦାନ ଆଳରେ ଜିଲାର ନୀରିହ ଲୋକଙ୍କ ନିକଟରୁ ଲକ୍ଷାଧିକ ଟଙ୍କା ଠକି ନେଇଛନ୍ତି। ସେହିପରି ଶିଶୁଗୃହ ଦାୟିତ୍ୱରେ ଥିବା ସମୟରେ ସେ ବ୍ୟାପକ ଅନିୟମିତତା କରିଛନ୍ତି। ଶିଶୁଗୃହର ଅଡିଟ୍ କରାଯିବା ସହ ଡିସିପିଓଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟରେ ଅନୁରୋଧ କରିଛନ୍ତି।

**NATIONAL LAW UNIVERSITY ODISHA, CUTTACK**
(Established by Odisha Act IV of 2008)
Kathajodi Campus, Sector 13, CDA, Cuttack -753015, Odisha

**QUOTATION CALL NOTICE FOR REPAIR & CLEANING OF OVER HEAD TANKS AT NLUO, CUTTACK**

Quotation Call Notice is invited for Repair & Cleaning of Over Head Tanks at NLUO,Cuttack. Last date for receipt of quotation is upto **19.12.2023.** For details please visit website : www.nluo.ac.in.
Sd/- Registrar

**ପୂର୍ବ ତଟ ରେଳପଥ**

ଫାଇଲ୍ ନଂ.DRM/Engg/KUR/23-24/E-Tender/112,ତା.08.12.2023ରିଖ
ଟେଣ୍ଡର ସଂ.e-Tender-BRIDGEKUR-363-23,ତା.04.12.2023ରିଖ
**ବିବରଣୀ:** ଖୋର୍ଦ୍ଧା ରୋଡ୍ ମଣ୍ଡଳର ଖୋର୍ଦ୍ଧା ରୋଡ୍-ରାଜଆଠଗଡ଼ ସେକ୍ସନ ମଧ୍ୟରେ ବିଭିନ୍ନ ଗର୍ଡର ବ୍ରିଜ୍‌ଗୁଡ଼ିକରେ ସାଇଡ୍ ପାଥୱେର ବ୍ୟବସ୍ଥା।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 354.67 ଲକ୍ଷ, EMD (ଟଙ୍କାରେ): 3,27,300/-, ଶେଷହେବାଅବଧି 12 ମାସ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.27.12.2023 ରିଖ 1500 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ), ଖୋର୍ଦ୍ଧା ରୋଡ୍
PR-879/O/23-24

**ଦ.ପୂ. ରେଳପଥ - ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଆର୍‌ଏସ୍‌ଓ-IIV-ବିଏସ୍‌ପିଏକ୍ସ-୯, ତାରିଖ ୧୧।୧୨।୨୦୨୩। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (ଇଲେକ୍ଟ୍ରିକାଲ), ଚକ୍ରଧରପୁର, ଦ.ପୂ. ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ। **କାର୍ଯ୍ୟର ନାମ:** ଛତିଶ ମାସ ପାଇଁ ବାଂଶପାଣି-ଯୋଡ଼ା ମାଇନ୍ସ ଟାଟା କମ୍ପାନୀ ଏବଂ ବାଂଶପାଣି-ଜାରୋଲିକୁ କ୍ରିଉ ଓ ଗାର୍ଡଙ୍କୁ ନେଇ ଯିବା ଓ ଆସିବା ନିମନ୍ତେ ଗୋଟିଏ ଗାଡ଼ି (ଟାଟା ସୁମୋ/ଭିକ୍ଟା/ବୋଲେରୋ କିମ୍ବା ସମତୁଲ୍ୟ) ଭଡ଼ା ସୂତ୍ରରେ ନେବା। **ଟେଣ୍ଡର ମୂଲ୍ୟ:** ₹୨୮,୭୨,୨୬୩.୨୪। **ଇ.ଏମ୍.ଡି.:** ₹୫୭,୫୦୦/-। **ଟେଣ୍ଡର ଫର୍ମ ମୂଲ୍ୟ:** ଶୂନ୍ୟ। **ଇ-ଟେଣ୍ଡର ଖୋଲିବା ତାରିଖ:** ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଓପି)/ଚକ୍ରଧରପୁର, ଦ.ପୂ. ରେଳପଥଙ୍କ କାର୍ଯ୍ୟାଳୟ। **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୦୮।୦୧।୨୦୨୪ରିଖ ୧୫.୦୦ ଘଟିକା। **ଟେଣ୍ଡର ଖୋଲାଯିବାର ତାରିଖ ଓ ସମୟ:** ତା୦୮।୦୧।୨୦୨୪ରିଖ ୧୫.୩୦ ଘଟିକା। ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.in ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର୍ ସାର୍ଟିଫିକେଟ୍ ରହିଥିବା ଏବଂ ସେ ଆଇଆର୍‌ଇପିଏସ୍ ପୋର୍ଟାଲରେ ପଞ୍ଜୀକରଣ କରିଥିବା ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। (PR-902)

**OFFICE OF THE EXECUTIVE ENGINEER, ROAD CONSTRUCTION DEPARTMENT, ROAD DIVISION, GUMLA**

**e-Procurement Notice**

**e-Tender Reference No. RCD/GUMLA/1289 Date :- 11.12.2023**

| | | |
|---|---|---|
| 1. | Name of the work | Improvement of Riding Quality Work of Sisai - Bhandra Road in KM 0.00 to 26.420 under Road Division, Gumla for The year 2023-24 |
| 2. | Estimated Cost (Rs.) | Rs.- 15,76,02,061.00(Rs. Fifteen Corer Seventy Six lacs Two Thousand Sixty One) Only. |
| 3. | Time of Completion | 06 Months |
| 4. | Last date/Time for receipt of bids | 16/01/2024 Up to 12:00 Noon |
| 5. | Date of Publication of Tender on website | 19/12/2023 From 10:30 A.M. |
| 6. | Opening Date of Tender | 17/01/2024 12.30 PM |
| 7. | Name & address of office Inviting tender | Executive Engineer, Road Construction Department, Road Division, Gumla. |
| 8. | Contact no. of e-Procurement officer | 06524-222097 |
| 9. | Helpline number of e-Procurement cell | 0651-2401010 |

1. Tender amount can be increased or decreased.
2. Details can be seen on website https://jharkhandtenders.gov.in
3. Cost of bidding document & bid security shall be payable online in adherence to memo No -120 Dt- 03.10.2023 of IT & e-governance Department, Govt. of Jharkhand.

Sd/-
Executive Engineer,
RCD, Road Division, Gumla

PR 313234 Road(23-24)#D

**ସଂକ୍ଷେପରେ**

## ବ୍ରାହ୍ମଣୀ ନଦୀରେ ବୁଡ଼ି ଯୁବକ ନିଖୋଜ

**ଲହୁଣୀପଡ଼ା,୧୨।୧୨(ଦାଶରଥି ପଣ୍ଡା):** ସୁନ୍ଦରଗଡ ଜିଲା ଲହୁଣୀପଡ଼ା ଥାନା ରାଜମୁଣ୍ଡା ପଞ୍ଚାୟତ ଡୁମକଲା ଗ୍ରାମଦେଇ ଯାଇଥିବା ବ୍ରାହ୍ମଣୀ ନଦୀରେ ମଙ୍ଗଳବାର ମଧ୍ୟାହ୍ନରେ ଜଣେ ଯୁବକ ପାଣିରେ ବୁଡି ନିଖୋଜ ହୋଇଯାଇଛନ୍ତି। ସେ ହେଲେ ଗୁଡ଼ିଆଲି ଗ୍ରାମର ଅଶୋକ କୁମାର ସିଂହ(୪୭)।ମିଳିଥିବା ସୂଚନା ଅନୁଯାୟୀ, ଅଶୋକ ଘରର ପୂଜା ସାମଗ୍ରୀ ବିସର୍ଜନ କରିବାକୁ ବ୍ରାହ୍ମଣୀ ନଦୀକୁ ଯାଇଥିଲେ। ବିସର୍ଜନ ସମୟରେ ଅସାବଧାନତା ଯୋଗୁ ନଦୀରେ ବୁଡି ଯାଇଥିଲେ। ସ୍ଥାନୀୟ ଲୋକେ ଦେଖି ଲହୁଣୀପଡା ପୋଲିସ ଓ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ସେମାନେ ଘଟଣାସ୍ଥଳରେ ପହଞ୍ଚି ବହୁ ଖୋଜାଖୋଜି କହିଥିଲେ ହେଁ ତାଙ୍କର କୌଣସି ସନ୍ଧାନ ପାଇ ନ ଥିଲେ। ପରେ ରାଉରକେଲା ଓଡ୍ରାଫ ଟିମ୍‌କୁ ଖବର ଦିଆଯାଇଥିଲା। ଲହୁଣୀପଡ଼ା ତହସିଲଦାର ବବୁଲ ପେରେଇ, ଅତିରିକ୍ତ ତହସିଲଦାର ଖାସକେତନ ନାୟକ, ଆର୍‌ଆଇ ଶ୍ରୀକାନ୍ତ ପାତ୍ର, ଲହୁଣୀପଡ଼ା ପୋଲିସ ଉପସ୍ଥିତରେ ଅଗ୍ନିଶମ କର୍ମଚାରୀ ସନ୍ଧ୍ୟା ପର୍ଯ୍ୟନ୍ତ ନଦୀରେ ଖୋଜାଖୋଜି କରି ନିରାଶ ହୋଇଥିଲେ। ଅନ୍ୟପକ୍ଷେ ବଣାଇଁ ଉପଖଣ୍ଡର ଲହୁଣୀପଡ଼ା, ଗୁରୁଣ୍ଡିଆ, ବଣେଇଁ ବ୍ଲକ ଦେଇ ବ୍ରାହ୍ମଣୀ ନଦୀ ପ୍ରବାହିତ ହେଉଛି। ବ୍ରାହ୍ମଣୀ ନଦୀରେ ଅକସ୍ମାତ ଦୁର୍ଘଟଣା ପାଇଁ ଅଗ୍ନିଶମ ବିଭାଗକୁ ମେଶିନ ଚାଳିତ ବୋର୍ଟ ସରକାରଙ୍କ ତରଫରୁ ଯୋଗାଇ ଦିଆଯାଇଛି।ହେଲେ ତାହା ଖରାପ ଯୋଗୁ ସାଧାରଣରେ କ୍ଷୋଭ ପ୍ରକାଶ ପାଉଛି।

## ଚେକ୍ ବାଉନ୍ସ ମାମଲା, ଅଭିଯୁକ୍ତଙ୍କୁ ୧ବର୍ଷ ଜେଲଦଣ୍ଡ

**ଟିଟିଲାଗଡ଼, ୧୨।୧୨(ଶରତ ମିଶ୍ର):** ଏକ ଚେକ୍ ବାଉନ୍ସ ମାମଲାର ବିଚାର କରି ମଙ୍ଗଳବାର ଟିଟିଲାଗଡ ଏସ୍‌ଡିଜେଏମ୍ ଶାଶ୍ୱତୀ ମହାପାତ୍ର ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୧ବର୍ଷ ଜେଲଦଣ୍ଡାଦେଶ କରିଛନ୍ତି। ଏଥିସହିତ ଅଭିଯୋଗକାରୀଙ୍କୁ ୬ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ରାୟ ପ୍ରକାଶ କରିଛନ୍ତି। ଟିଟିଲାଗଡ ସହରର ହାଟପଦା ପଡାର ରମେଶ ପଣ୍ଡାଙ୍କଠାରୁ ସୀତାରାମପୁର ନୟାଗଡର ପ୍ରତିମା ସାହୁ ୫ଲକ୍ଷ ଟଙ୍କା ହାତ ଉଧାରି ନେଇଥିଲେ। ଏନେଇ ପ୍ରତିମା ଏକ ୫ଲକ୍ଷ ଟଙ୍କାର ଏକ ଆଗୁଆ ତାରିଖ ଚେକ୍ ରମେଶଙ୍କୁ ଦେଇଥିଲେ। ତେବେ ପରେ ପ୍ରତିମା ଟଙ୍କା ନଫେରାଇବା ତଥା ଚେକଟି ବ୍ୟାଙ୍କରେ ବାଉନ୍ସ ହେବା ନେଇ ରମେଶ ଅଦାଲତର ଆଶ୍ରୟ ନେଇଥିଲେ। ମାମଲା ଚାଲିଥିବା ସମୟ ମଧ୍ୟରେ ପ୍ରତିମା ୧ ଲକ୍ଷ ଟଙ୍କା ରମେଶଙ୍କୁ ଫେରାଇଥିଲେ ହେଁ ଅବଶିଷ୍ଟ ୪ ଲକ୍ଷ ଦେଇ ନ ଥିଲେ। ମାମଲାର ବିଚାର ସହ ଏହା ଏକ ସାମାଜିକ ଅର୍ଥନୈତିକ ଅପରାଧ ବୋଲି ଅଭିହିତ କରିବା ସହ ପ୍ରତିମାଙ୍କୁ ଦୋଷୀ ବିବେଚନା କରି ଜେଲଦଣ୍ଡ ସହ କ୍ଷତିପୂରଣ ପ୍ରଦାନ କରିବାକୁ ବିଚାରପତି ବୃତାନ୍ତ ରାୟ ପ୍ରକାଶ କରିଛନ୍ତି। ରାୟ ପରେ ପ୍ରତିମା ଜାମିନ ଆବେଦନ କରିଥିବା ବେଳେ ବିଚାରପତି ମଞ୍ଜୁର କରିଛନ୍ତି।

## ୨ମାସ ହେଲା ମିଳୁନି ପାଇପ୍ ଜଳ

**ଲୋଇସିଂହା,୧୨।୧୨(ସୁଶାନ୍ତ ବାରିକ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ପଞ୍ଚାୟତ ସଦର ଗ୍ରାମ ଦଳିତ ବସ୍ତିର ୬୦ ପରିବାର ୨ ମାସ ହେଲା ପାଇପ ଜଳ ପାଇବାରୁ ବଞ୍ଚିତ ରହିଛନ୍ତି। ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ଦୃଷ୍ଟି ଆକର୍ଷଣ କଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା ୱାର୍ଡସଭ୍ୟ ମଧୁ ନାଗ କହିଛନ୍ତି। ଏହାକୁ ନେଇ ବସ୍ତିବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି।

# ସଫଳ ଯୁବଚାଷୀ ହିରୋଦ

### ଦୃଢ଼ ଆତ୍ମବିଶ୍ୱାସ ଓ ନିଷ୍ଠା ସଫଳତାର ଚାବିକାଠି

**ସୁନ୍ଦରଗଡ଼,୧୨।୧୨(ଜୟନାରାୟଣ ମେଣ୍ଡୁଲି)**

ସମ୍ପ୍ରତି ଯୁବ ପିଢ଼ି ନିଜ ଗାଁ ମାଟି ଓ ଚାଷଜମିରୁ ମୁହଁ ଫେରାଇ କାମ ଅନ୍ୱେଷଣରେ ସହରମୁହାଁ ହେଉଥିବାବେଳେ ସୁନ୍ଦରଗଡ଼ ଜିଲା ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ରତନପୁର ଗ୍ରାମପଞ୍ଚାୟତର ରତନପୁର ଗ୍ରାମର ହିରୋଦ ପଟେଲ ସମନ୍ୱିତ ଚାଷ କାର୍ଯ୍ୟ କରି ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଛନ୍ତି। ସେ ଜଣେ ଆଦର୍ଶ ଯୁବ ଚାଷୀ ହେବାରେ ସଫଳ ହୋଇପାରିଛନ୍ତି। ରତନପୁର ଗ୍ରାମର ଅବସରପ୍ରାପ୍ତ ସୈନିକ ଶିବଶଙ୍କର ପଟେଲଙ୍କ ଏକମାତ୍ର ପୁଅ ହିରୋଦ ୨୦୦୭ରେ ମାଟ୍ରିକ ପାସ୍ କରିବା ପରେ ଯୁକ୍ତ ଦୁଇ ଓ ୩ ବର୍ଷ ଆଇଟିଆଇ ଶିକ୍ଷା ଗ୍ରହଣ କରିଥିଲେ।

୨୦୧୫ ମସିହାରୁ ଚାକିରି ପଛରେ ନ ଗୋଡାଇ ନିଜ ଜମିରେ ଚାଷ କାର୍ଯ୍ୟ ପ୍ରତି ମନ ବଳାଇଥିଲେ। ପିଲାଟି ଦିନରୁ ଆତ୍ମନିର୍ଭର ହେବାର ସ୍ୱପ୍ନ ଦେଖୁଥିବା ହିରୋଦ ନିଜସ୍ୱ ଉଦ୍ୟମରେ ଚାଷ କରି ସ୍ୱାବଲମ୍ବୀ ହେବାକୁ ଧ୍ୟାନ ଦେଇଥିଲେ। ପ୍ରଥମେ ତାଙ୍କ ଜମିରେ ଧାନ ସହିତ ଟମାଟୋ ଚାଷ ଆରମ୍ଭ କରିଥିଲେ। ସେତେବେଳେ କୃଷି ବିଭାଗ ପକ୍ଷରୁ ତାଙ୍କୁ ଷ୍ଟୋର ରୁମ ମିଳିଥିଲା। ହେଲେ ସେ ଅଭାବୀ ବିକ୍ରିର ଶିକାର ହୋଇ ଟମାଟୋ ଚାଷରେ କ୍ଷତି ସହିବା ପରେ ୨୦୧୮ରେ ସେ ସୁନ୍ଦରଗଡ଼ ଜିଲା ଉଦ୍ୟାନ ବିଭାଗ ସହିତ ଯୋଗାଯୋଗ କରି ସମନ୍ୱିତ ଫଳ ଚାଷ ପାଇଁ ଆଲୋଚନା କରିଥିଲେ। ଉଦ୍ୟାନ ବିଭାଗ ସହାୟତାରେ ସେ ମହାରାଷ୍ଟ୍ରର ଜଲଗାଁଓ ଯାଇ ଉନ୍ନତ ପ୍ରଣାଳୀର କଦଳୀ ଚାଷ ପାଇଁ ପ୍ରଶିକ୍ଷଣ ନେଇଥିଲେ। ସେଠାରୁ ଫେରିବା ପରେ ଗାଁରେ ଆସି ନିଜ ଜମିରେ କଦଳୀ ଚାଷ ଆରମ୍ଭ କରିଥିଲେ। ମା, ବାପା, ସ୍ତ୍ରୀ, ଗୋଟିଏ ପୁଅ ଓ ଝିଅକୁ ନେଇ ହିରୋଦଙ୍କ ହସଖୁସିର ସଂସାର। ନିଜର ପୈତୃକ ୧୨ ଏକର ଜମିରେ କଦଳୀ, ପିଜୁଳି, ଅମୃତଭଣ୍ଡା, ଲାଉ, ଆମ୍ବ ଆଦି ଫଳ ବଗିଚା ସହିତ ଭଳିକି ଭଳି ବିଭିନ୍ନ ପନିପରିବା, ଗେଣ୍ଡୁଫୁଲ ଚାଷ ଓ ମାଛଚାଷ କରି ଲକ୍ଷାଧିକ ଟଙ୍କା ଆୟକରି ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି ଏହି ଯୁବ ଚାଷୀ ହିରୋଦ। ଏକ ଏକର ଜମିରେ ଧାନଚାଷ, ୫ଏକର ଜମିରେ କଦଳୀ, ଆମ୍ବ ଓ ପିଜୁଳି ବଗିଚା କରିଛନ୍ତି। ଏହା ସହିତ ୨ ଏକର ଜମିରେ ପୋଖରୀ ଖନନ କରି ମାଛଚାଷ କରିବା ସହ ୩ ଏକର ଜମିରେ ବର୍ଷ ସାରା ବିଭିନ୍ନ ପନିପରିବା ଯଥା-ଫୁଲକୋବି, ବନ୍ଧାକୋବି, ବିଲାତି, ବାଇଗଣ, ଆଳୁ, ଲଙ୍କା ଓ ଲାଉ ଚାଷ କରି ସମସ୍ତ ଆନୁଷଙ୍ଗିକ ଖର୍ଚ୍ଚ ପରେ ବାର୍ଷିକ ୭ରୁ ୮ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ବିଶେଷ ଭାବରେ ତାଙ୍କ ଦ୍ୱାରା ଦକ୍ଷିଣ ଭାରତୀୟ ମଡେଲରେ କରାଯାଇଥିବା ଲାଉ ଚାଷ ଏବେ ବେଶ୍ ପ୍ରସିଦ୍ଧି ଲାଭ କରିଛି। ଆଗାମୀ ଦିନରେ ଏହି ଚାଷ ଆହୁରି ବ୍ୟାପକ ଭାବେ କରିବାକୁ ଏବଂ ଅନେକ ଯୁବ ଚାଷୀଙ୍କୁ ଆତ୍ମନିର୍ଭରଶୀଳ କରିବାର ଲକ୍ଷ୍ୟ ରଖିଛନ୍ତି। ଦୃଢ଼ ଆତ୍ମବିଶ୍ୱାସ ଓ ନିଷ୍ଠା ସଫଳତାର ଚାବିକାଠି ବୋଲି କହନ୍ତି ଏହି ଯୁବ ଚାଷୀ ହିରୋଦ ପଟେଲ।



ହିରୋଦ ପଟେଲ କରିଥିବା ଲାଉଚାଷ।




କଳାବ୍ୟାଜ ପରିଧାନ କରିଥିବା ଅଗ୍ନିଶମ କର୍ମଚାରୀ।

## ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କଳାବ୍ୟାଜ୍ ପରିଧାନ କଲେ ଅଗ୍ନିଶମ କର୍ମଚାରୀ

**କୁତ୍ରା,୧୨।୧୨(ଦେବାଶିଷ ସାହୁ)**

ଅଗ୍ନିଶମ ସେବା ସଂସ୍ଥାରେ କାର୍ଯ୍ୟରତ ରାଜ୍ୟର ସମସ୍ତ କର୍ମଚାରୀ ୨ ଦଫା ଦାବି ନେଇ ସୋମବାରଠାରୁ କଳା ବ୍ୟାଜ୍ ପିନ୍ଧି କାର୍ଯ୍ୟ କରୁଥିବା ବେଳେ ଏଥିରେ କୁତ୍ରା ଅଗ୍ନିଶମ ବିଭାଗର କର୍ମଚାରୀ ମଧ୍ୟ ସାମିଲ ହୋଇଛନ୍ତି। କର୍ମଚାରୀଙ୍କ ୨ ଦଫା ଦାବି ଅଗ୍ନିଶମ ସେବା ସଂସ୍ଥାର ଆଗ୍ନିକ,ଆଗ୍ନିକ ଗାଡି ଚାଳକ ଓ ମୁଖ୍ୟ ଆଗ୍ନିକ କର୍ମଚାରୀଙ୍କ ଦରମା ଏବଂ ଭତ୍ତାକୁ ଓଡିଶା ପୋଲିସର ସିପାହୀ ଓ ହାବିଲଦାରଙ୍କ ସହ ସମାନ ଏବଂ ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ସଂଘର ସରକାରୀ ପଞ୍ଜୀକରଣ ଦାବି ନେଇ କଳା ବ୍ୟାଜ ପରିଧାନ କରିଛନ୍ତି। ଦାବି ପୂରଣ ନହେବା ପର୍ଯ୍ୟନ୍ତ ସେମାନେ କଳା ବ୍ୟାଜ ପରିଧାନ କରିବେ ବୋଲି ଚେତାବନୀ ଦେଇଛନ୍ତି। ହେଲେ ପୂର୍ବପରି କାର୍ଯ୍ୟ ଜାରି ରଖିବେ ।

## ଜାତୀୟ ସବ୍‌ଜୁନିୟର ଖୋ ଖୋ ପାଇଁ ପପୁନ, ଅସ୍ମିସା ମନୋନୀତ

**ସୁନ୍ଦରଗଡ, କୁଆଁରମୁଣ୍ଡା ୧୨।୧୨
(ଜୟ ନାରାୟଣ ମେଣ୍ଡୁଲି/ ମହେନ୍ଦ୍ର ସାହୁ)**

ସର୍ବଭାରତୀୟ ଖୋ ଖୋ ମହାସଂଘ ଆନୁକୂଲ୍ୟରେ ଡେସେମ୍ବର ୧୩ରୁ ୧୭ ପର୍ଯ୍ୟନ୍ତ କର୍ଣ୍ଣାଟକ ରାଜ୍ୟର ତ୍ରିପୁରା ଜିଲାରେ ୩୩ତମ ସବ୍ ଜୁନିୟର ଖୋ ଖୋ ଚାମ୍ପିୟନଶିପ ଅନୁଷ୍ଠିତ ହେବ। ଏହି ଜାତୀୟ ଚାମ୍ପିୟନଶିପରେ ଓଡିଶା ପକ୍ଷରୁ ଖେଳିବା ପାଇଁ ସୁନ୍ଦରଗଡ ଜିଲା କ୍ରୀଡା ସଂସଦ ଦ୍ୱାରା ଗଠିତ ଦଳର ପପୁନ ମାଝି ଓ ଅସ୍ମିସା ପତିମେଲ ସ୍ଥାନ ପାଇଛନ୍ତି। ଅକ୍ଟୋବରରେ ପୁରୀଠାରେ ଆୟୋଜିତ ୧୬ତମ ଆନ୍ତଜିଲା ଖୋ ଖୋ ଚାମ୍ପିୟନଶିପରେ ଏହି ୨ ଖେଳାଳୀ ସୁନ୍ଦରଗଡ ଜିଲା କ୍ରୀଡା ସଂସଦ ତରଫରୁ ଗଠିତ ଦଳରେ ପ୍ରତିନିଧିତ୍ୱ କରି ଉନ୍ନତ ଖେଳ ପ୍ରଦର୍ଶନ କରିଥିଲେ।




ଜିଲା ବାଳିକା ବାଳକ ଦଳ ମିଳିତ ୩ୟ ସ୍ଥାନ ହାସଲ କରିଥିଲେ। ପପୁନ କୁତ୍ରା ହାଇସ୍କୁଲର ୮ମ ଶ୍ରେଣୀ ଛାତ୍ର ହୋଇଥିବା ବେଳେ ଅସ୍ମିସା କୁଆଁରମୁଣ୍ଡା ବ୍ଲକ ପଦ୍ମପୁର ସରକାରୀ ୟୁଜି ହାଇସ୍କୁଲର ୯ମ ଶ୍ରେଣୀ ଛାତ୍ରୀ। ଏହି ଖେଳାଳୀ ଦ୍ୱୟ ରାଜ୍ୟ ସ୍ତରୀୟ ଖୋ ଖୋ ରେଫରୀ ତଥା ପ୍ରଶିକ୍ଷକ ଅନୀଲ ସାହୁ, ନରେନ୍ଦ୍ର ଆରୁଜ, ମନୋଜ ମିଞ୍ଜଙ୍କ ସମେତ ପିଇଟି ଲବଣୀଧର ଗର୍ଡିଆ ଓ କରିସ୍ମା ତିର୍କୀଙ୍କ ତତ୍ତ୍ୱାବଧାନରେ ଖେଳ ଅଭ୍ୟାସ କରୁଥିଲେ। ଜାତୀୟ ସ୍ତରୀୟ ଚାମ୍ପିୟନଶିପରେ ଭାଗ ନେବାପାଇଁ ଏହି ୨ ଖେଳାଳି ମନୋନୀତ ହୋଇ ଜିଲା ପାଇଁ ଗୌରବ ଆଣିଛନ୍ତି। ଏଥିପାଇଁ ଜିଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳ, ଖୋ ଖୋ ସମ୍ପାଦକ ଅକ୍ଷୟ ନାୟକ, ପ୍ରଶାନ୍ତ କୁମାର ପଟେଲ, ସହସମ୍ପାଦକ ଜୟଦେବ ପାତ୍ର, କୋଷାଧକ୍ଷ ଦୁର୍ଗାମାଧବ ନାଏକ ତଥା ସେମାନଙ୍କ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀ,ପ୍ରଧାନ ଶିକ୍ଷୟିତ୍ରୀ ରୀତା ଲାକ୍ରାଙ୍କ ସହିତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମକର୍ତ୍ତା ଶୁଭେଚ୍ଛା ଜଣାଇଛନ୍ତି।

## ପ୍ରଧାନଶିକ୍ଷକଙ୍କ ବ୍ଲକସ୍ତରୀୟ ତୃତୀୟ ମାସିକ ଆଲୋଚନା

**ବାଲିଶଙ୍କରା,୧୨।୧୨ (ହୃଦାନନ୍ଦ ବାରିକ)**

ବାଲିଶଙ୍କରା ଗଇକନପାଳି ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଧାଶିକ୍ଷକଙ୍କ ବ୍ଲକ ସ୍ତରୀୟ ତୃତୀୟ ମାସିକ ଆଲୋଚନା ମଙ୍ଗଳାବର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନା ବୈଠକରେ ବ୍ଲକର ସମସ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଓ ଶିକ୍ଷକ ଅଂଶଗ୍ରହଣ କରିଥିଲେ। ଏଥିରେ ବିଇଓ ସରୋଜ ଲକ୍ଷ୍ମୀ ନାଏକ ସଭାପତିତ୍ୱ କରିଥିବାବେଳେ ଜିଲା ଅତିରିକ୍ତ ଶିକ୍ଷାଧିକାରୀ ସାରଙ୍ଗ ଧର ବରିହା ମୁଖ୍ୟଅତିଥିଭାବେ ଯୋଗଦେଇ କ୍ଲବ୍ ଗଠନ, ହାଉସ ଗଠନର ଆବଶ୍ୟକତା ଓ ତାର କାର୍ଯ୍ୟ କାରିତାର ସଫଳତାରେ ପ୍ରଧାନ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ଗୁରୁଦାୟିତ୍ୱ ରହିଥିବା କଥା ନେଇ ସମସ୍ତଙ୍କୁ ଅବଗତ କରାଇଥିଲେ। ୫-ଟି ସ୍କୁଲ ଗୁଡିକର ରକ୍ଷଣାବେକ୍ଷଣ, ଉନ୍ନତି କରଣ ବିଷୟରେ ସମସ୍ତଙ୍କୁ ଅବଗତ କରିଥିଲେ। ଏହାପରେ ସମସ୍ତେ ବିଦ୍ୟାଳୟ କମ୍ପ୍ୟୁଟର ବିଭାଗ, ଲାଇବ୍ରେରୀ, ବିଜ୍ଞାନଗାର ବୁଲି ଦେଖିଥିଲେ। ବୈଠକ ପ୍ରାରମ୍ଭରେ ପ୍ରଧାନଶିକ୍ଷକ ରମାକାନ୍ତ ସିଂହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏଥିରେ ଜୟମୁକୁଟ ତିର୍କୀ, ପ୍ରଣବ ସାହୁ, ପୁଷ୍ପାଞ୍ଜଳୀ ନାଏକ, ରମାକାନ୍ତ ନାଏକ, କୁଞ୍ଜ ବିହାରୀ ପଟେଲ, ଈଶ୍ୱର ଚନ୍ଦ୍ର ନାଏକ, ମଞ୍ଜୁ ସାହୁ, କପିଳ ହରିଜନ, ମହରଗି ଲାରଙ୍ଗ, ନିରାକାର ବେସନ, କାମିନୀ କାଲୋ, ମିନତୀ ଦଣ୍ଡ ସନା, ସବିତା ମହାପାତ୍ର, ମଧୁସ୍ମିତା ମାମ, ବାସନ୍ତୀ ପଟେଲ, ସୁଷମା ମଞ୍ଜରୀ ନନ୍ଦ, ବାବାଜୀ ଚରଣ ବିଶ୍ୱାଳ, ସୁବାସ ରଣା, ମର୍ଲିନ ମାମ,ପଦ୍ମନାଭ ସାହୁ, ମିଖାଏଲ କେରକେଟା, ରାଧି ବାଗ, ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ହିନ୍ଦୀ ଶିକ୍ଷକ ଅଶୋକ ନନ୍ଦ ଧନ୍ୟବାଦ ଜଣାଇ ଥିଲେ।

**ସେଲ୍ଫି କର୍ଣ୍ଣର ଧରିତ୍ରୀ**

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି**

smbselfie@gmail.com



@ କ୍ଷୀରସିନ୍ଧୁ



@ ରଶ୍ମିତା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଯୁକ୍ତ ୨ କଲେଜରେ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ



**ବଡ଼ଗାଁ,୧୨।୧୨( ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁ ପଞ୍ଚାୟତ ସମିତି ଯୁକ୍ତ ୨ କଲେଜରେ କ୍ରୀଡା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଡିଓ ସୁମତି ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ସୁନ୍ଦର ଭବିଷ୍ୟତ ତଥା ସୁସ୍ଥ ଜୀବନ ପାଇଁ କ୍ରୀଡାକୁ ପାଥେୟ କରି ଉତ୍ତମ ଚରିତ୍ର ଗଠନ କରିବାକୁ ପରାମର୍ଶ ଦେଇଥିଲେ। କଲେଜ ଅଧକ୍ଷ ଦଶରଥ ନାଏକ ଛାତ୍ରୀଛାତ୍ରଙ୍କୁ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଗୁରୁତ୍ୱ ଦେବାକୁ କହିଥିଲେ। ଏହା ସହିତ କ୍ରୀଡା କ୍ଷେତ୍ରରେ ଉନ୍ନୀତ, ଭବିଷ୍ୟତ ଗଠନ ଓ ଦେଶ ଗଢ଼ିବାକୁ ବ୍ରତୀ ହେବା ପାଇଁ ଆହ୍ୱାନ ଦେଇଥିଲେ। ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ। ଶେଷରେ କାର୍ଯ୍ୟକ୍ରମର ନୋଡାଲ ଅଫିସର୍ ତଥା ଅଧ୍ୟାପକ ନୀରୋଜ କୁମାର୍ ପଟେଲ ଧନ୍ୟବାଦ୍ ଅର୍ପଣ କରିଥିଲେ।

**NATIONAL LAW UNIVERSITY ODISHA, CUTTACK**
(Established by Odisha Act IV of 2008)
Kathajodi Campus, Sector 13, CDA, Cuttack -753015, Odisha

**QUOTATION CALL NOTICE FOR REPAIR & CLEANING OF OVER HEAD TANKS AT NLUO, CUTTACK**

Quotation Call Notice is invited for Repair & Cleaning of Over Head Tanks at NLUO,Cuttack. Last date for receipt of quotation is upto 19.12.2023. For details please visit website : www.nluo.ac.in.

Sd/- Registrar

## ବାଲ୍ୟବିବାହ ବନ୍ଦ, ପଲିଥିନ ବ୍ୟବହାର ନ କରିବାକୁ ଆହ୍ୱାନ

**ବାଲିଶଙ୍କରା, ୧୨।୧୨( ହୃଦାନନ୍ଦ ବାରିକ)**

ବାଲିଶଙ୍କରା ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ର ମଙ୍ଗଳବାର ଭାଟିପଡା ଓ କୁଇଲେରମୁଣ୍ଡା ଗ୍ରାମ ପରିଭ୍ରମଣ କରିବିଭିନ୍ନ ସ୍ଲୋଗାନ ଦେଇ ପଲିଥିନ ମୁକ୍ତ ରୁହ, ପରିଷ୍କାର ପରିଚ୍ଛନ ରୁହ, ନିଶାରୁ ନିବୃତ ରୁହ, ବାଲ୍ୟବିବାହ କରନାହିଁ, ଏପରି ଅନେକ ସଚେତନତା ବାର୍ତ୍ତା ଦେଇଥିଲେ। ଶେଷରେ ଚାନ୍ଦିନୀମାଲଠାରେ ପ୍ରଧାନଶିକ୍ଷକ ପ୍ରମୋଦ କୁମାର ପଟେଲଙ୍କ ନେତୃତ୍ୱରେ ବାଲ୍ୟବିବାହକୁ ନେଇ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ନାଟକ ପରିବେଷଣ କରାଯାଇଥିଲା। ସେହିପରି ବାଲିଶଙ୍କରା ପଞ୍ଚାୟତ ସମିତି କଲେଜର ଛାତ୍ରୀଛାତ୍ରମାନେ ମଧ୍ୟ ବିଭିନ୍ନ ସ୍ଲୋଗାନ ଦେଇ କୁଇଲେରମୁଣ୍ଡା ଗ୍ରାମ ପରିଭ୍ରମଣ କରି ଚାନ୍ଦନୀମାଲଠାରେ ବାଲ୍ୟବିବାହ ବିଷୟରେ ଜନସାଧାରଣଙ୍କୁ ସଚେତନତା ବାର୍ତ୍ତା ଦେଇଥିଲେ। ଏଥିରେ ପଞ୍ଚାୟତ ସମିତି କଲେଜର ଅଧକ୍ଷ କୁଳମଣି ସାହୁ, ଶୋଭା ସା, ସୁରଜ କୁମାର ପଟେଲ, ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପଟେଲ, ଦୀପ୍ତିମୟୀ ବେହେରା, ଯୁଗେଶ୍ୱର ସାହୁ, ତନୟା ପଟେଲ, ଶାନ୍ତି ବାରୁଆ ପ୍ରମୁଖ ସକ୍ରିୟ ଭୂମିକା ତୁଲାଇଥିଲେ।

**ପୂର୍ବ ତଟ ରେଳପଥ**

ଫାଇଲ୍ ନଂ.DRM/Engg/KUR/23-24/E-Tender/112,ତା.08.12.2023ରିଖ

ଟେଣ୍ଡର ସଂ.e-Tender-BRIDGEKUR-363-23,ତା.04.12.2023ରିଖ

**ବିବରଣୀ:** ଖୋର୍ଦ୍ଧା ରୋଡ୍ ମଣ୍ଡଳର ଖୋର୍ଦ୍ଧା ରୋଡ୍-ରାଜଆଠଗଡ଼ ସେକ୍ସନ ମଧ୍ୟରେ ବିଭିନ୍ନ ଗର୍ଡର ବ୍ରିଜ୍‌ଗୁଡ଼ିକରେ ସାଇଡ୍ ପାଥୱେର ବ୍ୟବସ୍ଥା।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 354.67 ଲକ୍ଷ,** EMD (ଟଙ୍କାରେ): 3,27,300/-, କ୍ଷେତ୍ରହେବାଅବଧି: 12 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.27.12.2023** ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଂ), ଖୋର୍ଦ୍ଧା ରୋଡ୍

PR-879/O/23-24

**ଦ.ପୂ. ରେଳପଥ - ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଆର୍‌ଏସ୍‌ଓ-IIV-ବିଏସ୍‌ପିଏକ୍ସ-୯, ତାରିଖ ୧୧।୧୨।୨୦୨୩ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (ଇଲେକ୍ଟ୍ରିକାଲ), ଚକ୍ରଧରପୁର, ଦ.ପୂ. ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କାର୍ଯ୍ୟର ନାମ:** ଛତିଶ ମାସ ପାଇଁ ବାଂଶପାଣି-ଯୋଡ଼ା ମାଇନ୍ସ ଟାଟା କମ୍ପାନୀ ଏବଂ ବାଂଶପାଣି-ଜାରୋଲିକୁ କ୍ରିଉ ଓ ଗାର୍ଡଙ୍କୁ ନେଇ ଯିବା ଓ ଆସିବା ନିମନ୍ତେ ଗୋଟିଏ ଗାଡ଼ି (ଟାଟା ସୁମୋ/ଭିକ୍ଟା/ବୋଲେରୋ କିମ୍ବା ସମତୁଲ୍ୟ) ଭଡ଼ା ସୂତ୍ରରେ ନେବା । **ଟେଣ୍ଡର ମୂଲ୍ୟ:** ₹୨୮,୭୨,୨୬୩.୨୪ । **ଇ.ଏମ୍.ଡି.:** ₹୫୭,୫୦୦/- । **ଟେଣ୍ଡର ଫର୍ମ ମୂଲ୍ୟ:** ଶୂନ୍ୟ । **ଇ-ଟେଣ୍ଡର ଖୋଲିବା ତାରିଖ:** ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଓପି)/ଚକ୍ରଧରପୁର, ଦ.ପୂ. ରେଳପଥଙ୍କ କାର୍ଯ୍ୟାଳୟ । **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୦୮।୦୧।୨୦୨୪ରିଖ ୧୫.୦୦ ଘଟିକା । **ଟେଣ୍ଡର ଖୋଲାଯିବାର ତାରିଖ ଓ ସମୟ:** ତା୦୮।୦୧।୨୦୨୪ରିଖ ୧୫.୩୦ ଘଟିକା । ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.in ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବା ଏବଂ ସେ ଆଇଆରପିଏସ୍ ପୋର୍ଟାଲରେ ପଞ୍ଜୀକରଣ କରିଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ ।

(PR-902)

## ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ

**ହେମଗିର,୧୨।୧୨(ଚୈତନ୍ୟ ପଟେଲ)**

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ଲୁଆବାହାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷ ନବନିତା ନାଏକଙ୍କ ତତ୍ତ୍ୱାବଧାନରେ ନୂଆ ଓଡ଼ିଶା ନବୀନ ଓଡ଼ିଶାର ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୋପାଳ ଚନ୍ଦ୍ର ପ୍ରଧାନ ଯୋଗଦେଇ ଏହାକୁ ଉଦ୍‌ଘାଟନ କରି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବେ ବିଇଓ କରୁଣା ସାଗର ପଟେଲ, ସରପଞ୍ଚ ସୁନନ୍ଦା କାଲୋ,ଏସ୍‌ଏମ୍‌ଡିସି ମେମ୍ବର ଟିକେଶ୍ୱର ପଧାନ, ଉମ୍ବରୁଧର ସା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କ୍ରୀଡ଼ା ଶିକ୍ଷକ ଦୀପକ ମୁହୁରି, ସମ୍ପିତ ପଟେଲ, ବସନ୍ତ କିଷାନ, ମିତ୍ରଭାନୁ ସା, ସୁପ୍ରିୟା ପ୍ରଧାନ, ସୋମା ଖଣ୍ଡା, ସାରିସ୍କା ପଟେଲ, ଏଲିନା ନାଏକ ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ବୃନ୍ଦ।

## ସୁସ୍ଥ ଜୀବନଯାପନ ନେଇ ପଥପ୍ରାନ୍ତ ନାଟକ

**ବଡ଼ଗାଁ,୧୨।୧୨( ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁ ପଞ୍ଚାୟତ ସମିତି ଡିଗ୍ରୀ କଲେଜ ଛାତ୍ରୀଛାତ୍ର ମଙ୍ଗଳବାର ଚେମାପଡା ଗ୍ରାମବାସୀଙ୍କୁ ସୁସ୍ଥ ଜୀବନ ଯାପନ, ସ୍ୱଚ୍ଛତା, ଅନ୍ଧବିଶ୍ୱାସ, ବାଲ୍ୟ ବିବାହ ନ କରିବା, ଝିଅଙ୍କୁ ପାଠ ପଢ଼ାଇବା ଉପରେ ସଚେତନ କରିବା ପାଇଁ ପଥପ୍ରାନ୍ତ ନାଟକ ପ୍ରଦର୍ଶନ ରାଲି କରିଥିଲେ। କଲେଜ ଅଧକ୍ଷା ବନଜା ରାଣୀ ଷଡ଼ଙ୍ଗୀ, ନୋଡାଲ ଅଫିସର୍ ସୁଶାନ୍ତ, ଅଧ୍ୟାପକ ଲକ୍ଷ୍ମୀକାନ୍ତ ସାହୁ, ଅଧ୍ୟାପିକା ମାଳବିକା ସାମଲ ଗ୍ରାମରେ ବୈଠକ କରି ଗ୍ରାମବାସୀଙ୍କୁ ସୁସ୍ଥ ଜୀବନ ଯାପନ କିପରି କରିବେ, ସଫା ସୁତରା, ଅନ୍ଧବିଶ୍ୱାସଠାରୁ ଦୂରେଇ ରହିବା, ଝିଅ ପିଲାଙ୍କୁ ପାଠ ପଢ଼ାଇବା ଉପରେ ଗ୍ରାମବାସୀଙ୍କୁ ସଚେତନ କରାଇବା ସହିତ ଛାତ୍ରୀଛାତ୍ର ଓ ଗ୍ରାମବାସୀଙ୍କ ସହିତ ମିଶି ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ, ଅମ୍ଳାନ ଜ୍ୟୋତି ନାୟକ ଅତିଥିଭାବେ ଯୋଗଦେଇଥିଲେ।




କାର୍ଯ୍ୟକ୍ରମରେ ଅଧ୍ୟକ୍ଷାଙ୍କ ସହିତ ଅତିଥିମାନେ।

**OFFICE OF THE EXECUTIVE ENGINEER, ROAD CONSTRUCTION DEPARTMENT, ROAD DIVISION, GUMLA**

**e-Procurement Notice**

**e-Tender Reference No. RCD/GUMLA/1289 Date :- 11.12.2023**

| | | |
|---|---|---|
| 1. | Name of the work | Improvement of Riding Quality Work of Sisai - Bhandra Road in KM 0.00 to 26.420 under Road Division, Gumla for The year 2023-24 |
| 2. | Estimated Cost (Rs.) | Rs.- 15,76,02,061.00(Rs. Fifteen Corer Seventy Six lacs Two Thousand Sixty One) Only. |
| 3. | Time of Completion | 06 Months |
| 4. | Last date/Time for receipt of bids | 16/01/2024 Up to 12:00 Noon |
| 5. | Date of Publication of Tender on website | 19/12/2023 From 10:30 A.M. |
| 6. | Opening Date of Tender | 17/01/2024 12.30 PM |
| 7. | Name & address of office Inviting tender | Executive Engineer, Road Construction Department, Road Division, Gumla. |
| 8. | Contact no. of e-Procurement officer | 06524-222097 |
| 9. | Helpline number of e-Procurement cell | 0651-2401010 |

1. Tender amount can be increased or decreased.
2. Details can be seen on website https://jharkhandtenders.gov.in
3. Cost of bidding document & bid security shall be payable online in adherence to memo No -120 Dt- 03.10.2023 of IT & e-governance Department, Govt. of Jharkhand.

Sd/-
Executive Engineer,
RCD, Road Division, Gumla

PR 313234 Road(23-24)#D



ସମ୍ବଲପୁର ଜିଲା ରେଙ୍ଗାଲି ଥାନା ଅନ୍ତର୍ଗତ ଲାରିପାଲିଠାରେ ବୋରୱେଲରୁ ଶିଶୁ ଉଦ୍ଧାର ପାଇଁ ଜେସିବି ସାହାଯ୍ୟରେ ଗର୍ତ୍ତ ଖୋଳାଯାଉଥିବା ବେଳେ ଲୋକେ ଭିଡ ଜମାଇଛନ୍ତି।



ସମାନ୍ତରାଳ ଗର୍ତ୍ତ ଖୋଳାଯାଇ ବୋରୱେଲ ଲୁହାପାଇପ୍ କଟାଯାଉଛି।




ଶିଶୁ ଉଦ୍ଧାର ପରେ ମେଡିକାଲ ନେବା ପାଇଁ ଘଟଣାସ୍ଥଳରେ ଆଇସିୟୁ ଆମ୍ବୁଲାନ୍ସ ଅପେକ୍ଷା କରି ରହିଛି।

# ସମ୍ବଲପୁର ବିଶ୍ୱବିଦ୍ୟାଳୟ ୨୦୦୦ ବ୍ୟାଚ୍ ବନ୍ଧୁମିଳନ



ବନ୍ଧୁମିଳନ କାର୍ଯ୍ୟକ୍ରମରେ ପୁରାତନ ଛାତ୍ରୀଛାତ୍ର।

**ସମ୍ବଲପୁର,୧୨।୧୨(ପ୍ରମୋଦ ବହିଦାର)**

ସମ୍ବଲପୁର ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ୧୯୯୮–୨୦୦୦ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ହୀରାକୁଦ ଜଳଭଣ୍ଡାର ସଂଲଗ୍ନ ଜିରୋ ପଏଣ୍ଟରେ ସହପାଠୀମାନେ ଏକାଠି ହୋଇ ଦୀର୍ଘ ୨୩ବର୍ଷ ପୂର୍ବର ସ୍ମୃତି ରୋମନ୍ଥନ କରିଥିଲେ। ପରେ ସହପାଠୀଗଣ ବୃକ୍ଷରୋପଣ, ବନ ଓ ଜଳ ସଂରକ୍ଷଣ ତଥା ଜୀବ ଜଗତର ସୁରକ୍ଷା ଆଦିକୁ ନେଇ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମର ସଂଯୋଜକ ସମ୍ବଲପୁର ଜିଏସ୍‌ଟି ରେଞ୍ଜ ଅତିରିକ୍ତ କମିଶନର ଲିଙ୍ଗରାଜ ପ୍ରଧାନ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଆଚାର୍ଯ୍ୟ ବୈକୁଣ୍ଠନାଥ ଦେବ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉକ୍ତ ବ୍ୟାଚ୍‌ର ସହପାଠୀ ଅତିରିକ୍ତ ଜିଲାପାଳ ଲଲାଟ୍ ଲୁହା, ପୋଲିସ ଆଇଆଇସି ରଞ୍ଜିତ ନାଏକ, ରାଜ କିଶୋର ଚାନ୍ଦ, ରଞ୍ଜନ ବାଘ, ପ୍ରଫେସର ଉମା ଶଙ୍କର, ଭାରତୀ ମିଶ୍ର, କ୍ଷିରୋଦ ସାହୁ, ସୁମନ୍ତ ସାହୁ, ପଙ୍କଜ ବେହେରା, ଜୟନ୍ତ ନାଏକ, ପତୀକ୍ଷା ପଣ୍ଡା, ପୁଷ୍ପା ନାଏକ, ଶୁଭଶ୍ରୀ ଦାସ ପ୍ରମୁଖ ସପରିବାର ଏଥିରେ ଯୋଗ ଦେଇଥିଲେ।

# ୨ଦଫା ଦାବିରେ ଅଗ୍ନିକଙ୍କ କଳାବ୍ୟାଜ୍ ପରିଧାନ




କଳାବ୍ୟାଜ୍ ପରିଧାନ କରିଛନ୍ତି ଅଗ୍ନିକ।

**ନାକଟିଦେଉଳ,୧୨।୧୨(ବୈକୁଣ୍ଠ ନାଥ ସାହୁ)**

ଓଡ଼ିଶା ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ସଂଘ ଆହ୍ୱାନ କ୍ରମେ ନାକଟିଦେଉଳ ଦମକଳ କେନ୍ଦ୍ରର ଅଗ୍ନିକମାନେ ୨ଦଫା ଦାବି ନେଇ ସୋମବାରଠାରୁ କଳାବ୍ୟାଜ୍ ପରିଧାନ କରି ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଅଗ୍ନିଶମ ସେବା ସଂସ୍ଥାର ଅଗ୍ନିକ, ଅଗ୍ନିକ ଗାଡ଼ି ଚାଳକ ଓ ମୁଖ୍ୟ ଅଗ୍ନିକଙ୍କ ପୂର୍ବପରି ଓଡ଼ିଶା ପୋଲିସ ସିପାହୀ ଓ ହାବିଲଦାରଙ୍କ ଦରମାର ଲେବଲ ଓ ଭତ୍ତା ସହ ସମାନ କରିବା ଏବଂ ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ସଂଘର ସରକାରୀ ପଞ୍ଜୀକରଣ ଦାବି କରାଯାଇଛି। ଦାବି ପୂରଣ ପର୍ଯ୍ୟନ୍ତ ସାରା ରାଜ୍ୟର ଅଗ୍ନିକମାନେ କଳାବ୍ୟାଜ୍ ପରିଧାନ କରି ଏହି ଆନ୍ଦୋଳନରେ ସାମିଲ ହେବାକୁ ନିଷ୍ପତ୍ତି ନେଇଥିବା ବେଳେ ଜନସାଧାରଣଙ୍କ ପାଇଁ ସେମାନଙ୍କ ସେବା ଜାରି ରହିବ ବୋଲି ସ୍ପଷ୍ଟ କରିଛନ୍ତି। ନାକଟିଦେଉଳ ଅଗ୍ନିଶମ ସେବା ସଂସ୍ଥାର ମୁଖ୍ୟ ଅଗ୍ନିକ ତପନ କୁମାର ବେହେରା, ଅଗ୍ନିକ ବିଭୁତି ଭୁଷଣ ସାହୁ, ବେଣୁଧର ମାଝି, ଦେବରାଜ ଭୋଇ, ବୁଲୁ ମେହେର ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଛନ୍ତି।

# ମିଶନ ଶକ୍ତି ପକ୍ଷରୁ ଏମ୍‌ବିକେଙ୍କ ତାଲିମ କାର୍ଯ୍ୟକ୍ରମ

**ପଡିଆବାହାଲ, ୧୨।୧୨(ରାଧାମୋହନ ଷଡ଼ଙ୍ଗୀ)**

ସ୍ୱୟଂ ସହାୟକ ଗୋଷ୍ଠୀ ର ସମସ୍ତ କାଗଜପତ୍ର,ହିସାବ କିତାବ ଓ କାର୍ଯ୍ୟକଳାପକୁ ନଥିରେ ଲିପିବଦ୍ଧ କରୁଥିବା ଏମବିକେ(ମାଷ୍ଟର ବୁକ କିପର)ମାନଙ୍କ କମ୍ପ୍ୟୁଟର ଦକ୍ଷତା ବୃଦ୍ଧି କରିବା , ସୂଚନା ଜ୍ଞାନ କୌଶଳ, ଅକାଉଣ୍ଟିଙ୍ଗ ତଥା ଇ–ଗଭର୍ନାନ୍ସ ସହ ଖାପ ଖୁଆଇ ପ୍ରତ୍ୟେକ କାର୍ଯ୍ୟର ସଫଳ ରୂପାୟନ ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଓଡ଼ିଶା ସରକାରଙ୍କ ମିଶନ ଶକ୍ତି ବିଭାଗ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମ ପରିଚାଳନା ପାଇଁ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ ସେଣ୍ଟର (ଓକାକ୍) ଓ ଓଡ଼ିଶା ନଲେଜ କର୍ପୋରେଶନ ଲିମିଟେଡ୍ (ଓକେସିଏଲ୍)କୁ ଦାୟିତ୍ୱ ଦିଆଯାଇଛି।



ତାଲିମ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଏମ୍‌ବିକେମାନେ।

ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଝୁମୁରା ବ୍ଲକ ଓକେସିଏଲ୍ ଦ୍ୱାରା ପଡିଆବାହାଲସ୍ଥିତ ଅଧିକୃତ ଶିକ୍ଷାକେନ୍ଦ୍ର ଓରିଟେକ କମ୍ପ୍ୟୁଟର ଏଡୁକେସନ ସେଣ୍ଟରରେ ଏହି ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ ଝୁମୁରା ଜୋନ– ୧ ଜିଲା ପରିଷଦ କବିତା ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସାମାଜିକ କର୍ମୀ ରାଜାରାମ ଷଡ଼ଙ୍ଗୀ, ଝୁମୁରା ବ୍ଲକର ସମସ୍ତ ଏମ୍‌ବିକେ ମା'ମାନେ ଉପସ୍ଥିତ ଥିଲେ।

# କୁଚିଣ୍ଡାରେ ବ୍ଲକସ୍ତରୀୟ କ୍ରୀଡ଼ା ଉତ୍ସବ

**କୁଚିଣ୍ଡା,୧୨।୧୨(ବିରଞ୍ଚି ଦର୍ଶା)**

ସ୍ଥାନୀୟ ମୁକୁନ୍ଦି ଷ୍ଟାଡିୟମରେ ମଙ୍ଗଳବାର କୁଚିଣ୍ଡା ବ୍ଲକ ସ୍ତରୀୟ କ୍ରୀଡ଼ାଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ମୁଖ୍ୟଅତିଥି, ଉପଜିଲାପାଳ ବିଭୁତିଭୁଷଣ ନାୟକ, ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର କିଷାନ, ବିଡିଓ ନିରଞ୍ଜନ ସା, ତହସିଲଦାର ପ୍ରସନ୍ନ ଟେଟେ, ଜିଲାପରିଷଦ ସଭ୍ୟ ଅଜିତ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତା ଉଦ୍‌ଘାଟନ କରିଥିଲେ। ପାଞ୍ଚଦିନ ଧରି ହେବାକୁ ଥିବା ପ୍ରତିଯୋଗିତାରେ କବାଡି, ଖୋଖୋ, ଭଲିବଲ, ଫୁଟବଲ, ହକି, କ୍ରିକେଟ ଆଦି ଖେଳ ଅନୁଷ୍ଠିତ ହେବ। ବ୍ଲକର ୧୭ ପଞ୍ଚାୟତର ସମସ୍ତ ହାଇସ୍କୁଲ ଛାତ୍ରୀଛାତ୍ର ଏଥିରେ ଅଂଶ ଗ୍ରହଣ କରିଛନ୍ତି। ପ୍ରଥମ ଦିବସରେ ଭଲିବଲ, ଖୋଖୋ ଓ କବାଡି ପ୍ରତିଯୋଗିତା ଆରମ୍ଭ ହୋଇଛି। ଉତ୍ସବ ପରିଚାଳନାରେ ଆକାଉଣ୍ଟ ଅଫିସର ଅଜୟ ବାଗେ, ବିପିଏମ୍ ଟିପେନ୍‌ସନ ବେହେରା, କନିଷ୍ଠ ଯନ୍ତ୍ରୀ ରୁଦ୍ରପ୍ରତାପ ନାୟକ, ସେକ୍ସନ ଅଫିସର ତରୁଣ ପ୍ରସାଦ ବିଶ୍ୱାଳଙ୍କ ସମେତ ବିଭିନ୍ନ ହାଇସ୍କୁଲ ଶିକ୍ଷୟିତ୍ରୀଶିକ୍ଷକ ଓ କ୍ରୀଡା ଶିକ୍ଷକ ସହଯୋଗ କରିଥିଲେ।

# ଉଦ୍‌ଘୋଷଣା ଉପସମିତି ବୈଠକ

**ସମ୍ବଲପୁର,୧୨।୧୨(ବି.ଶଙ୍କର)**

ଉଦ୍‌ଘୋଷଣା ଉପସମିତି ବୈଠକ ସମ୍ବଲପୁର ଲୋକ ମହୋତ୍ସବ କାର୍ଯ୍ୟାଳୟଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଉପସମିତି ଆବାହକ ମାନସ ରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ସଭା ହୋଇଥିଲା। ଲୋକ ମହୋତ୍ସବ ୨୦୨୪ର ସଂଯୋଜକ ଭୋଳା ଶଙ୍କର ମହନ୍ତ ଉପସ୍ଥିତ ରହି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଆସନ୍ତା ଜାନୁୟାରୀ ୪ରୁ ୬ ତାରିଖ ପର୍ଯ୍ୟନ୍ତ ଲୋକ ମହୋତ୍ସବ ଯେଭଳି ସରସସୁନ୍ଦର ହେବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମ ଉପସ୍ଥାପନ କରିବା ପାଇଁ ଚୟନ ପ୍ରକ୍ରିୟା ଆସନ୍ତା ୧୭ ତାରିଖ ଅପରାହ୍ନ ୩ଟାରେ ସମ୍ବଲପୁର ଡିଆରଡିଏ ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ହେବ । ଏହି ପ୍ରକ୍ରିୟାରେ ଜିଲାର ୧୮ ବର୍ଷରୁ ଊର୍ଦ୍ଧ୍ୱ ପ୍ରାର୍ଥୀ ସାମିଲ ହୋଇପାରିବେ ବୋଲି ଆବାହକ ସୂଚିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବନ୍ଦିତାରାଣୀ ମିଶ୍ର, ସତ୍ୟନାରାୟଣ ସାହୁ, ବିପ୍ଲବ ଡନସନା ଆଲୋଚନାରେ ଭାଗନେଇଥିଲେ।




ଲୋକ ମହୋତ୍ସବ ଉଦ୍‌ଘୋଷଣା ଉପସମିତି ବୈଠକରେ କର୍ମକର୍ତ୍ତାମାନେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com



@ କ୍ଷୀରସିନ୍ଧୁ



@ ରଶ୍ମିତା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ନୂଆ–ଓ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ରେଢାଖୋଲ,୧୨।୧୨(ଅଚ୍ୟୁତାନନ୍ଦ ପୁରୋହିତ)**

ରେଢ଼ାଖୋଲ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ନୂଆ–ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି। ଅଧ୍ୟକ୍ଷା ମମତା ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ଡା. ସୁନୀତା ବ୍ରହ୍ମା ମୁଖ୍ୟଅତିଥି ଓ ଅବସରପ୍ରାପ୍ତ ଅଧ୍ୟାପିକା ପୁଷ୍ପାଞ୍ଜଳି ସାମନ୍ତରାଏ, ଡ. ମିନତି ଷଡଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ରାଜ୍ୟ କ୍ରୀଡ଼ା ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତ୍ରୀମାନଙ୍କ ମଧ୍ୟରେ ନୃତ୍ୟ, ବକ୍ତୃତା, ସୃଜନାତ୍ମକ ପ୍ରବନ୍ଧ, କବିତା ପାଠ, ଫଟୋଗ୍ରାଫି, ଫ୍ୟାଶନ ଶୋ ଓ ମାଣ୍ଡିଆରେ ଖାଦ୍ୟ ପ୍ରସ୍ତୁତି ଉପରେ ପ୍ରତଯୋଗିତା ଅନୁଷ୍ଠିତ ହୋଇଥିଲା। ପରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ନୋଡାଲ ଅଫିସର ପ୍ରଭୁଦତ୍ତ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପିକା କଳ୍ପନା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**NATIONAL LAW UNIVERSITY ODISHA, CUTTACK**
(Established by Odisha Act IV of 2008)
Kathajodi Campus, Sector 13, CDA, Cuttack -753015, Odisha

**QUOTATION CALL NOTICE FOR REPAIR & CLEANING OF OVER HEAD TANKS AT NLUO, CUTTACK**

Quotation Call Notice is invited for Repair & Cleaning of Over Head Tanks at NLUO,Cuttack. Last date for receipt of quotation is upto **19.12.2023.** For details please visit website : www.nluo.ac.in.

Sd/- Registrar

**ପୂର୍ବ ତଟ ରେଳପଥ**

ଫାଇଲ୍ ନଂ.DRM/Engg/KUR/23-24/E-Tender/112,ତା.08.12.2023ରିଖ

ଟେଣ୍ଡର ସଂ.e-Tender-BRIDGEKUR-363-23,ତା.04.12.2023ରିଖ

**ବିବରଣୀ:** ଖୋର୍ଦ୍ଧା ରୋଡ୍ ମଣ୍ଡଳର ଖୋର୍ଦ୍ଧା ରୋଡ୍–ରାଜଆଠଗଡ଼ ସେକ୍ସନ ମଧ୍ୟରେ ବିଭିନ୍ନ ଗର୍ଡର ବ୍ରିଜ୍‌ଗୁଡ଼ିକରେ ସାଇଡ୍ ପାଥୱେର ବ୍ୟବସ୍ଥା ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 354.67 ଲକ୍ଷ, EMD (ଟଙ୍କାରେ): 3,27,300/-, ଶେଷହେବା ଅବଧି 12 ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.27.12.2023 ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ୍), ଖୋର୍ଦ୍ଧା ରୋଡ୍

PR-879/O/23-24

**ଦ.ପୂ. ରେଳପଥ - ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଆର୍‌ଏସ୍‌ଓ-IIV-ବିଏସ୍‌ପିଏକ୍ସ-୯, ତାରିଖ ୧୧।୧୨।୨୦୨୩ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (ଇଲେକ୍ଟ୍ରିକାଲ), ଚକ୍ରଧରପୁର, ଦ.ପୂ. ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କାର୍ଯ୍ୟର ନାମ:** ଛତିଶ ମାସ ପାଇଁ ବାଂଶପାଣି–ଯୋଡ଼ା ମାଇନ୍ସ ଟାଟା କମ୍ପାନୀ ଏବଂ ବାଂଶପାଣି–ଜାରୋଲିକୁ କ୍ରିଉ ଓ ଗାର୍ଡଙ୍କୁ ନେଇ ଯିବା ଓ ଆସିବା ନିମନ୍ତେ ଗୋଟିଏ ଗାଡ଼ି (ଟାଟା ସୁମୋ/ଭିକ୍ଟା/ବୋଲେରୋ କିମ୍ବା ସମତୁଲ୍ୟ) ଭଡ଼ା ସୂତ୍ରରେ ନେବା । **ଟେଣ୍ଡର ମୂଲ୍ୟ:** ₹୨୮,୭୨,୨୬୩.୨୪ । **ଇ.ଏମ୍.ଡି.:** ₹୫୭,୫୦୦/– । **ଟେଣ୍ଡର ଫର୍ମ ମୂଲ୍ୟ:** ଶୂନ୍ୟ । **ଇ-ଟେଣ୍ଡର ଖୋଲିବା ତାରିଖ:** ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଓପି)/ଚକ୍ରଧରପୁର, ଦ.ପୂ. ରେଳପଥଙ୍କ କାର୍ଯ୍ୟାଳୟ । **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୦୮।୦୧।୨୦୨୪ରିଖ ୧୫.୦୦ ଘଟିକା । **ଟେଣ୍ଡର ଖୋଲାଯିବାର ତାରିଖ ଓ ସମୟ:** ତା୦୮।୦୧।୨୦୨୪ରିଖ ୧୫.୩୦ ଘଟିକା । ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.in ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍–III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବା ଏବଂ ସେ ଆଇଆରଇପିଏସ୍ ପୋର୍ଟାଲରେ ପଞ୍ଜୀକରଣ କରିଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । (PR-902)

**OFFICE OF THE EXECUTIVE ENGINEER, ROAD CONSTRUCTION DEPARTMENT, ROAD DIVISION, GUMLA**

**e-Procurement Notice**

**e-Tender Reference No. RCD/GUMLA/1289 Date :- 11.12.2023**

| | | |
|---|---|---|
| 1. | Name of the work | Improvement of Riding Quality Work of Sisai - Bhandra Road in KM 0.00 to 26.420 under Road Division, Gumla for The year 2023-24 |
| 2. | Estimated Cost (Rs.) | Rs.- 15,76,02,061.00(Rs. Fifteen Corer Seventy Six lacs Two Thousand Sixty One) Only. |
| 3. | Time of Completion | 06 Months |
| 4. | Last date/Time for receipt of bids | 16/01/2024 Up to 12:00 Noon |
| 5. | Date of Publication of Tender on website | 19/12/2023 From 10:30 A.M. |
| 6. | Opening Date of Tender | 17/01/2024 12.30 PM |
| 7. | Name & address of office Inviting tender | Executive Engineer, Road Construction Department, Road Division, Gumla. |
| 8. | Contact no. of e-Procurement officer | 06524-222097 |
| 9. | Helpline number of e-Procurement cell | 0651-2401010 |

1. Tender amount can be increased or decreased.
2. Details can be seen on website https://jharkhandtenders.gov.in
3. Cost of bidding document & bid security shall be payable online in adherence to memo No -120 Dt- 03.10.2023 of IT & e-governance Department, Govt. of Jharkhand.

Sd/-
Executive Engineer,
RCD, Road Division, Gumla

PR 313234 Road(23-24)#D

# ସୋନପୁର: ବିଜେଡି, କଂଗ୍ରେସର ନାହିଁ ଦଳୀୟ କାର୍ଯ୍ୟାଳୟ

ସୋନପୁର,୧୨।୧୨(ମୃତ୍ୟୁଞ୍ଜୟ ଶତପଥୀ)

## କାର୍ଯ୍ୟକ୍ରମ ଥିଲେ ଖୋଲୁଛି ଭାଜପା ଅଫିସ୍



ସୁବର୍ଣ୍ଣପୁର ଜିଲା କଳାପଥର ସ୍ଥିତ ଭାଜପା ଜିଲା କାର୍ଯ୍ୟାଳୟ।

ସାଧାରଣ ନିର୍ବାଚନ ଆସିବାକୁ ମାସ କେଇଟା ଅଛି। ଇତିମଧ୍ୟରେ ସବୁଆଡ଼େ ରାଜନୈତିକ ତତ୍ପରତା ଦେଖାଦେଇଥିବା ବେଳେ ଲୋକେ ରାଜନୀତିଆ କଥାକୁ ନେଇ ଟୁପୁରୁଟାପୁର ହେଲେଣି। ଭୋଟରଙ୍କୁ ଆକୃଷ୍ଟ କରିବା ସକାଶେ ନେତା ଓ କର୍ମୀ ଲାଗିପଡ଼ିବା, ଆଶାୟୀଙ୍କ ସଂଖ୍ୟା ଲମ୍ବିଚାଲିବା, ପ୍ରତିଟି ଦଳର ଟିକେଟ ପରିଚାଳନା ଦାୟିତ୍ୱରେ ଥିବା ନେତାଙ୍କ ପାଖରେ ଥୋକେ ବୁଲିବା ଆଦି ଦେଖିବାକୁ ମିଳିଲାଣି। ଏଭଳି ସ୍ଥଳେ ନେତା ଓ କର୍ମୀଙ୍କ ପାଇଁ ଭେଟଘାଟର ଜାଗା ବା ଦଳୀୟ କାର୍ଯ୍ୟାଳୟ କେଉଁଭଳି ସ୍ଥିତିରେ ଅଛି ତା' ଉପରେ ନଜର ପକାଉ ପକାଉ ଏବେ ମିଳିଛି ସୋନପୁର।

ଜିଲାରେ ବିଜେଡି ଓ କଂଗ୍ରେସର ଦଳୀୟ କାର୍ଯ୍ୟାଳୟ ନାହିଁ। ନିଜସ୍ୱ କିମ୍ବା ଭଡ଼ା ସୂତ୍ରରେ ନେଇ ଦଳୀୟ କାର୍ଯ୍ୟାଳୟ ଖୋଲିବାକୁ ନେତୃବୃନ୍ଦଙ୍କ ଆଗ୍ରହ ନାହିଁ। ବିଜୁ ଜନତା ଦଳ ଦୀର୍ଘ ୨୩ ବର୍ଷ ଧରି ରାଜ୍ୟ ଶାସନ କ୍ଷମତାରେ ରହିଛି । ଜିଲାର ବିଧାୟକ, ଜିଲା ପରିଷଦ ଅଧ୍ୟକ୍ଷ, ପଞ୍ଚାୟତ ସମିତି ଅଧ୍ୟକ୍ଷ, ଅଧିକାଂଶ କାଉନସିଲର, ଜିଲା ପରିଷଦ ସଦସ୍ୟ ଏହି ଦଳର। ୨୦୦୦ ମସିହାରୁ ନିରଞ୍ଜନ ପୂଜାରୀ ବିନିକା ନିର୍ବାଚନମଣ୍ଡଳୀରୁ ଓ ୨୦୦୯ ମସିହାରୁ ସୋନପୁର ନିର୍ବାଚନମଣ୍ଡଳୀରୁ ଲଗାତର ବିଧାୟକ ଭାବେ ଜିତି ଆସୁଛନ୍ତି । ନିରଞ୍ଜନ ଏବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ଥିବାବେଳେ ପୂର୍ବରୁ ବିଧାନସଭାର ବାଚସ୍ପତି ଥିଲେ। ପୂର୍ବରୁ ବିଭିନ୍ନ ସମୟରେ ନବୀନଙ୍କ ମନ୍ତ୍ରିମଣ୍ଡଳରେ ଅର୍ଥ, ଜଳସମ୍ପଦ, ଶିଳ୍ପ, ନଗର ଉନ୍ନୟନ, ଅବକାରୀ ଏବଂ ଖାଦ୍ୟ ଓ ଯୋଗାଣ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ରହିଛନ୍ତି। ସେହିପରି ୨୦୦୯ ମସିହାରୁ ପଦ୍ମନାଭ ବେହେରା ଲଗାତର ୩ ଥର ବୀରମହାରାଜପୁର ନିର୍ବାଚନମଣ୍ଡଳୀରୁ ବିଧାୟକ ଭାବେ ନିର୍ବାଚିତ ହୋଇ ଆସୁଛନ୍ତି। ବିଜୁ ପଟ୍ଟନାୟକଙ୍କ ମନ୍ତ୍ରିମଣ୍ଡଳରେ ସେ ମନ୍ତ୍ରୀ ଥିଲେ। ବିଜେଡି ଗଠନ ପରେ କନ୍ଧମାଳ ଲୋକ ସଭାରୁ ଏମ୍‌ପି ଭାବେ ନିର୍ବାଚିତ ହୋଇଥିଲେ। ପରେ ଫୁଲବାଣୀରୁ ବିଧାୟକ ଭାବେ ନିର୍ବାଚିତ ହୋଇ ନବୀନଙ୍କ କ୍ୟାବିନେଟ୍‌ରେ ସ୍ଥାନ ପାଇଥିଲେ। ୨୦୧୯ରେ ବୀରମହାରାଜପୁରରୁ ବିଧାୟକ ହୋଇ ପରିବହନ ବିଭାଗର ମନ୍ତ୍ରୀ ହୋଇଥିଲେ। ତାଙ୍କ ପୂର୍ବରୁ ବୈଷ୍ଣବ ପ୍ରଧାନ ଓ ସଞ୍ଜୀବ୍ ସାହୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ଏହି ଜିଲାରେ ନିରଞ୍ଜନ ଓ ପଦ୍ମନାଭଙ୍କ ଭଳି ଶାସକ ଦଳର ଟାଣୁଆ ନେତା ଥାଇ ଦଳୀୟ କାର୍ଯ୍ୟାଳୟଟିଏ ନ ରହିବା ନେଇ ସାଧାରଣରେ ଆଲୋଚନା ହେଉଛି। ଅନ୍ୟପକ୍ଷେ ସର୍ବପୁରାତନ ରାଜନୈତିକ ଦଳ କଂଗ୍ରେସର ପୂର୍ବରୁ ଜିଲାରେ ଭଲ ପ୍ରଭାବ ଥିଲା। ୨୦୦୪ ମସିହାରେ ବିନୋଦ ପାତ୍ର ସୋନପୁର ନିର୍ବାଚନମଣ୍ଡଳୀରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ବୀରମହାରାଜପୁର ନିର୍ବାଚନମଣ୍ଡଳୀରେ ବିଭିନ୍ନ ସମୟରେ କଂଗ୍ରେସରୁ ହୃଷୀକେଶ ହୋତା, କାର୍ତ୍ତିକ ପ୍ରସାଦ ତରିଆ ଓ ରାମଚନ୍ଦ୍ର ପଧାନ ବିଧାୟକ ହୋଇଥିଲେ। କିନ୍ତୁ ଜିଲାରେ ଦଳୀୟ କାର୍ଯ୍ୟାଳୟ ଏ ପର୍ଯ୍ୟନ୍ତ ଖୋଲିପାରିନି।

ଏଭଳି ସ୍ଥଳେ ଯଦି ଭାଜପାକୁ ଦେଖାଯାଏ, ସୋନପୁର ଓ ବୀରମହାରାଜପୁର ନିର୍ବାଚନମଣ୍ଡଳୀରେ ଏହାକୁ ଏ ପର୍ଯ୍ୟନ୍ତ ସଫଳତା ମିଳି ନାହିଁ। ତଥାପି ଏହି ଜାତୀୟ ଦଳ ସୋନପୁର-ବିନିକା ରାସ୍ତାର କଳାପଥର ନିକଟରେ ଦୁଇ ମହଲା ବିଶିଷ୍ଟ ନିଜସ୍ୱ କାର୍ଯ୍ୟାଳୟ ନିର୍ମାଣ କରିପାରିଛି। ତେବେ କାର୍ଯ୍ୟକ୍ରମ ଥିଲେ କେବଳ କାର୍ଯ୍ୟାଳୟ ଖୋଲୁଛି। ନଚେତ ତାଲା ପଡୁଛି।

# ଚା'ଖଟିରେ ଠାକୁର



ଡଗରପଡ଼ାରେ ଚାଏ ପେ ଚର୍ଚ୍ଚା କାର୍ଯ୍ୟକ୍ରମରେ ଭାଜପା ମୁଖପାତ୍ର ଠାକୁର ରଞ୍ଜିତ ଦାସ ଓ ଅନ୍ୟମାନେ।

ଖଇରା,୧୨।୧୨(ଉତ୍କଳବନ୍ଧୁ ପଣ୍ଡା)

ଭାଜପା ମୁଖପାତ୍ର ତଥା ବାଲେଶ୍ୱର ଜିଲା ଖଇରା ବ୍ଲକ ପାର୍ବତୀପୁର ଗ୍ରାମନିବାସୀ ଠାକୁର ରଞ୍ଜିତ ଦାସ ନିଆରା ଢଙ୍ଗରେ ବିଭିନ୍ନ ପଞ୍ଚାୟତ ଗସ୍ତକରି ଭୋଟରଙ୍କ ନିକଟତର ହେବାକୁ ଚେଷ୍ଟା ଜାରି ରଖିଛନ୍ତି। 'ଚାଏ ପେ ଚର୍ଚ୍ଚା' ମାଧ୍ୟମରେ ଲୋକଙ୍କ ସୁଖଦୁଃଖ ବୁଝୁଛନ୍ତି। ବିଭିନ୍ନ ପଞ୍ଚାୟତର ଛକ ଜାଗାରେ ନିଜ ସମର୍ଥକଙ୍କ ଚା'ଖଟିରେ ବସି ସ୍ଥାନୀୟ ଜନସାଧାରଣଙ୍କ ସହ ଭାବ ବିନିମୟ କରୁଛନ୍ତି। ନିକଟରେ ତୁଡିଗଡ଼ିଆ ବଜାରରେ ଏହି 'ଚାଏ ପେ ଚର୍ଚ୍ଚା'ରେ ବେଶ୍ ଭିଡ଼ ଦେଖିବାକୁ ମିଳିଥିଲା। ସୋମବାର କୁରୁଣ୍ଟା ବଜାରରେ ମଧ୍ୟ ଆଖିଦୃଶିଆ ଭାଜପା କର୍ମୀ ଉପସ୍ଥିତ ଥିଲେ। ଏହି ଚା' ଖଟିରେ ପାଖ ଗ୍ରାମର କମଳଲୋଚନ ପ୍ରଧାନ, ଅଭିଳାଶ ବାରିକ, କମଳାକାନ୍ତ ପାଢ଼ୀ, ଆଲୋକ ଦଳେଇ, ଭରତ ସାହୁ, କରୁଣାକର ଜେନା, ରାମଚନ୍ଦ୍ର ବାରିକ, ଚନ୍ଦ୍ରଶେଖର ସାହୁ, ଜଗବନ୍ଧୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ମଙ୍ଗଳବାର ଡଗରପଡ଼ାରେ ଏହି ଆଲୋଚନାରେ ଓବିସି ମୋର୍ଚ୍ଚା ସଦସ୍ୟ ଅଜୟ ବେହେରା ଉପସ୍ଥିତ ଥିଲେ। ଏହା ମାଧ୍ୟମରେ ଭୋଟରଙ୍କ ସହ ସିଧାସଳଖ ମିଶିବାର ସୁଯୋଗ ମିଳୁଥିବା ମୁଖପାତ୍ର ଠାକୁର ରଞ୍ଜିତ କହିଛନ୍ତି।

# ଚୌଦ୍ୱାର-କଟକ ମୁହାଁ ହେଲେଣି ସୁରେଶ



କଟକ,୧୨।୧୨(ଶିଲ୍ପା ପ୍ରିୟଦର୍ଶିନୀ)

କଟକ ନଗର କଂଗ୍ରେସ ସଭାପତି ସୁରେଶ ମହାପାତ୍ରଙ୍କ ନଜରରେ ବାରବାଟୀ-କଟକ ନିର୍ବାଚନମଣ୍ଡଳୀ ନାହିଁ ବୋଲି ସଦ୍ୟ ଚର୍ଚ୍ଚା ହେଲାଣି। ୨୦୨୨ ଅଗଷ୍ଟ ୧୩ରେ କଟକ ନଗର କଂଗ୍ରେସ ସଭାପତି ଭାବେ ତାଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଆଲୋଚନା ହେଲାଣି ନଗର ସଭାପତିଙ୍କ ନଜରରେ କେବଳ ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀ। ଦାୟିତ୍ୱ ଗ୍ରହଣର ବର୍ଷେରୁ ଅଧିକ ସମୟ ହୋଇଥିଲେ ମଧ୍ୟ ବାରବାଟୀ-କଟକ ନିର୍ବାଚନମଣ୍ଡଳୀ ଉପରେ ସେ ଭରସା କରିପାରୁ ନାହାନ୍ତି। କାରଣ କଂଗ୍ରେସରୁ ନିଲମ୍ବିତ ହୋଇ ମଧ୍ୟ ଦଳୀୟ କାର୍ଯ୍ୟକ୍ରମ ଜାରି ରଖିଛନ୍ତି ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମ୍। ତାଙ୍କ ସମର୍ଥକମାନେ କହୁଛନ୍ତି, ମୋକିମ୍ ଲୋକଙ୍କ ନିକଟତର ହୋଇ ଆଗରୁ ଯେପରି ନିର୍ବାଚନରେ ବିଜୟୀ ହୋଇଥିଲେ ଠିକ୍ ସେହିପରି ଏବେ ପୁନଃପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଏପରି କି ପୂର୍ବରୁ ନଗର ସଭାପତି ଥିବା ଗିରିବାଳା ବେହେରାଙ୍କୁ ଲୋକେ ଯେଉଁଭଳି ଭାବେ ଗ୍ରହଣ କରିଥିଲେ ଏବେ ସୁରେଶ ସେଭଳି ଗ୍ରହଣୀୟ ହେଉ ନ ଥିବା କୁହାଯାଉଛି।

ସୂଚନା ଅନୁଯାୟୀ, ସୁରେଶ ୨୦୦୪ ମସିହାରେ କଟକରୁ ନିର୍ବାଚନ ଲଢ଼ିଥିଲେ। ପରେ ୨୦୦୯ରେ ସେ ବାରବାଟୀ-କଟକ, ୨୦୧୩ରେ ଆଠଗଡ଼ରୁ ଉପନିର୍ବାଚନ ଲଢ଼ିଥିବା ବେଳେ ୨୦୧୪ରେ ଚୌଦ୍ୱାର-କଟକରୁ ପ୍ରାର୍ଥୀ, ଏପରି କି ମ୍ୟୁନିସିପାଲିଟି ଅଧ୍ୟକ୍ଷ ପଦ ପାଇଁ ମଧ୍ୟ ଲଢ଼ିଛନ୍ତି। ହେଲେ ସବୁଥିରେ ବିଫଳ ହୋଇଛନ୍ତି। ୨୦୨୪ ନିର୍ବାଚନରେ କଂଗ୍ରେସର ଆଶାୟୀ ପ୍ରାର୍ଥୀଙ୍କ ନାଁ ସାମ୍ନାକୁ ଆସି ନ ଥିଲେ ମଧ୍ୟ ସୁରେଶ ଚୌଦ୍ୱାର-କଟକରୁ ନିର୍ବାଚନ ଲଢ଼ିବାକୁ ଚାହୁଁଥିବା ଚର୍ଚ୍ଚା ହେଉଛି। ଏନେଇ କଂଗ୍ରେସ ଦଳର କିଛି କର୍ମୀଙ୍କୁ ପଚାରିବାରୁ ପରିଚୟ ଗୋପନ ରଖି କେତେଜଣ କହିଛନ୍ତି, ନଗର ସଭାପତି ବାରବାଟୀ-କଟକକୁ ଅଣଦେଖା କରିରଖିଛନ୍ତି। ଦାୟିତ୍ୱ ନେବା ଦିନରୁ ଏଯାଏ ବାରବାଟୀ-କଟକକୁ ନେଇ ସେଭଳି କାର୍ଯ୍ୟକ୍ରମ ସେ କରିନାହାନ୍ତି କି ସାଙ୍ଗଠନିକ ଶକ୍ତି ବୃଦ୍ଧିରେ ତାଙ୍କ ଯୋଗଦାନ ରହିନାହିଁ। ଆଗାମୀ ନିର୍ବାଚନରେ ଯଦି ସେ ଲଢ଼ିବେ ତାହାହେଲେ ପୂର୍ବପରି ଅବସ୍ଥାର ସମ୍ମୁଖୀନ ହୋଇପାରନ୍ତି ବୋଲି ସେହି କର୍ମୀମାନେ କହିଛନ୍ତି।

# '୧୫ ଦିନରେ ଚାଷୀଙ୍କୁ କ୍ଷତିପୂରଣ ନ ଦେଲେ ଆନ୍ଦୋଳନ'



ଭାଜପା କୃଷକମୋର୍ଚ୍ଚା ପ୍ରତିନିଧି ମଣ୍ଡଳୀ ରାଜ୍ୟପାଳ ରଘୁବର ଦାସଙ୍କୁ ଭେଟି ଦାବିପତ୍ର ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର, ୧୨।୧୨(ସୁନୀତ୍ ମିଶ୍ର)

## ରାଜ୍ୟପାଳଙ୍କୁ ଭେଟିଲା ଭାଜପା କୃଷକ ମୋର୍ଚ୍ଚା ପ୍ରତିନିଧି ମଣ୍ଡଳୀ

ଓଡ଼ିଶାରେ ଡିସେମ୍ବର ୫ରୁ ୭ ପର୍ଯ୍ୟନ୍ତ ଲଘୁଚାପଜନିତ ଲଗାଣ ବର୍ଷା ଫଳରେ ରାଜ୍ୟର ଅଧିକାଂଶ ଜିଲାରେ ଧାନ, କପା ଓ ପନିପରିବା ଫସଲହାନି ଘଟି ଚାଷୀଙ୍କ ବ୍ୟାପକ କ୍ଷୟକ୍ଷତି ହୋଇଛି। ରାଜ୍ୟ ସରକାର ତୁରନ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ନେଇ ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ମଙ୍ଗଳବାର ରାଜ୍ୟପାଳ ରଘୁବର ଦାସଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ରାଜ୍ୟ ସରକାର ତୁରନ୍ତ ଅଦିନିଆ ଲଘୁଚାପଜନିତ ଲଗାଣବର୍ଷା ଯୋଗୁ କ୍ଷତିଗ୍ରସ୍ତ ଫସଲର ଆକଳନ କରି ଚାଷୀଙ୍କୁ କ୍ଷତିପୂରଣ ୧୫ ଦିନ ଭିତରେ ପ୍ରଦାନ କରନ୍ତୁ। ସରକାର ତୁରନ୍ତ ଏହି ଦାବି ପୂରଣ ନ କଲେ ଆଗାମୀ ଦିନରେ କୃଷକ ମୋର୍ଚ୍ଚା ଆନ୍ଦୋଳନ କରିବ ବୋଲି ମହେଶ୍ୱର କହିଛନ୍ତି। କୃଷକ ମୋର୍ଚ୍ଚା ପକ୍ଷରୁ ଆହୁରି କୁହାଯାଇଛି, ଗତ ୨୩ ବର୍ଷ ଧରି ଶାସନରେ ଥିବା ସରକାରର ନିଷ୍କ୍ରିୟତା ଓ ଚାଷୀ ବିରୋଧୀ ମାନସିକତା ଯୋଗୁ ଓଡ଼ିଶାରେ କୃଷକଙ୍କ ମାସିକ ଆୟ ଦେଶର ସବୁ ରାଜ୍ୟ ତୁଳନାରେ କମ୍। ଏତେ ବର୍ଷ ଭିତରେ ରାଜ୍ୟରେ କୃଷି ଭିତ୍ତିଭୂମି ଦୁର୍ବଳ ସ୍ଥିତିରେ ଥିବାରୁ ଚାଷୀମାନେ କଷ୍ଟରେ ଅଛନ୍ତି। ରାଜ୍ୟରେ ଚାଷଜମିକୁ ଜଳସେଚନ ଏବଂ ଶୀତଳଭଣ୍ଡାର ସ୍ଥାପନ କରିବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। କୃଷିଜାତ ଦ୍ରବ୍ୟ ବିକ୍ରି କରିବା ଓ ସୁରକ୍ଷିତ ରଖିବା ପାଇଁ ବ୍ୟବସ୍ଥା କରିବାରେ ସରକାର ଫେଲ୍ ମାରିଛନ୍ତି। ଲଘୁଚାପ ବର୍ଷା ଯୋଗୁଁ ରାଜ୍ୟର ଅଧିକାଂଶ ଜିଲାରେ ଧାନ, କପା ଓ ପନିପରିବା ବ୍ୟାପକଭାବେ ଫସଲହାନି ଘଟି ଚାଷୀଙ୍କ ଅର୍ଥନୈତିକ ମାନଦଣ୍ଡ ଭୁଶୁଡି ପଡ଼ିଛିବୋଲି ସେ କହିଛନ୍ତି।

# ୨୦ରୁ ଶିକ୍ଷାନୁଷ୍ଠାନରେ ବିକ୍ଷୋଭ କରିବ ଛାତ୍ର କଂଗ୍ରେସ

ଭୁବନେଶ୍ୱର, ୧୨।୧୨(ସୁନିତ୍ ମିଶ୍ର)

## ମୋଦିଙ୍କ ଫଟୋଚିତ୍ର ସହ ଛାତ୍ରୀଛାତ୍ର ସେଲ୍ଫି ନେବା ପ୍ରସଙ୍ଗ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆତ୍ମପ୍ରଚାର ପ୍ରତିଯୋଗିତା କରୁଛନ୍ତି। କେନ୍ଦ୍ର ସରକାର ୟୁଜିସି ମାଧ୍ୟମରେ ସମସ୍ତ ବିଶ୍ୱବିଦ୍ୟାଳୟ ଏବଂ କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନରେ ଏକ ସେଲ୍ଫି ପଏଣ୍ଟ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରିଛି। ଏହାଦ୍ୱାରା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଫଟୋ ରହିବ, ଛାତ୍ରୀଛାତ୍ରମାନେ ସେଲ୍ଫି ପଏଣ୍ଟରେ ନିଜ ଫୋନ୍‌ରେ ସେଲ୍ଫି ନେବେ ଏବଂ ତାକୁ ଅପ୍‌ଲୋଡ୍ କରିବେ। ମୁଖ୍ୟମନ୍ତ୍ରୀଙ୍କ ଫଟୋଚିତ୍ର ମଧ୍ୟ ରଖିବା ଲାଗି ରାଜ୍ୟ ସରକାର ଯୋଜନା କରିଛନ୍ତି। ମୂଳ ଉଦ୍ଦେଶ୍ୟ ହେଲା ଏହାଦ୍ୱାରା ନିଜର ଆତ୍ମପ୍ରଚାର କରିବା। ଏହି ସେଲ୍ଫି ନେବା କାର୍ଯ୍ୟକ୍ରମ ଅମୃତକାଳରେ ସବୁଠୁ ବଡ଼ କାର୍ଯ୍ୟ ବୋଧହୁଏ ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ କହିଛନ୍ତି। ଉଭୟ ସରକାରର ଛାତ୍ର ବିରୋଧୀ ନୀତି ପ୍ରତିବାଦରେ ଡିସେମ୍ବର ୨୦ରୁ ଜାନୁୟାରୀ ୨୦ ମଧ୍ୟରେ ରାଜ୍ୟର ପ୍ରମୁଖ ଶିକ୍ଷାନୁଷ୍ଠାନଗୁଡିକରେ ପ୍ରଦେଶ ଛାତ୍ର କଂଗ୍ରେସ ବିକ୍ଷୋଭ କରିବ ବୋଲି ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ ଘୋଷଣା କରିଛନ୍ତି।

କଂଗ୍ରେସ ଭବନଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଶରତ କହିଛନ୍ତି, ଆସନ୍ତା କିଛି ବର୍ଷ ଭିତରେ ଗାନ୍ଧୀ, ନେହେରୁ, ପଟେଲ, ସୁଭାଷ ବୋଷ, ମୌଲାନା ଅବୁଲ୍ କଲାମ୍ ଆଜାଦ୍ ଏବଂ ଉତ୍କଳମଣି ଗୋପବନ୍ଧୁ, କୁଳବୃଦ୍ଧ ମଧୁସୂଦନଙ୍କ ନାମ ସବୁଦିନ ପାଇଁ ଇତିହାସ ପୃଷ୍ଠାରୁ ଲୁଚେଇଦେବା ନିମନ୍ତେ ଏ ବୋଧହୁଏ ଭାଜପା ଓ ବିଜେଡିର ମିଳିତ ଷଡ଼ଯନ୍ତ୍ର। ବିଜେଡି ସରକାର ଓଡ଼ିଶାର ଟିକସଦାତାଙ୍କ ପଇସାକୁ ନିଜ ଦଳୀୟ ପାଣ୍ଠି ଭାବି ଖର୍ଚ୍ଚ କରିବାରେ ଲାଗିଛନ୍ତି। ଏବେ ନଭେମ୍ବରରେ ରାଜ୍ୟ ସରକାର 'ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ' ମାଧ୍ୟମରେ ନିଜ ଦଳର ଯୁବ ଓ ଛାତ୍ର ସଙ୍ଗଠନକୁ ଅଧିକ ସୁଦୃଢ଼ କରିବା ପାଇଁ ରାଜ୍ୟ ରାଜକୋଷରୁ ଶହ ଶହ କୋଟି ଟଙ୍କା ପାଣି ଭଳି ଖର୍ଚ୍ଚ କରୁଛନ୍ତି। ୨୪ ବର୍ଷର ବିଜେଡି ସରକାରରେ ଏ ରାଜ୍ୟର ଯୁବକମାନେ ଆଜି ନିଜର ଭବିଷ୍ୟତକୁ ନେଇ ଦିଗହରା ହେଲେଣି। ଉଚ୍ଚ ଶିକ୍ଷାନୁଷ୍ଠାନର କ୍ୟାମ୍ପସରେ ଯୁବତୀମାନେ ଅସୁରକ୍ଷିତ। ରମାଦେବୀ ବିଶ୍ୱବିଦ୍ୟାଳୟରେ ରାଗିଂ ଯୋଗୁ ଆଦିବାସୀ ଛାତ୍ରୀ ଟିସି ନେଇଯିବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏଭଳି ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା ଭିତରେ ଶିକ୍ଷାନୁଷ୍ଠାନଗୁଡ଼ିକରେ ଜନସାଧାରଣଙ୍କ ଟିକସ ଅର୍ଥ ଅପବ୍ୟୟ କରି ମୋଦି ଓ ନବୀନ ସେଲ୍ଫି ପଏଣ୍ଟ କରିବା ଦୁର୍ଭାଗ୍ୟଜନକ ବୋଲି ଶରତ କହିଛନ୍ତି।

# ୧୩ରୁ ମାସେବ୍ୟାପୀ କଂଗ୍ରେସର ମଣ୍ଡିଚାଲ ଅଭିଯାନ

ଭୁବନେଶ୍ୱର, ୧୨।୧୨(ସୁନିତ୍ ମିଶ୍ର)

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ ଧାନକିଣା ନୀତି ପ୍ରତିବାଦ, କୃଷକ ମାରଣ ନୀତି ବିରୋଧରେ ୭ଦଫା ଦାବି ନେଇ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ କିଷାନ କଂଗ୍ରେସ ପକ୍ଷରୁ ଆସନ୍ତା ୧୩ରୁ ଜାନୁଆରୀ ୧୩ ପର୍ଯ୍ୟନ୍ତ ମାସେବ୍ୟାପୀ ମଣ୍ଡିଚାଲ ଅଭିଯାନର ଆହ୍ୱାନ ଦିଆଯାଇଛି।

କଂଗ୍ରେସ ଭବନ ଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଶରତ କହିଛନ୍ତି ଯେ, ଉଭୟ ଭାଜପା ଓ ବିଜେଡ଼ି ସରକାର ଶାସନରେ ଚାଷୀ ସବୁଠୁ କ୍ଷତିଗ୍ରସ୍ତ, ଚାଷ ବିପର୍ଯ୍ୟସ୍ତ। ଚାଷୀ ତା'ର ଉତ୍ପାଦିତ ଦ୍ରବ୍ୟର ଉଚିତ୍ ମୂଲ୍ୟ ପାଉନାହିଁ। ୩୫% ଜଳସେଚନ କେବଳ ଧୂଆଁବାଣ। ଧାନର ଏମ୍‌ଏସ୍‌ପି ବର୍ତ୍ତମାନ ପର୍ଯ୍ୟନ୍ତ ୨୯୩୦ ଟଙ୍କାକୁ ବୃଦ୍ଧି କରାଗଲା ନାହିଁ। ଏମ୍‌ଏସ୍‌ପିକୁ ଆଇନଗତ ଗ୍ୟାରେଣ୍ଟି ମଧ୍ୟ ମିଳିଲା ନାହିଁ। ଚାଷୀ ବାଧ୍ୟ ହୋଇ ୧୨ ଶହରୁ ୧୩ ଶହ ଟଙ୍କାରେ ଅଭାବୀ ବିକ୍ରିର ଶିକାର ହେଉଛି। ଗତ ଲଘୁଚାପଜନିତ ବର୍ଷାଦ୍ୱାରା ବହୁ ଚାଷୀଙ୍କ ଧାନ ଓ ପନିପରିବା ଫସଲ ନଷ୍ଟ ହୋଇଛି। ତେଣୁ କାଳ ବିଳମ୍ବ ନ କରି କେନ୍ଦ୍ର ସରକାର ତୁରନ୍ତ ଧାନ କ୍ୱିଣ୍ଟାଲ ପ୍ରତି ୨୯୩୦ ଟଙ୍କାକୁ ବୃଦ୍ଧି ଓ ଏମ୍‌ଏସ୍‌ପିକୁ ଆଇନଗତ ଗ୍ୟାରେଣ୍ଟି, ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତି ଧାନ କ୍ୱିଲରେ ଚାଷୀଙ୍କୁ ୭୦୦ ଟଙ୍କା ବୋନସ୍, କଟ୍‌ନୀ ଛଟ୍‌ନୀ ସମ୍ପୂର୍ଣ୍ଣ ବନ୍ଦ, ଲଘୁଚାପ ଜନିତ ବର୍ଷାଦ୍ୱାରା ରଙ୍ଗ ବିହୀନ ହୋଇଥିବା ସବୁଧାନକୁ କ୍ରୟ, ପ୍ରତି ମଣ୍ଡିରେ ସିସି କ୍ୟାମେରା ସଂଯୋଗ ଓ ଧାନ ଉଠାଇବା ବ୍ୟତୀତ ମିଲରକୁ ମଣ୍ଡି ନିଷେଧ, ପ୍ରଚଳିତ କୃଷି ଇନପୁଟ୍ ସବସିଡ଼ିର ଦେଢ଼ଗୁଣା ବୃଦ୍ଧି ଏବଂ ରିଲିଫ୍ କୋର୍ଡର ସଂଶୋଧନ ଆଦି ୭ ଦଫା ଦାବୀ ପୂରଣ କରିବା ପାଇଁ କଂଗ୍ରେସ ପକ୍ଷରୁ ଦୃଢ଼ ଦାବି କରାଯାଇଛି।

# ଶଙ୍କର୍ଷଣ ରାୟଗଡ଼ା ଜିଲା କଂଗ୍ରେସ ମୁଖ୍ୟ ମୁଖପାତ୍ର

ରାୟଗଡ଼ା,୧୨।୧୨(ଆଶିଷ ରଞ୍ଜନ ପଣ୍ଡା)

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତିଙ୍କ ଅନୁମୋଦନ କ୍ରମେ ରାୟଗଡ଼ା ଜିଲା କଂଗ୍ରେସ କମିଟିର ମୁଖ୍ୟ ମୁଖପାତ୍ର ଭାବେ ଶଙ୍କର୍ଷଣ ମଙ୍ଗରାଜଙ୍କୁ ଦାୟିତ୍ୱ ମିଳିଛି। ଏନେଇ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତି ଜାରି କରାଯାଇଛି। ଏଥିସହିତ ରାୟଗଡ଼ା ଜିଲା କଂଗ୍ରେସ ସଭାପତି ବିଜୟ ଗମାଙ୍ଗଙ୍କୁ ଏ ସଂକ୍ରାନ୍ତରେ ସୂଚନା ଦିଆଯାଇଛି। ଜିଲାସ୍ତରରେ ଦଳକୁ ସୁଦୃଢ଼ କରିବା ପାଇଁ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି।

# ଭାଇରାଲ ଭିଡିଓରୁ ଭାଜପା-ବିଜେଡି କର୍ମୀ ମୁହାଁମୁହିଁ



ଭାଜପା, ବିଜେଡି କର୍ମୀ ପରସ୍ପରକୁ ଆକ୍ରମଣ କରୁଛନ୍ତି।



ଭାଜପା କର୍ମୀମାନେ କିଶନନଗର ଥାନା ସମ୍ମୁଖରେ ଧାରଣା ଦେଇଛନ୍ତି।

ନିଶ୍ଚିନ୍ତକୋଇଲି,୧୨।୧୨
(ଅଶୋକ କୁମାର ମହାପାତ୍ର)

ଏକ ଭାଇରାଲ ଭିଡିଓକୁ କେନ୍ଦ୍ରକରି ନିଶ୍ଚିନ୍ତକୋଇଲି ବ୍ଲକ ମାଣପୁର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଭାଜପା ଓ ବିଜେଡି କର୍ମୀ ମୁହାଁମୁହିଁ ହୋଇଛନ୍ତି। ଉକ୍ତ ସ୍ଥାନ ରଣକ୍ଷେତ୍ର ପାଲଟିବାରୁ ୩ ଜଣ ଗୁରୁତର ହୋଇଛନ୍ତି। ଏହି ଘଟଣାକୁ କେନ୍ଦ୍ରକରି ସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି।

ଗତ ୨ ଦିନ ତଳେ କେନ୍ଦ୍ରର 'ମୋଦି ସରକାର ଗ୍ୟାରେଣ୍ଟି ରଥ' ନିଶ୍ଚିନ୍ତକୋଇଲି ବ୍ଲକ ତଥା କଟକ ସଦର ନିର୍ବାଚନମଣ୍ଡଳୀ ଅଧୀନରେ ଥିବା ମାଣପୁର ପଞ୍ଚାୟତ ପରିକ୍ରମା କରିଥିଲା। ଏହି ରଥର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଭିଡିଓରେ ରଥ କେନ୍ଦ୍ର ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ପରିବର୍ତ୍ତେ ରାଜ୍ୟରେ ଶାସନାଧୀନ ଥିବା ବିଜେଡିର ଦଳୀୟ ଗୀତ 'ନବୀନବାବୁ ଆମେ ତମ ଫ୍ୟାନ' ବାଜୁଥିବା ଦେଖିବାକୁ ମିଳିଛି। ଏହି ସମୟରେ କେତେଜଣ ଗୀତର ତାଳେ ତାଳେ ନାଚୁଥଲେ। ଏହାର ପ୍ରତିବାଦରେ ମଙ୍ଗଳବାର କଟକ ସଦର ଭାଜପା ନେତା ପ୍ରକାଶ ଚନ୍ଦ୍ର ସେଠୀଙ୍କ ନେତୃତ୍ୱରେ ଶତାଧିକ କର୍ମୀ ମାଣପୁର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ପ୍ଲାକାର୍ଡ ଓ ଭାଜପା ପତାକା ଧରି ସ୍ଲୋଗାନ ଦେଇଥିଲେ। ଏହି ସମୟରେ ଯୋଜନାବଦ୍ଧ ଭାବେ ବହୁ ବିଜେଡି କର୍ମୀ ମାଣପୁର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଠେଙ୍ଗା ବାଡି, ପଥର ଓ ଝାଡୁରେ ମରଣାନ୍ତକ ଆକ୍ରମଣ କରିବା ସହ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି। ଏନେଇ ଉଭୟ ପକ୍ଷ ହାତାହାତି ହୋଇଛନ୍ତି। ଗଣ୍ଡଗୋଳରେ ଗୁରୁତର ଥିବା ୩ ଜଣଙ୍କୁ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। କିଶନନଗର ଥାନା ପୋଲିସ ଏହି ସମୟରେ ଉପସ୍ଥିତ ଥିଲେ ମଧ୍ୟ ନୀରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହୋଇଛି। ଆକ୍ରମଣ ପରେ ଭାଜପା ପକ୍ଷରୁ କିଶନନଗର ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଏଥିସହ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବାକୁ ଦାବିକରି ଭାଜପା ଯୁବନେତା ଇଂ. ପ୍ରକାଶ ଚନ୍ଦ୍ର ସେଠୀ, କଟକ ଜିଲା ଭାଜପା ଅନୁସୂଚିତ ଜାତି ସଭାପତି ପ୍ରଦୀପ କୁମାର ବେହେରା, ନେତ୍ରୀ ରଶ୍ମିରେଖା ଦାସଙ୍କ ନେତୃତ୍ୱରେ ବହୁ କର୍ମୀ କିଶନନଗର ଥାନା ସମ୍ମୁଖରେ ଧାରଣା ଦେଇଛନ୍ତି। ଅଭିଯୁକ୍ତଙ୍କୁ ଗିରଫ କରା ନ ଯିବା ପର୍ଯ୍ୟନ୍ତ ଧାରଣା ଚାଲୁ ରହିବ ବୋଲି ଭାଜପା ତରଫରୁ ସୂଚନା ଦିଆଯାଇଛି। ଏ ସମ୍ପର୍କରେ କିଶନନଗର ଥାନା ଆଇଆଇସିଙ୍କୁ ପଚାରିବାରେ ଥାନାରେ ଭାଜପା ତରଫରୁ ଗୋଟିଏ ଅଭିଯୋଗ ହୋଇଛି ବୋଲି କହିଛନ୍ତି। ମାତ୍ର ପୋଲିସ ଉପସ୍ଥିତିରେ ଘଟଣା କିପରି ଘଟିଲା ପଚାରିବାରୁ ସେ କୌଣସି ପ୍ରତିକ୍ରିୟା ଦେଇ ନ ଥିଲେ। ଖବର ଲେଖାହେଲା ବେଳକୁ ଏ ସମ୍ପର୍କରେ ଥାନାରେ କେଣସି ମାମଲା ରୁଜୁ ହୋଇ ନ ଥିଲା।

ଅପରପକ୍ଷେ ବିକଶିତ ଭାରତ ସଙ୍କଳ୍ପ ରଥ ଯାତ୍ରା ନିଶ୍ଚିନ୍ତକୋଇଲି ବ୍ଲକର ବହୁ ପଞ୍ଚାୟତରେ ଠିକ୍ ଭାବେ କରାଯାଉ ନାହିଁ ବୋଲି ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ଏନେଇ ଭାଜପା ନେତା ପ୍ରଦୀପ କୁମାର ବେହେରାଙ୍କ ନେତୃତ୍ୱରେ ବହୁ କର୍ମୀ ନିଶ୍ଚିନ୍ତକୋଇଲି ବିଡିଓଙ୍କୁ ଏକ ଦାବିପତ୍ର ଦେବା ସହ ଏହାର ତଦନ୍ତ ଦାବି କରିଛନ୍ତି। ଏ ସମ୍ପର୍କରେ ବିଡିଓ ଧର୍ମରଞ୍ଜନ ପଣ୍ଡା କୁହନ୍ତି, ମାଣପୁର ପଞ୍ଚାୟତରେ ସେଦିନ ଉକ୍ତ ରଥର ରହଣି ଥିଲା। କାର୍ଯ୍ୟକ୍ରମ ପରେ ସ୍ଥାନୀୟ ଲୋକେ କିଛି କରିଥାଇପାରନ୍ତି। ଏହାର ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ପରୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ୨ୟ ଜନ୍ମବାର୍ଷିକୀ ଶୁଭେଚ୍ଛା



**ଜାନ୍‌ଭି ଶ୍ରେୟାଂଶୀ (ପରୀ)**
**କୁଞ୍ଜପଦା, ବନମାଳୀପୁର**

ଠାକୁର ଶ୍ରୀଶ୍ରୀ ନିଗମାନନ୍ଦ ସରସ୍ୱତୀ ଦେବ (ଜୟଗୁରୁ) ତୋର ଚଲାପଥ କୁସୁମିତ ଓ ଦୀର୍ଘାୟୁ କରନ୍ତୁ। ଆନ୍ତରିକତାର ସହ ଏହାହିଁ ପ୍ରଭୁଙ୍କ ପାଖରେ ଆମର ପ୍ରାର୍ଥନା। ଶୁଭେଚ୍ଛା ସହ: ଜେଜେବାପା, ଜେଜେମା', ଅଜା, ଆଇ, ମଉସା, ମାଉସୀ, ପାପା, ମାମା, ମିନିଆନାନୀ, ପିଇସା, ପିଉସୀନାନୀ, ଖୁସିଦିଦି, ବୁବୁଲୁ, ଭାଇନା, ରିଷିଭାଇନା, ପରିବାରବର୍ଗ ଓ ବନ୍ଧୁ ପରିଜନ ।

ଧ-୭୫୦୭୮


# ବୈଷ୍ଣୋ ଦେବୀଙ୍କୁ ଦର୍ଶନ କଲେ ଶାହରୁଖ

**ମୁମ୍ବାଇ:** ଅଭିନେତା ଶାହରୁଖ ଖାନ୍ ଦର୍ଶକଙ୍କୁ ଚଳିତବର୍ଷ ୨ଟି ବ୍ଲକବଷ୍ଟର ଚଳଚ୍ଚିତ୍ର ଭେଟି ଦେଇଛନ୍ତି। ବର୍ଷ ଶେଷରେ, ଶାହରୁଖ ଆଉ ଏକ ବହୁ ପ୍ରତୀକ୍ଷିତ ଫିଲ୍ମ ସହିତ ଆସୁଛନ୍ତି। ତାଙ୍କର ଆଗାମୀ ଚଳଚ୍ଚିତ୍ର 'ଡଙ୍କି' ୨୧ ତାରିଖରେ ମୁକ୍ତିଲାଭ କରିବ। ଫିଲ୍ମ ରିଲିଜ୍ ପୂର୍ବରୁ ଅଭିନେତା ବୈଷ୍ଣୋ ଦେବୀଙ୍କୁ ଦର୍ଶନ କରିବାକୁ ପହଞ୍ଚିଛନ୍ତି। ମଙ୍ଗଳବାର ସକାଳେ ଶାହରୁଖଙ୍କୁ ବୈଷ୍ଣୋ ଦେବୀ ମନ୍ଦିରରେ ଦେଖିବାକୁ ମିଳିଛି। ଏନେଇ ଜମ୍ମୁ-କଶ୍ମୀରର କାଟାରୁ ଶାହରୁଖଙ୍କ ଏକ ଭିଡିଓ ସାମ୍ନାକୁ ଆସିଛି।

# ନଭେମ୍ବରରେ ମୁମ୍ବାଇ ଏୟାରପୋର୍ଟରେ ସର୍ବାଧିକ ଲୋକଙ୍କ ଯାତ୍ରା



**ମୁମ୍ବାଇ:** ମୁମ୍ବାଇର ଛତ୍ରପତି ଶିବାଜୀ ମହାରାଜ ଅନ୍ତର୍ଜାତୀୟ ବିମାନବନ୍ଦର ଗତ ନଭେମ୍ବରରେ ଏକ ରେକର୍ଡ ହାସଲ କରିଛି। ଆଦାନୀ ଗ୍ରୁପ୍ ଦ୍ୱାରା ସଞ୍ଚାଳିତ ଏହି ବିମାନବନ୍ଦରରୁ ଗତ ମାସରେ ସର୍ବାଧିକ ୪୪ ଲକ୍ଷ ୬୦ ହଜାର ଯାତ୍ରୀ ଯାତ୍ରା କରିଥିବା ଏକ ରିପୋର୍ଟରୁ ଜଣାପଡ଼ିଛି, ଯାହା ବାର୍ଷିକ ଭାବେ ୧୩ ପ୍ରତିଶତ ଅଧିକ ରହିଛି। କରୋନା ମହାମାରୀ ପୂର୍ବରୁ ୨୦୧୮ ତୁଳନାରେ ୨୦୨୩ରେ ୧୦୯ ପ୍ରତିଶତ ଭରଣା ହୋଇଥିବା ଜଣାପଡ଼ିଛି। ନଭେମ୍ବର ୨୫ରେ ସର୍ବାଧିକ ୧ ଲକ୍ଷ ୬୭ହଜାର ୧୩୨ ଜଣ ଯାତ୍ରୀ ମୁମ୍ବାଇ ବିମାନବନ୍ଦର ବ୍ୟବହାର କରିଛନ୍ତି। ୧୧ ନଭେମ୍ବରରେ ବିମାନବନ୍ଦରରେ ସବୁଠୁ ଅଧିକ ବିମାନ ଅବତରଣ କରିଥିଲା। ସେହିଦିନ ୧,୦୩୨ ଏଟିଏମ୍‌ସ (ଏୟାର ଟ୍ରାଫିକ୍ ମୁଭମେଣ୍ଟ) ହୋଇଥିବା ସୂଚନା ରହିଛି। ଘରୋଇ ସେକ୍ଟରରେ ଇଣ୍ଡିଗୋ, ଏୟାର ଇଣ୍ଡିଆ ଏବଂ ଭିସ୍ତାରା ମୁମ୍ବାଇ ବିମାନବନ୍ଦରରେ ସବୁଠୁ ଅଧିକ ମାର୍କେଟ ଶେୟାରିଂର ବିମାନ ରହିଥିଲା। ଯେତେବେଳେ କି ଅନ୍ତର୍ଜାତୀୟ ସେକ୍ଟରରେ ଇଣ୍ଡିଗୋ, ଏୟାର ଇଣ୍ଡିଆ ଏବଂ ଏମିରେଟ୍‌ସ ଟପ୍ ବିମାନ ରହିଥିଲା। ଘରୋଇ ଭାବେ ଯାତ୍ରୀମାନେ ଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁ, ଚେନ୍ନାଇକୁ ଅଧିକାଂଶ ଯାତ୍ରା କରିଥିବାବେଳେ ଅନ୍ତର୍ଜାତୀୟ ଭାବେ ଦୁବାଇ, ଲଣ୍ଡନ ଏବଂ ଆବୁଧାବିକୁ ଯାତ୍ରା କରିଥିଲେ। ମୁମ୍ବାଇ ବିମାନ ବନ୍ଦର ପାଇଁ ମୁମ୍ବାଇ- ଦିଲ୍ଲୀ ରାସ୍ତାରେ ୫ ଲକ୍ଷ ୫୭ ହଜାର ୩୯୩ ସଂଖ୍ୟକ ଲୋକଙ୍କ ଭିଡ଼ ହୋଇଥିଲା।

# ସବୁଠୁ ଓଜନିଆ 'ଓସେନ ସନ୍‌ଫିସ୍'

**ନୂଆଦିଲ୍ଲୀ**

ବିଶାଳ ମହାସାଗରରେ ଏପରି ଅନେକ ଜୀବ ଅଛନ୍ତି, ଯାହା ଏ ପର୍ଯ୍ୟନ୍ତ ଆମ ନଜରକୁ ଆସିନାହାନ୍ତି। ସେମାନଙ୍କର ଅନେକ ବିଶେଷତ୍ୱ ମଧ୍ୟ ରହିଛି। ଓସେନ ସନ୍‌ଫିସ୍ ବିଶାଳକାୟ ଆକୃତିର ଜୀବ। ଏହାର ଓଜନ ୨୫୦୦ କେଜି ଅର୍ଥାତ୍ ୨.୫ଟନ୍ ପର୍ଯ୍ୟନ୍ତ ହୋଇପାରିବ। ଏହି ମାଛର ବିଶାଳକାୟ ଆକୃତି ପାଇଁ ସେ ସମୁଦ୍ରରେ ପହଁରିବା ସମୟରେ ଏଲିୟନ ଶିପ୍ ଭଳି ଦେଖାଯାଇଥାଏ। ଓସେନ ସନ୍‌ଫିସ୍‌ର ଏକ ଭିଡିଓ ଭାଇରାଲ ହେଉଛି। ଏହି ମାଛ ସବୁଠୁ ଓଜନିଆ । ମାଛର ଓଜନ ୨୩୦୦କେଜି। ଏହାର ପଙ୍ଖର ଆକାର ପ୍ରାୟ ୪.୨ ମିଟର ପର୍ଯ୍ୟନ୍ତ ହେବ। ଓସେନ ସନ୍‌ଫିସ୍‌ର ବୈଜ୍ଞାନିକ ନାମ 'ମୋଲା ମୋଲା'। ଲାଟିନ ଭାଷାରେ ମୋଲାର ଅର୍ଥ ହେଉଛି ମିଲ୍ ଷ୍ଟୋନ୍। ଏହି ସର୍ବାହାରି ମାଛ ପ୍ରାୟ ୧୦ ବର୍ଷ ପର୍ଯ୍ୟନ୍ତ ବଞ୍ଚିଥାନ୍ତି। ଏମାନଙ୍କ ଶରୀରର ଆକାର ଚେପେଟା ଡିସ୍କ ପରି ହୋଇଥାଏ। ଏମାନେ ୧୧ ଫୁଟ ପର୍ଯ୍ୟନ୍ତ ଲମ୍ବା ହୋଇଥାନ୍ତି। ମଣିଷଙ୍କ ପାଇଁ ଏହି ମାଛ କ୍ଷତିକାରକ ସାବ୍ୟସ୍ତ ହୋଇଥାଏ। ତେବେ ଏହି ମାଛର ପଛ ପଙ୍ଖର ବୃଦ୍ଧି ହୋଇ ନ ଥାଏ। ସମସ୍ତ ହାଡ଼ଥିବା ମାଛମାନଙ୍କ ମଧ୍ୟରୁ ଏହି ମାଛ ସବୁଠୁ ଅଧିକ ଓଜନଦାର ହୋଇଥାଏ। ଏମାନଙ୍କ ରଙ୍ଗ ଚାନ୍ଦିଭଳି ହୋଇଥାଏ। ଏହି ମାଛ ସମଶୀତୋଷ୍ଣ ଏବଂ ଉଷ୍ମମଣ୍ଡଳୀୟ ସମୁଦ୍ରରେ ଦେଖିବାକୁ ମିଳନ୍ତି।




## CLASSIFIED DISPLAY

**MORE SPACE • SAME PRICE**

| TARIFF | For Single Day | | For 7 Days | | For 15 Days | | For 30 days | | GST 5% |
|---|---|---|---|---|---|---|---|---|---|
| | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 | |

Admission Open
JOIN AFTER
+2 ANY STREAM
OT TECHNOLOGY
ଅପରେସନ୍ ଥିଏଟର୍ ଟେକ୍ନିସିଆନ
MEDICAL IMAGING TECHNOLOGY
ଏକ୍ସରେ+ସିଟି ସ୍କାନ୍+ଏମ୍.ଆର୍.ଆଇ.
MEDICAL LAB TECHNOLOGY
ମେଡ଼ିକାଲ ଲ୍ୟାବ୍ ଟେକ୍ନିସିଆନ୍
C.S.S.D TECHNIQUES / HOSPITAL STERILIZATION
ସି.ଏସ୍.ଏସ୍.ଡ଼ି ଟେକ୍ନିସିଆନ୍
DIALYSIS TECHNOLOGY
ଡାୟାଲସୀସ୍ ଟେକ୍ନିସିଆନ
CARDIAC CARE TECHNOLOGY
କାର୍ଡ଼ିଆକ୍ କେୟାର ଟେକ୍ନିସିଆନ
ANM
ମହିଳା ସ୍ୱାସ୍ଥ୍ୟକର୍ମୀ
ANGUL CENTRE :
Ph : 91140 12123
CCS, Church Lane, Similipada, Angul
BHUBANESWAR CENTRE :
Ph : 9937440788
RMTI, Palasuni, Bhubaneswar-25

SC/ST ଛାତ୍ରୀ ମାନଙ୍କ ପାଇଁ
Course Fee ସଂପୂର୍ଣ୍ଣ ମାଗଣା
ନାମଲେଖା ଚାଲୁଅଛି !
ଶିକ୍ଷାବର୍ଷ: ୨୦୨୩-୨୪
SAI STITI INSTITUTE OF MEDICAL SCIENCE
Recognised by Govt. of Odisha, H & FW Dept. and Odisha Nursing Council, India Nursing Council, New Delhi
ANM
Duration 2 yrs, Qualification +2 (Any Stream)
Practical at
DHH KHORDHA and CAPITAL HOSPITAL
Hanspal Bhubaneswar
Mob.: 8249091700, 8455975825, 9692613134


**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ମନେ ପଡ଼ନ୍ତି

**ଦ୍ୱାଦଶ ଶ୍ରାଦ୍ଧବାର୍ଷିକୀ**
ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



**ଅଭିନେତା, ନିର୍ଦ୍ଦେଶକ ୰ହେମ କୁମାର ପୃଷ୍ଟି**
ବାରିପଦା, ମୟୁରଭଞ୍ଜ
ଆବିର୍ଭାବ: ୦୧|୦୭|୧୯୩୩
ତିରୋଧାନ: ୨୫|୧୧|୨୦୧୧

ଚାହୁଁ ଚାହୁଁ ବାର ବର୍ଷ ବିତିଗଲା। ଆପଣଙ୍କ ଅନୁପସ୍ଥିତି ଆମ ପାଇଁ ଅପୂରଣୀୟ କ୍ଷତି ଘଟାଇଛି। ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଆଦର୍ଶ, ତ୍ୟାଗ ଓ ଭଲପାଇବା ଆମ ସମସ୍ତଙ୍କ ପାଇଁ ଅଭୁଲା ସ୍ମୃତି ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା ।

**ଶୋକସନ୍ତପ୍ତ ପରିବାର:** ସ୍ତ୍ରୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ ଓ ନାତି, ନାତୁଣୀ ଏବଂ ଆତ୍ମୀୟସ୍ୱଜନ, ବନ୍ଧୁବାନ୍ଧବ

ଧ-୨୦୦୯


# ଆମ୍ବ ଆଚାରକୁ ଅଧିକ ଖୋଜିଲେ ଲୋକେ



**ନୂଆଦିଲ୍ଲୀ:** ମଣିଷଙ୍କ ରୁଚି ମଧ୍ୟରେ ଖାଦ୍ୟର ରୁଚି ସର୍ବପ୍ରଥମେ ଆସିଥାଏ। ଅନେକ ଲୋକ ନିଜ ଘରେ ବିଭିନ୍ନ ପ୍ରକାର ରୋଷେଇ ପ୍ରସ୍ତୁତ କରିଥାନ୍ତି। ସୋସିଆଲ ମିଡିଆରୁ ମଧ୍ୟ କିଛି ଲୋକ ଖାଦ୍ୟ ପ୍ରସ୍ତୁତି ପ୍ରଣାଳୀ ଦେଖି ଶିଖିଥାନ୍ତି। ତେବେ ୨୦୨୪ ଆରମ୍ଭ ହେବାକୁ ଯାଉଥିବାବେଳେ ଗୁଗୁଲ୍ ସୋସିଆଲ ମିଡିଆରେ ସର୍ବାଧିକ ସର୍ଚ୍ଚ କରାଯାଇଥିବା ଅନେକ ଜିନିଷ ବାବଦରେ ତାଲିକା ପ୍ରଦାନ କରାଯାଇଛି। ଏନେଇ ଗୁଗୁଲ୍ ମୁଭି, ବ୍ୟକ୍ତି, ଖାଦ୍ୟ, ମେମୋ ଭଳି ଅନେକ ଜିନିଷର ତଥ୍ୟ ଜଣାପଡ଼ିଛି। ମା'ମାନେ ଖାଦ୍ୟ ପ୍ରସ୍ତୁତ କରି ପରିବାର ସଦସ୍ୟଙ୍କୁ ଖୁଆଇବାକୁ ସର୍ବଦା ଆଗ୍ରହୀ ଥାନ୍ତି। ତେବେ ଚଳିତବର୍ଷ ଖାଦ୍ୟ ସାମଗ୍ରୀ ତାଲିକାରେ ଆମ୍ବ ଆଚାରର ରେସିପି ଶୀର୍ଷ ସ୍ଥାନରେ ରହିଛି। ଭାରତୀୟ ଲୋକେ ଆମ୍ବ ଆଚାର ରେସିପିକୁ ସବୁଠୁ ଅଧିକ ଥର ଖୋଜିଥିବା ଜଣାପଡ଼ିଛି। ରେସିପିର ୨ୟ ତାଲିକାରେ ସେକ୍ସ ଅନ୍ ଦି ବିଚ୍, ତୃତୀୟରେ ପଞ୍ଚାମୃତର ପ୍ରସ୍ତୁତି ପ୍ରଣାଳୀ ରହିଛି। ସେହିପରି ଭାବେ ଲୋକେ 'ଚନ୍ଦ୍ରାୟାନ ୩', 'ଜି୨୦ କ'ଣ', 'ଇଣ୍ଡିଆ ବନାମ ଅଷ୍ଟ୍ରେଲିଆ', 'ସୂର୍ଯ୍ୟଙ୍କଠାରୁ ତ୍ୱଚାର ସୁରକ୍ଷା' ଏବଂ 'କେଶର ଘରୋଇ ଉପଚାର' ବାବଦରେ ଲୋକେ ଅଧିକ ଖୋଜିଥିବା ଜଣାପଡ଼ିଛି।

# ଏବର୍ଷର ଶୀର୍ଷ ସର୍ଚ୍ଚ ତାଲିକାରେ କିଆରା

**ମୁମ୍ବାଇ**



ବର୍ଷ ୨୦୨୩ ଶେଷ ହେବାକୁ ବସିଲାଣି। ଏ ସମୟରେ ଗୁଗୁଲ୍ ବିଶ୍ୱର ସମସ୍ତ ସୋସିଆଲ ପ୍ଲାଟଫର୍ମର ସବୁଠାରୁ ଟପ୍ ସର୍ଚ୍ଚ ତାଲିକା ପ୍ରକାଶିତ କରିଛି। ଏହି ତାଲିକାରେ ଅନେକ ବଡ଼ ବଡ଼ ସେଲିବ୍ରିଟି, ଫିଲ୍ମ, କ୍ରୀଡ଼ା ଏପରି ଅନେକ କିଛି ସାମିଲ ହୋଇଛି। ତାଲିକା ମଧ୍ୟରୁ ଜଣେ ଭାରତୀୟଙ୍କ ନାଁ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଗୁଗୁଲ୍ ଜାରି କରିଥିବା ଚଳିତବର୍ଷର ସର୍ଚ୍ଚ ତାଲିକାରେ ଅନେକଙ୍କ ନାମ ଭିତରେ ଭାରତୀୟ ଅଭିନେତ୍ରୀ କିଆରା ଆଡ୍‌ଭାନୀଙ୍କ ନାମ ଶୀର୍ଷରେ ରହିଛି। ବଲିଉଡ୍ ଅଭିନେତା ସିଦ୍ଧାର୍ଥ ମାଲହୋତ୍ରାଙ୍କ ସହ ତାଙ୍କ ବିବାହଠାରୁ ଆରମ୍ଭ କରି ଫିଲ୍ମ 'ସତ୍ୟ ପ୍ରେମ୍ କି କଥା'ର ରିଲିଜ ପର୍ଯ୍ୟନ୍ତ କିଆରାଙ୍କ ନାଁକୁ ଅଧିକ ଥର ସର୍ଚ୍ଚ କରାଯାଇଛି। ଏଥିସହିତ ସେ କେବଳ ଭାରତ ନୁହେଁ ବରଂ ବିଶ୍ୱସ୍ତରରେ ଟପ୍ ୧୦ ତାଲିକା ଭିତରେ ଅଛନ୍ତି। କଳାକାରଙ୍କ ମଧ୍ୟରେ ଅଭିନେତା ଜେରେମି ରିନେର୍ ତାଲିକାର ଶୀର୍ଷରେ ଥିବାବେଳେ ଭାରତୀୟ ଅଭିନେତ୍ରୀ ଭାବେ କିଆରା ୯ମ ସ୍ଥାନରେ ଅଛନ୍ତି। କିଆରା ୨୦୧୪ରେ ତାଙ୍କ ଅଭିନୟ କ୍ୟାରିୟର ଆରମ୍ଭ କରିଥିଲେ। ଏହାପରେ ସେ ଅନେକ ଫିଲ୍ମ କରି ଦର୍ଶକଙ୍କ ହୃଦୟ ଜିତିପାରିଛନ୍ତି। ଆଗକୁ ତାଙ୍କ ହାତରେ ଆଉ ୨ଟି ଫିଲ୍ମ ରହିଛି।


# Classified Everyday
0674-2580101, 2549949



MATRIMONIAL

## BRIDE WANTED

ଚାକିରି କରି ଏକାକୀ ରହୁଥିବା 49 ବୟସ ଖଣ୍ଡାୟତ (Divorcee) ପୁଅ ପାଇଁ ଯେକୌଣସି ଜାତିର 30-42yrs. ଝିଅ ଆବଶ୍ୟକ। Candidate- 9861141891. D-1982

Bengali Kayastha Boy 35, 6'2 Bank Manager require qualified girl. Contact- 7381091234, 9778779428. D-75278

A Dhoba Boy of 42yrs. working in a Private Edutech Company need suitable match. Mob- 9438849836. D-1985

## GROOM WANTED

Suitable groom required for Matric & ITI Trade School passed Barika Girl, age-24years, caste no bar. 7894175320, 9439050449. D-73787

Now Matrimonial ads. only on Wednesday & Sunday Book 1 Get 1 FREE

Allopathy Doctor (Groom) preferably MD/MS require for Allopathy Doctor bride age-27, Brahmin working in Public Sector in Bhubaneswar. Contact- 8917639271. D-1972

Beautiful Brahmin girl 1988, 5'3" MBBS, PG Ent, Serving Doctor SCB Medical- "SUNASANSAR". 9937512659, 8249969649. D-75280

ବୟସ 29 Bankରେ ଚାକିରି କରୁଥିବା କରଣ ଜାତିର ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 6370559357. D-75507

Wanted groom B.Tech 35-38yrs, Govt./Pvt. Job for a beautiful girl by Caste Khajuria (Syala), 35yr., M.Tech, Caste no bar- 8917585202. D-74311

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**



REAL ESTATE

## SALE

**Twincity** ମଧ୍ୟଭାଗରେ **Grand Bazar (Nakhara NH-16)** ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି **Plot** ସୁଲଭ ମୂଲ୍ୟରେ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ - **8249310759.** D-75282

ଜଟଣୀଗେଟ୍ NHରୁ ଅଳ୍ପ ଦୂରତାରେ sqft.-300/-, ଛତାବର-500/-, ନଖରା- SC/ General- sqft.- 300/-, 9348232008. D-75279

ଭୁବନେଶ୍ୱର Sum Hospitalରୁ 6 Km. ମଧ୍ୟରେ ପଜେସନ୍ ଫ୍ଲାଟ୍ Sqft. 1499/- , 799/- ମିଳୁଛି - 9124839028, 7008771424. D-75277

2/3 BHK Apartments, Simplex, Duplex & Triplex with modern facilities like Swimming Pool, Club House, Landscape Garden etc. available for Sale at Haribhaina Chaka, Jatani Main Road. Contact: 7317316764. D-1919

**Commercial plot: 3 sides road, facing to NH Nakhara to Niali road. Frontage 60 foot facing to South 10000 Sft. 8 Km. from Nakhara, 13 Km. from BBSR. 8249851363, 7809525452.** D-75077

ଭୁବନେଶ୍ୱର AIIMS Medical ପାଖରେ B.D.A. ଅଧୀନରେ ଆସୁଥିବା ଘରବାଡ଼ି plot, road 30ft. yellowzone, Electricity ଥାଇ ପାଚେରି ସହ ମିଳୁଅଛି। No broker, call- 9437537549, 8917526959. D-2006

New Cancer Hospital ନାଇଜର, ଜଟଣୀ yellowzone BDA ୨୦୦ ଫୁଟ ରାସ୍ତାକୁ ଲାଗି ବର୍ଗଫୁଟ ୩୫୦-୮୫୦ରେ ଜାଗା ବିକ୍ରିହେଉଛି। 06743180297. D-75176

Duplex sale 57,00,000/- and plot sale near AIIMS Hospital, Bhubaneswar. 9777433701. D-75281


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।






Commercial Space at District Centre Chandrasekharpur, Bhubaneswar 1720 Sqft, Ground Floor, Suitable for Bank/Corporate/ Reputed Company. Contact- 6370861890. D-2004





**Newly healthcare benefited SPA experience therapist in Bhubaneswar. Contact- 9938843929.** D-75177

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75073

Spa Kerala body Massage best Therapist @699/- Bhubaneswar. Kajal- 9337672475. D-1999



BUSINESS

କାର ୱାସିଂ ସର୍ଭିସିଂ, ଭୁବନେଶ୍ୱର, ଯୋଗାଯୋଗ- 9777097322. D-2000


## AFFIDAVIT

I, Debasmita Nayak, W/o- Gyanaranjan Nayak, At- Makundpur, P.O- Harirajpur, P.S- Banki, Dist.- Cuttack-753008 declare by affidavit No.- 450 dt.11.12.23 that Debasmita Nayak and Debasmita Gyanaranjan Nayak is one and same person. Henceforth, I shall be known as Debasmita Nayak for all future purposes. D-2007

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

## LEGAL NOTICE

In The Court of Addl.Dist Judge, Kamakhyanagar
R.F.A. No.- 15/2019
Narayan Panda
......Appellant
VRS
Fakir Mohan Panda & others......
....Respondents
Summon for settlement of issue
(U/O-5, R-20 C.P.C.)
DRAFT PUBLICATION OF NOTICE
TO
Kailash Chandra Rout, S/o Late Krushna Chandra Rout of Vill/P.O- Jiral, P.S- Kamakhyanagar, Dist.- Dhenkanal

Take notice that, you are not appearing in the court despite of several notices/summons issued to you. You are hereby directed to appear in the undersigned court on dt. 18.12.23 at 10.30 A.M, failing which the appeal will be heard and determined in your absence.

Given under my hand and seal of this court on November, 2023
Sd./- Addl. Dist Judge, Kamakhyanagar
D-75410

## ଫୁଲଚାଷରେ ଖତ ପ୍ରୟୋଗ



**ଫୁ**ଲ ଚାଷରେ ତରଳ ଖତ ପ୍ରୟୋଗ କରୁଥିଲେ ହାଣ୍ଡିରେ ବା ଡ୍ରମ୍‌ରେ ୧୦ ଲିଟର ପାଣିରେ ପ୍ରାୟ ୧ କି.ଗ୍ରା. କଞ୍ଚାଗୋବର, ୫୦୦ ଗ୍ରାମ୍ ନିମ୍ବ ବା ସୋରିଷ ପିଡ଼ିଆ ଏବଂ ୫୦୦ ଗ୍ରାମ୍ ସିଙ୍ଗିଲ୍ ସୁପର ଫସ୍‌ଫେଟ୍ ମିଶାଇ ମଝିରେ ମଝିରେ ଘାଣ୍ଟନ୍ତୁ । ଏହାର ୧୦ ଦିନ ପରେ ଏହି ତରଳ ଖତରୁ ଏକ ମଗ ନେଇ ୯ ମଗ ପାଣି ମିଶାଇ ଗଛପ୍ରତି ୫୦୦ ମି.ଲି.ରୁ ୧ ଲିଟର ମାଟି ଓଦା ଥିବାବେଳେ ପ୍ରୟୋଗ କରନ୍ତୁ । ସେବତୀ ଲଗାଇବାର ୪ ସପ୍ତାହ ଓ ୭ ସପ୍ତାହରେ ଅଗ୍ରମୁକୁଳ ଛିଣ୍ଡାଇ ଦିଅନ୍ତୁ (ବିଶେଷ କରି ଛୋଟ କିସମରେ) । ବଡ଼ କିସମରେ ଗୋଟିଏ ଗଛରେ ୨–୩ ଟି ଡାଳ ରଖି ଅନ୍ୟ ପାର୍ଶ୍ୱଡାଳଗୁଡ଼ିକ ଛୋଟ ଅବସ୍ଥାରେ ଭାଙ୍ଗି ଦିଅନ୍ତୁ। ଉନ୍ନତ ଗେଣ୍ଡୁଫୁଲ କିସମଗୁଡ଼ିକ ହେଲା – ଜ୍ୟାଣ୍ଟ ଡବଲ୍ ଆଫ୍ରିକାନ୍ ଏଲୋ, ଜ୍ୟାଣ୍ଟବଲ୍ ଆଫ୍ରିକାନ୍ ଅରେଞ୍ଜ୍, ଅର୍ଲି ଏଲୋ, ଅର୍ଲି ଅରେଞ୍ଜ୍, ସେରାକୋଲା ଇତ୍ୟାଦି । ଗୋଲାପ ଗଛର କାଟଛାଣ୍ଟ କାମ ଶୀଘ୍ର ଶେଷ କରନ୍ତୁ ଓ ବୋର୍ଡୋପେଷ୍ଟ ପ୍ରୟୋଗ କରନ୍ତୁ।

## ପନିପରିବାରେ ବୀଜାଣୁଜନିତ ରୋଗ



**ପ**ନିପରିବାରେ ବୀଜାଣୁଜନିତ ଝାଉଁଳା ରୋଗ ହୋଇଥିଲେ ଏହାର ଦମନ ପାଇଁ ୧୦ ଲିଟର ପାଣିରେ ଏକ ଗ୍ରାମ୍ ଷ୍ଟ୍ରେଟୋସାଇକ୍ଲିନ୍ ମିଶାଇ ଗଛମୂଳରେ ମୂଳ ଭିଜିବା ପର୍ଯ୍ୟନ୍ତ ସିଞ୍ଚନ କରନ୍ତୁ। କଖାରୁ ଜାତୀୟ ଫସଲରେ ଲାଲ୍ ଓ କଳା କଖାରୁ ଭୃଙ୍ଗ ଦମନ ଲାଗି ଏକର ପ୍ରତି ୮୦୦ ଗ୍ରାମ୍ କାର୍ବାରିଲ୍ ପ୍ରୟୋଗ କରନ୍ତୁ। ପନିପରିବାରେ ଦହିଆ ପୋକ ଦେଖାଯାଉଥିଲେ ଏହାର ଦମନ ସକାଶେ ଫସଲ ଫଳନ୍ତି ଅବସ୍ଥାରେ ଥିଲେ ପ୍ରତି ଲିଟର ପାଣିରେ ୨ ମିଲି ମାଲାଥିଅନ୍ ଏବଂ ଅନ୍ୟ ଅବସ୍ଥାରେ ଥିଲେ ପ୍ରତି ଲିଟର ପାଣିରେ ୨ ମିଲି ମିଥାଇଲ୍ ଡିମେଟନ୍ କିମ୍ବା ମେଟାସିଡ୍ ମିଶାଇ ସିଞ୍ଚନ କରନ୍ତୁ। ଟମାଟୋ, କୋବି ଓ ଭେଣ୍ଡି ଇତ୍ୟାଦି ଫସଲରେ ପତ୍ରପୋଡା ରୋଗ ଲାଗିଥିଲେ ଏହାର ଦମନ ଲାଗି ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ। ବାଇଗଣରେ କାଙ୍କିଡିଆ ପୋକ ଦମନ କରିବା ପାଇଁ ୪ ଗ୍ରାମ୍ କାର୍ବାରିଲ୍ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। କଖାରୁ, ଜହ୍ନି, କାକୁଡି ଜାତୀୟ ଫସଲରେ ଫଳମାଛି ଦମନ ଲାଗି ୧ମିଲି ମାଲାଥିଅନ୍ ସହିତ ୨୦ ଗ୍ରାମ୍ ଗୁଡକୁ ୧ ଲିଟର ପାଣିରେ ମିଶାଇ ବିଷଥୋପ କରି ବ୍ୟବହାର କରନ୍ତୁ।

# ଜଳବାୟୁ ପରିବର୍ତ୍ତନ ଓ କୃଷି



ଡ. ସୁବୋଧ କୁମାର ସାହୁ



**ଉ**ତ୍ତାପ, ବୃଷ୍ଟିପାତ, ବାୟୁପ୍ରବାହ ଓ ଆର୍ଦ୍ରତା ଜଳବାୟୁର ୪ଗୋଟି ମୁଖ୍ୟ ଉପାଦାନ । ଉକ୍ତ ଉପାଦାନକୁ ନେଇ ୧୨ ମାସକୁ ଗ୍ରୀଷ୍ମ,ବର୍ଷା ଏବଂ ଶୀତ ତିନିଗୋଟି ମୁଖ୍ୟ ଫସଲ ଋତୁରେ ବିଭକ୍ତ କରାଯାଇଛି । ଫାଲ୍‌ଗୁନ,ଚୈତ୍ର,ବୈଶାଖ ଓ ଜ୍ୟେଷ୍ଠ ୪ମାସ ଗ୍ରୀଷ୍ମଋତୁ । ଉକ୍ତ ଋତୁରେ ଉତ୍ତାପ ୩୫ ରୁ ୪୦ ଡିଗ୍ରୀ ସେଲ୍‌ସିୟସ, ୨୦୦ ରୁ ୩୦୦ ମି.ମି ବର୍ଷା ସହ ବିଭିନ୍ନ ସମୟରେ ବାୟୁ ପ୍ରବାହ ଘଣ୍ଟା ପ୍ରତି ପ୍ରାୟ ୧୦ ରୁ ୨୦ କି.ମି. ହୁଏ । ଏହି ସମୟରେ ବାୟୁମଣ୍ଡଳର ଆର୍ଦ୍ରତା ୬୦ରୁ ୭୫ ଶତକଡ଼ା ମଧ୍ୟରେ ରହେ । ଏହି ପ୍ରକାର ଗ୍ରୀଷ୍ମ ଜଳବାୟୁ କୃଷି ପାଇଁ ବିଶେଷ ଉପଯୋଗୀ । ଏହାଦ୍ୱାରା ଚାଷୀ ଗ୍ରୀଷ୍ମକାଳୀନ ଫସଲରୁ ଭଲ ଅମଳ ଆଶାକରେ । କିନ୍ତୁ ଗ୍ରୀଷ୍ମଋତୁରେ ଏବେ ଜଳବାୟୁର ପରିବର୍ତ୍ତନ ଘଟି ଉତ୍ତାପ ବଢ଼ି ସର୍ବାଧିକ ୪୦ ରୁ ୪୫ ଡିଗ୍ରୀ ସେଲ୍‌ସିୟସରେ ପହଞ୍ଚୁଛି । ଏପ୍ରକାର ଉତ୍ତାପ କୃଷି ପାଇଁ ସହାୟକ ହୋଇପାରେ ନାହିଁ ।

ଆଷାଢ଼, ଶ୍ରାବଣ, ଭାଦ୍ରବ ଓ ଆଶ୍ୱିନ ହେଉଛି ବର୍ଷାଋତୁ । ଉକ୍ତ ଋତୁରେ ସର୍ବାଧିକ ଉତ୍ତାପ ୨୮ ରୁ ୩୫ ଡିଗ୍ରୀ ସେଲ୍‌ସିୟସ । ବୃଷ୍ଟିପାତ ୨୮୦ ରୁ ୩୪୦ ମି.ମି, ବାୟୁପ୍ରବାହ ଘଣ୍ଟା ପ୍ରତି ୩୦ ରୁ ୫୦ କି.ମି. ହେବା ସହ ଆର୍ଦ୍ରତା ୭୦ରୁ ୯୦ ଶତକଡ଼ା ରହେ । ଏହି ପ୍ରକାର ବର୍ଷାଋତୁ ରାଜ୍ୟ କୃଷି ପାଇଁ ଅନୁକୂଳ । କିନ୍ତୁ ଜଳବାୟୁ ପରିବର୍ତ୍ତନ ହେତୁ ବର୍ଷାଋତୁରେ ଉତ୍ତାପ ଓ ବର୍ଷା ସହ ବାୟୁ ପ୍ରବାହ ଓ ଆର୍ଦ୍ରତାର ଅଶେଷ ଅନିୟମିତତା ଘଟୁଛି। ଏହି ଋତୁରେ ଆଷାଢ଼ ମାସରେ ଠିକ୍ ସମୟରେ ଅର୍ଥାତ୍ ଉକ୍ତ ମାସର ୧୫ଦିନ ମଧ୍ୟରେ ମୌସୁମୀ ନ ଆସି ବିଳମ୍ବ ହେଉଛି । ଏହାଦ୍ୱାରା ଫସଲ ଅମଳ କମୁଛି ।

ଶୀତଋତୁ କହିଲେ କାର୍ତ୍ତିକ, ମାର୍ଗଶିର, ପୌଷ ଓ ମାଘ ମାସକୁ ବୁଝାଏ । ଉକ୍ତ ଋତୁରେ ହାରାହାରି ଉତ୍ତାପ ୧୪ ଡିଗ୍ରୀରୁ ୨୨ ଡିଗ୍ରୀ ସେଲ୍‌ସିୟସ, ବର୍ଷା ପରିମାଣ ୩୦ ରୁ ୫୫ ମି.ମି, ବାୟୁ ପ୍ରବାହ ଘଣ୍ଟା ପ୍ରତି ୧୦ ରୁ ୧୫ କି.ମି. ଏବଂ ଆର୍ଦ୍ରତା ଶତକଡ଼ା ପ୍ରାୟ ୫୦ ରୁ ୬୦ ମଧ୍ୟରେ ରହିଲେ ଶୀତଦିନିଆ ଫସଲ ଭଲ ଅମଳ ଦିଏ । କିନ୍ତୁ ଜଳବାୟୁର ପରିବର୍ତ୍ତନ ଯୋଗୁ ଉକ୍ତ ୪ ମାସରେ ଅନୁକୂଳ ଥଣ୍ଡା ଏବଂ ଆର୍ଦ୍ରତା ନ ହୋଇ ଉତ୍ତାପ ବଢ଼ିବା ସହ ଆର୍ଦ୍ରତା ଅନୁପଯୋଗୀ ହୋଇ ଫସଲ ରୋଗ ଓ ପୋକ ଦ୍ୱାରା ଆକ୍ରମଣ ହୋଇ ଅମଳ କମୁଛି ।

ଋତୁକାଳୀନ ଜଳବାୟୁ ପରିବର୍ତ୍ତନ ବିଭିନ୍ନ କାରଣ ମଧ୍ୟରେ ଅଙ୍ଗାରକାମ୍ଳ, ମିଥେନ୍ ଓ ନାଇଟ୍ରସ୍ ଅକ୍‌ସାଇଡ୍ ସହ ବାୟୁମଣ୍ଡଳର ଓଜୋନ ସ୍ତରରେ ସୃଷ୍ଟି ଛିଦ୍ର ମୁଖ୍ୟତଃ ଦାୟୀ । ଉକ୍ତ ୪ଗୋଟି ଉପାଦାନ ମଧ୍ୟରୁ ଅଙ୍ଗାରକାମ୍ଳ ମୁଖ୍ୟ । ଭୂପୃଷ୍ଠରେ ବୃକ୍ଷରୋପଣ ପରିବର୍ତ୍ତେ ଜଙ୍ଗଲ ଧ୍ୱଂସ ଏବଂ ରାସ୍ତା ପାର୍ଶ୍ୱସ୍ଥ ବୃକ୍ଷ କଟା ସହ ବର୍ଦ୍ଧିତ ଯାନବାହନର ବ୍ୟବହାର ଏବଂ କଳକାରଖାନାରୁ ନିର୍ଗତ ଅଙ୍ଗାରକାମ୍ଳ ଏବଂ ଅନାନ୍ୟ ପ୍ରଦୂଷିତ ବାଷ୍ପ ବାୟୁମଣ୍ଡଳ ଏବଂ ଭୂପୃଷ୍ଠକୁ ଉତ୍ତପ୍ତ କରୁଛି । ରାଜ୍ୟ ତଥା ଦେଶରେ ଅଧିକ ଚାଉଳ ଉତ୍ପାଦନ ପାଇଁ ଧାନ ଚାଷର ବହୁଳ ପ୍ରସାର, ସନ୍ତସନ୍ତିଆ ଜମିରେ ଅର୍ଦ୍ଧ ବିଘଟିତ ଜୈବବସ୍ତୁ ସହ ପ୍ରାଣୀମାନଙ୍କଠାରୁ ନିର୍ଗତ ମିଥେନ୍ ବାଷ୍ପ ଉତ୍ତାପ ବଢ଼ାଇବାର ଅନ୍ୟ ଏକ କାରଣ । ଅଧିକ ଫସଲ ଅମଳ ପାଇଁ ବ୍ୟବହୃତ ଯବକ୍ଷାରଯାନ ଜାତୀୟ ରାସାୟନିକ ସାରର ମାତ୍ରାଧିକ ବ୍ୟବହାର ନାଇଟ୍ରସ ଅକ୍ସାଇଡ୍ ବାଷ୍ପ ବାୟୁମଣ୍ଡଳର ଉତ୍ତାପ ବଢ଼ାଉଛି । କୃଷିକ୍ଷେତ୍ରର ଶସ୍ୟର ଅବଶିଷ୍ଟାଂଶକୁ ପୋଡ଼ିବା ଦ୍ୱାରା ଅଙ୍ଗାରକାମ୍ଳ ସହ ନାଇଟ୍ରସ୍ ଅକ୍ସାଇଡ୍ ବାଷ୍ପ ବାୟୁମଣ୍ଡଳର ଉତ୍ତାପକୁ ଅଧିକ ବଢ଼ାଇବାରେ ସାହାଯ୍ୟ କରୁଛି । ଷ୍ଟ୍ରାଟୋସ୍ଫିୟରରେ ଥିବା ଓଜୋନ ସ୍ତରକୁ ଭେଦକରି ସୂର୍ଯ୍ୟରଶ୍ମି ବାୟୁମଣ୍ଡଳକୁ ପ୍ରବେଶ କରିପାରେ ନାହିଁ । କିନ୍ତୁ ବର୍ତ୍ତମାନ ଆଧୁନିକ ସଭ୍ୟତାର ପ୍ରଭାବ ଯଥା ଶୀତତାପ ନିୟନ୍ତ୍ରିତ ଯନ୍ତ୍ର, ରେଫ୍ରିଜରେଟର ଆଦିର ବ୍ୟବହାରରୁ ନିର୍ଗମନ କ୍ଲୋରିନ୍ ଓ ବ୍ରୋମିନ୍ ପରି ବିଷାକ୍ତ ବାଷ୍ପ ଓଜୋନ ସ୍ତରରେ ଗର୍ତ୍ତ ସୃଷ୍ଟି କରୁଛି । ଉକ୍ତ ଗର୍ତ୍ତ ଦେଇ ପ୍ରବେଶ କରୁଥିବା ସୂର୍ଯ୍ୟତାପ ବାୟୁମଣ୍ଡଳର ଉତ୍ତାପ ଅଧିକ ବଢ଼ାଉଛି ।

ଉତ୍ତାପ ବଢ଼ିବା ସହ ବର୍ଷାର ଅନିୟମିତତା ଯଥା ଆବଶ୍ୟକଠାରୁ କମ୍ କିମ୍ବା ମାତ୍ରାଧିକ ବର୍ଷା କୃଷି ପାଇଁ ବାଧକ ସୃଷ୍ଟି କରୁଛି । ହାରାହାରି ବାର୍ଷିକ ବୃଷ୍ଟିପାତ ୮୦୦ ମି.ଲି.ରୁ କମ୍ ହେଲେ ମାଟିରୁ ଜଳୀୟ ଅଂଶ କମି ମରୁଡ଼ି ପରିସ୍ଥିତି ସୃଷ୍ଟିହୁଏ । ଏହାଦ୍ୱାରା ଶୁଷ୍କ ଜମି ଚାଷ ବିଫଳ ହେଉଛି । ସ୍ୱଳ୍ପ ବର୍ଷା ଯୋଗୁ ନଦୀ,ନାଳ, ହ୍ରଦ, ପୁଷ୍କରିଣୀ ଆଦିର ଜଳସ୍ତର କମି ମାଛଚାଷ ଉତ୍ପାଦନ କମୁଛି।

ଗ୍ରୀଷ୍ମଋତୁରେ ଉତ୍ତାପ ବଢ଼ି କେତେକ ନିର୍ଦ୍ଦିଷ୍ଟ ସ୍ଥାନରେ ବାୟୁ ପ୍ରବାହର ଚାପ ସୃଷ୍ଟିହୋଇ କାଳବୈଶାଖୀ ଓ ଘୂର୍ଣ୍ଣିଝଡ଼ ସୃଷ୍ଟିହୁଏ । କାଳବୈଶାଖୀରେ ପବନର ବେଗ ଘଣ୍ଟାକୁ ୮୦ ରୁ ୧୦୦ କି.ମି. ସହ ମୂଷଳଧାରାରେ ବର୍ଷା କିଛି ସମୟ ପାଇଁ ହୁଏ । ଏହାଦ୍ୱାରା ଗ୍ରୀଷ୍ମକାଳୀନ ଫସଲ ଯଥା ଧାନ, ଆଖୁ, ମକା ଏବଂ ପନିପରିବା ଆଦିର ଅଶେଷ କ୍ଷତି ଘଟେ।

ବର୍ଷାଋତୁରେ ବୃଷ୍ଟିପାତର ଅନିୟମିତତା ହେତୁ ଚାଷୀ ସହଳ ଜମି କର୍ଷଣ ଏବଂ ବିଭିନ୍ନ ଫସଲର ତଳି ଉତାରିପାରେ ନାହିଁ । ଆଷାଢ଼ ମାସରେ ବିଳମ୍ବିତ ମୌସୁମୀ ଯୋଗୁ ବୁଣାଯାଉଥିବା ଫସଲ ମୁଖ୍ୟତଃ ଧାନ ଠିକ୍ ସମୟରେ ବୁଣାଯାଇ ନ ପାରି ପରବର୍ତ୍ତୀ କୃଷି କାର୍ଯ୍ୟ ଯଥା ବିହୁଡ଼ା, ଖେଳୁଆ, ଘାସବଛା ଓ ସାର ପ୍ରୟୋଗ ଆଦି ବିଳମ୍ବ ହୋଇ ଅମଳ କମେ । ଶ୍ରାବଣ ମାସରେ ଧାରା ଶ୍ରାବଣ ବର୍ଷା ବଦଳରେ ଜମି ଶୁଷ୍କ ରହୁଛି । ଶସ୍ୟଜାତୀୟ ଏବଂ ପନିପରିବା ଆଦି ଫସଲର ଚାରା ରୋପଣ ବିଳମ୍ବ ହେଉଛି। ଭାଦ୍ରବ ମାସରେ ପ୍ରଖର ଟାଣ ଖରା ସହ ସମୟେ ସମୟେ ଏକକାଳୀନ ମାତ୍ରାଧିକ ବର୍ଷା ଯୋଗୁ ବାୟୁମଣ୍ଡଳର ଆର୍ଦ୍ରତା ଶତକଡ଼ା ୮୦ ରୁ ୮୫ ରହି ଉତ୍ତାପ ବଢ଼େ । ଏହାଦ୍ୱାରା ଫସଲରେ ବିଭିନ୍ନ ରୋଗ ଓ ପୋକର ବଂଶବୃଦ୍ଧି ହୋଇ ଫସଲ ନଷ୍ଟହୁଏ ।

କାର୍ତ୍ତିକ ମାସରେ ଶୀତଋତୁ ଆରମ୍ଭ ହେଲେ ଶୀତଦିନିଆ ଫସଲର ବୁଣାବୁଣି ହୁଏ । ଶୀତଦିନିଆ ରବି ଫସଲ ମଧ୍ୟରେ ଶସ୍ୟଜାତୀୟ, ଗହମ,ବାର୍ଲି, ଓଟ୍, ମାଣ୍ଡିଆ ; ଡାଲି ଜାତୀୟ ମଧ୍ୟରେ ବୁଟ, ମଟର, ଖେସାରି ; ତୈଳବୀଜ ଫସଲ ମଧ୍ୟରେ ସୋରିଷ, କୁସୁମୀ, ପେଶି, ସୂର୍ଯ୍ୟମୁଖୀ ଏବଂ ବହୁବିଧ ପନିପରିବା ଆଦି ଚାଷ କରାଯାଏ । ଉପରୋକ୍ତ ଫସଲ ସବୁ ନିମ୍ନ ଉତ୍ତାପ ଅର୍ଥାତ୍ ୧୫ ରୁ ୨୦ ଡିଗ୍ରୀ ସେଲ୍‌ସିୟସରେ ରହିଲେ ଭଲ ଅମଳ ଦିଏ । ଜଳବାୟୁ ପରିବର୍ତ୍ତନ ଯୋଗୁ ଶୀତର ପ୍ରଭାବ କମି ଉତ୍ତାପ ବଢୁଥିବାରୁ ଉପରୋକ୍ତ ଶୀତଦିନିଆ ଫସଲର ବୃଦ୍ଧିରେ ବାଧା ଆସି ଫୁଲଫଳ ଧରିବାର ବ୍ୟବଧାନ ବଢ଼େ । ଉତ୍ତାପ ବଢ଼ିଲେ କେଣ୍ଡା ଛୋଟ ହୁଏ ଓ ଦାନାର ଆକାର କମେ । ଉତ୍ତାପ ବଢ଼ିଲେ ଫସଲରେ ରୋଗ ଓ ପୋକର ପ୍ରାଦୁର୍ଭାବ ବଢ଼େ । ଜଳସେଚିତ ଅଞ୍ଚଳରେ ଜଳସେଚନର ଯଥେଷ୍ଟ ସୁବିଧା ଥିଲେ ମଧ୍ୟ ଉପରୋକ୍ତ ବିଭିନ୍ନ କାରଣରୁ ଶୀତଦିନିଆ ଫସଲର ଅମଳ କମେ ଲବାୟୁ ପରିବର୍ତ୍ତନ, ପ୍ରକୃତିର ପ୍ରଭାବଠାରୁ ଅଧିକ ମନୁଷ୍ୟକୃତ। ଲୋକସଂଖ୍ୟା ବୃଦ୍ଧି, ଆଧୁନିକ ସଭ୍ୟତାର ବିନିଯୋଗ ଏବଂ ପ୍ରକୃତିର ପ୍ରତିକୂଳ ଘଟଣା ଏବଂ ସାମରିକ ଅସ୍ତ୍ରର ବ୍ୟବହାର ଜଳବାୟୁ ପରିବର୍ତ୍ତନର ମୁଖ୍ୟ କାରଣ। ଖାଦ୍ୟ ସୁରକ୍ଷା ପାଇଁ ଜଳବାୟୁ ପରିବର୍ତ୍ତନର ପ୍ରତିରୋଧ କରିବା ପାଇଁ ପ୍ରତ୍ୟେକ ବ୍ୟକ୍ତି ସଚେତନ ହେବା ସହ ଉନ୍ନତ କୃଷି ପଦ୍ଧତି ଅବଲମ୍ବନ ପାଇଁ ଚେଷ୍ଟିତ ହେବା ଉଚିତ୍ ।

ଶୈଳଶ୍ରୀବିହାର,ଭୁବନେଶ୍ୱର
ମୋ:୯୫୫୬୨୬୬୦୮୫



## ସଘନ ମାଛଚାଷ

**ମା**ଛଚାଷ ପାଇଁ ପୋଖରୀ ଠିକ୍ ଭାବେ ପ୍ରସ୍ତୁତ ହେଲାପରେ ସଘନ ମାଛଚାଷ ପାଇଁ ବିଭିନ୍ନ ପ୍ରକାରର ଯାଆଁଳ ନିର୍ଦ୍ଦିଷ୍ଟ ପରିମାଣ ଓ ଅନୁପାତରେ ଛଡ଼ାଯାଏ। ଜାତିଆ ମାଛ ଯଥା– ରୋହି, ଭାକୁର, ମିରିକାଳି ଏବଂ ବିଦେଶୀମାଛ ରୁପାପେଟୀ (ସିଲ୍‌ଭର କାର୍ପ), ଦଳଖାଇ (ଗ୍ରାସ୍‌କାର୍ପ), ବିଲାତି ରୋହିକୁ ଏକା ସଙ୍ଗରେ ଚାଷ କରାଯାଏ। କାରଣ ବିଭିନ୍ନ ପ୍ରକାରର ମାଛ ଜଳର ବିଭିନ୍ନ ସ୍ତରରୁ ବିଭିନ୍ନ ପ୍ରକାରର ଖାଦ୍ୟ ଆହରଣ କରିଥାନ୍ତି। ଭାକୁର ଓ ସିଲ୍‌ଭର କାର୍ପ ଜଳର ଉପର ସ୍ତରରୁ, ରୋହି ଓ ଗ୍ରାସ୍‌କାର୍ପ ମଝି ସ୍ତରରୁ ଏବଂ ମିରିକାଳି ଓ ବିଲାତି ରୋହି ଜଳର ତଳସ୍ତରରୁ ସେମାନଙ୍କ ଖାଦ୍ୟ ସଂଗ୍ରହ କରିଥାନ୍ତି। ଫଳରେ ସେମାନେ ପରସ୍ପରର କ୍ଷତି ନ କରି ପୋଖରୀର ସମସ୍ତ ସ୍ତର ଉପଯୋଗ କରି ସୁଚାରୁ ରୂପେ ବଢ଼ିଥାନ୍ତି। ଏଣୁ ପୋଖରୀରେ ମିଳୁଥିବା ଖାଦ୍ୟ ଓ ସ୍ଥାନର ପୂର୍ଣ୍ଣ ବିନିଯୋଗ ହୋଇଥାଏ। ଏହି ପ୍ରଣାଳୀରେ ହେଉଥିବା ମାଛଚାଷକୁ ସଘନ ମାଛଚାଷ କୁହାଯାଏ। କିନ୍ତୁ ଗୋଟିଏ ପ୍ରଜାତିର ମାଛ ଛାଡ଼ିଲେ କେବଳ ଗୋଟିଏ ନିର୍ଦ୍ଦିଷ୍ଟ ସ୍ତରର ଖାଦ୍ୟ ବ୍ୟବହାର ହେବ ଏବଂ ଅନ୍ୟ ଦୁଇ ସ୍ତରର ଖାଦ୍ୟ ବ୍ୟବହାର ହୋଇପାରିବ ନାହିଁ। ଫଳରେ ମାଛ ଉତ୍ପାଦନ କମିଯିବ। ତେଣୁ ସର୍ବଦା ସଘନ ପ୍ରଣାଳୀରେ ୩ଟି, ୪ଟି କିମ୍ବା ଆବଶ୍ୟକତା ଅନୁସାରେ ସମସ୍ତ ୬ଟି ପ୍ରଜାତିର (୩ଟି ଜାତୀୟ ଏବଂ ୩ଟି ବିଦେଶୀ) ମାଛଚାଷ କଲେ ଅଧିକ ଉତ୍ପାଦନ ମିଳିପାରିବ।

## ଜାଣି ରଖନ୍ତୁ



ଛେଳିମେଣ୍ଢା ରହୁଥିବା ଗୃହକୁ ପରିଷ୍କାର ପରିଚ୍ଛନ୍ନ କରି ଟିଙ୍କ ନିବାରଣ ଔଷଧ ଯଥା ପେଷ୍ଟୋବାନ୍ କିମ୍ବା ପେକ୍ଲୋସାଇଡ୍ କିମ୍ବା ଟିକ୍‌ଆଉଟ୍ ସିଞ୍ଚନ କରନ୍ତୁ । କୃମି ରୋଗର ପ୍ରତିକାର ପାଇଁ କୃମି ଔଷଧ ଦିଅନ୍ତୁ। ଏଣ୍ଟାରୋଟକ୍ସେମିଆ, ପିପିଆର ରୋଗର ଟିକା ଦିଅନ୍ତୁ । ଶୀତଦିନ ଆସୁଥିବାରୁ ଗୁହାଳର ଝରକା ବା ଜାଲିରେ ବସ୍ତା ବା ପଲିଥିନ୍ ଲଗାଇ ଛେଳିମେଣ୍ଢାଙ୍କୁ ଥଣ୍ଡାରୁ ରକ୍ଷା କରିବାର ବନ୍ଦୋବସ୍ତ କରନ୍ତୁ। ଅନ୍ୟପକ୍ଷରେ କ୍ଷତିଗ୍ରସ୍ତ କୁକୁଡ଼ା ଘରଗୁଡ଼ିକୁ ଶୀଘ୍ର ମରାମତି କରି ପରିଷ୍କାର କରିଦିଅନ୍ତୁ। ଓଦା ବା ନଷ୍ଟ ହୋଇଯାଇଥିବା କୁକୁଡ଼ା ଘର ଲିଟରକୁ ବଦଳାଇ ନୂଆ ଲିଟର ବ୍ୟବହାର କରନ୍ତୁ । ମୁକ୍ତଅଗଣାରେ କୁକୁଡ଼ା ପାଳନ ପାଇଁ କୁକୁଡ଼ା ଛୁଆ କିଣନ୍ତୁ । କୁକୁଡ଼ାଙ୍କୁ ଗୋଳିଆ ପାଣି ପିଇବାକୁ ଦିଅନ୍ତୁ ନାହିଁ । ବ୍ରଏଲର୍ କୁକୁଡ଼ା ଫାର୍ମରେ ବାୟୁମଣ୍ଡଳର ଉତ୍ତାପକୁ ଦେଖି କୁକୁଡ଼ା ଘରେ ଆବଶ୍ୟକ ଅନୁଯାୟୀ ଉତ୍ତାପ ଦିଅନ୍ତୁ। କୁକୁଡ଼ା ଫାର୍ମର ଉତ୍ତାପ କୁକୁଡ଼ା ଛୁଆ ପାଇଁ ୩୦ ଡିଗ୍ରୀ ସେଣ୍ଟିଗ୍ରେଡ୍ ଓ ବଡ଼କୁକୁଡ଼ା ପାଇଁ ୨୨ରୁ ୨୫ ଡିଗ୍ରୀ ସେଣ୍ଟିଗ୍ରେଡ୍ ରହିବା ଉଚିତ । ନିୟମିତ ଟିକା ଦେଇ ସଂକ୍ରାମକ ରୋଗ ନିରାକରଣ କରନ୍ତୁ ।



## ପ୍ରାଣୀଙ୍କୁ ଟିକା

**ଗୋ**ରୁଙ୍କର ସାହାଣ, ବଜବଜିଆ ଓ ଫାଟୁଆ ରୋଗ ପାଇଁ ରକ୍ଷା ଏଫଏମ୍‌ଡି ଭାକ୍ସିନ୍ ଓ ଛେଳିମାନଙ୍କର ପିପିଆର ରୋଗ ଲାଗି ପିପିଆର ପ୍ରତିଷେଧକ ଟିକା ବ୍ୟବସ୍ଥା ଗ୍ରହଣ କରନ୍ତୁ। କୁକୁଡାଙ୍କର ନାଳିଝାଡା ହେଉଥିଲେ ଅଧା ଗ୍ରାମ ଫ୍ୟୁରାସଲକୁ ଏକ ଲିଟର ପାଣିରେ ମିଶାଇ ୩ଦିନ ପର୍ଯ୍ୟନ୍ତ ଦିଅନ୍ତୁ। କୁକୁଡାର ଘୁମା ରୋଗ ନିୟନ୍ତ୍ରଣ ପାଇଁ ୭ଦିନରେ ଲାସୋଟା ପ୍ରତିଷେଧକ ଟିକା ଓ ୧୩–୧୫ଦିନ ଭିତରେ ଆଇବିଡି ଡ୍ରପ୍ ଆଖିରେ ପକାଇବାର ବ୍ୟବସ୍ଥା କରନ୍ତୁ। ବନରାଜା ଓ ଗ୍ରାମପ୍ରିୟ କୁକୁଡା ପାଳନ ପ୍ରତି ଲୋକଙ୍କ ଆଗ୍ରହ ବଢୁଥିବା ଯୋଗୁ ଚିଆଁ ପାଇଁ ଆଞ୍ଚଳିକ ସରକାରୀ କୁକୁଡା ଫାର୍ମ ସହ ଯୋଗାଯୋଗ କରନ୍ତୁ। ଗୃହପାଳିତ ପ୍ରାଣୀଙ୍କୁ ଶୀତରୁ ରକ୍ଷା କରିବା ପାଇଁ ଗୁହାଳରେ ଫାଙ୍କଥିବା ଜାଗାକୁ ଅଖାରେ ବନ୍ଦ କରନ୍ତୁ ଏବଂ ସୁବିଧା ଥିଲେ ଗୋରୁଙ୍କୁ ମଧ୍ୟ ଅଖାରେ ଘୋଡାଇ ଦିଅନ୍ତୁ। ଗୋରୁଙ୍କର ଫାଟୁଆ ରୋଗ, ଛେଳିଙ୍କର ପିପିଆର ରୋଗ ପାଇଁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରନ୍ତୁ।

## ପାଳଛତୁ ଚାଷ

**ପା**ଳଛତୁ ଚାଷ ଲାଗି କୌଣସି ଏକ କୁଣ୍ଡ କିମ୍ବା ବଡ ଓସାରିଆ ଟିଣ ପାତ୍ରରେ (ଆଖୁରସ ରାନ୍ଧିବା ଟିଣ ହେଲେ ଭଲ) ୧୦୦ ଲିଟର ପାଣି ନିଅନ୍ତୁ। ସେଥିରେ ୮ ଗ୍ରାମ୍ କାର୍ବେଣ୍ଡାଜିମ୍ ଗୋଳାଇ ଦିଅନ୍ତୁ। ସେହି ପାଣିରେ ନଡାବିଡାଗୁଡିକୁ (୩୦ ବିଡା) ୧୨ ରୁ ୧୬ ଘଣ୍ଟା ପର୍ଯ୍ୟନ୍ତ ବତୁରାଇ ଦିଅନ୍ତୁ। ତା' ପରେ ଛାଣି ନଡାରୁ ଅଧିକ ପାଣି ନିଗାଡି ଦେବା ପାଇଁ ବିଡାଗୁଡିକୁ ୨ରୁ ୩ ଘଣ୍ଟା ପର୍ଯ୍ୟନ୍ତ ଛାଇରେ ଛିଡା କରି ରଖନ୍ତୁ। ବୋତଲ ବା ପ୍ୟାକେଟରୁ ଛତୁ ମଞ୍ଜିକୁ ଅଗବଙ୍କା ହୋଇଥିବା ଲୁହାଖାଡି ସାହାଯ୍ୟରେ କିମ୍ବା ବୋତଲ ଭାଙ୍ଗି ବାହାର କରି ତାକୁ ଭାଗ କରନ୍ତୁ। ଭାଡି ଉପରେ ପ୍ରଥମେ ପୂର୍ବ ପଶ୍ଚିମ ଭାବରେ ୯ ଇଞ୍ଚ ବହଳରେ ୯ ଭିଜା ବିଡା ନଡାକୁ ଖୋଲି ବିଛାଇ ଦିଅନ୍ତୁ। ଯେପରି ନଡା ମୂଳ ଭାଗ ବାହାରକୁ ରହିବ। ତା'ପରେ ସେହି ଛତୁ ମଞ୍ଜି ଖଣ୍ଡଗୁଡିକ ଉପରେ ୧ ଭାଗ ବୁଟଗୁଣ୍ଡ ବା ହରଡ ଗୁଣ୍ଡ ବୁଣି ଦିଅନ୍ତୁ। ବର୍ତ୍ତମାନ ୨ୟ ସ୍ତର ନଡା(୯ ବିଡାକୁ) ୯ ଇଞ୍ଚ ବହଳରେ ଉତ୍ତର ଦକ୍ଷିଣ ଭାବେ ବିଛାନ୍ତୁ। ଠିକ୍ ପୂର୍ବ ପରି ଛତୁ ମଞ୍ଜି ଓ ବୁଟଗୁଣ୍ଡ ବା ହରଡ ଗୁଣ୍ଡ ପ୍ରୟୋଗ କରନ୍ତୁ। ତା' ପରେ ତୃତୀୟ ସ୍ତର ନଡା (୯ ବିଡାକୁ) ୯ ଇଞ୍ଚ ବହଳରେ ପୂର୍ବ ପଶ୍ଚିମ ଭାବେ ବିଛାନ୍ତୁ। ଏହା ପରେ ଦ୍ୱିତୀୟ ଭାଗ ଛତୁ ମଞ୍ଜିକୁ ପୂର୍ବ ପରି ଚାରିକଡେ ଓ ମଝିରେ ମଧ୍ୟ ରଖନ୍ତୁ। ପୁଣି ବଳକା ବୁଟଗୁଣ୍ଡ ବା ହରଡ଼ଗୁଣ୍ଡ ପ୍ରୟୋଗ କରନ୍ତୁ। ଶେଷରେ ରହିଥିବା ୩ ବିଡା ନଡାକୁ ଏହି ତୃତୀୟ ସ୍ତର ଉପରେ ଉତ୍ତର ଦକ୍ଷିଣ ଭାବରେ (ଚତୁର୍ଥ ସ୍ତର)୨ – ୩ ଇଞ୍ଚ ବହଳରେ ବିଛାଇ ଦିଅନ୍ତୁ। ବର୍ତ୍ତମାନ ଏହି ଛତୁ ବେଡ୍ ବା ଛତୁ ପଟିକୁ ପଲିଥିନ୍ ଚାଦର ଦ୍ୱାରା ସମ୍ପୂର୍ଣ୍ଣ ଘୋଡାଇ ଦିଅନ୍ତୁ। ୭ ରୁ ୮ ଦିନ ପରେ ଏହି ପଲିଥିନ୍ ଚାଦରକୁ କାଢି ଦିଅନ୍ତୁ। ପଲିଥିନ୍ କାଢିବାର ଦିନକ ପରେ ପ୍ରତିଦିନ ସ୍ପ୍ରେୟର ଦ୍ୱାରା କିମ୍ବା ଝରା ଦ୍ୱାରା ୩ – ୪ ଥର ପାଣି ସ୍ପ୍ରେ କରନ୍ତୁ।



# ଜୟନ୍ତୀଙ୍କୁ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ

### ଖେଲୋ ଇଣ୍ଡିଆ ପାରା ଗେମ୍ସ

ଭୁବନେଶ୍ୱର,୧୨।୧୨(ସରୋଜ ଜେନା)

ନୂଆଦିଲ୍ଲୀରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ପାରା ଗେମ୍ସର ଦ୍ୱିତୀୟ ଦିନରେ ଓଡ଼ିଶାକୁ ୬ ପଦକ। ଓଡ଼ିଶା ପକ୍ଷରୁ ୧୫ ଜଣିଆ ଦଳ ପଠା ଯାଇଥିବା ବେଳେ ୨ ଦିନରେ ଦଳ ୯ ପଦକ ହାସଲ କରିଛି। ପ୍ରଥମ ଦିନରେ ଦଳ ଦଳ ୩ ପଦକ ହାସଲ କରିଥିଲା। ପାରା ଆଥଲେଟ ଜୟନ୍ତୀ ବେହେରା ଦ୍ୱିତୀୟ ବ୍ୟକ୍ତିଗତ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ଦୀପ ରଞ୍ଜନ ବିଷୋୟୀ, ସୁଚରିତା ପରିଡା, ଅର୍ଜୁନ୍ ଭତ୍ରା, ପଙ୍କଜ ଭୁଏ ପଦକ ବିଜୟୀ ହୋଇଛନ୍ତି।

ଜୟନ୍ତୀ ଟି-୪୭ର ୪୦୦ ମିଟର ଦୌଡରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେହିପରି ମହିଳା ଜାଭେଲିନ୍ ଥ୍ରୋର ଏଫ୍ ୫୫ ବର୍ଗରେ ସୁଚରିତା ପରିଡା ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ପୁରୁଷ ବ୍ୟାଡମିଣ୍ଟନର ଏସ୍ଏଲ୍-୪ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଦୀପ ରଞ୍ଜନ ବିଷୋୟୀ ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି। ପୁରୁଷ ୪୦୦ ମିଟର ଦୌଡର ଟି୧୨ ବର୍ଗରେ ଅର୍ଜୁନ୍ ଭତ୍ରା ଏକ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେହିପରି ପ୍ରଥମ ଦିନ ୧୦୦ ମିଟର ଦୌଡର ଟି୧୩ ବର୍ଗରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ପଙ୍କଜ ଭୁଏ ଲଙ୍ଗଜମ୍ପରେ ଏକ ରୌପ୍ୟ ପଦକ ହାସଲ କରିଛନ୍ତି।

# ଜିଏମ୍ ଲକ୍ଷ୍ମଣ ଚାମ୍ପିୟନ

### ଅରାତି ବିଜୟ ସ୍ମାରକୀ ସର୍ବଭାରତୀୟ ଅନ୍‌ଲାଇନ୍ ଚେସ୍

ଭୁବନେଶ୍ୱର, ୧୨।୧୨ (ତପନ ସ୍ୱାଇଁ)

ଭୁବନେଶ୍ୱର ଚେସ୍ ଆସୋସିଏଶନ ଓ ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଅରାତି ବିଜୟ ମହାନ୍ତି ସ୍ମାରକୀ ସର୍ବଭାରତୀୟ ଓପନ ଅନ୍‌ଲାଇନ୍ ଚେସ୍‌ରେ ଚେନ୍ନାଇ ଗ୍ରାଣ୍ଡମାଷ୍ଟର (ଜିଏମ୍) ଆର.ଆର. ଲକ୍ଷ୍ମଣ ଚାମ୍ପିୟନ ହୋଇଛନ୍ତି। ଲକ୍ଷ୍ମଣ ମୋଟ ୫୩ଟି ମ୍ୟାଚ ଖେଳି ୩୨ଟିରେ ଜିତିଥିବାବେଳେ ୧୬ ମ୍ୟାଚ ଡ୍ର ରଖିଥିଲେ ଏବଂ ୫ଟି ହାରିଥିଲେ। କଟକର ହର୍ଷିତ ରଞ୍ଜନ ସାହୁ ୩୭ ମ୍ୟାଚ ଖେଳି ୨୫ ବିଜୟ, ୭ ଡ୍ର ଓ ୫ ପରାଜୟ ସହ ଦ୍ୱିତୀୟ ଏବଂ କୋଏମ୍ବାଟୁରର ଏସ.ପି.କେ. ଅରୁଲ ଆନନ୍ଦ ୩୯ ମ୍ୟାଚ ଖେଳି ୨୪ ବିଜୟ, ୩ ଡ୍ର ଓ ୧୨ ପରାଜୟ ସହ ତୃତୀୟ ସ୍ଥାନରେ ରହିଛନ୍ତି। ଶୀର୍ଷ ୨୫ ସ୍ଥାନ ଅଧିକାର କରିଥିବା ଖେଳାଳିଙ୍କ ବ୍ୟତୀତ ୮, ୧୦, ୧୨, ୧୪, ୨୦ ବର୍ଷରୁ କମ୍ ଏବଂ ବାଳିକା ବର୍ଗରେ ଶ୍ରେଷ୍ଠ ୩ ଜଣ ଲେଖାଏ ଖେଳାଳିଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ସ୍ନେହାଞ୍ଜଳି ପ୍ରଧାନ ଓ ରାଧାଶ୍ୟାମ ମିଶ୍ର ଯଥାକ୍ରମେ ଶ୍ରେଷ୍ଠ ମହିଳା ଓ ଭେଟେରାନ ଖେଳାଳି ସାବ୍ୟସ୍ତ ହୋଇଥିଲେ। ୫ ଖେଳାଳିଙ୍କୁ ସାନ୍ତ୍ୱନା ମୂଳକ ପୁରସ୍କାର ଦିଆ ଯାଇଥିଲା। ମୋଟ ୪୪,୪୪୪ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥି ଏସ. ଶ୍ରୀନିବାସନ ଗୁଗଲ ମିଟ୍ ମାଧ୍ୟମରେ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ରାଜ୍ୟ ଚେସ୍ ଆସୋସିଏଶନ କାର୍ଯ୍ୟକାରୀ ସଭାପତି ଜୟନ୍ତ କୁମାର ହୋତା, ସମ୍ପାଦକ ସ୍ମୃତି ରଞ୍ଜନ ଦାସ, ଭୁବନେଶ୍ୱର ଚେସ୍ ଆସୋସିଏଶନ ଉପସଭାପତି ସୀତେନ୍ଦୁ ରାଜଗୁରୁ, ନିର୍ଦ୍ଦେଶକ ଦୀପକ କୁମାର ପଲାଇ, ମୁଖ୍ୟ ଆର୍ବିଟର ଦେବାଶିଷ ପାଣିଗ୍ରାହୀ, ସଂଯୋଜକ ସଂଘମିତ୍ରା ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ରୋନାଲ୍ଡୋ ବିଶ୍ୱର ଶ୍ରେଷ୍ଠ, କ୍ରିକେଟ୍‌ରେ କୋହଲି

### ମୋଷ୍ଟ ସର୍ଚ୍ଚଡ ଗୁଗଲ ଆଥ୍‌ଲେଟ

ନୂଆଦିଲ୍ଲୀ,୧୨।୧୨

ଗୁଗଲ ପକ୍ଷରୁ ସର୍ବାଧିକ ସର୍ଚ୍ଚ କରାଯାଇଥିବା ଖେଳାଳିଙ୍କ ଏକ ତାଲିକା ମଙ୍ଗଳବାର ପ୍ରକାଶ ପାଇଛି। କ୍ରିକେଟରଙ୍କ ମଧ୍ୟରେ ବିରାଟ କୋହଲି ଏହି ତାଲିକାର ପ୍ରଥମ ସ୍ଥାନରେ ରହିଥିବା ବେଳେ ବିଶ୍ୱରେ ସବୁଠାରୁ ଅଧିକ ଖୋଜା ଯାଇଥିବା ଆଥଲେଟଙ୍କ ମଧ୍ୟରେ ପ୍ରଥମ ସ୍ଥାନରେ ରହିଛନ୍ତି କ୍ରିଷ୍ଟିଆନୋ ରୋନାଲ୍ଡୋ। ମଙ୍ଗଳବାର ବିଗତ ୨୫ ବର୍ଷ ମଧ୍ୟରେ ସର୍ବାଧିକ ସର୍ଚ୍ଚ କରାଯାଇଥିବା ଖେଳାଳିଙ୍କ ତାଲିକାର ଏକ ଭିଡିଓ ଗୁଗଲ ଏହାର ସୋସିଆଲ ମିଡିଆ ଆକାଉଣ୍ଟରେ ପୋଷ୍ଟ କରିଥିଲା। ଗୁଗଲରେ କ୍ରିକେଟ ଓ କ୍ରିକେଟରଙ୍କ ସମ୍ପର୍କିତ ସର୍ଚ୍ଚରେ ବିରାଟ କୋହଲି ପ୍ରଥମ ସ୍ଥାନରେ ରହିଛନ୍ତି। ତେବେ ବିଶ୍ୱରେ ସର୍ବାଧିକ ଖୋଜା ଯାଇଥିବା ଆଥଲେଟଙ୍କ ମଧ୍ୟରେ କିଙ୍ଗ କୋହଲି ପ୍ରଥମ ସ୍ଥାନରେ ନାହାନ୍ତି। ପର୍ତ୍ତୁଗାଲ ଫୁଟବଲ ଦଳର ଅଧିନାୟକ ତଥା ପୂର୍ବତନ ରିୟଲ ମାଡ୍ରିଡ ଓ ମାଞ୍ଚେଷ୍ଟର ୟୁନାଇଟେଡ୍ ଫରୱାର୍ଡ କ୍ରିଷ୍ଟିଆନୋ ରୋନାଲ୍ଡୋ ପ୍ରଥମ ସ୍ଥାନରେ ରହିଛନ୍ତି। ତେବେ ରୋନାଲ୍ଡୋ କେବଳ ପ୍ରଥମ ସ୍ଥାନରେ ଅଛନ୍ତି ତାହା ନୁହେଁ ବରଂ ସେ ନିଜର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଲିଓନେଲ ମେସିଙ୍କୁ ପଛରେ ପକାଇଛନ୍ତି। ରୋନାଲ୍ଡୋଙ୍କୁ ୧୯୯.୪ ମିଲିୟନ ଲୋକ ସର୍ଚ୍ଚ କରିଛନ୍ତି। ଏପରିକି ସ୍ୱୟଂ କୋହଲି ମଧ୍ୟ ଅନେକ ସାକ୍ଷାତକାରରେ ନିଜକୁ ରୋନାଲ୍ଡୋଙ୍କ ଫ୍ୟାନ୍ ଭାବରେ ନିଜକୁ ବର୍ଣ୍ଣନା କରିଛନ୍ତି। କୋହଲି କ୍ରିକେଟରଙ୍କ ମଧ୍ୟରେ ପ୍ରଥମ ସ୍ଥାନରେ ରହିଥିବା ବେଳେ ବିଶ୍ୱର ମୋଷ୍ଟ ସର୍ଚ୍ଚଡ୍ ଆଥଲେଟଙ୍କ ମଧ୍ୟରେ ପଞ୍ଚମ ସ୍ଥାନରେ ରହିଛନ୍ତି। ସମଗ୍ର ବିଶ୍ୱରେ କୋହଲିଙ୍କୁ ୬୮ ମିଲିୟନ ଲୋକ ସର୍ଚ୍ଚ କରିଛନ୍ତି। ଗୁଗଲ ପକ୍ଷରୁ ଜାରି କରାଯାଇଥିବା ତାଲିକା ଅନୁସାରେ ଫୁଟବଲ ସର୍ବାଧିକ ସର୍ଚ୍ଚ କରାଯାଇଥିବା ଖେଳ ମଧ୍ୟରେ ପ୍ରଥମ ସ୍ଥାନରେ ରହିଛି।


 କ୍ରିଷ୍ଟିଆନୋ ରୋନାଲ୍ଡୋ


ବିରାଟ କୋହଲି











































ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ଡିସେମ୍ବର ୧୩/୨୦୨୩ Bhubaneswar, Wednesday, December 13/ 2023

# ମିକ୍ସଡ ଡବଲ୍ସ କ୍ୱାର୍ଟରରେ ୪ ଭାରତୀୟ

କଟକ,୧୨।୧୨

(ସୁପ୍ରିୟା ପ୍ରିୟଦର୍ଶିନୀ)

ଜବାହାରଲାଲ ନେହେରୁ ଇନଡୋର ଷ୍ଟାଡିୟମରେ ମଙ୍ଗଳବାର ଠାରୁ ଆରମ୍ଭ ହୋଇଯାଇଛି ବିଡବ୍ଲ୍ୟୁଏଫ ଟୁର୍ ସୁପର-୧୦୦ ବ୍ୟାଡମିଟନ ଓ ୱାର୍ଲ୍ଡ ଫେଡେରେଶନ (ବିଡବ୍ଲୁଏଫ) ଟୁର୍ନାମେଣ୍ଟ। ଦ୍ୱିତୀୟ ଥର ପାଇଁ କଟକ ଇଣ୍ଡୋର ଷ୍ଟାଡିୟମରେ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ଆୟୋଜନ କରାଯାଇଛି। ଏହି ଟୁର୍ନାମେଣ୍ଟରେ

## ଓଡ଼ିଶା ମାଷ୍ଟର୍ସ ସୁପର-୧୦୦ ବ୍ୟାଡ୍‌ମିଣ୍ଟନ

୨୭ ଦେଶର ୩୦୦ ଖେଳାଳି ଅଂଶଗ୍ରହଣ କରିଛନ୍ତି ପ୍ରଥମ ଦିନରେ ଉଭୟ ମହିଳା ଓ ପୁରୁଷ ସିଙ୍ଗଲସ ଓ ମିକ୍ସଡ ଡବଲ ମ୍ୟାଚ ଖେଳାଯାଇଛି। ସକାଳ ୮ଟାରେ ଏକ ସଙ୍ଗରେ ଚାରୋଟି ଯାକ କୋର୍ଟରେ ମ୍ୟାଚ ଆରମ୍ଭ ହୋଇଥିଲା। କୋର୍ଟ-୧ରେ ଖେଳାଯାଇଥିବା ମହିଳା ସିଙ୍ଗଲ୍ସ ପ୍ରଥମ କ୍ୱାଲିଫାୟାର୍ସ ମ୍ୟାଚ୍‌ରେ ଭାରତର ମୁସ୍କାନ ଖାନ ୨୨-୨୦, ୧୦-୨୧, ୧୧-୨୧ ପଏଣ୍ଟରେ ଇଣ୍ଡୋନେସିଆର ରୁଜାନାଙ୍କ ଠାରୁ ପରାଜିତ ହୋଇଥିଲେ। କୋର୍ଟ-୨ରେ ମିକ୍ସଡ ଡବଲ୍ସ ଇଭେଣ୍ଟରେ ଭାରତର ଶିଭେନ ଶର୍ମା ଏବଂ ସୋନାଲୀ ମିରଖେଲକାରଙ୍କ ଯୋଡି ୨୧-୮, ୨୧-୧୩ ପଏଣ୍ଟରେ ଅନ୍ୟତମ ଭାରତୀୟ ଯୋଡ଼ି ଅଭ୍ୟୁଦୟ ଚୌଧୁରୀ ଏବଂ ପି. ଡିକାଟେଙ୍କୁ ପରାସ୍ତ କରିଥିଲେ।



ପ୍ରଥମ ଦିନରେ ଟୁର୍ନାମେଣ୍ଟର ଅନୁଷ୍ଠିତ ମ୍ୟାଚ୍। (ଫଟୋ: ରାଜକିଶୋର ମହାନ୍ତି)

ସେହିପରି କୋର୍ଟ-୩ରେ ମିକ୍ସଡ ଡବଲ ଇଭେଣ୍ଟର ଅନ୍ୟ ଏକ ମ୍ୟାଚ୍‌ରେ ଭାରତୀୟ ଯୋଡ଼ି ଭାରତ ସଞ୍ଜାଇ ଏବଂ ରଶ୍ମୀ ଗଣେଶ ୨୧-୧୫, ୨୦-୧୪ ପଏଣ୍ଟରେ ଚାଇନିଜ ତାଇପେର ୟୁ ୱି ଲିନ ଏବଂ ଚିଉ ପିନ ଚିଆନଙ୍କୁ ପରାସ୍ତ କରିଥିଲେ। କୋର୍ଟ-୪ରେ ପୁରୁଷ ଡବଲ୍ସ କ୍ୱାଲିଫାୟାର୍ସ ମ୍ୟାଚ୍‌ରେ ସୂରଜ ଗୋଆଲା ଏବଂ ପୃଥ୍ୱୀ ରୟ ବିଜୟୀ ହୋଇଥିଲେ। ୨୧-୧୦, ୨୧-୧୨ ପଏଣ୍ଟରେ ଅନ୍ୟତମ ଭାରତର ଆୟୁଷ ମଖିଜା ଏବଂ ଭେଙ୍କଟ ଗୌରବ ପ୍ରସାଦଙ୍କୁ ଉଭୟ ହରାଇଥିଲେ। ତେବେ ଓଡ଼ିଶାର ବ୍ୟାଡମିଟନ ତାରକା ରତୁପର୍ଣ୍ଣ ପଣ୍ଡା ଏବଂ ଶ୍ୱେତାପର୍ଣ୍ଣ ପଣ୍ଡାଙ୍କ ଅଲ ଇଣ୍ଡିଆ ଟପ ୫୦ରେ ଥିବା ଖେଳାଳି ମଧ୍ୟ ମ୍ୟାଚ ଖେଳିବା ପାଇଁ କୋର୍ଟ କୁ ଓହ୍ଲାଇବେ ମଙ୍ଗଳବାର ରତୁପର୍ଣ୍ଣ ପଣ୍ଡା ୩ ଟି ସିଙ୍ଗଲସ ମ୍ୟାଚ ଖେଳିଛନ୍ତି ମିକ୍ସଡ ଡବଲସ ଇଭେଣ୍ଟରେ ଚାରି ଭାରତୀୟ ଯୋଡ଼ି କ୍ୱାର୍ଟର ଫାଇନାଲରେ ସ୍ଥାନ ସୁରକ୍ଷିତ କରି ସାରିଛନ୍ତି ସେମାନେ ହେଲେ, ନଜୀର ଖାନ-ଅରୁଲ ବାଲା, ସନ୍ତୋଷ ଗଜେନ୍ଦ୍ରନ-ଜଜନୀ ଅନନ୍ତକୁମାର, ସଞ୍ଜୟ ଅମନ-ଅନଘ କରନଦିକର ଏବଂ ଲୋକେଶ ବିଶ୍ୱନାଥନ-ଅନୁଷା ଚନ୍ଦ୍ରମାଥୀ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବା ବେଳେ ମହିଳା ସିଙ୍ଗଲ୍ସରେ ଇଣ୍ଡୋନେସିଆର ରୁଜାନା, ମହିଳା ଡବଲ୍ସରେ କ୍ରୀତିକା ମିତଲ ଓ ପି. ଡିକାଟେ, ପୁରୁଷ ଡବଲ୍ସରେ ଏଚ ନିତୀନ ଓ ଚୟନୀତ ଯୋଶୀ କ୍ୱାର୍ଟରରେ ପ୍ରବେଶ କରିଛନ୍ତି।

### ଓଡ଼ିଶାରେ ଖେଳିବା ଗର୍ବର ବିଷୟ



ମୋ ପାଇଁ ଏହା ଗୌରବର କଥା କି ମୁଁ ମୋର ପ୍ରଥମ ଅନ୍ତର୍ଜାତୀୟ ମ୍ୟାଚ ନିଜ ରାଜ୍ୟରେ ଖେଲୁଛି। ଆଜି ମୁଁ ୩ ଟି ମ୍ୟାଚ ଖେଳିଛି। ଗତ ବର୍ଷ ମୁଁ ଖେଳିବା ପାଇଁ ପ୍ରସ୍ତୁତି କରିଥିଲେ ମଧ ଖେଳି ପାରିନଥିଲି। ହେଲେ ଚଳିତ ବର୍ଷ ମୋ ଭଉଣୀ ସହ ଖେଳୁଥିବାରୁ ଏହା ମୋ ପାଇଁ ବହୁତ ବଡ କଥା। ତେବେ ବିଡବ୍ଲ୍ୟୁଏଫରେ ଖେଳିବା ଆଗାମୀ ମ୍ୟାଚ ଗୁଡିକ ପାଇଁ ବହୁତ ସହାୟକ ହେବ। ମୁଁ ଯେବେ ଖେଳିବା ଆରମ୍ଭ କରିଥିଲି ସେବେ ଓଡ଼ିଶାରେ ଅଧିକ ଖେଳାଳି ନଥିଲେ। ହେଲେ ବର୍ତ୍ତମାନ ରାଜ୍ୟରେ ଭିତ୍ତିଭୂମି ମଧ କ୍ରମଶଃ ବୃଦ୍ଧି ପାଇବା ସହ ଖେଳାଳିଙ୍କ ସଂଖ୍ୟା ମଧ ବୃଦ୍ଧି ପାଉଛି। କ୍ରୀଡାର ଉନ୍ନତି ପାଇଁ ସରକାରଙ୍କ ପଦକ୍ଷେପ ବେଶ୍ ପ୍ରଶଂସାଯୋଗ୍ୟ।

-ରତପର୍ଣ୍ଣା ପଣ୍ଡା

### ଟକ୍କର ଦେଉଛନ୍ତି ଭାରତୀୟ ଖେଳାଳି



ଏହା ଏକ ବଡ଼ ପ୍ଲାର୍ଟଫର୍ମ ଯେଉଁଠି ସବୁ ଦେଶରୁ ଖେଳାଳି ଆସିଛନ୍ତି। ସେମାନେ ବିଶ୍ୱର ଶ୍ରେଷ୍ଠ ୫୦ ଖେଳାଳି ରହିଥିବାରୁ ଏକ ସଂଘର୍ଷପୂର୍ଣ୍ଣ ପ୍ରତିଯୋଗିତା ଦେଖିବାକୁ ମିଳିବ। ଏହି ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଖେଳାଳି ମାନେ ଇଣ୍ଡୋନେସିଆ,ଚାଇନାର ଖେଳାଳିଙ୍କୁ କଡା ଟକ୍କର ଦେଉଛନ୍ତି। ସେହିପରି ବର୍ତ୍ତମାନ ପର୍ଯ୍ୟନ୍ତ ମୋ ଖେଳ ଭଲ ରହିଛି। ଗତ ବର୍ଷ ସମାନ ଭେନ୍ୟୁରେ ହିଁ ଟୁର୍ଣ୍ଣାମେଣ୍ଟ ହୋଇଥିଲା ଯାହା ଆମ ପାଇଁ ଏକ ଭଲ ସଙ୍କେତ। ଖେଳାଳିଙ୍କ ପାଇଁ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ରହିଥିବାରୁ ବେଶ ଖୁସି ଲାଗୁଛି।

- ସିଦ୍ଧାର୍ଥ ପ୍ରତାପ ସିଂ

# ସୂର୍ଯ୍ୟକୁମାର, ରିଙ୍କୁଙ୍କ ଅର୍ଦ୍ଧଶତକ

ଜିକ୍ବେବେରା,୧୨।୧୨

ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଓ ରିଙ୍କୁ ସିଂଙ୍କ ଅର୍ଦ୍ଧଶତକ ବଳରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଟି୨୦ରେ ଭାରତ ୧୯.୩ ଓଭରରେ ୭ ଉଇକେଟ ହରାଇ ୧୮୦ ରନ୍ ସଂଗ୍ରହ କରିଛି। ପ୍ରଥମ ମ୍ୟାଚ୍ ବର୍ଷା କାରଣରୁ ଧୋଇ ଯାଇଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା। ଦୁଇ ଭାରତୀୟ ଓପନର ବିଫଳ ହୋଇଥିବା ବେଳେ ରିଙ୍କୁ ସିଂ(୬୮*) ଓ ସୂର୍ଯ୍ୟକୁମାର ଯାଦବ (୫୬) ରନ୍‌ର ଇନିଂସ ଖେଳିଥିଲେ। ଏହି ମ୍ୟାଚ ପାଇଁ ଋତୁରାଜ ଗାଏକ୍ୱାଡଙ୍କ ସ୍ଥାନରେ ଶୁବମନ ଗିଲ୍ ଓ ଇଶାନ କିଶନଙ୍କ ସ୍ଥାନରେ ଜୀତେଶ ଶର୍ମାଙ୍କୁ ସାମିଲ କରାଯାଇଥିଲା।

ପିଚ୍‌ରେ ଆରମ୍ଭରୁ ବଲ ସୁଇଂ ହେଉଥିବା ବେଳେ ଦୁଇ ଓପନର ଶୁବମାନ ଗିଲ୍(୦) ଓ ଯଶସ୍ୱୀ ଜୟସ୍ୱାଲ(୦) ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଥିଲେ। ତେବେ ତୃତୀୟ ଉଇକେଟରେ ତିଳକ ବର୍ମା(୨୯) ଓ ଅଧିନାୟକ ସୂର୍ଯ୍ୟକୁମାର ଯାଦବ(୫୬)ଙ୍କ ମଧ୍ୟରେ ୪୯ ରନ୍‌ର ଭାଗୀଦାରି ହୋଇଥିଲା। ବର୍ମା ୨୦ ବଲ୍ ଖେଳି ୪ ଚୌକା ଓ ୧ ଛକା ସହ ୨୯ ରନ୍ କରି ପ୍ୟାଭିଲିୟନ ଫେରିଥିଲେ। ପରେ ସୂର୍ଯ୍ୟକୁମାରଙ୍କ ସହିତ କ୍ରିଜ୍‌ରେ ଯୋଗ ଦେଇଥିଲେ ରିଙ୍କୁ ସିଂ। ଉଭୟ ଚତୁର୍ଥ ଉଇକେଟରେ ୭୦ ରନ୍ ଯୋଡିବା ସହିତ ଭାରତକୁ ଦୃଢ ସ୍ଥିତିରେ ପହଞ୍ଚାଇଥିଲେ। ସୂର୍ଯ୍ୟକୁମାର ୩୬ ବଲ୍ ଖେଳି ୫ ଚୌକା ଓ ୩ ଛକା ସହାୟତାରେ ୫୬ ରନ୍ କରିଥିଲେ। ଜୀତେଶ ଶର୍ମା(୧) ରନ୍ କରି ପ୍ୟାଭିଲିୟନ୍ ଫେରିଥିବା ବେଳେ ଭାରତ ୧୪୨ରେ ପଞ୍ଚମ ଉଇକେଟ ହରାଇଥିଲା। ତେବେ ରବନ୍ଦ୍ର ଜାଡେଜା(୧୯)ଙ୍କ ସହ ମିଶି ରିଙ୍କୁ ଆଉ ୩୮ ରନ୍ ଯୋଡିଥିଲେ। ଅନ୍ତିମ ଓଭରରେ। ଜାଡେଜା ଆଉଟ ହୋଇଥିବା ବେଳେ ୧୯.୩ ଓଭରରେ ବର୍ଷା କାରଣରୁ ଖେଳ ବନ୍ଦ ରହିଥିଲା। ରିଙ୍କୁ ୩୯ ବଲ୍ ଖେଳି ୬୮ ରନ୍‌ରେ ବ୍ୟାଟିଂ କରୁଥିଲେ। ଏହି ଇନିଂସରେ ୯ ଚୌକା ଓ ୨ ଛକା ସାମିଲ ଥିଲା। ଦକ୍ଷିଣ ଆଫ୍ରିକା ପକ୍ଷରୁ ଜେରାଲ୍ଡ କୋଏଟ୍‌ଜି ୩ ଉଇକେଟ ନେଇଥିବା ବେଳେ ମାର୍କୋ ଜାନସେନ୍, ଲିଜାଡ ୱିଲିୟମ୍ସ, ଟାବରେଜ୍ ସାମ୍ସି ଓ ଏଡେନ୍ ମାର୍କରାମ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ସୂର୍ଯ୍ୟକୁମାର ଯାଦବ

**ସଂକ୍ଷିପ୍ତ ସ୍କୋର**

ଭାରତ ୧୯.୩ ଓଭରରେ ୧୮୦/୭ (ରିଙ୍କୁ ସିଂ-୬୮*, ସୂର୍ଯ୍ୟକୁମାର ଯାଦବ-୫୬, ତିଳକ ବର୍ମା-୨୯, ଜେରାଲ୍ଡ କୋଏଟ୍‌ଜି-୩/୩୨, ଟାବରେଜ୍ ସାମ୍ସି-୧/୧୮, ଏଡେନ୍ ମାର୍କରାମ-୧/୨୯)।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ